# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨/୨୦୨୪ (୨୦ ପୃଷ୍ଠା) | Bhubaneswar, Friday, February 2/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 70 | ମୂଲ୍ୟ ₹୭/-






KP
GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨/୨୦୨୪ | Bhubaneswar, Friday, February 2/2024



DSPL-601

ମୋ ସ୍କୁଲ | ଓଡ଼ିଶା ସରକାର | 5T | ଆମ ଓଡ଼ିଶା ନବୀନ ଓଡ଼ିଶା



# ଅଭିନନ୍ଦନ

## ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିଜେତା



- ରାଇରାମଚନ୍ଦ୍ରପୁର
- ପୁରୁଣା ତିଗିରିଆ
- ସୋହାପୁର
- ବିରଜାପୁର
- ଭତଙ୍ଗପଦର
- କେରେଡ଼ି

**ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ପୁରସ୍କାର**

ରାଜେଶ କୁମାର ବିଶ୍ୱାଳ
ଡୁକୁମ୍ ପ୍ରାଥମିକ ସେବାଶ୍ରମ, ଗୁଣୁପୁର, ରାୟଗଡ଼ା

**ଶ୍ରେଷ୍ଠ ସି.ଆର୍.ସି.ସି ପୁରସ୍କାର**

ସରକାରୀ ଉଚ୍ଚ ବିଦ୍ୟାଳୟ, ବରୀ
ବାଲେଶ୍ୱର

**ଶ୍ରେଷ୍ଠ ପୁରାତନ ଛାତ୍ର କମିଟି ପୁରସ୍କାର**

ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଲ, ବରଗଡ଼

**ଶ୍ରେଷ୍ଠ ବିଦ୍ୟାଳୟ ପରିଚାଳନା କମିଟି ପୁରସ୍କାର**

- ପୋଲାରାଜପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଞ୍ଜାମ
- ଦକ୍ଷିଣପୁର ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଞ୍ଜାମ

**ଶ୍ରେଷ୍ଠ ପ୍ରାଥମିକ ବିଦ୍ୟାଳୟ ପୁରସ୍କାର**

- ପୋଲାରାଜପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଞ୍ଜାମ
- ଦକ୍ଷିଣପୁର ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଞ୍ଜାମ

**ଶ୍ରେଷ୍ଠ ପ୍ରଧାନଶିକ୍ଷକ ପୁରସ୍କାର (ପ୍ରାଥମିକ)**

- ନିର୍ମଳା ଫତେସିଂହ, ପୋଲିସ୍ ହାଇସ୍କୁଲ୍ ପୁରୀ
- ଜିନାଶ୍ରୀ ରାଉତରାୟ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯
- ପଦରାଜ ଉମାକାନ୍ତ ନାୟକ, ସରକାରୀ ଉଚ୍ଚ ବିଦ୍ୟାଳୟ, ଆଳିପିଙ୍ଗଳ, ଜଗତସିଂହପୁର
- ସନ୍ତୋଷ କୁମାର କର, କେ.ଡ଼ି. ଉଚ୍ଚ ବିଦ୍ୟାଳୟ, କଳାହାଣ୍ଡି
- ପଙ୍କଜିନୀ ନାୟକ, ବୁଢ଼ାରାଜା ସରକାରୀ ଉଚ୍ଚ ବିଦ୍ୟାଳୟ, ସମ୍ବଲପୁର
- କୁଞ୍ଜବିହାରୀ ସାହୁ, କୁଇବାହାଲ ଉଚ୍ଚ ବିଦ୍ୟାଳୟ, ସୁବର୍ଣ୍ଣପୁର
- ଶଙ୍କର୍ଷଣ ବେହେରା, ଯାଜପୁର ଜିଲ୍ଲା ସ୍କୁଲ୍

**ଶ୍ରେଷ୍ଠ ଶିକ୍ଷକ ପୁରସ୍କାର (ମାଧ୍ୟମିକ ବିଦ୍ୟାଳୟ)**

ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଲ, ବରଗଡ଼

**ଶ୍ରେଷ୍ଠ ମାଧ୍ୟମିକ ବିଦ୍ୟାଳୟ ପୁରସ୍କାର**

ଦ୍ୱାଦଶ କୁମାର ପ୍ରଧାନ,
ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଲ, ବରଗଡ଼

**ଶ୍ରେଷ୍ଠ ପ୍ରଧାନଶିକ୍ଷକ ପୁରସ୍କାର (ମାଧ୍ୟମିକ)**

ନୂଆପଡ଼ା

**ଶ୍ରେଷ୍ଠ ବ୍ଲକ୍ ପୁରସ୍କାର**

ସ୍ମୃତିରେଖା ନାୟକ, ଯାଜପୁର

**ଶ୍ରେଷ୍ଠ ବ୍ଲକ୍ ଶିକ୍ଷା ଅଧିକାରୀ ପୁରସ୍କାର**

ସୁଶାନ୍ତ କୁମାର ଚପଦାର, କଳାହାଣ୍ଡି

**ଶ୍ରେଷ୍ଠ ଜିଲ୍ଲା ଶିକ୍ଷା ଅଧିକାରୀ ପୁରସ୍କାର**

ଜିଲ୍ଲା ଶିକ୍ଷକ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଖୋର୍ଦ୍ଧା

**ଶ୍ରେଷ୍ଠ ଜିଲ୍ଲା ଶିକ୍ଷକ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପୁରସ୍କାର**

ବାଲେଶ୍ୱର

**ଶ୍ରେଷ୍ଠ ଜିଲ୍ଲା ପୁରସ୍କାର**

ଶ୍ରେୟାଶ୍ରୀ ଜେନା, ଯାଜପୁର

**ଶ୍ରେଷ୍ଠ ମେଧାବୀ ଛାତ୍ର ପୁରସ୍କାର**

OIPR-27045/13/0059/2324

## ଅନ୍ୟ ସମସ୍ତ ଜିଲ୍ଲା ଓ ରାଜ୍ୟସ୍ତରୀୟ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ।









## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେବାଠାରୁ ପୁଣ୍ୟ ନାହିଁ,
ମାଗିବାଠାରୁ ହୀନ ନାହିଁ।**

ଦେବାରେ ଆନନ୍ଦ ଥାଏ। ମାଗିବାରେ ହୀନମନ୍ୟତା ପ୍ରକାଶ ପାଏ। ଦାନଶୀଳତା ଏକ ଉତ୍ତମ ଗୁଣ ହୋଇଥିବା ସ୍ଥଳେ ତାଙ୍କ ପ୍ରତି ଈଶ୍ୱରଙ୍କ କୃପାଶିଷ ରହିଥାଏ। ଦାନ କଲେ ଅଶେଷ ପୁଣ୍ୟ ମିଳିଥାଏ। ଯିଏ କିଛି କାମଧନ୍ଦା ନ କରି ଅନ୍ୟ ଆଗରେ ହାତ ପତେଇଥାଏ, ମାଗି ବୁଲୁଥାଏ ସେ ସବୁଠାରୁ ବଳି ଅଧମ ବୋଲାଇଥାଏ। ମାଗିବାଠାରୁ ବଳି ହୀନ କାର୍ଯ୍ୟ ଆଉ କିଛି ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦଦରା ଡଙ୍ଗା,
ମଝି ନଈରେ ଦେବ ଦଗା।**

ଦଦରା ଡଙ୍ଗାରେ ଯାତ୍ରା କରିବା ଆଦୌ ଉଚିତ୍ ହୋଇ ନ ଥିବା ବେଳେ ସେଥିରେ ଯାତ୍ରୀର ଜୀବନ ପ୍ରତି ବିପଦ ଥିବାର ସମ୍ଭାବନା ରହିଥାଏ। ସେହିପରି ଯାହାର ସ୍ଥିତି ଦୁର୍ବଳ, ତାକୁ ଆଶ୍ରା କଲେ ନିଜେ ଅସୁବିଧାରେ ପଡ଼ିବା ହିଁ ସାର ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ






ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ରାଜେଶ ପ୍ରଭାକର ପାଟିଲ ସମବାୟ ସଚିବ

## ବରିଷ୍ଠ ୪ ଓଏଏସ୍‌ଙ୍କୁ ଆଇଏଏସ୍, ୩ ଜଣ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର,୧।୨(ଅନିଲ ଦାସ)

ଆନ୍ତଃରାଜ୍ୟ ଡେପୁଟେଶନରୁ ଫେରିବା ପରେ ୨୦୦୫ ବ୍ୟାଚ୍ ଆଇଏଏସ୍ ଅଫିସର ରାଜେଶ ପ୍ରଭାକର ପାଟିଲଙ୍କୁ ରାଜ୍ୟ ସମବାୟ ସଚିବ ଭାବେ ନିଯୁକ୍ତି ମିଳିଛି। ସେ ଅତିରିକ୍ତ ଭାବେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରିବେ। ପାଟିଲ ଗୁରୁବାର ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଲୋକସେବା ଭବନସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଭେଟିଛନ୍ତି। ସେ ଦାୟିତ୍ୱ ନେବା ସହ ସମବାୟ ସଚିବ ଦାୟିତ୍ୱରୁ ଆଇଏଏସ୍ ଅଫିସର ଅରବିନ୍ଦ ଅଗ୍ରୱାଲଙ୍କୁ ହଟାଇ ଦିଆଯାଇଛି। ସରକାରୀ ଚାକିରିରୁ ବୁଧବାର ଅବସର ନେଇଥିବା ସୁରେଶ ଚନ୍ଦ୍ର ଦଳେଇଙ୍କୁ ଇଡ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଓଏସ୍‌ଡି ଭାବେ ଅବସ୍ଥାପିତ କରାଯାଇଛି। ସେ ୧ ବର୍ଷ ପାଇଁ ଏହି ପଦବୀରେ ରହିବେ।

ସେହିପରି ରାଜ୍ୟର ୪ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେମାନେ ହେଲେ ସ୍ମିତା ରାଉତ, ମଧୁସ୍ମିତା ସାମଲ, ସଞ୍ଜୟ କୁମାର ବିଶ୍ୱାଳ ଏବଂ ସାଗରିକା ହୋତା। ଏ ନେଇ ଗୁରୁବାର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେହିପରି ଓକାକ୍ ଜେନେରାଲ ମ୍ୟାନେଜର ମଧୁସ୍ମିତା ରଥ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଦେବାଶିଷ ସିଂ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ଅତିରିକ୍ତ ସଚିବ ମହେଶ କୁମାର ଚୌଧୁରୀଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏ ନେଇ ଗୁରୁବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ସେହିପରି ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁଙ୍କୁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ପୁରୀ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁଙ୍କୁ ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ, ରମେଶ ଚନ୍ଦ୍ର ଜେନାଙ୍କୁ କନ୍ଧମାଳ ଅତିରିକ୍ତ ଜିଲାପାଳ ଏବଂ ଲଳିତ ସୋରେଙ୍ଗଙ୍କୁ କେନ୍ଦୁଝର ଅତିରିକ୍ତ ଜିଲାପାଳ ଭାବେ ବଦଳି କରାଯାଇଛି।

# ୫ରୁ ବନ୍ଦ ରହିବ ୬୬୨ ବର୍ଗ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୧।୨(ଅସମାପିକା ସାହୁ)

ସରକାରଙ୍କ ଉଦାସୀନତା ଓ ପକ୍ଷପାତିତା ବିରୋଧରେ ଆସନ୍ତା ୫ ତାରିଖରୁ ମହାଆନ୍ଦୋଳନ ଆରମ୍ଭ କରିବ ୬୬୨ ବର୍ଗ କଲେଜ ସଂଘ। ସଂଘ ପକ୍ଷରୁ ଗୁରୁବାର ରାଜ୍ୟ କାର୍ଯ୍ୟକାରିଣୀର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ପ୍ରତ୍ୟେକ ଜିଲାର କାର୍ଯ୍ୟକର୍ତ୍ତା ଯୋଗଦେଇ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସଂଘ ତା'ର ନ୍ୟାଯ୍ୟ ଦାବି ସମାନ କାମକୁ ସମାନ ଗ୍ରେଡ ପେ' ଆଧାରରେ ଦରମା ପ୍ରଦାନ, ୨୦୧୮ ଜିଓରେ ଉପକୃତ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ ଆଦି ଅନୁଦାନ ପରିସରଭୁକ୍ତ କରିବା ପାଇଁ ଗତବର୍ଷ ଫେବୃୟାରୀ ୧୩ରୁ ଆନ୍ଦୋଳନ ଜାରି ରଖିଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ବୁଦ୍ଧ ଆର୍ଟ ଗ୍ୟାଲେରୀ, ନୀଳାଦ୍ରି ବିହାର, ପୂର୍ବାହ୍ନ ୧୧ଟା।
- ଆଇସିସି ଓମେନ ଇଣ୍ଟରପ୍ରିନ୍ୟୁଓରଶିପ୍ କାଉନସିଲ୍ ପକ୍ଷରୁ ଲିଡରଶିପ୍ ଟିମ୍ ଚେଞ୍ଜ ଓଭର, ସ୍ଥାନ: ହୋଟେଲ କ୍ରାଉନ, ସମୟ: ଅପରାହ୍ନ ୧୧ଟା ୩୦।
- ରାଜ୍ୟସ୍ତରୀୟ ଆଲୋଚନାଚକ୍ର 'ଶ୍ରୀବଳଦେବ ସଂସ୍କୃତି ଓ ପରମ୍ପରା', ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ଶ୍ରୀ ଅରବିନ୍ଦ ସ୍କୁଲ ଅଫ ଇଣ୍ଟିଗ୍ରାଲ ଏଜୁକେଶନର ୨୪ତମ ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ପ୍ରିମିୟର ଶୋ' ଶାନ୍ତି ଆପାର୍ଟମେଣ୍ଟ, ସ୍ଥାନ: ସ୍ୱାତୀ ହଲ୍, ସମୟ: ଅପରାହ୍ନ ୫ଟା ୧୫।

## କଟକ

- ବିଶ୍ୱ ଶାନ୍ତି ମହାଯଜ୍ଞର କଳସ ଶୋଭାଯାତ୍ରା, ସ୍ଥାନ: କଟକ ସଦରର କନ୍ଦରପୁର ପଞ୍ଚାୟତ ବମ୍ଫୁରି ଗ୍ରାମ ଶାରଳା ଦେବୀଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ନିମେଇସ୍‌ପୁର ଗ୍ରାମ ପଞ୍ଚାୟତର ଆମ ପଞ୍ଚାୟତ ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ବିରିବାଟି ସମୟ: ସକାଳ ୯ଟା।
- ଖୁଣ୍ଟୁଣୀର ପ୍ରଥମ ଚାରିଦେଶ ପଲ୍ଲୀ ମହୋତ୍ସବ ଶୁଭ ଉଦ୍‌ଘାଟନ, ସ୍ଥାନ: କଣ୍ଡରେଇ ହାଇସ୍କୁଲ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- କୁରାଢ଼ମଲ୍ଲ କ୍ରିକେଟ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ, ସ୍ଥାନ: କୁରାଢ଼ମଲ୍ଲ, ସମୟ: ଅପରାହ୍ନ ୧ଟା।
- ବାଲିପାଟଣାସ୍ଥିତ ଶ୍ରୀବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ଶ୍ରୀରାମାନନ୍ଦାଚାର୍ଯ୍ୟଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ବଡ଼ ଆଖଡ଼ା ମଠ ପରିସର, ସମୟ: ସକାଳ ୮ଟା।
- ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚସଖା ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଶିଳ୍ପୀ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଗାନ୍ଧୀ ଶିଳ୍ପ ବଜାର ପରିସର, ସ୍ଥାନ: ପୁରୀ ବେଳାଭୂମି, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ତିର୍ତ୍ତୋଲ ବ୍ଲକ କୋଳର ପଞ୍ଚାୟତ ନାଗପୁରା ହନୁମାନ ମନ୍ଦିର ସମ୍ମୁଖ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ତିର୍ତ୍ତୋଲ ବ୍ଲକ ସାମନ୍ତରାପୁର ପଞ୍ଚାୟତ କଲ୍ୟାଣ ମଣ୍ଡପ ସମ୍ମୁଖ ପଡ଼ିଆ, ସମୟ ପୂର୍ବାହ୍ନ ୧୧ ଘଟିକା।
- ପୁଷ୍ପ ପ୍ରଦର୍ଶନୀ, ସ୍ଥାନ:ପାରାଦୀପ ବନ୍ଦର ମଧୁବନ ଅଫିସର୍ସ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଡେରାବିଶ ପଞ୍ଚାୟତ ସମିତି ବୈଠକ, ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ବାଘୁଆ ହାଇସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଖଇରା ବ୍ଲକ ବାଘୁଆ ହାଇସ୍କୁଲ ପ୍ରାଙ୍ଗଣ, ସମୟ-ପୂର୍ବାହ୍ନ ୧୦ଟା
- ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତ ସ୍ତରୀୟ ସଚେତନତା, ସ୍ଥାନ: ଖଇରା ବ୍ଲକ ଗର୍ସଙ୍ଗ କଲେଜ ପଡିଆ, ସମୟ: ଅପରାହ୍ନ ୧ଟା।
- ନୂଆ ଓ ଯୁବ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବାଲିଆପାଳ ଲକ୍ଷ୍ମୀପ୍ରିୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା। ଜଳେଶ୍ୱର ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ଜଳେଶ୍ୱର ମହୋତ୍ସବ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଜିଲା ଓଷ୍ଟା ସଭାପତି ମାଧବଚନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା (ଛମୌଜ), ସ୍ଥାନ: ଜଳେଶ୍ୱର ବ୍ଲକ ଛମୌଜ ମାଧବଚନ୍ଦ୍ର ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୯ଟା।
- ଝୋଟ ଚାଷୀଙ୍କ ଧାରଣା, ସ୍ଥାନ: ବାଲିଆପାଳ ବ୍ଲକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଆରଡ଼େଶ୍ୱର ହାଇସ୍କୁଲ ବାର୍ଷିକୋତ୍ସବ, ସ୍ଥାନ: ଆଡ଼ିଆ, ବନ୍ତ, ସମୟ: ପୂର୍ବାହ୍ନ ୧୦।
- ଜଗନ୍ନାଥଙ୍କ ମୂର୍ତ୍ତିକୁ ଅସମ୍ମାନ ବିରୋଧରେ ଭାଜପା ପକ୍ଷରୁ ଘେରାଉ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦।
- କୋହ୍ଲ ହାଇସ୍କୁଲ ବାର୍ଷିକୋତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧।
- ଦିବାକର ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ନୀଳମଣି ମିନିଷ୍ଟାଡିୟମ, ଶୁଙ୍ଗୁଡ଼ା, ବାସୁଦେବପୁର, ସମୟ: ଅପରାହ୍ନ ୩।
- ବ୍ଲକ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କାଣ୍ଡଗରଡ଼ି, ବିଜୟନଗର, ଓରାସାହି ପଞ୍ଚାୟତ କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦।

## ଯାଜପୁର

- ଧର୍ମଶାଳା ମହାବିନାୟକ ଲଘୁଖଣିଜ ପରିବହନ ମାଲିକ ସଂଘର ନୂତନ ଗୃହ ଉଦଘାଟନ, ସ୍ଥାନ: ନେଉଳପୁରସ୍ଥିତ ମହାବିନାୟକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଧର୍ମଶାଳା କଦମପାଳସ୍ଥିତ ହରିବୋଲିଆ ମଠ, ସମୟ: ସକାଳ ୭ଟା୩୦।

## ନୟାଗଡ଼

- ଓଡ଼ଗାଁ ରାଧାକାନ୍ତ ସରକାରୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ। ସମୟ- ଅପରାହ୍ନ ୨ଟା,ସ୍ଥାନ-ସ୍କୁଲ ପରିସର।
- ପଞ୍ଚୁ ପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଉଦ୍‌ଘାଟନ ଉତ୍ସବ। ସ୍ଥାନ- ନୂଆଗାଁ ମହୋତ୍ସବ ପଡ଼ିଆ, ପୂର୍ବାହ୍ନ ୧୦ଟା।
- ମଶାଲ ଶୋଭାଯାତ୍ରା, ଅପରାହ୍ନ ୧ଟା,ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟା-୬ଟା।

## ମୟୂରଭଞ୍ଜ

- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ବାରିପଦା ଛଉ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦ୍ୱାରଶୁଣି ଘାଟି ରାସ୍ତାକୁ ନେଇ ଭଞ୍ଜସେନାର ରାସ୍ତା ଅବରୋଧ, ସ୍ଥାନ: ବାଙ୍ଗିରିପୋଷି ୪୯ନଂ. ଜାତୀୟ ରାଜପଥ, ସମୟ: ସକାଳ ୬ ଘଟିକା।
- ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଉଦଳା ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ସର୍ବଭାରତୀୟ ଭଲିବଲ୍ ଟୁର୍ନାମେଣ୍ଟ, ସ୍ଥାନ:ବାବା ରାମେଶ୍ୱର ଷ୍ଟାଡିୟମ(ଘଷିପୁରା), ସମୟ:ଅପରାହ୍ନ ୩ଟା।
- ନୂଆ ଓଡ଼ିଶା ଓ ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନା କାର୍ଯ୍ୟକ୍ରମ, ସ୍ଥାନ-ବୁଢ଼ୀକାପୁଡ଼ି ଓ ବାଉଁଶୁଳୀ ପଞ୍ଚାୟତ ମୁଖ୍ୟାଳୟ, ସମୟ: ସକାଳ ୧୦ଟା।
- ଓଡ଼ିଆ ଭାଷା ବିଶ୍ୱ ସମ୍ମିଳନୀ ଉପଲକ୍ଷେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ:କେନ୍ଦୁଝର ସହର, ସମୟ: ସକାଳ ୮ଟା।

## ଗଞ୍ଜାମ

- ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ-ବ୍ରହ୍ମପୁର ୟୁସିପି ଇଞ୍ଜିନିୟରିଂ ସ୍କୁଲ,ସମୟ-ସକାଳ ସାଢେ ୯ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ-ବୁଗୁଡ଼ା ପାଙ୍ଗିଡି ପଞ୍ଚାୟତ, ଖେଳପଡ଼ିଆ, ସମୟ- ପୂର୍ବାହ୍ନ ସାଢ଼େ ୧୦ଟା
- କ୍ଲକ୍ ଟାୱାର ଉଦ୍‌ଘାଟନ, ସ୍ଥାନ-ବୁଗୁଡ଼ା ମଦନମୋହନ ଛକ, ସମୟ- ସନ୍ଧ୍ୟା ୬ଟା
- ଆସିକା ନିର୍ବାଚନ ମଣ୍ଡଳୀ ସେକ୍ଟର ଅଫିସର ତାଲିମ ଶିବିର, ସ୍ଥାନ- ଭଞ୍ଜନଗର ଉପଜିଲାପାଳ କାର୍ଯ୍ୟାଳୟ, ସମୟ – ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ଉଦଯାପନୀ ସଭା, ସ୍ଥାନ-ଗଞ୍ଜାମ ଖଣ୍ଡ ଦେଉଳୀ ଶହୀଦ ଭଗତ ସିଂ କଲେଜ, ସମୟ- ପୂର୍ବାହ୍ନ ସାଢ଼େ ୧୦ଟା
- ହାଇସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ-ଗଞ୍ଜାମ ଭାରତୀ ବିଦ୍ୟାପୀଠ ସ୍କୁଲ, ସମୟ-ପୂର୍ବାହ୍ନ ସାଢ଼େ ୧୦ଟା
- ବିଦ୍ୟାଳୟର ବାର୍ଷିକ ସମାରୋହ, ସ୍ଥାନ- ସୋରଡ଼ା ଶଶିଭୂଷଣ ଉଚ୍ଚ ବିଦ୍ୟାଳୟ, ସମୟ –ସକାଳ ୯ଟା

## ଅନୁଗୋଳ

- କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ, ସ୍ଥାନ- ବିଜିଗୋଳ ଗ୍ରାମ୍ୟ ବ୍ୟାଙ୍କ, କଣିହାଁ, ସମୟ-ପୂର୍ବାହ୍ନ ୧୧ ଘଟିକା
- ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ-ଟୋଲକବେଡା, କଣିହାଁ, ସମୟ- ପୂର୍ବାହ୍ନ ୮ ଘଟିକା।
- ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ,
- ସ୍ଥାନ-ପତିତପାବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜରପଡା, ଛେଣ୍ଡିପଦା, ସମୟ-ପୂର୍ବାହ୍ନ ୧୦.୩୦।
- ମହର୍ଷି ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ-ବଇଣ୍ଡା, ସମୟ-ପୂର୍ବାହ୍ନ ୧୧ ଟା

## ବଲାଙ୍ଗୀର

- କେନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଲୋଇସିଂହା ବ୍ଲକ ବୁଢ଼ୀପଦର, ସମୟ:ପୂର୍ବାହ୍ନ ୧୧ଟା।
- ବାବା କପିଳେଶ୍ୱର ମନ୍ଦିର ରତ୍ନମୁଦ ଉତ୍ସବ, ସ୍ଥାନ: ଲୋଇସିଂହା ବ୍ଲକ ମନସାପାଲି, ସମୟ: ମଧ୍ୟାହ୍ନ ୧୨ଟା।
- ୩୬ତମ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ, ସ୍ଥାନ: ଖପ୍ରାଖୋଲ ବ୍ଲକ ଲାଠୋର ଖେଳପଡିଆ, ସମୟ: ଅପରାହ୍ନ ୨ଟା।
- ମୁରିବାହାଲ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକୀ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୭ଟା।
- ମୁରିବାହାଲ ବ୍ଲକ ଲେବଡା ପାଟଣେଶ୍ୱରୀ ସରକାରୀ ସେକେଣ୍ଡାରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- କୃଷକ ତାଲିମ ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ କୃଷି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଖଡ଼ିଆଳ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଖଡିଆଳ ରାଜା ଏଟି ହାଇସ୍କୁଲ ଖେଳ ପଡିଆ, ସମୟ: ସନ୍ଧ୍ୟା ୭ଟା।
- ନୂଆ- ଓ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ନ୍ୟାଶନାଲ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।

## ସମ୍ବଲପୁର

- ଜିଲା କ୍ରୀଡ଼ା ସଂଘ ଆୟୋଜିତ ଓସିଏ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ହାୱା ମଇଦାନ, ସମୟ: ପୂର୍ବାହ୍ନ ୯ଟା।
- ଜିଲା ବର୍ଷିଆନ କ୍ରୀଡ଼ା ସଂଘ ଆୟୋଜିତ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ସାଢ଼େ ୨ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମହାନଦୀ ଆଳତି ମଣ୍ଡପ, ସମୟ: ମଧ୍ୟାହ୍ନ ୧୨.୩୦।

## ବରଗଡ଼

- ରାଧାକୃଷ୍ଣ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ, ସ୍ଥାନ : ଭଟଲି ରୋଡ୍, ବରଗଡ଼, ସମୟ : ପୂର୍ବାହ୍ନ ୯ଟା।
- କୃଷି ଉନ୍ନତି ସମ୍ମିଳନୀ, ସ୍ଥାନ : ପାଇକମାଳ ହାଇସ୍କୁଲ ପଡ଼ିଆ, ସମୟ : ପୂର୍ବାହ୍ନ ସାଢେ ୧୧ଟା।
- ଓଡ଼ିଆ ଭାଷା କବି ସମ୍ମିଳନୀ, ସ୍ଥାନ : ବରଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ସାଢେ ୧୦ଟା।

## ସୁନ୍ଦରଗଡ଼

- ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: କୁତ୍ରା ସରକାରୀ ହାଇସ୍କୁଲ, ସମୟ-ସକାଳ ୯ଟା।
- ଜିଲାସ୍ତରୀୟ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳନ କାର୍ଯ୍ୟକ୍ରମ ସଚେତନତା ରାଲି, ସ୍ଥାନ: ଡିଆରଡିଏ ଛକ, ସମୟ-ସକାଳ ୮ଟା।
- ଆଭାସୀ ମାଧ୍ୟମରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ସ୍ଥାନ: ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଷ୍ଟୁଡିଓ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କଳାହାଣ୍ଡି

- ମୁଇଁକଳାହାଣ୍ଡିଆ ଫର୍ କଳାହାଣ୍ଡି ସଙ୍ଗଠନର ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣା ଜିଲାପାଳ ଅଫିସ, ସମୟ: ପୂର୍ବାହ୍ନ-ସାଢ଼େ ୧୦ଟା।
- ଆତ୍ମରକ୍ଷା ତାଲମ ଶିବିର ଉଦ୍‌ଘାଟନୀ, ସ୍ଥାନ: ଜୁନାଗଡ଼ ପିଆଇ କଲେଜ, ସମୟ: ପୂର୍ବାହ୍ନ-ସାଢ଼େ ୧୧ଟା।

## ନବରଙ୍ଗପୁର

- ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ଉଦ୍‌ଘାଟନ, ସ୍ଥାନ:ଉମରକୋଟ ହାଟପଦା, ସମୟ: ପୂର୍ବାହ୍ନ ୯ଟା
- ମୂଳ ନିବାସୀ ଅନୁସୂଚିତ ଜାତି ସଂଘର ବ୍ଲକ, ପୌର ପରିଷଦ ଘେରାଉ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା

## ରାୟଗଡ଼ା

- ଏସ୍‌ଏଚ୍‌ଜି ମହିଳାଙ୍କ କବି ସମ୍ମିଳନୀ, ସ୍ଥାନ: ଗୁଡ଼ାରି ମିଶନ ଶକ୍ତି ଭବନ, ସମୟ: ପୂର୍ବାହ୍ନ ୧୦ଟା

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅଟକି ରହିଥିବା କାମ ସମ୍ପୂର୍ଣ୍ଣ ନ ହୋଇପାରିବା ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ଅର୍ଥ ସଂକଟ ସାଙ୍ଗକୁ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପୂର୍ବ ଯୋଜନା ଅନୁଯାୟୀ କର୍ମ କରି ଏବଂ ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କଲେ ଅବଶ୍ୟ ଉପକୃତ ହେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ବୃଷ** ସ୍ୱାସ୍ଥ୍ୟହାନି ସାଙ୍ଗକୁ କେତେକ ଆକସ୍ମିକ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହିବ ନାହିଁ। ବନ୍ଧୁଙ୍କ ସହାନୁଭୂତି ଲାଭ କରିବେ ଓ ସମସ୍ୟାର ସମାଧାନ ହୋଇଯିବ। ଅଭାବ ପୂରଣ ଦିଗରେ ପଡ଼ୋଶୀଙ୍କ ସାହାଯ୍ୟ କାମକୁ ଆସିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମିଥୁନ** ସ୍ୱାସ୍ଥ୍ୟରେ ଉନ୍ନତି, ଯାନବାହନ ଲାଭ, ଗୃହ ନିର୍ମାଣ, ଜମିଜମା କାରବାରରେ ଅଗ୍ରଗତି ଯୋଗୁ ଖୁସି ରହିବେ। ନୂତନ ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଆଜି ଅନୁକୂଳ ଫଳ ପାଇବେ। ମକଦ୍ଦମା, ଗବେଷଣା, ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। କ୍ରନିକ୍ ରୋଗ, ଦୀର୍ଘଦିନର ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ।

**କର୍କଟ** ଆଜି କର୍ମାରମ୍ଭ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଦୂରଯାତ୍ରା ଓ ବନ୍ଧୁମିଳନରୁ ଖୁସି ରହିବେ। ଏହା ସାଙ୍ଗକୁ ପାରିବାରିକ ସ୍ଥିରତା, ଅର୍ଥାଭାବ ଦୂରେଇ ଯିବ, କାର୍ଯ୍ୟସିଦ୍ଧି ହେତୁ ଅପରାହ୍ନଟି ଖୁସିରେ କଟାଇବେ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିପାରନ୍ତି। ଶିଳ୍ପ, ଗୃହ ନିର୍ମାଣ, ପରିବହନ, ବ୍ୟବସାୟ ଏପରିକି ଯୋଗାଣ କାରବାରରେ ଉନ୍ନତି କରିବେ।

**ସିଂହ** ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ଖୁସି ମନାଇବେ। ସକାଳ ସମୟଟି ଭଲ ରହିବ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ଯୁକ୍ତିତର୍କକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବା ଆଶଙ୍କା ରହିଛି। ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରି ରଖିବା ସହ ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ବ୍ୟସ୍ତ ରହିବେ।

**କନ୍ୟା** ସାମାଜିକ ସ୍ତରରେ ସୁସମ୍ପର୍କ ଓ ସମ୍ମାନ, ପ୍ରଶଂସା ପାଇ ମନ ଖୁସି ରହିବ। ବିଳମ୍ବିତ ସମୟରେ ଅପେକ୍ଷା କରିଥିବା ଖବରଟି କିମ୍ବା ଅଭିଳଷିତ ଜିନିଷଟି ପାଇବେ। ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃ ବିବାଦ ଦେଖାଦେଇ ପାରେ। ପିଲାଙ୍କ ପଢ଼ାକୁ ନେଇ ଚିନ୍ତିତ ରହିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟାରେ ସୁଧାର ଆସିବ।

**ତୁଳା** ନିଜର ଲୋକ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଏବଂ ଭ୍ରମଣ ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ସଭାସମିତିରେ ନିଷ୍ପତ୍ତି ବଦଳାଇବା ଫଳରେ କେତେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ।

**ବିଛା** କର୍ମଜଞ୍ଜାଳ ବୃଦ୍ଧି କାରଣରୁ କୌଣସି ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। ବନ୍ଧୁଙ୍କ ସାହାଯ୍ୟରେ ଅପରାହ୍ନେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ସାମାଜିକ କ୍ଷେତ୍ରରେ ବନ୍ଧୁଙ୍କ ସହ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବିବାଦୀୟ ପରିସ୍ଥିତିର ମୁକାବିଲା କରି ବ୍ୟବସାୟକୁ ଆଗକୁ ବଢାଇବାକୁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ** ସକାଳୁ କୌଣସି କର୍ମାରମ୍ଭରେ ସଙ୍କଟର ସମ୍ମୁଖୀନ ହେବେ। ଅନ୍ୟକୁ ସହଜରେ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ଶାରୀରିକ ସୁସ୍ଥତା ଫେରିପାଇବେ କିନ୍ତୁ ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହେବା ଠିକ୍ ହେବନାହିଁ। ଲେଖାପଢ଼ା ତଥା ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ରାଜନୀତି କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରିବା କାରଣରୁ ମନ ଅସ୍ଥିର ରହିବ। ଆଜିର ଯାତ୍ରା, ବାଣିଜ୍ୟ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନରେ ସଫଳ ହେବେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ।

**କୁମ୍ଭ** ବିଭିନ୍ନ ସୁଖ ସମ୍ଭୋଗ ଓ ବିଳାସବ୍ୟସନର ସୁଯୋଗ ପାଇଲେ ମଧ୍ୟ ତାହା ଉପଭୋଗ୍ୟ ନ ହୋଇପାରେ। ଗୃହ, ଯାନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଦ୍ରବ୍ୟ ପାଇଁ ମନ ବଳାଇବେ। ବନ୍ଧୁବର୍ଗ ଓ ଆତ୍ମୀୟଙ୍କ ସାହାଯ୍ୟରୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ପିଲାଙ୍କ ବିବାହ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ।

**ମୀନ** ଆଜିର ଦିନଟିରେ ଅର୍ଥଲାଭ, ସ୍ୱାଦିଷ୍ଟ ଭୋଜନ, ବନ୍ଧୁଙ୍କ ଆଦର ସୋହାଗ ମନକୁ ପ୍ରଫୁଲ୍ଲିତ କରି ରଖିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ। ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

ଆଜି ଫେବୃଆରୀ ୨ ତାରିଖ, ମାଘ କୃଷ୍ଣ ସପ୍ତମୀ ଯୁକ୍ତ ଅଷ୍ଟମୀ ଶୁକ୍ରବାର, ବିଶ୍ୱ ଆର୍ଦ୍ରଭୂମି ଦିବସ, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମତିଥି, ରାଶିନକ୍ଷତ୍ର- ସ୍ୱାତୀ/ତୁଳା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ଗୃହାରମ୍ଭ ଓ ପ୍ରବେଶ ପାଇଁ ଶୁଭ ଦିନ। ଦିବା ଘ. ୦୬।୨୫ ଗତେ ଘ.୦୭।୧୦ ମଧ୍ୟେ, ଘ.୦୭।୫୪ ଗତେ ଘ.୦୯।୧୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୩୬ ଗତେ ଘ.୧୨।୦୦ ମଧ୍ୟେ ରାହୁ କାଳ।

# ବଜେଟରେ ବିକଶିତ ଭାରତ



ବଜେଟ ଉପସ୍ଥାପନ କରିବାକୁ ଯିବା ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍।

**ନୂଆଦିଲ୍ଲୀ,୧।୨**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗୁରୁବାର ପାର୍ଲାମେଣ୍ଟରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଅନ୍ତିମ ବଜେଟ ଉପସ୍ଥାପନ କରିଛନ୍ତି। ଲୋକ ସଭା ନିର୍ବାଚନକୁ ଅଢ଼େଇ ମାସ ବାକି ଥିବାବେଳେ ଏହି ଅନ୍ତରୀଣ ବଜେଟରେ ୪୭.୬୬ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହାକି ପୂର୍ବ ତୁଳନାରେ ୬.୧% ଅଧିକ। ନିର୍ବାଚନକୁ ଆଖି ଆଗରେ ରଖି ମହିଳା, ଯୁବ, ଗରିବ ଓ ଚାଷୀଙ୍କ ଉନ୍ନତି ଉପରେ କେନ୍ଦ୍ର ସରକାର ଏଥିରେ ଗୁରୁତ୍ୱ ଦେଇଛନ୍ତି। ଅନ୍ତରୀଣ ବଜେଟରେ ଟିକସ ହାର ଅପରିବର୍ତ୍ତିତ ରହିଛି। ନିର୍ବାଚନ ପରେ ଜୁଲାଇରେ ମୋଦି ସରକାର ପୂର୍ଣ୍ଣାଙ୍ଗ ବଜେଟ ଆଣିବେ। ସେହି ବଜେଟରେ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଲକ୍ଷ୍ୟ ହାସଲର ବିସ୍ତୃତ ରୋଡ୍‌ମ୍ୟାପ ରହିବ ବୋଲି ଲଗାତର ଷଷ୍ଠ ଥର ପାଇଁ ବଜେଟ ଉପସ୍ଥାପନ ବେଳେ ସୀତାରାମନ୍ ଆସ୍ଥା ପ୍ରକଟ କରିଛନ୍ତି। ବଜେଟରେ ମୋଦି ସରକାରଙ୍କ ଗତ ୧୦ ବର୍ଷର ସଫଳତା ଏବଂ ଭବିଷ୍ୟତରେ ଦେଶକୁ କେଉଁ ବାଟରେ ଆଗେଇ ନେବେ ତା' ଉପରେ ବିବରଣୀ ପ୍ରଦାନ କରାଯାଇଛି।

ଏକ ଟର୍କିସ ରଙ୍ଗର ଏମ୍ବ୍ରୋଡେରି କରାଯାଇଥିବା ଶାଢ଼ି ପିନ୍ଧିଥିବା ସୀତାରାମନ୍ ୨ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧରୀ ଓ ଭାଗବତ କରାଡ଼ ଏବଂ ମନ୍ତ୍ରଣାଳୟର ଶୀର୍ଷ ଅଧିକାରୀମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ। ସୀତାରାମନ୍‌ଙ୍କୁ ରାଷ୍ଟ୍ରପତି ଏକ ଚାମଚ ଚିନି ମିଶା ଦହି ସୀତାରାମନ୍‌ଙ୍କୁ ଖୁଆଇଥିଲେ। ଏଥିସହ ବଜେଟ ଉପସ୍ଥାପନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହା ପରେ ସୀତାରାମନ୍ ନୂଆ ସଂସଦ ଭବନକୁ ଆସି ଲୋକ ସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ନିଜ ବଜେଟ ଅଭିଭାଷଣ ରଖିଥିଲେ। ସୀତାରାମନ୍ କହିଥିଲେ, ଗତ ୧୦ ବର୍ଷ ମଧ୍ୟରେ ଭାରତୀୟ ଅର୍ଥନୀତି ପର୍ଯ୍ୟାପ୍ତ ସକାରାତ୍ମକ ପରିବର୍ତ୍ତନର ସାକ୍ଷୀ ହୋଇଛି। ଭାରତୀୟମାନେ ସକାରାତ୍ମକ ଭାବ ନେଇ ଭବିଷ୍ୟତକୁ ଦେଖୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ଦାୟିତ୍ୱ ଗ୍ରହଣ କରିବା ସମୟରେ ଦେଶ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥିଲା କିନ୍ତୁ ମୋଦି ସରକାର ସବ୍‌କା ସାଥ୍, ସବ୍‌କା ବିକାଶ ମନ୍ତ୍ର ଜପି ସେହି ଚ୍ୟାଲେଞ୍ଜଗୁଡ଼ିକର ସଫଳ ମୁକାବିଲା କରିବାରେ ସକ୍ଷମ ହୋଇଛନ୍ତି। ଦେଶରେ ଢାଞ୍ଚାଗତ ସଂସ୍କାର ଅଣାଯାଇ ଜନ ହିତକାରୀ କାର୍ଯ୍ୟକ୍ରମଗୁଡ଼ିକୁ ହାତକୁ ନିଆଗଲା। ଫଳରେ ରୋଜଗାର ଓ ଏଣ୍ଟରପ୍ରିନ୍ୟୁରଶିପ୍ ପାଇଁ ଅଧିକ ସୁଯୋଗ ସୃଷ୍ଟି ହୋଇପାରିଲା। ଅର୍ଥନୀତି ସୁଦୃଢ଼ ହୋଇ ଆଗକୁ ବଢ଼ିଚାଲିଲା। ବିକାଶର ଫଳ ଲୋକଙ୍କ ନିକଟରେ ପହଞ୍ଚିଲା। ଦେଶ ଏକ ନୂଆ ଉଦ୍ଦେଶ୍ୟ ଓ ଆଶା ନେଇ ଅଗ୍ରଗତି କରିବାରୁ ଲୋକେ ଆମ ସରକାରଙ୍କୁ ଦ୍ୱିତୀୟ ପାଳିରେ ଅଧିକ ଜନାଦେଶ ଦେଇ କ୍ଷମତାସୀନ କରାଇଲେ। ଦ୍ୱିତୀୟ ପାଳିରେ ମୋଦି ସରକାର ଦେଶର ସବୁ ଅଞ୍ଚଳକୁ ସମୃଦ୍ଧ କରିବା ପାଇଁ ଉଦ୍ୟମକୁ ଦ୍ୱିଗୁଣିତ କଲେ। ଆମ ସରକାର ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ ମନ୍ତ୍ରକୁ ଆହୁରି ମଜଭୁତ କଲେ। ସମ୍ପୂର୍ଣ୍ଣ ରାଷ୍ଟ୍ରର ବିକାଶ ପାଇଁ ସ୍ଲୋଗାନରେ ସବ୍‌କା ପ୍ରୟାସକୁ ଯୋଡ଼ାଗଲା। କୋଭିଡ୍-୧୯ ମହାମାରୀ ବେଳେ ସରକାର 'ଆତ୍ମନିର୍ଭର ଭାରତ'ର ନାରା ଦେଇଥିଲେ। ଏହା ପରେ ଅମୃତ କାଳର ମୂଳଦୁଆ ପଡ଼ିଛି ବୋଲି ସୀତାରାମନ୍ କହିଛନ୍ତି।

## ବଜେଟ ସାରାଂଶ

- ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୭.୩ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି
- ଆସନ୍ତା ବର୍ଷ ପାଇଁ ପୁଞ୍ଜି ବ୍ୟୟବରାଦ ୧୧.୧ % ବୃଦ୍ଧି ପାଇ ୧୧,୧୧,୧୧୧ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ଜିଡିପିର ୩.୪% ହେବ
- ୨୦୨୪-୨୫ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ଜିଡିପିର ୫.୧ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି
- ଗରିବ, ମହିଳା, ଯୁବ ଏବଂ କୃଷକଙ୍କୁ ପ୍ରାଥମିକତା
- ଯୁବବର୍ଗଙ୍କ ପାଇଁ ସୁଧମୁକ୍ତ ଋଣ ଯୋଗାଇ ଦେବାକୁ ୫୦ ବର୍ଷୀଆ ଏକ ଲକ୍ଷ କୋଟି ଟଙ୍କାର ପାଣ୍ଠି ପ୍ରତିଷ୍ଠା କରାଯିବ
- ଟିକସ ହାରରେ କୌଣସି ପରିବର୍ତ୍ତନ ପ୍ରସ୍ତାବ ନାହିଁ
- ଭାରତୀୟ ଅର୍ଥବ୍ୟବସ୍ଥା ଉପରେ ଶ୍ୱେତପତ୍ର ଦାଖଲ କରିବେ ସରକାର

## ୧ ପଇସା ଗଲା କୁଆଡ଼େ

ହୁଏତ ଆମେ ବୁଝିବାରେ ଅକ୍ଷମ, କିନ୍ତୁ ଏବେ ଭାରତବର୍ଷରେ ଅନେକ ବିଜ୍ଞ ଅର୍ଥନୀତିଜ୍ଞ ପ୍ରତ୍ୟେକ ଘରେ ବାହାରିଲେଣି। ୨୦୨୪-୨୫ କାମଚଳା ବଜେଟ (ଭୋଟ୍ ଅନ୍ ଆକାଉଣ୍ଟ)ରେ ଦର୍ଶାଯାଇଥିବା ୧ ଟଙ୍କାର ଆୟ ଓ ବ୍ୟୟର ହିସାବକୁ ଦେଖିଲେ ଉଭୟ ପଟରୁ ବାହାରୁଛି ୯୯ ପଇସା। ଅର୍ଥାତ୍ ଏହାକୁ ଯଦି ୧ ଟଙ୍କା ବିଚାର କରାଯାଏ, ତେବେ ୧୦୦ ପଇସାରୁ ୧ ପଇସାର ହିସାବ ଦିଆଯାଇନାହିଁ। ଏହି ବଜେଟ୍‌କୁ ଦେଖିଲେ ୪୭,୬୫,୭୬୮ କୋଟି ଟଙ୍କା ଆକଳନ କରାଯାଇଥିବାବେଳେ ତାହାର ୧% ଅର୍ଥାତ୍ ୪୭,୬୫୭.୬୮ କୋଟି ଟଙ୍କା ହିସାବ ମିଳୁନାହିଁ।







ଅର୍ଥ ମନ୍ତ୍ରଣାଳୟ ୟୁନିଅନ୍ ବଜେଟ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ୧ଟଙ୍କାର ଆୟ ଓ ବ୍ୟୟ ହିସାବ ତଥ୍ୟ। (https://www.indiabudget.gov.in/doc/bh1.pdf)







ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ(ପିଟିଆଇ) ପକ୍ଷରୁ ଦିଆଯାଇଥିବା ୧ଟଙ୍କାର ଆୟ ଓ ବ୍ୟୟ ହିସାବ ତଥ୍ୟ।

# ବାଲିଉଠାଣ ଉପରେ ରୋକ ବଳବତ୍ତର

### ୫ରେ ହାଇକୋର୍ଟରେ ପରବର୍ତ୍ତୀ ଶୁଣାଣି

**କଟକ,୧।୨(କାର୍ତ୍ତିକ ସାହୁ)**

ସାରା ରାଜ୍ୟରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବନ୍ଦ ଥିବା ବାଲିଘାଟ ଚଲାଇବାକୁ ଅନୁମତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଗୁରୁବାର ସତ୍ୟପାଠ ଦେବା ସହ ନିବେଦନ କରାଯାଇଥିଲା। ଏହି ପ୍ରସଙ୍ଗ ଉପରେ ମାମଲାର ଆବେଦନକାରୀ ପ୍ରତିବାଦ ଉଠାଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ମେଶିନ ଦ୍ୱାରା ବାଲିଘାଟରୁ ବାଲି ଉତ୍ତୋଳନ କରିବାର ତରିକା ବା ବିଧିବ୍ୟବସ୍ଥା ସଂକ୍ରାନ୍ତରେ ଆସନ୍ତା ୫ତାରିଖ ସୁଦ୍ଧା ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଏବଂ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବାଲି ଉଠାଣ ଉପରେ ଲାଗିଥିବା ରୋକ ବଳବତ୍ତର ରଖିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୫ତାରିଖରେ ହେବାକୁ ଧାର୍ଯ୍ୟ ହୋଇଛି।

ସୂଚନାଯୋଗ୍ୟ, କଟକ ସହର ସମେତ ବିଭିନ୍ନ ନଦୀପଠାରୁ ବେଆଇନ ବାଲି ଉଠାଣ ଓ ପରିବହନ କରାଯାଉଥିବା ନେଇ ସାମାଜିକ କର୍ମୀ ପ୍ରଶାନ୍ତ କୁମାର ଜେନା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ବେଆଇନ ବାଲି ଉଠାଣ ଯୋଗୁ ରାଜସ୍ୱ ହାନି ହେଉଥିବା ସେ ଆବେଦନରେ ଦର୍ଶାଇଥିଲେ। ଲିଜ୍‌ଧାରୀଙ୍କ ପାଇଁ ପ୍ରଶାସନ ଲୋକଙ୍କ ସ୍ୱାର୍ଥକୁ ଆଖି ବୁଜିଦେଇଛି। ରାତି ୧୦ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବାଲି ପରିବହନ କରାଯିବାର ନିୟମ ଥିବାବେଳେ ସବୁ ସମୟରେ ବାଲି ପରିବହନ କରାଯାଉଛି। ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

**ପାଶ୍ଚାତ୍ୟର ସମ୍ବେଦନହୀନ ଆଭିମୁଖ୍ୟ**






# ରେଳ ବଜେଟରେ ଓଡ଼ିଶାକୁ ୧୦,୫୩୬ କୋଟି

- ଚଳିତ ବର୍ଷ ୪୭୩ କି.ମି. ରେଳଲାଇନର ପ୍ରସ୍ତାବ
- ଆସନ୍ତା ୫ବର୍ଷରେ ୫୨,୦୦୦ କୋଟିର ନିବେଶ ଯୋଜନା

**ଭୁବନେଶ୍ୱର,୧।୨**



ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଭାରତୀୟ ରେଳର ପ୍ରମୁଖ ଜୋନ୍ ପୂର୍ବତଟ ରେଳପଥ (ଓଡ଼ିଶା) କୁ ୨୦୨୪-୨୫ ଆର୍ଥିକ ବର୍ଷର ଅନ୍ତରୀଣ ବଜେଟରେ ବେଶ୍ ଗୁରୁତ୍ୱ ଦିଆଯାଇଛି। ଏପରିକି ଅନ୍ତରୀଣ ବଜେଟରେ ଓଡ଼ିଶାକୁ ପ୍ରାୟ ୧୦,୫୩୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବାବେଳେ ଚଳିତ ବର୍ଷ ପ୍ରାୟ ୪୭୩ କି.ମି. ନୂତନ ରେଳଲାଇନ ନିର୍ମାଣ କରାଯିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏ ନେଇ ପୂର୍ବତଟ ରେଳପଥ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ରେଳମନ୍ତ୍ରୀ ବୈଷ୍ଣବ ଭିସି ଜରିଆରେ ଯୋଗଦେଇ ୨୦୨୪-୨୫ ଆର୍ଥିକ ବର୍ଷର ଅନ୍ତରୀଣ ବଜେଟରେ ଭାରତୀୟ ରେଳକୁ ମିଳିଥିବା ଆର୍ଥିକ ପ୍ରସ୍ତାବ ସହ ଓଡ଼ିଶା ରେଳକୁ ଦିଆଯାଇଥିବା ଆର୍ଥିକ ବ୍ୟୟବରାଦ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ପ୍ରସ୍ତାବ ଏବଂ ପୁଞ୍ଜିନିବେଶ ଆଦି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତୀୟ ରେଳ ପକ୍ଷରୁ ଓଡ଼ିଶା ରେଳକୁ ପ୍ରାୟ ୧୦,୫୩୬ କୋଟି ଟଙ୍କାର ବ୍ୟୟବରାଦର ପ୍ରସ୍ତାବ ସାଙ୍ଗକୁ ଆସନ୍ତା ୫ ବର୍ଷରେ ପ୍ରାୟ ୫୨,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି। ସେହିଭଳି ଓଡ଼ିଶାର ବିଭିନ୍ନ ପ୍ରମୁଖ ସହରରେ ବନ୍ଦେ ଭାରତ ମେଟ୍ରୋ ଟ୍ରେନ୍‌ର ଚାଳଚଳ ପାଇଁ ରେଳପଥ ପକ୍ଷରୁ ଯୋଜନା କରାଯାଉଛି। ରାଜ୍ୟ ସରକାର ଆବଶ୍ୟକ ପରିମାଣର ଜମି ଯୋଗାଇଦେଲେ ଓଡ଼ିଶା ରେଳର ବିଭିନ୍ନ କ୍ଷେତ୍ରରେ ବିକାଶମୂଳକ କାର୍ଯ୍ୟ ପୂର୍ବ ସରକାରଙ୍କଠାରୁ ଢେର ☞ପୃଷ୍ଠା-୯




# ପାଶ୍ଚାତ୍ୟର ସମ୍ବେଦନହୀନ ଆଭିମୁଖ୍ୟ



ଫୱାଜ୍ ଏ. ଜର୍ଜେସ୍

ଗାଜାରେ ୪ ମାସ ହେଲାଣି ଯୁଦ୍ଧ ଚାଲିଛି। ଇସ୍ରାଏଲ୍‌ର ଭୟଙ୍କର ସାମରିକ ଅଭିଯାନ ଏବଂ ପାଶ୍ଚାତ୍ୟ ସରକାରଗୁଡ଼ିକର ଏହାକୁ ନିରନ୍ତର ସମର୍ଥନକୁ ନେଇ ମଧ୍ୟପ୍ରାଚ୍ୟ ଏବଂ ଗରିବ ତଥା ନିମ୍ନ ବିକାଶଶୀଳ ଦେଶଗୁଡ଼ିକ(ଗ୍ଲୋବାଲ ସାଉଥ୍) ଅତ୍ୟଧିକ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ମତରେ ଏହା କେବଳ ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଯୁଦ୍ଧ ନୁହେଁ ବରଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କର ମଧ୍ୟ ଏଥିରେ ଭୂମିକା ରହିଛି। ବିନାଶର ପରିଣାମ ପ୍ରତି ବାଇଡେନ୍‌ଙ୍କ ଉଦାସୀନତା ପ୍ରକାଶ ପାଇଛି। ପାଶ୍ଚାତ୍ୟ ନେତାଙ୍କ ପାଇଁ ଆରବର ଜୀବନ କେତେ ଶସ୍ତା ହୋଇଯାଇଛି ତାହା ଏଥିରୁ ପ୍ରମାଣିତ ହୋଇଛି। ମୁଁ ମୋର ନୂତନ ପୁସ୍ତକ 'ହ୍ୱାଟ ରିୟଲି ୱେଷ୍ଟ ରଙ୍ଗ୍' ପ୍ରକୃତରେ କ'ଣ ଭୁଲ୍ ହୋଇଛିରେ ଦର୍ଶାଇଛି ଯେ, ମଧ୍ୟପ୍ରାଚ୍ୟରେ ଗଣତନ୍ତ୍ରରେ ବିଫଳତା ଯୋଗୁ ଆମେରିକା ଓ ଅନ୍ୟ ପାଶ୍ଚାତ୍ୟ ଦେଶଗୁଡ଼ିକ ବିଶେଷକରି ବ୍ରିଟେନ ପ୍ରାୟ ଏକ ଶତାବ୍ଦୀ ଧରି ହସ୍ତକ୍ଷେପବାଦୀ, ସାମରିକବାଦୀ ଏବଂ ଗଣତାନ୍ତ୍ରିକ ବିରୋଧୀ ବୈଦେଶିକ ନୀତି ଆପଣାଇଛନ୍ତି ଯାହା ମଧ୍ୟପ୍ରାଚ୍ୟର ଲୋକଙ୍କ ସ୍ୱାର୍ଥକୁ ଅଧିକ ଅଣଦେଖା କରିଛି। ପାଶ୍ଚାତ୍ୟ ନିଷ୍ପତ୍ତିଗୁଡ଼ିକ ଐତିହାସିକ ଭାବରେ ଯାହା କିଛି ପଦକ୍ଷେପ ନେଇଛି ସେଥିରେ କେବଳ ବାମବାଦ ଫେରାଇ ଆଣିବା ଏବଂ ଉଦାରବାଦୀ ପୁଞ୍ଜିବାଦର ପ୍ରାଧାନ୍ୟକୁ ସୁରକ୍ଷିତ ରଖିବା ପାଇଁ ଇଚ୍ଛୁକ ହୋଇଛି।

ଏହି ଯୁଗ୍ମ ଲକ୍ଷ୍ୟକୁ ଅନୁସରଣକରି ଆମେରିକା ମଧ୍ୟପ୍ରାଚ୍ୟର ନେତାମାନଙ୍କ ସମ୍ମୁଖରେ ପାଶ୍ଚାତ୍ୟ ନେତୃତ୍ୱାଧୀନ ଆଞ୍ଚଳିକ ପ୍ରତିରକ୍ଷା ମିଳିତ ମଞ୍ଚରେ ଯୋଗଦେଇ ବିଶ୍ୱର ପୁଞ୍ଜି ପାଇଁ ଅର୍ଥନୀତିକୁ ଖୋଲିବାକୁ କିମ୍ବା ଶତ୍ରୁ ଭାବରେ ରହିବା ଲାଗି ବିକଳ୍ପ ରଖୁଛି। ସ୍ଥିରତା ବଜାୟ ରଖିବା ଏବଂ ଶସ୍ତା ତେଲର ନିରବଚ୍ଛିନ୍ନ ପ୍ରବାହକୁ ସୁରକ୍ଷିତ ରଖିବା ବାହାନାରେ ପାଶ୍ଚାତ୍ୟ ଦେଶଗୁଡ଼ିକ ମଧ୍ୟପ୍ରାଚ୍ୟର ଏକଚ୍ଛତ୍ରବାଦୀଙ୍କ ସହ ବୁଝାମଣା କରି ଗଣତାନ୍ତ୍ରିକ ଆନ୍ଦୋଳନର ବିନାଶରେ ସକ୍ରିୟ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ, ୧୯୫୦ ଦଶନ୍ଧି ଆରମ୍ଭରେ ଯେତେବେଳେ ଉଦାରବାଦୀ ଗଣତାନ୍ତ୍ରିକ ନେତା ମହମ୍ମଦ ମୋସାଡେଗ୍ ଇରାନର ପ୍ରଧାନମନ୍ତ୍ରୀ ହୋଇ ଦେଶର ତେଲକୁ ଜାତୀୟକରଣ କରିଥିଲେ, ସିଆଇଏ ଏବଂ ଏମ୍୧୬ ଗୁପ୍ତରେ ଯୋଜନା କରି ତାଙ୍କ ସ୍ଥାନରେ ଶାହାଙ୍କୁ ବସାଇଥିଲେ। ସେହି ସ୍ୱାର୍ଥଜଡ଼ିତ ହସ୍ତକ୍ଷେପ ଇରାନର ଗଣତାନ୍ତ୍ରିକ ବିକାଶର ପଥରୋଧ କରିଥିଲା ଏବଂ ୧୯୭୯ ଇସ୍‌ଲାମିକ ବିପ୍ଳବ ପାଇଁ ବାଟ ଦେଖାଇଥିଲା, ଯାହା ଆଜି ପର୍ଯ୍ୟନ୍ତ ଧର୍ମୀୟ ପଦ୍ଧତିର ଶାସନରେ ପରିଣତ ହୋଇଛି। ସେହିଭଳି ୧୯୫୦ ଦଶକରେ ଗାମାଲ ଅବ୍‌ଦେଲ ନାସେ ଆମେରିକା ପ୍ରତି ସକାରାତ୍ମକ ମନୋଭାବ ପୋଷଣକରି ଇଜିପ୍ଟର ରାଷ୍ଟ୍ରପତି ହୋଇଥିଲେ।



ନାସେଙ୍କୁ ଅପମାନିତ କରିବାକୁ ତଥା ତାଙ୍କୁ ବହିଷ୍କାର କରିବାକୁ ଚେଷ୍ଟାକରି ଆମେରିକା ଏବଂ ବ୍ରିଟେନ ନୀଳ ନଦୀରେ ଥିବା ଆସୱାନ ହାଇ ଡ୍ୟାମ୍ ପ୍ରକଳ୍ପ ପାଇଁ ସମର୍ଥନ ବନ୍ଦ କରିଦେଇଥିଲେ। ଏହାର ପରିଣାମ ସ୍ୱରୂପ ୧୯୫୬ର ସୁଏଜ ସଙ୍କଟ ଦେଖାଦେବା ସହ ଯୁଦ୍ଧ ସୃଷ୍ଟି କରିଥିଲା। ଶେଷରେ ଆରବର ସବୁଠୁ ଜନବହୁଳ ଦେଶର ସବୁଠାରୁ ଲୋକପ୍ରିୟ ନେତା ପାଶ୍ଚାତ୍ୟର ପରମ ଶତ୍ରୁ ପାଲଟିଯାଇଥିଲେ।

ଆମେରିକାର ନେତୃତ୍ୱାଧୀନ ପାଶ୍ଚାତ୍ୟ ନିଶ୍ଚିତ ଭାବରେ ଏକ ସମ୍ବେଦନହୀନ ଆଭିମୁଖ୍ୟ ଗ୍ରହଣ କରିଛି। ପାଶ୍ଚାତ୍ୟ ଅଧିକାରୀମାନେ ମଧ୍ୟପ୍ରାଚ୍ୟର ଇସ୍‌ଲାମ ଏବଂ ଆରବ ସଂସ୍କୃତିର ମିଶ୍ରଣ ଗଣତନ୍ତ୍ର ସହିତ ଅସଙ୍ଗତ ବୋଲି କହି ମଧ୍ୟପ୍ରାଚ୍ୟରେ ସେମାନଙ୍କର ନବ-ସାମ୍ରାଜ୍ୟ ମିଶନକୁ ଯୁକ୍ତିଯୁକ୍ତ ବୋଲି କହିଆସୁଛନ୍ତି। ଏଥିପାଇଁ କ୍ରୂର ଶକ୍ତିଶାଳୀ ନେତାମାନେ ଆବଶ୍ୟକ ବୋଲି ପାଶ୍ଚାତ୍ୟ ମନେକରୁଛି। ଯେପର୍ଯ୍ୟନ୍ତ ଆମେରିକାର ନିର୍ଦ୍ଦେଶ ପାଳନ ହେଉ ନ ଥିବ ସେ ପର୍ଯ୍ୟନ୍ତ ଦମନ ଏବଂ ମାନବିକ ଅଧିକାରର ଉଲ୍ଲଂଘନକୁ ଅଣଦେଖା କରାଯାଉଥିବ। ଏହି ଅଞ୍ଚଳର ଲୋକମାନଙ୍କର ଜୀବନ ଏବଂ ଅଧିକାରର ମୂଲ୍ୟ କମ୍। ଆଫଗାନିସ୍ତାନ ଏବଂ ଇରାକର ଦଶନ୍ଧି ଧରି ଚାଲିଥିବା ଆକ୍ରମଣରୁ ଏହା ସ୍ପଷ୍ଟ ହୋଇଥିଲା। ହେଲେ ବାରାକ ଓବାମା ଆମେରିକାର ପ୍ରଥମ ରାଷ୍ଟ୍ରପତି ଏକ ଭିନ୍ନ ଆଭିମୁଖ୍ୟରେ ସୂଚିତ କରିଥିଲେ। ୨୦୧୪ରେ ୱେଷ୍ଟ ପଏଣ୍ଟରେ ଥିବା ଆମେରିକୀୟ ମିଲିଟାରି ଏକାଡେମୀରେ ଭାଷଣ ଦେଇ ସେ ଆମେରିକାର ଚିରାଚରିତ ଯୁଦ୍ଧକାଳୀନ ପ୍ରସ୍ତୁତି ଏବଂ ପ୍ରଥମେ ଗୁଳି ଚଳାଇବା ଏବଂ ପରେ ପ୍ରଶ୍ନ ପଚାରିବା ପ୍ରବୃତ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେ ଯୁକ୍ତି କରିଥିଲେ ଯେ ଏହି ଅଞ୍ଚଳରେ ଆମେରିକାର ବଡ଼ ତ୍ରୁଟି କଠୋରତାରୁ ନୁହେଁ ବରଂ ପରିଣାମ ବିଷୟରେ ଚିନ୍ତା ନ କରି ଅନ୍ତର୍ଜାତୀୟ ସମର୍ଥନ ଏବଂ ବୈଧତା ବିନା ସାମରିକ ଦୁଃସାହସିକ କାର୍ଯ୍ୟରେ ଆଗେଇ ଯିବାର ଇଚ୍ଛା ଯୋଗୁ ଘଟୁଛି। ଦୁଃଖର ବିଷୟ, ଆମେରିକାର ନେତୃତ୍ୱରେ ଶୀତଳ ଯୁଦ୍ଧ ପିଢ଼ିର ନେତା ବାଇଡେନ୍‌ଙ୍କ ବିଚାରରେ ଓବାମାଙ୍କର ଦୃଷ୍ଟିକୋଣର ମୂଲ୍ୟ କିଛି ନ ଥିବା ପରି ମନେହୁଏ। ଗତ ଅକ୍ଟୋବର ପର୍ଯ୍ୟନ୍ତ ବାଇଡେନ୍ ଇସ୍ରାଏଲ-ପାଲେଷ୍ଟାଇନ ଯୁଦ୍ଧ ପାଇଁ ଅଳ୍ପ ସମୟ ଓ କମ୍ ଧ୍ୟାନ ଦେଇଥିଲେ। ପାଲେଷ୍ଟାଇନ୍‌ର ଚିରସ୍ଥାୟୀ ଦୁଃଖଦ ସ୍ଥିତିକୁ ସେ ସହଜରେ ଗ୍ରହଣ କରିଥିଲେ ମଧ୍ୟ ଆବ୍ରହାମ ଚୁକ୍ତିନାମାକୁ ବିସ୍ତାର କରିବାକୁ ଚେଷ୍ଟା କରିଥିଲେ। ଟ୍ରମ୍ପ ପ୍ରଶାସନ ଦ୍ୱାରା ହୋଇଥିବା ଏହି ଚୁକ୍ତିନାମାଗୁଡିକ ସୁରକ୍ଷା ସହାୟତା ଏବଂ ସୁରକ୍ଷା ବଦଳରେ ଆରବର ଏକଚ୍ଛତ୍ରବାଦ ଦେଶଗୁଡ଼ିକ ସହ ଇସ୍ରାଏଲର ସମ୍ପର୍କକୁ ସ୍ୱାଭାବିକ କରିବାକୁ ଚେଷ୍ଟା କରାଯାଇଥିଲା, ଯାହା ଦ୍ୱାରା ପାଲେଷ୍ଟାଇନ୍ ରାଷ୍ଟ୍ର ପାଇଁ ଏହି ଅଞ୍ଚଳର ପ୍ରତିବଦ୍ଧତା ଶେଷ ହୋଇଥିଲା।

୭ ଅକ୍ଟୋବର ୨୦୨୩ରେ ହାମାସ୍‌ର କ୍ରୂର ଆକ୍ରମଣ ପରଠାରୁ ବାଇଡେନ୍ ଓ ନେତାନ୍ୟାହୁଙ୍କ ଆଭିମୁଖ୍ୟର ମୂର୍ଖତା ପ୍ରକାଶ ପାଇଥିଲା। ଏବର ଯୁଦ୍ଧର ପରିଣାମ ବିଷୟରେ ଚିନ୍ତା କରାଯାଇ ନ ଥିଲା କି ତାହାକୁ ରୋକିବା ଲାଗି ପ୍ରୟାସ ମଧ୍ୟ କରାଯାଇ ନ ଥିଲା। ଏହା ପରିବର୍ତ୍ତେ, ବାଇଡେନ୍ ଏବଂ ତାଙ୍କର ୟୁରୋପୀୟ ସହଯୋଗୀମାନେ ଗାଜା ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ସମର୍ଥନ କରିଛନ୍ତି। ଏପରିକି ସାଧାରଣ ନାଗରିକଙ୍କ ମୃତ୍ୟୁ ସଂଖ୍ୟା ଆଶାତୀତ ଭାବେ ବଢିଚାଲିଥିବାବେଳେ ମାନବିକ ସଙ୍କଟ ଦିନକୁ ଦିନ ଆହୁରି ତୀବ୍ର ହେବାରେ ଲାଗିଛି। କିନ୍ତୁ ବାଇଡେନ୍ ଏହି ରକ୍ତପାତ ବନ୍ଦ କରିବାକୁ ଇଚ୍ଛା ପ୍ରକାଶ କରିନାହାନ୍ତି। ଏହି ସମୟରେ, ଇସ୍ରାଏଲ୍-ଲେବାନନ୍ ସୀମାରେ ସଂଘର୍ଷ ଏବଂ ୟେମେନ୍‌ର ହୁଟି ଏବଂ ଇରାକର ଇରାନ ସମର୍ଥିତ ଉଗ୍ରବାଦୀଙ୍କ ଉପରେ ଆମେରିକା ନେତୃତ୍ୱରେ ଏୟାର ଷ୍ଟ୍ରାଇକ୍ ଜାରି ରଖିଛି। ଏଥିରୁ ବୁଝାପଡୁଛି, ଏହି ସଂଘର୍ଷ ଆହୁରି ବଢ଼ିପାରେ। ଆମେରିକା ଏବଂ ବ୍ରିଟେନ ଧୀରେ ଧୀରେ ପୁନର୍ବାର ଏହି ଅଞ୍ଚଳରେ ପ୍ରବେଶ କରୁଛନ୍ତି। ଟ୍ରମ୍ପଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ପ୍ରତିନିଧିତ୍ୱ କରିବାକୁ ବାଇଡେନ୍ ଦାବି କରିଛନ୍ତି, କିନ୍ତୁ ମଧ୍ୟପ୍ରାଚ୍ୟକୁ ନେଇ ସେମାନଙ୍କ ଦୃଷ୍ଟିକୋଣରେ ପ୍ରଭେଦ ରହିଛି। ସେଠାରେ ଏବଂ ଗ୍ଲୋବାଲ ସାଉଥର ଅଧିକାଂଶ ଦେଶ ବାଇଡେନ୍‌ଙ୍କୁ ଅନ୍ୟ ଜଣେ ଆମେରିକୀୟ ରାଷ୍ଟ୍ରପତି ଭାବରେ ମନେରଖିବ, ଯିଏ ଆରବବାସୀଙ୍କ ଜୀବନକୁ ମୂଲ୍ୟହୀନ କରିଛନ୍ତି। ସେ ଗଣତନ୍ତ୍ରର ସମର୍ଥକ ବୋଲି ପ୍ରଚାର କରୁଥିବା ବେଳେ ଦମନ ତଥା ହିଂସାକୁ ସମର୍ଥନ କରିଛନ୍ତି।

ନେତାନ୍ୟାହୁଙ୍କୁ ପୂର୍ଣ୍ଣ ସମର୍ଥନ କରିବାକୁ ନେଇ ନିକଟରେ ହୁଏତ ବାଇଡେନ୍ ଦୁଃଖ ପ୍ରକାଶ କରିପାରନ୍ତି। ଆମେରିକାର ରାଜନୈତିକ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବାରେ ସିଦ୍ଧହସ୍ତ ନେତାନ୍ୟାହୁ ନିକଟରେ ପାଲେଷ୍ଟାଇନ୍ ରାଷ୍ଟ୍ର ପ୍ରତିଷ୍ଠା ପାଇଁ ବାଇଡେନ୍‌ଙ୍କ ସମର୍ଥନକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ ଜୋର୍ଡାନ(ନଦୀ)ର ପଶ୍ଚିମ ଅଞ୍ଚଳ ଇସ୍ରାଏଲର ସୁରକ୍ଷା ନିୟନ୍ତ୍ରଣ ରହିବା ଆବଶ୍ୟକ। ଏହି ଘୋଷଣା ଆମେରିକାର ରାଷ୍ଟ୍ରପତି ଅଭିଯାନ ଆରମ୍ଭ ସମୟର ଥିଲା, ଯେଉଁଥିରେ ଟ୍ରମ୍ପ ଥିଲେ ତାଙ୍କର ପସନ୍ଦୀୟ ପ୍ରାର୍ଥୀ। ଯଦି ବାଇଡେନ୍ ଶେଷରେ ଦ୍ୱିତୀୟ ଥର ରାଷ୍ଟ୍ରପତି ହୁଅନ୍ତି, ତେବେ ବିଡ଼ମ୍ବନା ବିଷୟ ଯେ ମଧ୍ୟପ୍ରାଚ୍ୟ ଏହାର ଆଧୁନିକ ଇତିହାସର ଯେକୌଣସି ସମୟ ତୁଳନାରେ ଅଧିକ ଅସ୍ଥିର ହେବ। ପାଶ୍ଚାତ୍ୟର ରଣନୀତି ଏକ ବିରାଟ ବିଫଳତା ଏବଂ ଏହି ଧାରା ଆମ ଦୁନିଆକୁ ବହୁତ ଦିନ ପର୍ଯ୍ୟନ୍ତ ଭାରାକ୍ରାନ୍ତ କରି ରଖିବ।

**ପ୍ରାଧ୍ୟାପକ, ଅନ୍ତର୍ଜାତୀୟ ସମ୍ପର୍କ,**
**ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସ**

# କ୍ଷେତରେ ବିଷ



ବାଦଲ ଭୂୟାଁ

ଓଡ଼ିଶାର କୃଷକମାନେ ପ୍ରାୟତଃ ଏବେ ବି ରାସାୟନିକ ସାର ଓ କିଟନାଶକ ପ୍ରୟୋଗ କରି ଫସଲ ଅମଳ କରୁଛନ୍ତି। ଏସବୁ ଯେ କେବଳ ନିଜର କ୍ଷେତ ଓ ଫସଲକୁ ବିଷାକ୍ତ କରୁଛି ତା' ନୁହେଁ, ଜୀବନକୁ ମଧ୍ୟ ବିଷାକ୍ତ କରୁଛି, ଯେଉଁଥିପାଇଁ ବେଳେ ବେଳେ ଜୀବନ ହରାଇବାକୁ ପଡୁଛି। ଏଇ କୀଟନାଶକ ଯୋଗୁ ଗତବର୍ଷ ମହାରାଷ୍ଟ୍ରର ଅମରାବତୀ ଏବଂ ଯବତ୍‌ମାଲ ଜିଲାରେ ଅତି କମ୍‌ରେ ୪୦ଜଣ ଚାଷୀ ଓ କୃଷି ଶ୍ରମିକ ପ୍ରାଣ ହରାଇଥିଲେ। କୀଟନାଶକର ବିଫଳତା ଯୋଗୁ ଓଡ଼ିଶାରେ, ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଚକଡ଼ା ପୋକଙ୍କ ପ୍ରାଦୁର୍ଭାବ ଦେଖା ଦେଇଥିଲା, ଯେଉଁଥିପାଇଁ ଏସବୁ ଅଞ୍ଚଳର କିଛି ଚାଷୀଙ୍କର ବ୍ୟାପକ ଫସଲ ହାନି ଘଟିଥିଲା ଏବଂ ତାକୁ ସହି ନ ପାରି ସେମାନଙ୍କ ମଧ୍ୟରୁ କିଛି ଚାଷୀ ଆତ୍ମହତ୍ୟା କରିଥିବାର ଖବର ମଧ୍ୟ ବିଭିନ୍ନ ସମୟରେ ଖବରକାଗଜରେ ପ୍ରକାଶିତ ହୋଇଥିଲା। ପରେ ନକଲି କୀଟନାଶକ ଓଡ଼ିଶାର ଚାଷୀମାନଙ୍କ ଦୁର୍ଦ୍ଦଶାର କାରଣ ବୋଲି ଅଭିଯୋଗ ମଧ୍ୟ ହୋଇଥିଲା। କୀଟନାଶକ ଯୋଗୁ ଚାଷୀମାନଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ମହାରାଷ୍ଟ୍ର ସରକାର ଏକ ଏସ୍ଆଇଟି ଗଠନ କରିଥିଲେ, ଯାହା ନିକଟରେ ତା'ର ରିପୋର୍ଟ ପ୍ରଦାନ କରିଛି। ରିପୋର୍ଟରେ ଚାଷୀ ମୃତ୍ୟୁ ପାଇଁ ରାଜ୍ୟ ସରକାରଙ୍କ ପ୍ରଶାସନିକ କଳକୁ ଦାୟୀ କରାଯିବା ସଙ୍ଗେ ସଙ୍ଗେ ମୃତ୍ୟୁର ଶିକାର ହୋଇଥିବା ଚାଷୀମାନଙ୍କୁ ମଧ୍ୟ ଦାୟୀ କରାଯାଇଛି। କାରଣ ଏହି ଚାଷୀମାନେ ବିଷାକ୍ତ ଦ୍ରବ୍ୟ ବ୍ୟବହାର କରିବା ସମୟରେ ସୁରକ୍ଷାର ନିୟମଗୁଡ଼ିକୁ କଡ଼ାକଡ଼ି ପାଳନ କରିବାରେ ବିଫଳ ହୋଇଥିଲେ। ଭବିଷ୍ୟତରେ ଏଭଳି ଘଟଣା ଯେପରି ନ ଘଟିବ, ସେଥିପାଇଁ ଏସ୍ଆଇଟି କେତେଗୁଡ଼ିଏ ପ୍ରତିଷେଧକମୂଳକ ବ୍ୟବସ୍ଥା ସୁପାରିସ କରିଛନ୍ତି। ସେଗୁଡ଼ିକ ଯଥାକ୍ରମେ କୀଟନାଶକର ମାନ ପରୀକ୍ଷା କରିବା ନିମନ୍ତେ ଉତ୍ସର୍ଗୀକୃତ ମନୋଭାବସମ୍ପନ୍ନ ଗୁଣାତ୍ମକ ମାନ ଯାଞ୍ଚ, କର୍ମଚାରୀ ନିଯୁକ୍ତି, ଜିଲା ଓ ଗ୍ରାମାଞ୍ଚଳର ହସ୍ପିଟାଲଗୁଡ଼ିକରେ ଆଇସିୟୁ ପ୍ରତିଷ୍ଠା କରିବା ସହିତ ଯେଉଁସବୁ ଚାଷୀ ବା କୃଷି ଶ୍ରମିକ କୀଟନାଶକ ବ୍ୟବହାର ସମ୍ପର୍କିତ ନିୟମାବଳୀଗୁଡ଼ିକୁ ନ ମାନିବେ, ସେମାନଙ୍କ ପାଇଁ ଆଇପିସିରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରିବା ଇତ୍ୟାଦି ରହିଛି। ଏତଦ୍‌ବ୍ୟତୀତ କମିଟି ମନୋକ୍ରୋଟୋଫସ୍ ଏବଂ ପଞ୍ଜୀକୃତ ହୋଇ ନଥିବା ଉଦ୍ଭିଦ ବୃଦ୍ଧି ନିୟନ୍ତ୍ରକ ଦ୍ରବ୍ୟଗୁଡ଼ିକ ଉପରେ ନିଷେଧାଦେଶ ଜାରି କରିଛନ୍ତି।

କୃଷି ପ୍ରଧାନ ଦେଶ ଭାରତରେ କୃଷିର ଭିତ୍ତିଭୂମି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ତଥା ଅଧିକାଂଶ କୃଷକଙ୍କ ଶିକ୍ଷାର ସ୍ତର ଅତ୍ୟନ୍ତ ଦୁର୍ବଳ ଥିବା ବେଳେ ଏସ୍ଆଇଟିର ଏପରି ସୁପାରିସକୁ ନିରପେକ୍ଷ କହିବା ସହଜ ନୁହେଁ, ଯଦିଓ ଏଭଳି ପ୍ରସ୍ତାବ ଅତ୍ୟଧିକ ମହତ୍ତ୍ୱାକାଂକ୍ଷୀ ମନେହୁଏ। କାରଣ ଏହି ରିପୋର୍ଟରେ ଚାଷୀ ମୁଣ୍ଡରେ ଦୋଷ ଲଦିବାକୁ ଚେଷ୍ଟା କରାଯାଇଥିବା ଭଳି ମନେହୁଏ। ଏହା ପରିବର୍ତ୍ତେ ବରଂ କୀଟନାଶକଗୁଡ଼ିକର ଉତ୍ପାଦକମାନେ ସେମାନଙ୍କର ଭୂମିକା ଓ ଦାୟିତ୍ୱକୁ ଠିକ୍ ନିର୍ବାହ କରୁଛନ୍ତି କି ନାହିଁ, ସେସବୁର ଉତ୍ତମ ରୂପେ ତଦାରଖ କରାଯିବାର ଆବଶ୍ୟକତା ରହିଛି। ବସ୍ତୁତଃ, କୀଟନାଶକ ଆଇନରେ ଉଲ୍ଲେଖ ଅଛି ଯେ, ସେଗୁଡ଼ିକୁ କିପରି ନିରାପଦରେ ବ୍ୟବହାର କରାଯାଇପାରିବ ଏବଂ ବ୍ୟବହାର ପୂର୍ବରୁ ସୁରକ୍ଷା ସମ୍ବନ୍ଧିତ ପଦକ୍ଷେପ ନେବାକୁ କୀଟନାଶକଗୁଡ଼ିକର ଉତ୍ପାଦକକର୍ତ୍ତା ଓ ଡିଷ୍ଟ୍ରିବ୍ୟୁଟରମାନେ ବ୍ୟବହାରକାରୀ ମାନଙ୍କ ପାଇଁ ଉତ୍ତମ ପ୍ରଶିକ୍ଷଣର ବ୍ୟବସ୍ଥା କରିବା ଆବଶ୍ୟକ। ଏତଦ୍‌ବ୍ୟତୀତ ମହାରାଷ୍ଟ୍ରର ଚାଷୀମାନଙ୍କ ମୃତ୍ୟୁ ପାଇଁ ମୁଖ୍ୟତଃ ମନୋକ୍ରୋଟୋଫସ୍ ଏବଂ ଅକ୍ସିଡିମେଟନ୍‌ମେଥିଲ୍ ନାମକ ଦୁଇଗୋଟି କୀଟନାଶକକୁ ଦାୟୀ କରାଯାଇଥିବା ବେଳେ ମାରାତ୍ମକ ବିଷାକ୍ତ ଦ୍ରବ୍ୟ ହୋଇଥିବାରୁ ଏ ଦୁଇଟିକୁ ପ୍ରଥମ ଶ୍ରେଣୀର କୀଟନାଶକ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି। ତେବେ ଏ ଦୁଇଟି କେବଳ ମହାରାଷ୍ଟ୍ର ନୁହେଁ, ସମଗ୍ର ଭାରତବର୍ଷରେ ବ୍ୟାପକ ଭାବରେ ବ୍ୟବହାର ହେଉଛି। ଏକ ସିଏସଇ ରିପୋର୍ଟର ତଥ୍ୟ ଅନୁସାରେ ୨୦୨୦-୨୧ରେ ଦେଶରେ ଯେତିକି ଓଜନର କୀଟନାଶକ ଦ୍ରବ୍ୟ ବ୍ୟବହୃତ ହୋଇଥିଲା, ତା'ର ପାଖାପାଖି ୩୦ ପ୍ରତିଶତ ଥିଲା ପ୍ରଥମ ଶ୍ରେଣୀର କୀଟନାଶକ। ଏତିକି କୁହାଯାଇପାରେ ଯେ କୀଟନାଶକ ଦ୍ରବ୍ୟଗୁଡ଼ିକର ବ୍ୟବହାର ପାଇଁ ଦେଶରେ ଏକ ନୂଆ କୀଟନାଶକ ପରିଚାଳନା ଆଇନର ଆବଶ୍ୟକତା ରହିଛି।

**୪ଜି, ପ୍ରତାପଆପାର୍ଟମେଣ୍ଟ, ୭ଏକ୍ସଟେନ୍‌ସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,**
**ମୋ : ୯୨୦୪୬୫୨୦୬୫**

## ଏଇ ଭାରତରେ

ଗୋଟିଏ ଜିଲାରେ ମାଣ୍ଡିଆ ଉତ୍ପାଦନ ୩୦୦ ପ୍ରତିଶତ ବୃଦ୍ଧି ହେବା ବିଷୟ କେବେ ଚିନ୍ତା କରିପାରୁଛନ୍ତି ? ହଁ, ଏହା ସମ୍ଭବ ହୋଇଛି ଆଇଏଏସ୍ ଅଧିକାରୀ ସୁଶାନ୍ତ ଗୌରବଙ୍କ ଉଦ୍ୟମରେ। ଝାଡ଼ଖଣ୍ଡର ଗୁମଲା ଜିଲାକୁ ସେ ମାଣ୍ଡିଆ ରାଜଧାନୀରେ ପରିଣତ କରିଦେଇଛନ୍ତି। ୨୦୧୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସୁଶାନ୍ତ ଗୁମଲା ଜିଲାର ଡେପୁଟି କମିଶନର ଭାବେ ନିଯୁକ୍ତି ପାଇବା ପରେ ମାଣ୍ଡିଆ ଚାଷକୁ ବ୍ୟାପକ କରିବା ଲାଗି ପଦକ୍ଷେପ ନେଇଥିଲେ। ଏବେ ୨୦ ହଜାର କୃଷକ ୩୦ ହଜାର ଏକରରୁ ଅଧିକ ଜମିରେ ମାଣ୍ଡିଆ ଚାଷ କରୁଛନ୍ତି। ଏମାନଙ୍କ ମଧ୍ୟରେ ୫,୦୦୦ରୁ ଅଧିକ ମହିଳା ଚାଷୀ ଅଛନ୍ତି। ଜିଲାରେ ମାଣ୍ଡିଆ ଉତ୍ପାଦନ ୩୦୦ ପ୍ରତିଶତ ବୃଦ୍ଧି ପାଇବା ଦ୍ୱାରା ଚାଷୀମାନେ ବହୁଗୁଣ ଲାଭ ପାଇପାରୁଛନ୍ତି। ଏହି ଚାଷରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସାମିଲ କରାଯାଇଛି। ଚାଷୀମାନେ ପରିବେଶ ଉପଯୋଗୀ ପଦ୍ଧତିରେ ଚାଷ କରୁଛନ୍ତି। ମହିଳାମାନଙ୍କ ଦ୍ୱାରା ଫାର୍ମର୍ସ ପ୍ରଡ୍ୟୁସର ଅର୍ଗାନାଇଜେଶନ (ଏଫ୍‌ପିଓ) ଚାଲିଛି। ଏହା ମାଧ୍ୟମରେ ମହିଳାମାନେ ମାଣ୍ଡିଆରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୨ ଫେବୃଆରୀ ୧୯୭୫**

- ପୂର୍ବତନ ଯୋଜନା ମନ୍ତ୍ରୀ ଦୁର୍ଗାପ୍ରସାଦ ଧର ସୋଭିଏତ ରୁଷିଆ ଲାଗି ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ ରୂପେ ନିଯୁକ୍ତ।
- ଭାରତ ପାକିସ୍ତାନରୁ ୨୫ କୋଟି ଟଙ୍କା ମୂଲ୍ୟର ୨ ଲକ୍ଷ ଗାଣ୍ଠି କଞ୍ଚା ତୂଳା ଆମଦାନୀ କରିବା ସଂକ୍ରାନ୍ତରେ ଏକ ରାଜିନାମା ସ୍ୱାକ୍ଷରିତ।
- ଆଙ୍ଗୋଲାର ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତି ଲାଗି ପ୍ରସ୍ତୁତି ଚଳାଇବା ଉଦ୍ଦେଶ୍ୟରେ ତିନି ଗରିଲା ମୁକ୍ତି ସଙ୍ଗଠନର ଏକ ନୂତନ ଅସ୍ଥାୟୀ ମିଳିତ ସରକାର ଗଠିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 5 | | 4 | 1 |
| | | | | | | 8 | | |
| | 4 | | | 2 | | | 9 | |
| 7 | 2 | | | 4 | | | | |
| | 3 | 6 | | | | | 8 | |
| 4 | | | 7 | 6 | 1 | | | 9 |
| | | | | | | | | 5 |
| | 7 | | | 8 | 4 | 1 | | |
| | 5 | 3 | | 1 | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 4 | 2 | 8 | 9 | 6 | 5 | 1 |
| 8 | 1 | 5 | 3 | 6 | 4 | 7 | 2 | 9 |
| 6 | 9 | 2 | 5 | 1 | 7 | 4 | 8 | 3 |
| 2 | 8 | 7 | 1 | 3 | 5 | 9 | 4 | 6 |
| 5 | 6 | 1 | 9 | 4 | 8 | 3 | 7 | 2 |
| 9 | 4 | 3 | 7 | 2 | 6 | 8 | 1 | 5 |
| 3 | 7 | 9 | 4 | 5 | 2 | 1 | 6 | 8 |
| 1 | 5 | 8 | 6 | 7 | 3 | 2 | 9 | 4 |
| 4 | 2 | 6 | 8 | 9 | 1 | 5 | 3 | 7 |

ଗତକାଲିର ଉତ୍ତର

# ରାମରାଜ୍ୟ କେତେ ବାସ୍ତବ



ଡ. ସନ୍ତୋଷ କୁମାର ମହାପାତ୍ର

ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସହ ରାମ ଯୁଗର ଆରମ୍ଭ ହୋଇଛି ବୋଲି କୁହାଯାଉଛି। ଅର୍ଥାତ୍ 'ଅଚ୍ଛେଦିନ୍'ସ୍ଲୋଗାନ ପରେ 'ରାମ ରାଜ୍ୟ' କଥା କୁହାଯାଉଛି। ମହାତ୍ମା ଗାନ୍ଧୀ 'ରାମରାଜ୍ୟ' କଥା ଉଠାଇଥିଲେ। ସେ ରାମାୟଣର ଶିକ୍ଷା ଦ୍ୱାରା ବହୁ ପ୍ରଭାବିତ ହୋଇଥିଲେ। 'ରାମରାଜ୍ୟ' ଏକ ଶାସନ ବ୍ୟବସ୍ଥା ଯେଉଁଠି ମହାନତା, ନୈତିକତା ଏବଂ ନ୍ୟାୟ ହେଉଛି ମୂଳ ଆଦର୍ଶ। ଶ୍ରେଷ୍ଠ ରାଜା ଭାବରେ ପ୍ରଭୁ ଶ୍ରୀରାମ ଏକ ଦୟାଳୁ ଏବଂ ନ୍ୟାୟପୂର୍ଣ୍ଣ ପ୍ରଶାସନର ଉଦାହରଣ ଥିଲେ। ରାମରାଜ୍ୟ ଅର୍ଥ ହିନ୍ଦୁ ରାଜ ନୁହେଁ। ରାମରାଜ୍ୟର ଅର୍ଥ ହେଉଛି ଈଶ୍ୱରଙ୍କ ରାଜ୍ୟ। ଗାନ୍ଧୀଙ୍କ ପାଇଁ ରାମ ଏବଂ ରହିମ ଏକ ଏବଂ ସମାନ। ଗାନ୍ଧିଜୀ କହିଛନ୍ତି, ମୁଁ ଅନ୍ୟ କୌଣସି ଭଗବାନ୍‌ଙ୍କୁ ସ୍ୱୀକାରକରେ ନାହିଁ ବରଂ ସତ୍ୟ ଓ ନ୍ୟାୟର ଭଗବାନ୍‌କୁ ସ୍ୱୀକାର କରେ। କିନ୍ତୁ ଶାସକ ଶ୍ରେଣୀ , ଅଧିକାଂଶ ରାଜନେତା ଭଗବାନ୍ ରାମଙ୍କ ଦର୍ଶନକୁ ମାନନ୍ତି ନାହିଁ। ଶ୍ରୀରାମଙ୍କ ତ୍ୟାଗ ଓ ବଳିଦାନକୁ ଅନୁସରଣ କରନ୍ତି ନାହିଁ। ସର୍ବଦା ଲୋକଙ୍କ ସମସ୍ୟା, ଭାବନା ପ୍ରତି ଉଦାସୀନ। କ୍ଷମତା ହାସଲ କରିବା ବା ବଜାୟ ରଖିବାପାଇଁ ସର୍ବଦା ପ୍ରୟାସ କରିବା ସହ ଆତ୍ମ ପ୍ରଚାରରେ ଲିପ୍ତ ରହୁଛନ୍ତି। ଅପରପକ୍ଷରେ ଲୋକଙ୍କ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ନିଜର ବିଫଳତାକୁ ଘୋଡ଼ାଇବା ପାଇଁ ଲୋକଙ୍କ ଧାର୍ମିକ ଭାବନାର ଫାଇଦା ନେଉଛନ୍ତି।

ପ୍ରଭୁ ଶ୍ରୀରାମ ପିତୃସତ୍ୟ ପାଳନ କରିବାକୁ ଯାଇ ୧୪ ବର୍ଷ ବନବାସ ଯାଇଥିଲେ ଓ ସନ୍ନ୍ୟାସୀ ଜୀବନ ବିତାଇଥିଲେ। କିନ୍ତୁ ଯେତେବେଳେ ଧର୍ମୀୟ ସ୍ଥଳକୁ ଯିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି, କୋଟି କୋଟି ଲୋକ ଶ୍ରୀରାମଙ୍କୁ ପୂଜାକରୁଛନ୍ତି, ସେତେବେଳେ କୋଟି କୋଟି ବୟସ୍କ ଲୋକ ତାଙ୍କ ପିଲାଙ୍କ ଦ୍ୱାରା ଅବହେଳିତ। ଅନେକେ ଜରାଶ୍ରମରେ ରହୁଛନ୍ତି। କର୍ନାଟକ ଉଚ୍ଚ ନ୍ୟାୟାଳୟ ମଧ୍ୟ ଏକ ରାୟରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଯୌଥ ପରିବାର ଆଜି ବିଲୁପ୍ତହେବାକୁ ବସିଲାଣି। ଆଜିର ପରିବାର କହିଲେ ସ୍ୱାମୀ, ସ୍ତ୍ରୀ ଓ ପିଲାଙ୍କୁ ବୁଝାଯାଉଛି। ଲୋକ କୋଟି କୋଟି ଟଙ୍କା ବ୍ୟୟକରି ଘର, ଗାଡ଼ି କିଣୁଛନ୍ତି। କିନ୍ତୁ ନିଜ ଭାଇ, ଭଉଣୀ ବାପା ମା'ଙ୍କ ପାଇଁ ଟଙ୍କାଟିଏ ଖର୍ଚ୍ଚ କରିବାକୁ ଅନିଚ୍ଛୁକ। ଆସ୍ତେ ଆସ୍ତେ ସେବା ମନୋବୃତ୍ତି ହ୍ରାସ ପାଉଛି। ରାମରାଜ୍ୟ କଥା କହିଲେ ଲୋକ ସୁଖ ଓ ଶାନ୍ତିରେ ରହିବା ଆବଶ୍ୟକ। ବିଶ୍ୱ ସୁଖ ସୂଚକାଙ୍କ ୨୦୨୩ (୧୪୬ଦେଶ ମଧ୍ୟରୁ୧୩୬), ବିଶ୍ୱ ଶାନ୍ତି ସୂଚକାଙ୍କ ୨୦୨୨ (୧୬୩ଦେଶ ମଧ୍ୟରେ୧୩୫)ରେ ଭାରତ ରହିଛି। ଭାରତ ନିମ୍ନ ଶାନ୍ତି ଦେଶ ଭାବେ ସ୍ଥାନିତ ହୋଇଛି। ଭାରତରେ ଅଶାନ୍ତି, ଆତ୍ମହତ୍ୟା, ଅପରାଧ ବୃଦ୍ଧି ପାଇଛି।

ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ ତଥ୍ୟ ୨୦୨୨ ଅନୁଯାୟୀ, ପ୍ରତିଦିନ ଭାରତରେ ୪୬୮ ଜଣ ଆତ୍ମହତ୍ୟା କରୁଛନ୍ତି। ଆତ୍ମହତ୍ୟା ହାର ଯାହା ୨୦୧୮ରେ ୧ ଲକ୍ଷରେ ୧୦.୨ ଥିଲା, ତାହା ୨୦୨୨ରେ ୧୨.୪କୁ ବୃଦ୍ଧି ପାଇଛି। ୨୦୧୭ରେ ଆତ୍ମହତ୍ୟା କରିଥିବା ଲୋକଙ୍କ ସଂଖ୍ୟା ୧,୩୪,୫୧୬ ଥିଲାବେଳେ ୨୦୨୧ରେ ୧,୬୫,୦୩୩,୨୦୨୨ରେ ୧,୭୧,୦୦୦କୁ ବୃଦ୍ଧି ପାଇଛି। ଅର୍ଥାତ୍ ୨୦୨୨ରେ ଆତ୍ମହତ୍ୟା ହାର ୨୦୨୧ ତୁଳନାରେ ୪.୩% ଏବଂ ୨୦୧୮ ତୁଳନାରେ ୨୭% ଅଧିକ। କେବଳ ଆତ୍ମହତ୍ୟା କରିଥିବା ଲୋକଙ୍କ ମଧ୍ୟରୁ ଦିନ ମଜୁରିଆ ୨୬%। ୨୦୨୨ରେ ୧୫୦ ପରିବାର ସମ୍ପୂର୍ଣ୍ଣ ଭାବେ ଆତ୍ମହତ୍ୟା କରିଥିଲେ। ୨୦୧୩ ରୁ ୨୦୨୨ ମଧ୍ୟରେ ଅତ୍ୟଧିକ ଥଣ୍ଡା ଯୋଗୁ କେବଳ ୮୦୦ ଲୋକ ପ୍ରାଣ ହରାଇଛନ୍ତି।



ରାମରାଜ୍ୟ କଥା ଭାବିଲେ ପ୍ରଥମେ ଆଇନ ପ୍ରଣେତା ଅପରାଧରେ ସଂଶ୍ଳିଷ୍ଟ ହେବା ଅନୁଚିତ। କିନ୍ତୁ ଲୋକ ସଭା ଏବଂ ରାଜ୍ୟ ସଭାର ୭୬୩ ସାଂସଦଙ୍କ ମଧ୍ୟରୁ ୪୦% ବା ୩୦୬ଜଣ ସାଂସଦଙ୍କ ବିରୋଧରେ ଆପରାଧିକ ମାମଲା ରହିଛି ବୋଲି ସେମାନେ ନିଜେ ଘୋଷଣା କରିଛନ୍ତି। ପୁନଶ୍ଚ ୨୫% ବା ୧୯୪ ସାଂସଦଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ, ଅପହରଣ, ଅପରାଧ ଭଳି ମାମଲା ସହ ଗୁରୁତର ଆପରାଧିକ ମାମଲା ରହିଛି। ସାଂସଦଙ୍କ ହାରାହାରି ସମ୍ପତ୍ତି ୩୮.୩ କୋଟି ଟଙ୍କା ଏବଂ ୫୩% ସାଂସଦ ଅରବପତି । ପୁନଶ୍ଚ ଗାନ୍ଧିଜୀଙ୍କ ଅନୁଯାୟୀ ରାମରାଜ୍ୟରେ ଉଭୟ ରାଜକୁମାର ବା ଧନୀ ଏବଂ ଗରିବଙ୍କର ସମାନ ଅଧିକାର ରହିଥାଏ। କିନ୍ତୁ ଆଜି ଗରିବ ଓ ଧନୀ ମଧ୍ୟରେ ବୈଷମ୍ୟ ବୃଦ୍ଧି ପାଇଛି। କର୍ପୋରେଟ, ସେଲିବ୍ରିଟି ଏବଂ ଧନୀମାନେ ଦେଶର ସମ୍ବଳକୁ ଲୁଟ କରୁଛନ୍ତି , ବ୍ୟାଙ୍କ ଋଣ ଶୁଝୁନାହାନ୍ତି, ଟିକସ ଫାଙ୍କୁଛନ୍ତି। ଆଇନ ତାଙ୍କୁ ସ୍ପର୍ଶ କରିପାରୁନାହିଁ।

ବିଶ୍ୱରେ ରୁଷିଆ ପରେ ଭାରତ ଦ୍ୱିତୀୟ ସର୍ବାଧିକ ବୈଷମ୍ୟପୂର୍ଣ୍ଣ ରାଷ୍ଟ୍ର। ବିଗତ ୧ ଦଶନ୍ଧିରେ (୨୦୧୨-୨୦୨୧) ମଧ୍ୟରେ ଦେଶରେ ଯେତିକି ସମ୍ପଦ ସୃଷ୍ଟି ହୋଇଛି ତା'ର ୪୦%ରୁ ଊର୍ଦ୍ଧ୍ୱ କେବଳ ଉପର ଶ୍ରେଷ୍ଠ ଧନୀ ୧% ଲୋକଙ୍କ ପାଖକୁ ଯାଇଥିବାବେଳେ ନିମ୍ନରେ ଥିବା ୫୦% ଲୋକଙ୍କ ପାଖକୁ ମାତ୍ର ୩% ସମ୍ପଦ ଯାଇଥିବା ଜଣାପଡ଼ିଛି। କରୋନା ମହାମାରୀ ସମୟରେ ଲୋକ ମୃତ୍ୟୁବରଣ କରିବା ସହ ଓ ତାଙ୍କ ଆୟ ହ୍ରାସ ଘଟିଥିଲା ଏବଂ ୧,୪୭,୪୯୨ ଜଣ ଶିଶୁ ତାଙ୍କର ବାପା ବା ମା' ବା ଉଭୟ ବାପା ଓ ମା'ଙ୍କୁ ହରାଇଥିଲେ। କିନ୍ତୁ ଏହି ସମୟରେ ଅରବପତିଙ୍କ ସମ୍ପଦ ୩୫% ବୃଦ୍ଧି ପାଇଥିଲା।

'ରାମରାଜ୍ୟ' ଅର୍ଥ ଲୋକଙ୍କ ସ୍ୱାଧୀନ ମତ ଦେବାର ଅଧିକାର ବଳବତ୍ତର ରହିବା ଅର୍ଥାତ୍ ଗଣମାଧ୍ୟମ ସ୍ୱାଧୀନ ଭାବେ କାର୍ଯ୍ୟକରିବା , ଯାହା ଆଜି ନିମ୍ନମୁଖୀ। ଲୋକଙ୍କ ପାଖରେ ଠିକ୍ ତଥ୍ୟ ପହଞ୍ଚୁନାହିଁ। ବିଶ୍ୱ ଅର୍ଥନୈତିକ ଫୋରମର ବିଶ୍ୱ ବିପଦ ରିପୋର୍ଟ ୨୦୨୪ ଅନୁସାରେ ୩୪ଟି ବିପଦ ମଧ୍ୟରୁ ମିଛ ତଥ୍ୟ ଓ ସୂଚନା ପ୍ରସାରଣ ଓ ପ୍ରଚାରରେ ଭାରତ ବିଶ୍ୱରେ ପ୍ରଥମ। କିନ୍ତୁ ଜନସାଧାରଙ୍କ ଗଣତାନ୍ତ୍ରିକ ଅଧିକାର ଆଜି ବିପନ୍ନ। ଚାରୋଟି ପ୍ରସିଦ୍ଧ ରିପୋର୍ଟ, ଫ୍ରିଡମ୍ ହାଉସ୍ ରିପୋର୍ଟ, ଗ୍ଲୋବାଲ ଡେମୋକ୍ରାସି ଇଣ୍ଡେକ୍ସ ଏବଂ ବିଶ୍ୱ ପ୍ରେସ୍ ଇଣ୍ଡେକ୍ସ, ଭି-ଡେମ୍ ରିପୋର୍ଟର ବିଶ୍ଳେଷଣର ଏହା ମଧ୍ୟ ପ୍ରତିପାଦନ ହୋଇଛି। ବାସ୍ତବରେ ଭାରତୀୟ ଗଣତନ୍ତ୍ରକୁ ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର ବୋଲି କୁହାଯାଉଛି।

ନିଶ୍ଚୟ ରାମରାଜ୍ୟ ପ୍ରତିଷ୍ଠା ହେଲେ ସମସ୍ତେ ଖୁସି ହେବେ। କିନ୍ତୁ ଏହା କ'ଣ ମୁକ୍ତ ଓ ବଜାରଭିତ୍ତିକ ଅର୍ଥନୀତି, ତ୍ରୁଟିପୂର୍ଣ ତଥା ଶୋଷଣଭିତ୍ତିକ ବ୍ୟବସ୍ଥାରେ ସମ୍ଭବ ? ଯେତେବେଳେ ସମାଜ ଦିନକୁ ଦିନ ଅଧିକ କଳୁଷିତ ହେବା ସହ ଅପରାଧ, ଦୁର୍ନୀତି, ହିଂସା, ଦ୍ୱେଷ, ଲୁଣ୍ଠନ, ଠକାମି ଓ ଶୋଷଣ ବୃଦ୍ଧିପାଉଛି ; ଦିନକୁ ଦିନ ଲୋକ ବିଶେଷକରି କ୍ଷମତାଶାଳୀ, ବିତ୍ତଶାଳୀ ଅଧିକ ଗର୍ବୀ, ଅହଂକାରୀ, ସମ୍ବେଦନହୀନ ଓ ସ୍ୱାର୍ଥପର ହେଉଛନ୍ତି, ସେତେବେଳେ ଏକ ନ୍ୟାୟପୂର୍ଣ୍ଣ ବ୍ୟବସ୍ଥା ଓ ସୁସ୍ଥ ସମାଜ ଆଶା କରିବା ଅସମ୍ଭବ। ରାମରାଜ୍ୟ ପ୍ରତିଷ୍ଠା କରିବା ଏକ ମରୀଚିକା। ଆମ ଦେଶରେ ଏକ ବିଡ଼ମ୍ବନା ହେଉଛି, ଯେତେବେଳେ ମନ୍ଦିର ଭିତରେ ଧନୀ, କର୍ପୋରେଟ୍, ରାଜନେତା ଓ ମଧ୍ୟବିତ୍ତ ନିଜ ନିଜର ଉନ୍ନତି ପାଇଁ ପ୍ରାର୍ଥନା କରୁଛନ୍ତି, ସେତିକି ବେଳେ ଗରିବ, ଭିକାରୀ ମନ୍ଦିର ପାର୍ଶ୍ୱରେ ବସି ପେଟ ପାଇଁ ଭିକ୍ଷା ମାଗୁଛନ୍ତି।

**ମୋ:୯୪୩୭୨୦୮୭୬୨**

## ଚିରନ୍ତନୀ

ଏ ଦେଶ କାହୁଁ ଚିହ୍ନିଲ ତୁମେ
ସଦା ଯେ ତୁମେ ନିଜକୁ ଭୁଲି ?
କହ ଗୋ କାହୁଁ ଆସିଲ ଏଥି
ଚରଣ ତଳେ ଫୁଟାଇ ଫୁଲ।
-(ନିଜ ଭୁଲା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କୋଚିଂ ସେଣ୍ଟର ଉପରେ ଅଙ୍କୁଶ

ମହାଶୟ,

ପିଲାଙ୍କୁ କୋଚିଂ ସେଣ୍ଟର ମନା। ୧୬ ବର୍ଷରୁ କମ୍ ବୟସର ପିଲାମାନେ କୋଚିଂ ସେଣ୍ଟର ଯାଇପାରିବେ ନାହିଁ। ଏପରି କଡ଼ା ନିୟମ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଶିକ୍ଷା ମନ୍ତ୍ରଣାଳୟ ଆଣିଛି, ଏହାକୁ ନେଇ ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଶିକ୍ଷାକ୍ଷେତ୍ରରେ ପରିପକ୍ୱତା ଆଣିବା ପାଇଁ କୋଚିଂ ସେଣ୍ଟରର ଆବଶ୍ୟକତା ରହିଛି। କିନ୍ତୁ କିଛି କୋଚିଂ ସେଣ୍ଟର ଶିକ୍ଷା ଦେବା ନାଁରେ ଛାତ୍ରୀଛାତ୍ରଙ୍କୁ ଲୁଟିବାରେ ଲାଗିଛନ୍ତି। ସେଥିପାଇଁ ଏପରି ନିୟମର ଆବଶ୍ୟକତା ରହିଛି। ସରକାର ଯେଉଁ ନିୟମ ଆଣିଛନ୍ତି ତାହା ସ୍ୱାଗତଯୋଗ୍ୟ। କିନ୍ତୁ ଯେପରି ପିଲାଙ୍କ ପଢ଼ାରେ ବ୍ୟାଘାତ ନ ଆସେ ସେଥି ନିମିତ୍ତ ତତ୍ପର ହୁଅନ୍ତୁ।

**-ସତ୍ୟସିଂହ ଶତପଥୀ, ହାଉସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଚିକିତ୍ସା ପାଇଁ ଲୋକଙ୍କ ଅର୍ଥଚିନ୍ତା ଦୂର ହୋଇଛି: ମୁଖ୍ୟମନ୍ତ୍ରୀ

## ୧୬ ଉପଜିଲାସ୍ତରୀୟ ଡାକ୍ତରଖାନାରେ ଡାଏଲିସିସ କେନ୍ଦ୍ର ଲୋକାର୍ପିତ

- ୫-ଟି ଉପକ୍ରମରେ ଉପଜିଲା ସ୍ତରରେ ୩୨ଟି ଖୋଲାଯିବ
- ବିନା ମୂଲ୍ୟରେ ମିଳିବ ଡାଏଲିସିସ୍ ସେବା

ଭୁବନେଶ୍ୱର,୧।୨(ଅନିଲ ଦାସ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସରେ ୧୬ ଉପଜିଲାସ୍ତରୀୟ ଡାକ୍ତରଖାନାରେ ଡାଏଲିସିସ୍ କେନ୍ଦ୍ର ଲୋକାର୍ପଣ କରିଛନ୍ତି। ଏହି କେନ୍ଦ୍ରଗୁଡ଼ିକ ହେଲା ଖୋର୍ଦ୍ଧା, ପାଲଲହଡ଼ା, ତାଳଚେର, ସୋର,କାମାକ୍ଷାନଗର, ହିନ୍ଦୋଳ, ଧର୍ମଗଡ଼, ଗୁଣୁପୁର, ବାଲିଗୁଡ଼ା, ଆନନ୍ଦପୁର, ଚମ୍ପୁଆ, ବଣାଇଗଡ଼, ରାଇରଙ୍ଗପୁର, ଉଦଳା, ତିଗିରିଆ ଓ ଡୁଙ୍ଗୁରିପାଲି। ସାରା ରାଜ୍ୟରେ ୫-ଟି ଉପକ୍ରମରେ ଉପଜିଲା ସ୍ତରରେ ୩୨ ଡାଏଲିସିସ୍ କେନ୍ଦ୍ର ଖୋଲାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାରୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ରଗୁଡ଼ିକରେ ମାଗଣାରେ ଚିକିତ୍ସା ଦିଆଯିବା ସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ବିଏସ୍‌କେୱାଇ ନବୀନ କାର୍ଡ ଜରିଆରେ ବର୍ଷକୁ ୪ କୋଟିରୁ ଅଧିକ ଲୋକଙ୍କୁ ବିନା ମୂଲ୍ୟରେ ଉତ୍ତମ ଚିକିତ୍ସା ଯୋଗାଇ ଦିଆଯାଉଛି। ଏହା ଦ୍ୱାରା ରୋଗ ହେଲେ ଲୋକମାନଙ୍କର ଅର୍ଥ ପାଇଁ ଚିନ୍ତା କରିବାର ସମସ୍ୟା ଦୂର ହୋଇପାରିଛି। ଏସବୁ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ଏଣିକି କିଡ୍‌ନୀ ରୋଗୀମାନେ ଘର ପାଖରେ ବିନା ମୂଲ୍ୟରେ ଡାଏଲିସିସ୍ ସେବା ପାଇପାରିବେ। ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟରେ ୨୦୧୮ରେ ମାଗଣା ଡାଏଲିସିସ୍ ସେବା-ସହାୟ ଆରମ୍ଭ ହୋଇଥିଲା। ଏହି ସେବା ଯୋଗାଇ ଦେବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ପ୍ରଥମ ପର୍ଯ୍ୟାୟରେ ସମସ୍ତ ଜିଲା ସଦର ମହକୁମା ଡାକ୍ତରଖାନାରେ ଆରମ୍ଭ ହୋଇଥିଲା। ଏବେ ୫-ଟି ଉପକ୍ରମରେ ଏହାକୁ ଉପଜିଲାସ୍ତରୀୟ ଡାକ୍ତରଖାନା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ଉପଜିଲା ସ୍ତରରେ ୩୨ଟି ଡାଏଲିସିସ୍ କେନ୍ଦ୍ର ଖୋଲାଯିବ। ରୋଗୀଙ୍କୁ ମାଗଣା ଡାଏଲିସିସ୍ ସେବା ଦେବା ପାଇଁ ରାଜ୍ୟ ସରକାର ବର୍ଷକୁ ୫୦ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସରକାରୀ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକର ରୂପାନ୍ତର କରାଯାଉଛି। ଆମ ହସ୍ପିଟାଲ କାର୍ଯ୍ୟକ୍ରମରେ ରୋଗୀଙ୍କୁ ଭଲ ସେବା ଯୋଗାଇ ଦେବା ପାଇଁ କାମ ଚାଲିଛି। ସେଠାରେ ଧନୀ, ଗରିବ ସମସ୍ତଙ୍କୁ ମାଗଣା ଚିକିତ୍ସା ସୁବିଧା ମିଳୁଛି। ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା ଲକ୍ଷ୍ୟ ପୂରଣ ଦିଗରେ ଆମର ଏହି କାର୍ଯ୍ୟକ୍ରମ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ପ୍ରକଟ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି ବୋଲି କହିଛନ୍ତି। ସେହିପରି କଟକ ଜିଲା ତିଗିରିଆରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୁଗାନ୍ତକାରୀ ଯୋଜନା ଓ କାର୍ଯ୍ୟକ୍ରମ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଦେଶରେ ଉଦାହରଣ ସୃଷ୍ଟି କରିଛନ୍ତି।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ କ୍ୟାନ୍‌ସର ଓ କିଡ୍‌ନୀ ରୋଗ ପାଇଁ ବହୁତ ଟଙ୍କା ଖର୍ଚ୍ଚ ହୋଇଥାଏ। ମୁଖ୍ୟମନ୍ତ୍ରୀ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କୁ ତାଙ୍କ ପରିବାର ଭାବେ ଗ୍ରହଣ କରିଛନ୍ତି। ତେଣୁ ଏହାକୁ ଗୁରୁତ୍ୱର ସହ ନେଇ କ୍ୟାନ୍‌ସର ପାଇଁ କେମୋଥେରାପି ସୁବିଧା ଓ କିଡ୍‌ନୀ ରୋଗ ପାଇଁ ଡାଏଲିସିସ୍ ସୁବିଧା ଘର ପାଖରେ ମାଗଣାରେ କରିଛନ୍ତି। ସମସ୍ତ ରୋଗୀ ଏଣିକି ବିନା ଖର୍ଚ୍ଚରେ ଘର ପାଖରେ ଏହି ସୁବିଧା ପାଇବେ। ଗ୍ରାମାଞ୍ଚଳରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ବିଜୁ ନବୀନ କାର୍ଡ ଆରମ୍ଭ କରାଯାଇଛି। ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ସବୁ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହେବେ। ବିଏସ୍‌କେୱାଇ ନବୀନ କାର୍ଡ ପଞ୍ଜୀକରଣ ସମୟ ଅବଧିକୁ ଆବଶ୍ୟକ ପଡିଲେ ଆହୁରି ବୃଦ୍ଧି କରାଯିବ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

ସୂଚନାଯୋଗ୍ୟ ଯେ ପୂର୍ବରୁ ୨୦୧୮ରେ ରାଜ୍ୟ ସରକାର 'ସହାୟ-ଦେୟମୁକ୍ତ ଡାଏଲିସିସ୍ ସେବା' ଆରମ୍ଭ କରିଥିଲେ। ଏଥିରେ ମେଡିକାଲ କଲେଜ ହସ୍ପିଟାଲ ଓ ଜିଲା ହେଡ୍‌କ୍ୱାର୍ଟର୍ସ ହସ୍ପିଟାଲରେ ୩୬ଟି ଡାଏଲିସିସ୍ କେନ୍ଦ୍ର ଖୋଲିଥିଲେ। ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ ଉପଜିଲା ସ୍ତରରେ ୩୨ଟି ଡାଏଲିସିସ୍ କେନ୍ଦ୍ର ଖୋଲିବାକୁ ଲକ୍ଷ୍ୟ ରଖାଯାଇଛି।

# ଛାତ୍ରୀଛାତ୍ରଙ୍କୁ ଗୁରୁମନ୍ତ୍ର ଦେଲେ ପାଣ୍ଡିଆନ

## ୫-ଟି ଅଧ୍ୟକ୍ଷଙ୍କ ଗଜପତି, ଢେଙ୍କାନାଳ ଜିଲା ଗସ୍ତ

- ମହାଗୁରୁ ଅଭିଷେକ ଉତ୍ସବରେ ଯୋଗଦେଲେ
- ୫୬ କଲେଜ, ଉଚ୍ଚମାଧ୍ୟମିକ ସ୍କୁଲ ରୂପାନ୍ତର କାର୍ଯ୍ୟ ଫେବୃଆରୀ ସୁଦ୍ଧା ଶେଷ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁବାର ଗଜପତି ଓ ଢେଙ୍କାନାଳ ଜିଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ସହ ସେ ଭାବବିନିମୟ କରିଛନ୍ତି। ପାଣ୍ଡିଆନ ଗଜପତି ଜିଲାର ଜିରାଙ୍ଗସ୍ଥିତ ପଦ୍ମ ସମ୍ଭବ ବୌଦ୍ଧପୀଠଠାରେ ମହାଗୁରୁ ଅଭିଷେକ ଉତ୍ସବରେ ଯୋଗଦେଇ ପ୍ରାର୍ଥନା କରିଛନ୍ତି। ଏହା ପରେ ସେ ବୌଦ୍ଧ ସନ୍ଥ ଓ ବୌଦ୍ଧ ଭିକ୍ଷୁମାନଙ୍କ ସହିତ ୨.୬୮ କୋଟି ଟଙ୍କାରେ ବୌଦ୍ଧ ପୀଠର ବିକାଶ ପାଇଁ ହେଉଥିବା କାର୍ଯ୍ୟର ସମୀକ୍ଷା କରିଥିଲେ। ୨୦୨୩ ମେ' ମାସରେ ପାଣ୍ଡିଆନ ବୌଦ୍ଧପୀଠ ଗସ୍ତ କରିବା ପରେ ବିକାଶ ପାଇଁ ଉକ୍ତ ଅର୍ଥ ମଞ୍ଜୁର କରାଯାଇଥିଲା। ଏଥିସହିତ ପାଣ୍ଡିଆନ ଜିଲାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଅଗ୍ରଗତି ନେଇ ଜିଲାପାଳ ଓ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଯେପରି ଶେଷ ହେବ ସେ ଦିଗରେ ଧ୍ୟାନ ଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ପାଣ୍ଡିଆନ ନୂଆ-ଓ କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲାର ସମସ୍ତ ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରିଥିଲେ। ପାଣ୍ଡିଆନ କଲେଜ ଛାତ୍ରୀଛାତ୍ରଙ୍କୁ କହିଛନ୍ତି ଯେ ନିଜର ଦକ୍ଷତା ବୃଦ୍ଧି କରିବା ସହ ସାମଗ୍ରିକ ବିକାଶ ପାଇଁ ନୂଆ-ଓ ଏକ ଭଲ ପ୍ଲାଟ୍‌ଫର୍ମ। ଜୀବନରେ ସଫଳତା ପାଇବାକୁ ହେଲେ ଆତ୍ମବିଶ୍ୱାସ ସହ କଠିନ ପରିଶ୍ରମ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଉଦାହରଣ ଦେଇ ପାଣ୍ଡିଆନ ପିଲାମାନଙ୍କୁ ନିଜର ଉଚ୍ଚଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଗୁରୁମନ୍ତ୍ର ଦେଇଛନ୍ତି। ଢେଙ୍କାନାଳ ଜିଲାର ଆଇଏଏସ୍ ଅଫିସର ପ୍ରଦୀପ କୁମାର ଜେନା ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଥିବାବେଳେ ଆଇପିଏସ୍ ଅଫିସର ଅନୁପ କୁମାର ସାହୁ ଆଇଜି ପୋଲିସ, ସ୍ୱର୍ଗତ ପୂର୍ବତନ ବିଚାରପତି ଗତିକୃଷ୍ଣ ମିଶ୍ର, ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ତଥା ବିଶିଷ୍ଟ ଲେଖକ ଓ ଗବେଷକ ଅନ୍ତର୍ଯ୍ୟାମୀ ମିଶ୍ର ଏବଂ ପ୍ରସିଦ୍ଧ ପର୍ବତାରୋହଣକାରୀ କଳ୍ପନା ଦାଶଙ୍କ ବିଷୟରେ ଛାତ୍ରୀଛାତ୍ରଙ୍କୁ ଉଦାହରଣ ଦେଇଥିଲେ। ଏହିଭଳି ଅନେକ ରୋଲ୍‌ମଡେଲ ଢେଙ୍କାନାଳ ଜିଲାରେ ଜନ୍ମହୋଇ ବିଭିନ୍ନ ସରକାରୀ ସ୍କୁଲ ଓ କଲେଜରେ ପଢ଼ି ପ୍ରସିଦ୍ଧି ଅର୍ଜନ କରିଛନ୍ତି। ସେମାନଙ୍କ ଲକ୍ଷ୍ୟ, ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମକୁ ଗ୍ରହଣ କରି ଆଗକୁ ବଢ଼ିବାକୁ ପାଣ୍ଡିଆନ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଢେଙ୍କାନାଳ ଜିଲାରେ ୩୪.୫୦ କୋଟି ଟଙ୍କା ବ୍ୟୟରେ ୫୬ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ କଲେଜ ଓ ଉଚ୍ଚ ମାଧ୍ୟମିକ ସ୍କୁଲର ରୂପାନ୍ତରଣ କାର୍ଯ୍ୟ କରାଯାଉଛି। ଆସନ୍ତା ଫେବୃଆରୀ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବାକୁ ସେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପାଣ୍ଡିଆନ ୨୦୨୩ ଜୁଲାଇରେ ଢେଙ୍କାନାଳ ଜିଲା ଗସ୍ତ ସମୟରେ ଲୋକମାନଙ୍କଠାରୁ ଅଭିଯୋଗ ଗ୍ରହଣ ପରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ଅନେକ ବଡ଼ ବଡ଼ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କରିଛନ୍ତି।

# ପାରାଦୀପ ବନ୍ଦରରେ ରେକର୍ଡ ୧୪.୩୨ ଏମ୍‌ଏମ୍‌ଟି ପଣ୍ୟ କାରବାର

## ଦେଶର ବୃହତ୍ ବନ୍ଦର ମଧ୍ୟରେ ପ୍ରଥମ

ପାରାଦୀପ,୧।୨(ଶରତ ରାଉତ)

ଦେଶରେ ଥିବା ବୃହତ୍ ବନ୍ଦର ମଧ୍ୟରେ ପାରାଦୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରରେ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି। ଗତ ଜାନୁଆରୀରେ ରେକର୍ଡ ୧୪.୩୨ ଏମ୍‌ଏମ୍‌ଟି (ମିଲିୟନ ମେଟ୍ରିକ ଟନ) ପଣ୍ୟ କାରବାର କରିଛି। ଏହା ଦେଶରେ ଥିବା ସମସ୍ତ ବୃହତ୍ ବନ୍ଦର ଇତିହାସରେ ସର୍ବାଧିକ ବୋଲି ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ସୂଚନା ଦେଇଛନ୍ତି। ସେହିପରି ଗତ ଜାନୁଆରୀରେ ୬୩୮ ପଣ୍ୟବାହୀ ଜାହାଜରୁ ବୋଝେଇ ଖଲାସ ହୋଇଛି ବୋଲି ସେ କହିଛନ୍ତି। ଏହି ସଫଳତା ପାଇଁ ଗୁରୁବାର ବନ୍ଦର ପ୍ରଶାସନିକ ଭବନରେ ବିଭାଗୀୟ ମୁଖ୍ୟମାନଙ୍କ ସହ ଏକ ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ଅଧ୍ୟକ୍ଷ ହାରାନ୍ଧ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ପାରାଦୀପ ବନ୍ଦରର ଟିମ୍‌କୁ କୃତଜ୍ଞତା ଜଣାଇଛନ୍ତି। ଏହାପୂର୍ବରୁ ୨୦୨୩ ଡିସେମ୍ବରରେ ପାରାଦୀପ ବନ୍ଦର ମାସିକ ପଣ୍ୟ କାରବାର କ୍ଷେତ୍ରରେ ୧୩.୦୫ ଏମ୍‌ଏମ୍‌ଟି ପଣ୍ୟ କାରବାର କରିଥିଲା। ଏହି କାରବାରରେ ଅଭିବୃଦ୍ଧି ୯.୬୭% ବୋଲି କୁହାଯାଇଛି।

# ବଢ଼ିଲା ଅନ୍ତରୀଣ ସୁରକ୍ଷା ଅବଧି

କଟକ,୧।୨(କାର୍ତ୍ତିକ ସାହୁ)

ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଅନ୍ତରୀଣ ସୁରକ୍ଷା ଅବଧିକୁ ହାଇକୋର୍ଟ ପୁଣି ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଫଳରେ ସେପର୍ଯ୍ୟନ୍ତ ତାଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ମାହାଙ୍ଗା ଡବଲ ମର୍ଡର ଘଟଣାରେ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଦାଏର ମାମଲାର ଶୁଣାଣିକୁ ଆସନ୍ତା ୧୩ ତାରିଖ ଯାଏ ହାଇକୋର୍ଟ ଘୁଞ୍ଚାଇ ଦେଇଛନ୍ତି। ବିଚାରପତି ବି.ପି. ରାଉତରାୟଙ୍କ ଅଦାଲତ ଏହି ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ଆସନ୍ତା ୧୩ ତାରିଖକୁ ପରବର୍ତ୍ତୀ ଶୁଣାଣି ନିମନ୍ତେ ଧାର୍ଯ୍ୟ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୧ ଜାନୁଆରୀ ୨ ତାରିଖରେ ଭାଜପା ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କ ହତ୍ୟା ଘଟଣାର ତଦନ୍ତର ଫଳାଫଳ ବିରୋଧରେ ରମାକାନ୍ତ ବରାଳ ସାଲେପୁର ଜେଏମଏଫ୍‌ସି ଅଦାଲତରେ ପ୍ରୋଟେଷ୍ଟ ପିଟିଶନ ଦାଖଲ କରିଥିଲେ। ଅଦାଲତ ଏହି ପିଟିଶନର ଶୁଣାଣି କରି ଅଧିକ ତଦନ୍ତ ଓ ଫୋନ୍ ବାର୍ତ୍ତାଳାପର ରେକର୍ଡ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ପୋଲିସ ପୁଣି ତଦନ୍ତ କରିଥିଲା।

# ଫେବୃଆରୀ ୨୯କୁ ବଢ଼ିଲା ଫାସ୍‌ଟାଗ୍ କେୱାଇସି ଅପ୍‌ଡେଟ ସମୟସୀମା

ନୂଆଦିଲ୍ଲୀ, ୧।୨

ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ ଦ୍ୱାରା ଫାସ୍‌ଟାଗ୍‌ରେ କେୱାଇସିକୁ ଅପଡେଟ୍ କରିବା ସମୟସୀମାକୁ ବଢାଯାଇଛି। ଫେବୃଆରୀ ୨୯ ତାରିଖ ପର୍ଯ୍ୟନ୍ତ କେୱାଇସି ଅପ୍‌ଡେଟ କରିବା ନେଇ ସମୟସୀମା ଧାର୍ଯ୍ୟ କରିଛି ଏନ୍‌ଏଚ୍‌ଏଆଇ। ଏହା ଦ୍ୱାରା ବହୁ ସଂଖ୍ୟାରେ ଗାଡ଼ି ମାଲିକଙ୍କୁ ମିଳିଛି ଆଶ୍ୱସ୍ତି। ଏବେ ମଧ୍ୟ ଅନେକ ଗ୍ରାହକ ନିଜ ଫାସ୍‌ଟାଗ୍‌ରେ କେୱାଇସିକୁ ଅପଡେଟ କରିନଥିବାରୁ ସମୟସୀମା ବୃଦ୍ଧି କରାଯାଇଥିବା ନେଇ ସ୍ପଷ୍ଟୀକରଣ ରଖିଛି ଏନ୍‌ଏଚ୍‌ଏଆଇ। ପୂର୍ବରୁ ୩୧ ଜାନୁଆରୀ ସୁଦ୍ଧା କେୱାଇସି ଅପଡେଟ ନ କରାଇଲେ ଫାସ୍‌ଟାଗ୍ ଅଚଳ ହୋଇଯିବ ବୋଲି କୁହାଯାଇଥିଲା। ସୂଚନାଯୋଗ୍ୟ, ବୈଦ୍ୟୁତିକ ଭାବେ ଟୋଲ୍ ସଂଗ୍ରହ ପ୍ରଣାଳୀରେ ପାରଦର୍ଶିତା ଆଣିବା ଏବଂ ଟୋଲ୍ ପ୍ଲାଜାଗୁଡ଼ିକରେ ନିରବଚ୍ଛିନ୍ନ ଯାନବାହନ ଯାତାୟତ ପାଇଁ ଫାସ୍‌ଟାଗ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥିଲା।

# କଳାହାଣ୍ଡିରେ ଲାଇଫଂ ଲାଇନ ସାଜିଛି ଲକ୍ଷ୍ମୀ ବସ୍

ଭବାନୀପାଟଣା,୧।୨
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଗମନାଗମନ କ୍ଷେତ୍ରରେ ଏବେ ଲାଇଫଂ ଲାଇନ ସାଜିଛି ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ବସ। ନଭେମ୍ବର ୧ ତାରିଖରେ କଳାହାଣ୍ଡିରେ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀ ବସ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ସମୟରେ ଜିଲାର ୧୩ଟି ବ୍ଲକର ୩୧୦ ପଞ୍ଚାୟତରେ ୬୩ଟି ଲକ୍ଷ୍ମୀ ବସ ଚଳାଚଳ ଆରମ୍ଭ କରିଥିଲା। ଲକ୍ଷ୍ମୀ ବସ ପଞ୍ଚାୟତରୁ ପଞ୍ଚାୟତକୁ ଗ ପରେ ଜିଲାର ମହିଳା, ଚାଷୀ, ଛାତ୍ରଛାତ୍ରୀ ଅନେକ ଲୋକ କମ ଟଙ୍କା ଓ ସୁବିଧାରେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରୁଛନ୍ତି। ଏପରିକି ବ୍ୟବସାୟିକ କ୍ଷେତ୍ରରେ ମଧ୍ୟ ଲକ୍ଷ୍ମୀ ବସ ଆଣିଛି ବୈପ୍ଳବିକ ପରିବର୍ତ୍ତନ। ଗ୍ରାମାଞ୍ଚଳର ଛୋଟମୋଟ ମହିଳା, ପୁରୁଷ କ୍ଷୁଦ୍ର ବ୍ୟବସାୟୀମାନେ ୫ ଟଙ୍କାରେ ସୁବିଧାରେ ନିକଟସ୍ଥ ବଜାରକୁ ଯାଇ ନିଜ ଜିନିଷ ବିକ୍ରି କରି ବେଶ ୨ ପଇସା ରୋଜଗାର କରି ପାରୁଛନ୍ତି। ସ୍କୁଲ, କଲେଜକୁ ପୂର୍ବରୁ ଛାତ୍ରୀଛାତ୍ରମାନେ ଅନ୍ୟ ବସରେ ଯାଉଥିବା ସମୟରେ ଗୋଟିଏ ଥରରେ ୨୦ରୁ ୩୦ ଟଙ୍କା ଦେବାକୁ ପଡୁଥିବାବେଳେ ଏବେ ଲକ୍ଷ୍ମୀ ବସ ଚାଲିବା ପରେ ଉପରୋକ୍ତ ଟଙ୍କାରେ ସେମାନେ ଯିବାଆସିବା କରିପାରୁଛନ୍ତି। ସେହିପରି ମେଡ଼ିକାଲ କ୍ଷେତ୍ରରେ ମଧ୍ୟ କଳାହାଣ୍ଡି ଜିଲାରେ ଲକ୍ଷ୍ମୀ ବସ ବେଶ ସହାୟକ ହୋଇପାରିଛି। ଦିନେ ଯେଉଁ ଅଞ୍ଚଳରେ ବସ ଚଳାଚଳ ସ୍ୱପ୍ନ ଥିଲା ସେହି ଅଞ୍ଚଳରେ ଆଜି ଲକ୍ଷ୍ମୀ ବସ ପହଞ୍ଚି ନିଜ ମାଇଲ ଖୁଣ୍ଟ ସ୍ଥାପନ କରିଛି। ରାଜ୍ୟ ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଯୋଗୁ ଜିଲାର ଅନେକ ଲୋକ ଏବେ ଉପକୃତ ହୋଇଛନ୍ତି। ଲକ୍ଷ୍ମୀ ବସ ଚଳାଚଳ କଳାହାଣ୍ଡିରେ ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ବୋଲି ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ପ୍ରକାଶ କରିଛନ୍ତି।



# ଓଡ଼ିଶା ଲାଭ ପାଇବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୧।୨(ସୁନିତ୍ ମିଶ୍ର)

ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ କେନ୍ଦ୍ରର ଅନ୍ତରୀଣ ବଜେଟରେ ହୋଇଥିବା ବ୍ୟବସ୍ଥା ଓ ଘୋଷଣା ଦ୍ୱାରା ଓଡ଼ିଶା ଭଳି ରାଜ୍ୟ ସିଂହଭାଗ ଲାଭ ପାଇବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏକ ଲୋକାଭିମୁଖୀ, ଅଭିବୃଦ୍ଧି ପ୍ରୋତ୍ସାହନକାରୀ ଓ ଯୁଗାନ୍ତକାରୀ ବଜେଟ ଉପସ୍ଥାପନ କରିଥିବା କହି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି। ଏଥିସହ ସେ କହିଛନ୍ତି, ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବା ପାଇଁ ଯୁବ, ମହିଳା, ଚାଷୀ ଓ ଗରିବଙ୍କୁ ପ୍ରାଥମିକତା ଭିତ୍ତିରେ ବଜେଟ ଉପସ୍ଥାପିତ ହୋଇଛି। ବଜେଟରେ ଆଗାମୀ ଦିନର ରୋଡ୍‌ମ୍ୟାପ୍‌କୁ ପ୍ରତିଫଳିତ କରିଛି। ପୂର୍ବ ଭାରତ ସର୍ବଦା ମୋଦି ସରକାରଙ୍କ ପ୍ରାଥମିକତାରେ ଅଛି। ଚଳିତଥର ରେଳ ବଜେଟରେ ୩ଟି ସ୍ପେଶାଲ କରିଡର ଯଥା ଏନର୍ଜି, ମିନେରାଲ ଓ ସିମେଣ୍ଟ କରିଡରର ପରିକଳ୍ପନା କରାଯାଇଛି। ୨ କୋଟି ଲକ୍ଷପତି ଦିଦି ପୂର୍ବରୁ ଯୋଜନା ହୋଇଥିବା ବେଳେ ୧ କୋଟି ଲକ୍ଷପତି ଦିଦି ତିଆରି ହୋଇଛନ୍ତି। ଏହାକୁ ଦେଖି ମୋଟ ୩ କୋଟି ଲକ୍ଷପତି ଦିଦିର ଦାୟିତ୍ୱ ନିଆଯିବାର ଯୋଜନା ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାରେ ୫ ବର୍ଷରେ ନୂଆ ୨ କୋଟି ଘର ସାମିଲ କରିବା ଯୋଜନା ହୋଇଛି। ପୂର୍ବରୁ ଆବାସ ଯୋଜନାରେ ଓଡ଼ିଶାକୁ ପ୍ରାୟ ୩୪ ଲକ୍ଷ ଘର ଆବଣ୍ଟନ ହୋଇଛି। ସେହିପରି ୧ କୋଟି ଘରକୁ ୩ ଶହ ୟୁନିଟ୍ ମାଗଣା ବିଜୁଳି ଯୋଗାଣର ଯୋଜନା ରହିଛି। ବନ୍ଦର ସଂଯୋଗ କରିଡରରେ ମଧ୍ୟ ଜୋର୍ ଦିଆଯାଇଛି। ଏହି ବଜେଟ ଦ୍ୱାରା ଗରିବ ଲୋକମାନେ ସଶକ୍ତ ହେବେ। ଏହି ବିକଶିତ ଭାରତ ବଜେଟ ଦ୍ୱାରା ଓଡ଼ିଶା ଭଳି ରାଜ୍ୟ ସିଂହଭାଗ ଲାଭ ପାଇବ। ଦେଶକୁ ଆଗକୁ ଯିବା ପାଇଁ ହେଲେ ଜ୍ଞାନ ଓ ଶିକ୍ଷା ଉପରେ ଜୋର ଦେବାର ଆବଶ୍ୟକତା ରହିଛି। ଏହି ବଜେଟରେ 'ଜୟ ଅନୁସନ୍ଧାନ' ଯୋଜନାରେ ଗବେଷଣା, ଉଦ୍ଭାବନ ଓ ଉଦ୍ୟମିତା କ୍ଷେତ୍ରରେ ୫୦ ବର୍ଷ ପର୍ଯ୍ୟନ୍ତ ସୁଧ ମୁକ୍ତ ଋଣ ସହିତ ୧ ଲକ୍ଷ କୋଟି ଟଙ୍କାର କର୍ପସ ପାଣ୍ଠି ଘୋଷଣା ସବୁଠୁ ବଡ଼ ଗେମ୍ ଚେଞ୍ଜର ହେବ। ଏହି ବଜେଟ ଭାରତର ପ୍ରତିଭାସମ୍ପନ୍ନ ଯୁବଶକ୍ତିଙ୍କ ନେତୃତ୍ୱରେ ଗବେଷଣା, ଉଦ୍ଭାବନ ଏବଂ ଉଦ୍ୟମିତାର ଏକ ସୁବର୍ଣ୍ଣ ଯୁଗ ପାଇଁ ପଥ ପ୍ରଶସ୍ତ କରିବ। ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର କଳ୍ପନା ଅନୁଯାୟୀ ଏହି ବଜେଟ ଆମର ଯୁବବର୍ଗଙ୍କ ସମ୍ପୂର୍ଣ୍ଣ ସାମର୍ଥ୍ୟକୁ ଉପଯୋଗ କରିବା ସହ ଭାରତକୁ ଗବେଷଣା, ଉଦ୍ଭାବନ ଏବଂ ଷ୍ଟାର୍ଟଅପର ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବାରେ ସହଯୋଗ ହେବ। ଏହି ବଜେଟ ମହିଳା ଆଧାରିତ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ପଞ୍ଚମ ଜିଲା ପରିଷଦ ବୈଠକ

ଭବାନୀପାଟଣା,୧।୨
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ପରିଷଦ ନୂତନ ସମ୍ମିଳନୀ ଗୃହରେ ଗୁରୁବାର ପଞ୍ଚମ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଭାରପ୍ରାପ୍ତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ଭବାନୀପାଟଣା ସଦର ବିଧାୟକ ପ୍ରତିନିଧି ମନୋଜ ସାହୁ, ନର୍ଲା ବିଧାୟକ ପ୍ରତିନିଧି ସୁଧିର ରଞ୍ଜନ ମହାନ୍ତି, ଲାଞ୍ଜିଗଡ ବିଧାୟକ ପ୍ରତିନିଧି, ଏମ୍‌ପି ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଜିଲାର ବିଭିନ୍ନ ବିଭାଗ ଯଥା ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବିଦ୍ୟୁତ, ୫-ଟି ସ୍କୁଲ, ଜଙ୍ଗଲ, ରାସ୍ତା ଓ ଗୃହ ନିର୍ମାଣ ଉପରେ ସମୀକ୍ଷା କରାଯାଇଥିଲା। ଜିଲା ପରିଷଦ ସଭ୍ୟ ଓ ବ୍ଲକ ଅଧ୍ୟକ୍ଷ ମାନେ ଅଞ୍ଚଳର ବିଭିନ୍ନ ସମସ୍ୟା ଉପସ୍ଥାପନା କରି ଏହାର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ।

# ଆତ୍ମରକ୍ଷା ତାଲିମ ଶିବିର

ଦେଓଗାଁ,୧।୨
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ଧ୍ରୁବାନନ୍ଦ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଛି। କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ସଭାପତିତ୍ୱରେ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ସୁନୀଲ ହରପାଲ ଯୋଗଦେଇ ଆଠଦିନ ଧରି ହେବାକୁ ଥିବା ଶିବିରକୁ ଉଦ୍‌ଘାଟନ କରିଥିଲେ। ମାଷ୍ଟର ଟ୍ରେନର ପ୍ରିୟଙ୍କା ମିଶ୍ର ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ନୋଡାଲ ଅଧିକାରୀ ସରୋଜ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

ଲୋଇସିଂହା,୧।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଯୋଗୀସର୍ଡା ହରିହର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ରଘୁନାଥ ସାହୁ ଅଧ୍ୟକ୍ଷତା କରିଥିଲେ । ବିଲାଇସର୍ଡା କଲେଜ ଇତିହାସ ଅଧ୍ୟାପକ ରୁଦ୍ର ତ୍ରିପାଠୀ ମୁଖ୍ୟବକ୍ତା, ଅଧ୍ୟାପକ ଲକ୍ଷ୍ମୀ ତ୍ରିପାଠୀ, ଭଗବାନ ଶତପଥୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ତ୍ରିପାଠୀ, ଜଗନ୍ନାଥ ସଂସ୍କୃତି ଏବଂ ନବକଳେବର ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ସେକ୍ ସାନସୁଲ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଓଡିଆ କ୍ଷୁଦ୍ରଗଳ୍ପ, ରଚନା, ଓଡିଆ ହସ୍ତାକ୍ଷର, ଓଡିଆ କବିତା ଆବୃତ୍ତି, ବିତର୍କ, ପ୍ରବନ୍ଧ, ଓ ବ୍ୟାକରଣ ଦକ୍ଷତା ବୃଦ୍ଧି ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ।

# ଇକୋସିଷ୍ଟମ୍‌ର ସୁରକ୍ଷା ଜରୁରୀ

## ବିଶ୍ୱ ଆର୍ଦ୍ରଭୂମି ଦିବସ



ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହନ୍ତି ଯେ, ଆମ ପୃଥିବୀର ଅସ୍ତିତ୍ୱ ପାଇଁ ଆର୍ଦ୍ରଭୂମି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଅନେକ ପକ୍ଷୀ ଏବଂ ପ୍ରାଣୀ ଏହା ଉପରେ ନିର୍ଭର କରନ୍ତି। ଜୈବ ବିବିଧତାକୁ ସମୃଦ୍ଧ କରିବା ସହ ସେମାନେ ବନ୍ୟା ନିୟନ୍ତ୍ରଣ ଏବଂ ଭୂତଳ ଜଳ ରିଚାର୍ଜ ମଧ୍ୟ ସୁନିଶ୍ଚିତ କରନ୍ତି।

ବାସ୍ତବରେ ଆର୍ଦ୍ରଭୂମି ଏକ ଗୁରୁତ୍ୱପୂର୍ଣ୍ଣ ଇକୋସିଷ୍ଟମ, ଡ୍ରେନେଜ୍, ପ୍ରଦୂଷଣ ଏବଂ ଅତ୍ୟଧିକ ବ୍ୟବହାର ପରି ମାନବ କାର୍ଯ୍ୟକଳାପ ଯୋଗୁ ଶୀଘ୍ର ନଷ୍ଟହେବାରେ ଲାଗିଛି। ଏହି କ୍ଷୟ ଯୋଗୁ ଜୈବ ବିବିଧତା, ଜଳବାୟୁ ଏବଂ ବିଶ୍ୱର ଅର୍ଥନୀତି ପାଇଁ ଗଭୀର ପ୍ରଭାବ ରହିଛି। ଏହାର ସମାଧାନ ପାଇଁ, ଧାରଣା ପରିବର୍ତ୍ତନ କରିବା ଏବଂ ଆର୍ଦ୍ରଭୂମି ସଂରକ୍ଷଣକୁ ପ୍ରାଥମିକତା ଦେବା ଆବଶ୍ୟକ। ବିଶେଷକରି ବିଶ୍ୱ ଆର୍ଦ୍ରଭୂମି ଦିବସରେ ସଚେତନତା ସୃଷ୍ଟି କରିବା, କାର୍ଯ୍ୟକୁ ଅନୁକରଣ କରିବା ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ଇକୋସିଷ୍ଟମଗୁଡିକର ସୁରକ୍ଷା ପାଇଁ ଜରୁରୀ।

ପ୍ରତିବର୍ଷ ଫେବୃଆରୀ ୨ ରେ ପାଳନ କରାଯାଉଥିବା ବିଶ୍ୱ ଆର୍ଦ୍ରଭୂମି ଦିବସ ଆର୍ଦ୍ରଭୂମି ବିଷୟରେ ସଚେତନତା ସୃଷ୍ଟିକରେ ଏବଂ ୧୯୭୧ରେ ଆର୍ଦ୍ରଭୂମି ସମ୍ମିଳନୀ ଗ୍ରହଣକୁ ସ୍ମରଣ କରିଥାଏ। ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ୭୫/୩୧୭ ରେଜୋଲ୍ୟୁସନ ଗ୍ରହଣ କରି ୨୦୨୨ରେ ବିଶ୍ୱ ଆର୍ଦ୍ରଭୂମି ଦିବସର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶ୍ୱ ଆର୍ଦ୍ରଭୂମି ଦିବସ ୨୦୨୪ର ଥିମ୍ ହେଉଛି, ଯାହା ଆର୍ଦ୍ରଭୂମି ତଥା ମାନବ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧତା ପାଇଁ ଆବଶ୍ୟକ ବନ୍ୟା ସୁରକ୍ଷା, ବିଶୁଦ୍ଧ ଜଳ, ଜୈବ ବିବିଧତା ଏବଂ ମନୋରଞ୍ଜନ ସୁଯୋଗ ଯୋଗାଇ ଆମ ଜୀବନକୁ ବଢାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଚଳିତ ବର୍ଷ ପରିବେଶ, ଜଙ୍ଗଲ ମନ୍ତ୍ରଣାଳୟ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଭାରତ ସରକାର, ମଧ୍ୟପ୍ରଦେଶ ସରକାରଙ୍କ ମିଳିତ ସହଯୋଗରେ ଇନ୍ଦୋରର ସିରିପୁର ଲେକରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳନ କରୁଛନ୍ତି।

ଆର୍ଦ୍ରଭୂମି ଭାରତରେ ଏକ ସାଂସ୍କୃତିକ ଏବଂ ପାରମ୍ପରିକ ଗୁରୁତ୍ୱ ବହନକରେ, ଲୋକଟାକ ହ୍ରଦ ଏବଂ ଖେଚିଓପାଲରି ହ୍ରଦ ପରି ସମ୍ମାନିତ ସ୍ଥାନଗୁଡିକ। ଦେଶର ବିଭିନ୍ନ ଆର୍ଦ୍ରଭୂମି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ ଏବଂ ଯାହା ଚାଣକ୍ୟଙ୍କ ଅର୍ଥଶାସ୍ତ୍ର ପରି ପ୍ରାଚୀନ ଗ୍ରନ୍ଥଗୁଡ଼ିକରେ ଉଲ୍ଲେଖ ରହିଛି। ୧.୩୩ ନିୟୁତ ହେକ୍ଟର ଜମିରେ ଦକ୍ଷିଣ ଏସିଆର ରାମସର ଅଞ୍ଚଳର ବୃହତ୍ତମ ନେଟ୍‌ୱର୍କକୁ ନେଇ ଭାରତ ଆର୍ଦ୍ରଭୂମି ସଂରକ୍ଷଣ କ୍ଷେତ୍ରରେ ଅଗ୍ରଗତି କରିଛି। ଏହି ସ୍ଥାନଗୁଡିକ ଜୈବ ବିବିଧତା ପାଇଁ ଯଥେଷ୍ଟ ଅବଦାନ ଦେଇଥାଏ। ଆର୍ଦ୍ରଭୂମି ସଂରକ୍ଷଣ ପାଇଁ ଭାରତର ପ୍ରତିବଦ୍ଧତା ସମ୍ପ୍ରତି ଦୃଢ ହେବାରେ ଲାଗିଛି। ଜାନୁଆରୀ ୨୦୨୪ ରେ, ରାମସର ସାଇଟ ଗଣନାକୁ ୮୦କୁ ବୃଦ୍ଧି କରି କର୍ଣ୍ଣାଟକ ଏବଂ ତାମିଲନାଡୁର ପାଞ୍ଚଟି ନୂତନ ସାଇଟ ଡିଜାଇନ କରି ଅମୂଲ୍ୟ ଇକୋସିଷ୍ଟମ ସଂରକ୍ଷଣ ପାଇଁ ଉତ୍ସର୍ଗୀକୃତ ପ୍ରଦର୍ଶନ କରିଥିଲା। ଏହା ସହିତ, ୱେଟ୍‌ଲାଣ୍ଡ ଅଫ୍ ଇଣ୍ଡିଆ ପୋର୍ଟାଲ ଆର୍ଦ୍ରଭୂମି ପରିଚାଳକ ଏବଂ ଷ୍ଟେକ୍‌ହୋଲ୍‌ଡରର୍ସଙ୍କ ପାଇଁ ଏକ ନଲେଜ ହବ୍ ଭାବରେ କାର୍ଯ୍ୟ କରିଥାଏ, ବିସ୍ତୃତ ସୂଚନା ଏବଂ ଉତ୍ସ ଯୋଗାଇଥାଏ। ଏହି ପ୍ରୟାସଗୁଡ଼ିକ ଏହାର ଆର୍ଦ୍ରଭୂମି, ଜୈବ ବିବିଧତା, ଜଳବାୟୁ ସ୍ଥିରତା ଏବଂ ମାନବ କଲ୍ୟାଣ ପାଇଁ ଜରୁରୀ ଇକୋସିଷ୍ଟମ ସଂରକ୍ଷଣ ତଥା ପରିଚାଳନା ପାଇଁ ଭାରତର ପ୍ରତିବଦ୍ଧତାକୁ ସୂଚିତ କରେ।

ଜାନୁଆରୀ ୩୧, ୨୦୨୪ ସୁଦ୍ଧା ଭାରତ ଗର୍ବର ସହିତ ମୋଟ ୮୦ଟି ରାମସର ଆର୍ଦ୍ରଭୂମି ଏସିଆର ସର୍ବାଧିକ ଆର୍ଦ୍ରଭୂମି ଥିବା ଦେଶ ଭାବରେ ନିଜର ସ୍ଥିତିକୁ ଦୃଢ କରିପାରିଛି। ଏହି ସଫଳତା ତାମିଲନାଡୁର କରାଇଭେଟୀ ପକ୍ଷୀ ଅଭୟାରଣ୍ୟ ଏବଂ ଲଙ୍ଗ୍‌ଉଡ୍ ଶୋଲା ରିଜର୍ଭ ଜଙ୍ଗଲ ସହିତ ମାଗାଡି କେରେ ସଂରକ୍ଷଣ ରିଜର୍ଭ, ଅଙ୍କସାମୁଦ୍ରା ପକ୍ଷୀ ସଂରକ୍ଷଣ ରିଜର୍ଭ ଏବଂ କର୍ଣ୍ଣାଟକର ଆଗନାଶିନି ଏଷ୍ଟୁରି ସହିତ ପାଞ୍ଚଟି ନୂତନ ସ୍ଥାନ ଯୋଗ ଦ୍ୱାରା ଏହି ସଫଳତା ବୃଦ୍ଧି ପାଇଲା। ଏହି ନାମଗୁଡିକ ଏହାର ଅମୂଲ୍ୟ ଆର୍ଦ୍ରଭୂମି ଇକୋସିଷ୍ଟମ ସଂରକ୍ଷଣ ପାଇଁ ଭାରତର ଅଦମ୍ୟ ପ୍ରତିବଦ୍ଧତାକୁ ସୂଚିତ କରେ।

ଉପକୂଳ ଆର୍ଦ୍ରଭୂମିଗୁଡିକ କୋଷ୍ଟାଲ ରେଗୁଲେଶନ ଜୋନ୍ ବିଜ୍ଞପ୍ତି (୨୦୧୮) ଏବଂ ଦ୍ୱୀପ ସୁରକ୍ଷା ଜୋନ ବିଜ୍ଞପ୍ତି ୨୦୧୧ ଅଧୀନରେ ସୁରକ୍ଷିତ ଅଛି। ଏହି ନିୟମାବଳୀ ଉପକୂଳ ଇକୋସିଷ୍ଟମର ସଂରକ୍ଷଣକୁ ସୁନିଶ୍ଚିତ କରେ, ଜୈବ ବିବିଧତା ସଂରକ୍ଷଣ ତଥା ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ଆର୍ଦ୍ରଭୂମି ଦିବସ ୨୦୨୧ ରେ, ଶକ୍ତି ମନ୍ତ୍ରଣାଳୟ ନମାମି ଗଙ୍ଗେ କାର୍ଯ୍ୟକ୍ରମ ସହିତ ଆର୍ଦ୍ରଭୂମି ସଂରକ୍ଷଣର ଏକୀକରଣ ଉପରେ ଆଲୋକପାତ କରିଛି।

(ପିଆଇବି)

# ବଜେଟ ପ୍ରତିକ୍ରିୟା

## ଜନ ବିରୋଧୀ ବଜେଟ



କେନ୍ଦ୍ର ସରକାର ଗୁରୁବାର ପାର୍ଲାମେଣ୍ଟରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି। ଏହି ବଜେଟରେ ବେକାରି ସମସ୍ୟା ଦୂରକରିବା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ବର୍ଷକୁ ୨ କୋଟି ଚାକିରି ଦେବାକୁ ଯେଉଁ ପ୍ରତିଶ୍ରୁତି ଭାଜପା ଦେଇଥିଲା ତାହା ଏଥିରେ ପ୍ରତିଫଳିତ ହୋଇନାହିଁ। ଦରଦାମ ବୃଦ୍ଧିକୁ ହ୍ରାସ କରିବା ଲାଗି କୌଣସି ପଦକ୍ଷେପ ନିଆଯାଇ ନାହିଁ। ମୋଟାମୋଟି ଭାବେ ଏହା ଗରିବ, ଚାଷୀ ଓ ଜନବିରୋଧୀ ବଜେଟ।

**-ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା**

## ବିକଶିତ ଭାରତ ପାଇଁ ଗ୍ୟାରେଣ୍ଟି



ଆଜି କେନ୍ଦ୍ର ସରକାର ମଧ୍ୟବର୍ତ୍ତିକାଳୀନ ନୁହେଁ ବରଂ ସର୍ବସମାବେଶୀ ଓ ସୃଜନଶୀଳ ବଜେଟ ଉପସ୍ଥାପିତ କରିଛନ୍ତି। ବିକଶିତ ଭାରତର ସ୍ୱପ୍ନକୁ ଆଖି ଆଗରେ ରଖି ଓ ୨୦୪୭ ସୁଦ୍ଧା ଧାର୍ଯ୍ୟଲକ୍ଷ୍ୟ ପୂରଣ ପାଇଁ ଉପସ୍ଥାପିତ ହୋଇଥିବା ଏହି ବଜେଟ ନିଶ୍ଚିତ ସହାୟକ ହେବ। ଦେଶର ୪ଟି ବର୍ଗ ଯଥା ମହିଳା, ଯୁବବର୍ଗ, ଚାଷୀ ଓ ଗରିବଙ୍କ ଉତ୍‌ଥାନ ହେଲେ ଦେଶର ପ୍ରଗତି ହେବା ସୁନିଶ୍ଚିତ। ଏହି ବଜେଟ ବିକଶିତ ଭାରତ ପାଇଁ ଗ୍ୟାରେଣ୍ଟି।

**-ମନମୋହନ ସାମଲ, ଭାଜପା ରାଜ୍ୟ ସଭାପତି**

## ବଡ଼ ଲୋକଙ୍କ ପାଇଁ ଏ ବଜେଟ୍



କେନ୍ଦ୍ର ସରକାର ଆଣିଥିବା ଅନ୍ତରୀଣ ବଜେଟ୍‌ରେ ଗରିବଙ୍କ ପାଇଁ କିଛି ହେଲେ ନାହିଁ। ଏହା କେବଳ ବଡ଼ ଲୋକ ଯେପରିକି ଶିଳ୍ପପତିମାନଙ୍କୁ ସୁହାଇବା ଭଳି ବଜେଟ୍। ଏହି ବଜେଟ୍‌ରେ ଦଳିତ, ପଛୁଆ ବର୍ଗ, ଆଦିବାସୀ, ଯୁବକ, ମହିଳା, ଚାଷୀମାନଙ୍କ ପାଇଁ କୌଣସି ସୁବିଧା ନାହିଁ। ସାଧାରଣ ଲୋକମାନେ ଭାବୁଥିଲେ ଟିକସ ବ୍ୟବସ୍ଥାରେ ସରଳୀକରଣ କରିବେ, ହେଲେ ସେଥିରେ ମଧ୍ୟ କିଛି କଲେ ନାହିଁ। ଯେଉଁଥିରେ ସେମାନଙ୍କ ରାଜନୈତିକ ସ୍ୱାର୍ଥ ରହିଛି, କେବଳ ସେହିଭଳି ବଜେଟ୍ ପ୍ରସ୍ତୁତ କରାଯାଇଛି। ଏମାନେ ସବୁବେଳେ କହୁଛନ୍ତି, କଂଗ୍ରେସ ଦୀର୍ଘବର୍ଷ ଦେଶରେ କ୍ଷମତାରେ ରହି କିଛି କରିଲା ନାହିଁ। ଏନ୍‌ଡିଏ ନେତୃତ୍ୱାଧୀନ ଭାଜପା ସରକାର ୧୦ ବର୍ଷ ଦେଶରେ ସରକାରରେ ରହିଲାଣି, ହେଲେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟ ସାରିପାରିଲେ ନାହିଁ। ଏମାନେ ଖାଲି ରେଲୱେ କ୍ଷେତ୍ରରେ ହଜାର ହଜାର କୋଟି ଓଡ଼ିଶାକୁ ଦେଇ ଦେଉଛନ୍ତି ବୋଲି କହିଲେ କ'ଣ ହେବ। ଏମାନେ କେବଳ ଘୋଷଣା ଏବଂ ପ୍ରଚାର କରିବାରେ ମାଷ୍ଟର।

**-ଶରତ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି**

## ବାସ୍ତବତାଠାରୁ ବହୁ ଦୂରରେ



ଏହା ଏକ ମିଛି ସ୍ୱପ୍ନର ବଜେଟ, ଯାହା ବାସ୍ତବତାଠାରୁ ବହୁତ ଦୂରରେ। ବଜେଟରେ ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ସେପରି କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ଅତ୍ୟଧିକ ମୁଦ୍ରାସ୍ଫୀତି ଓ ଉତ୍କଟ ଦରଦାମ୍ ବୃଦ୍ଧିକୁ କମ୍ କରିବା ପାଇଁ ସେପରି କିଛି ପ୍ରାବଧାନ ନାହିଁ। ବର୍ତ୍ତମାନ ଦେଶରେ ୮୧ କୋଟି ୩୫ ଲକ୍ଷ ଗରିବ ଲୋକ ୫ କେଜି ମାଗଣା ଚାଉଳ ଉପରେ ନିର୍ଭରଶୀଳ ଥିବାବେଳେ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠାଇବା ସମ୍ପୂର୍ଣ୍ଣ ଅଯୁକ୍ତିକ ଓ ହାସ୍ୟାସ୍ପଦ। ଏ ଦେଶରେ ପାରିବାରିକ ଆୟର ୫୦% ବଢ଼ିଥିବା ଦାବି ସମ୍ପୂର୍ଣ୍ଣ ରୂପେ ଅମୂଳକ। କାରଣ ସରକାରୀ ତଥ୍ୟ କୁହେ, ଦେଶର ପ୍ରତ୍ୟେକ ପରିବାରର ଆୟ ୨୫% କମ୍ ହୋଇଛି। ଲକ୍ଷପତି ଦିଦି ଯୋଜନା ବିଷୟରେ କୁହାଯିବା ଏକ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରେ। ଦେଶର ବେରୋଜଗାରି ୪୫ ବର୍ଷରେ ରେକର୍ଡ ଭାଙ୍ଗିଛି ଏବଂ ପାରିବାରିକ ଖର୍ଚ୍ଚ ଅତ୍ୟଧିକ ଦରଦାମ ବୃଦ୍ଧି ଯୋଗୁ ୫ ଗୁଣ ବଢ଼ିଯାଇଛି। ବିତ୍ତୀୟ ନିଅଣ୍ଟ ଏବେ ମଧ୍ୟ ୬% ରହିଛି। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି। ଦେଶର ଋଣଭାର ସର୍ବକାଳୀନ ରେକର୍ଡ ୨୫୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲାଣି।

**-ପଞ୍ଚାନନ କାନୁନ୍‌ଗୋ, ବରିଷ୍ଠ କଂଗ୍ରେସ ନେତା**

## ଦରଦାମ ରୋକିବାରେ ବ୍ୟର୍ଥ ହୋଇଛି ବଜେଟ



ଦୁଃଖର କଥା ଏହି ଅନ୍ତରୀଣ ବଜେଟ ଦେଶର କୋଟି କୋଟି ଚାଷୀ, ଗରିବ ଲୋକ, ମହିଳା ଓ ବେକାର ଯୁବତୀଯୁବକଙ୍କୁ ନିରାଶ କରିଛି। ପେଟ୍ରୋଲ, ଡିଜେଲ ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଡାଲି, ଚାଉଳ, ଅଟା, ଖାଇବା ତେଲ, ମଇଦା, ସୁଜି, ଚିନି ସମେତ ବିଭିନ୍ନ ପନିପରିବା ଦରଦାମ ହୁ ହୁ ହୋଇ ବଢୁଥିବା ବେଳେ ଏହି ବଜେଟ ଦରଦାମ ରୋକିବାରେ ବ୍ୟର୍ଥ ହୋଇଛି। ବେକାରଙ୍କୁ ରୋଜଗାର ଦେବା ପାଇଁ ବଜେଟରେ ନିର୍ଦ୍ଦିଷ୍ଟ କିଛି ପଦକ୍ଷେପ ନିଆଯାଇନାହିଁ। କୃଷକଙ୍କ ଋଣ ଛାଡ କରିବା କିମ୍ବା ସେମାନଙ୍କ ଆୟ ୨ ଗୁଣ ବୃଦ୍ଧି କରିବା ପାଇଁ ଭାଜପା ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଏହି ବଜେଟରେ ତାହା ପ୍ରତିଫଳିତ ହୋଇନାହିଁ। ବ୍ରହ୍ମପୁରର ଶୀତଳାପଲ୍ଲୀଠାରେ ରେଳଡବା କାରଖାନା ପ୍ରତିଷ୍ଠା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ହରିଦାସପୁର-ପାରାଦୀପ ରେଳ ଲାଇନ୍‌ରେ କେନ୍ଦ୍ରାପଡ଼ା ଦେଇ ରେଳ ଚଳାଚଳ କରିବା ପାଇଁ କୌଣସି ପଦକ୍ଷେପ ନିଆ ନ ଯିବା ବଡ଼ ଦୁଃଖର କଥା। କଳାହାଣ୍ଡିର ନର୍ଲାଠାରେ ୱାଗନ୍ ୱାଶିଂ ଫ୍ୟାକ୍ଟ୍ରି ଏବଂ ଓଡ଼ିଶାରେ ଆଉ ୨ଟି ରେଳ ଡିଭିଜନ୍ ଖୋଲିବା ଦିଗରେ ଏହି ବଜେଟ୍ ନିରବ।

**-ରବି ବେହେରା, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି**

## ନିମ୍ନ ଆୟ ବର୍ଗଙ୍କୁ ପରିହାସ କରାଯାଇଛି



ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ଆବଶ୍ୟକ ବ୍ୟୟ ବରାଦ କରାଯାଇନାହିଁ। ଦେଶରେ ସବୁଠାରୁ ଅଧିକ ଶୋଷିତ ବର୍ଗ ଯଥା ଆଦିବାସୀ, ଦଳିତ ଓ ପଛୁଆ ବର୍ଗଙ୍କ ଦାରିଦ୍ର୍ୟ ଦୂରୀକରଣ ପାଇଁ କୌଣସି ବ୍ୟୟ ବରାଦ କରାଯାଇନାହିଁ। କୃଷକଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ସ୍ୱତନ୍ତ୍ର ଲାଭଜନକ ଦର ଅଭିବୃଦ୍ଧି ଘୋଷଣା କରାଯାଇନାହିଁ। କେବଳ ନିର୍ବାଚନ ପାଇଁ କେତେକ ଉଚ୍ଚସ୍ୱରର ଶବ୍ଦାବଳୀ ପ୍ରୟୋଗ ବେଳେ ଜନଗଣଙ୍କ ଜୀବନ ଓ ଜୀବିକା ବାବଦରେ ସରକାର ନିମ୍ନ ଆୟ ବର୍ଗଙ୍କୁ ପରିହାସ କରିଛନ୍ତି। ଚିଟ୍‌ଫଣ୍ଡ ଠକ ସଂସ୍ଥାମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି ଓ ଜମାକାରୀଙ୍କୁ ଫେରସ୍ତ ସମ୍ପର୍କରେ ଏହି ବଜେଟରେ କୌଣସି ବ୍ୟବସ୍ଥା ହୋଇନାହିଁ। କର୍ପୋରେଟ ଟିକସ ରିହାତିକୁ ବ୍ୟବହାରକରି ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଭାଜପା ନିର୍ବାଚନୀ ଚାନ୍ଦା ନେବାର ଯୋଜନାବଦ୍ଧ ବ୍ୟବସ୍ଥା କରାଯାଇଛି।

**-ଜୟନ୍ତ ଦାସ, ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ**

## ଲୋକଙ୍କୁ ଭଣ୍ଡାଇବାକୁ ଏହି ବଜେଟ



ଏଥରକ ବଜେଟ ସମ୍ପୂର୍ଣ୍ଣ ନୈରାଶ୍ୟଜନକ। ଏଥିରେ ରୋଜଗାର ଏବଂ ଦରଦାମ୍ ବୃଦ୍ଧିର ଉପଚାର ପାଇଁ କୌଣସି ବ୍ୟବସ୍ଥା ନାହିଁ। ସେହିଭଳି ଦେଶର ଅର୍ଥନୀତିକୁ ଆଗକୁ ନେବା ପାଇଁ ମଧ୍ୟ କିଛି ଉପଚାର କରାଯାଇନାହିଁ। ଯେଉଁ ମୋଦି ସରକାର ବର୍ଷକୁ ୨ କୋଟି ନିଯୁକ୍ତି ଦେବ ବୋଲି କହିଥିଲା ତାହା କେବଳ ବାକ୍ସସ୍କୋଟରେ ରହିଗଲା। ଓଲଟା ବହୁ ଯୁବପିଢ଼ିଙ୍କ ଚାକିରି ନେଇଯିବା ସହିତ ନିଯୁକ୍ତି କ୍ଷେତ୍ରରେ କୌଣସି ସୁଯୋଗ ମଧ୍ୟ ରଖିନାହାନ୍ତି। କେବଳ ସାଧାରଣ ଲୋକଙ୍କୁ ଭଣ୍ଡାଇବାକୁ ଏହି ବଜେଟ। ମୁଦ୍ରାସ୍ଫୀତି ହ୍ରାସ, ଅର୍ଥନୀତି ବୃଦ୍ଧି, ମହିଳା ଓ ଯୁବକଙ୍କ ପାଇଁ ରୋଜଗାର ସୃଷ୍ଟି କରିବା ଏବଂ ଦୀର୍ଘ ମିଆଦୀ ସୂତ୍ରରେ ଅର୍ଥନୀତିକୁ ଠିକ୍ କରିବାର କୌଣସି ଉପାୟ ଏହି ବଜେଟରେ ନାହିଁ।

**-ନିଶିକାନ୍ତ ମହାପାତ୍ର, ରାଜ୍ୟ ସଭାପତି ଆମ୍ ଆଦ୍‌ମୀ ପାର୍ଟି**

## ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଲୋକେ ଉପକୃତ ହେବେ



ଅନ୍ତରୀଣ ବଜେଟରେ ମିଶ୍ରିତ ଅଭିବ୍ୟକ୍ତି ପ୍ରଦର୍ଶିତ ହୋଇଛି। ଏଥିରେ ମଧ୍ୟବିତ୍ତ ପରିବାର ପାଇଁ ଘର, ସୌର ଉର୍ଜା ବିଷୟରେ ଗୁରୁତ୍ୱ ଦିଆଯାଇଛି। ରେଳ ବଜେଟ ସଂକ୍ରାନ୍ତୀୟ ଘୋଷଣା ଶ୍ରୁତି ମଧୁର ହୋଇଛି। ପ୍ରସ୍ତାବିତ ତିନି କରିଡର ଉପରେ ଫୋକସ କରାଯାଇଛି। ୪୦ ହଜାର ନୂଆ ଟ୍ରେନ୍ ଚଳାଚଳ ଉପରେ ଜୋର ଦିଆଯାଇଛି। ଏହା ହେଲେ ଗମନାଗମନ କ୍ଷେତ୍ରରେ ଦ୍ରୁତ ବିକାଶ ହେବ। ଲୋକେ ଟ୍ରେନ ସୁବିଧା ପାଇପାରିବେ। ତେବେ ଆଗକୁ ନିର୍ବାଚନ ଥିବାରୁ ଏହା କେତେ କାର୍ଯ୍ୟକାରୀ ହେବ ସେନେଇ ସଂଶୟ ରହିଛି। ପୂର୍ବବର୍ଷର ଘୋଷିତ ବଜେଟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ବିଶେଷକରି ରେଳ ଅନୁଦାନ ଖର୍ଚ୍ଚ କରିପାରୁ ନାହାନ୍ତି। ବର୍ଷ ବର୍ଷ ଧରି ପ୍ରକଳ୍ପ କାମ ପଡିରହୁଛି। ଏଣୁ ବଜେଟ ଘୋଷଣାରେ ବିଶେଷ ଖୁସି ହେବାର ନାହିଁ। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଲୋକେ ଉପକୃତ ହେବେ।

**-ପ୍ରଫେସର ତରୁଣ କୁମାର ମିଶ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ, ସୋନପୁର କଲେଜ, ବଲାଙ୍ଗୀର**

## ଅନ୍ତଃସାରହୀନ, ନିର୍ବାଚନ ଇସ୍ତାହାର



କେନ୍ଦ୍ର ସରକାର ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ସଂସଦରେ ଗୁରୁବାର ବଜେଟ ଆଗତ କରିଛନ୍ତି। ଏହି ବଜେଟ ଅନ୍ତଃସାରହୀନ ଓ ନିର୍ବାଚନ ଇସ୍ତାହାର ହୋଇଥିବାରୁ ସାଧାରଣ, ନିମ୍ନ ଓ ମଧ୍ୟବିତ୍ ଶ୍ରେଣୀର ଲୋକ ଉପକୃତ ହେବେ ନାହିଁ। ଏହାର ଉଦାହରଣ ବିଦ୍ୟୁତ୍ ବ୍ୟବସ୍ଥାକୁ ଦେଖିଲେ ଜଣାପଡ଼ିବ। ଦେଶରେ ୧୪୦ କୋଟି ଲୋକସଂଖ୍ୟା ଥିବାବେଳେ ମାତ୍ର ୧ କୋଟି ପରିବାରକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ଦେୟ ଛାଡ଼ ବ୍ୟବସ୍ଥା କରିଛନ୍ତି। ତେବେ ଉପଭୋକ୍ତା ପାଇଁ ସୋଲାର ଭିତ୍ତିଭୂମିକୁ ଏଥିରେ ସାମିଲ କରିଛନ୍ତି। ଏହାଦ୍ୱାରା ସାଧାରଣ ଉପଭୋକ୍ତାଙ୍କୁ କେତେ ସମୟ ଅପେକ୍ଷା କରିବାକୁ ପଡ଼ିବ, ତାହା ବିଶ୍ଳେଷଣ କରାଯାଉ। ସେହିପରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସରଳୀକରଣ ହୋଇନାହିଁ। ପ୍ରୋତ୍ସାହନ ରାଶି କୃଷକଙ୍କ ପାଇଁ ବୃଦ୍ଧି କରାଯାଇନାହିଁ। ରୋଷେଇଶାଳକୁ ନେଇ ମହିଳାଙ୍କ ଦୟନୀୟ ଅବସ୍ଥା ବଦଳାଇବାକୁ କୌଣସି ଯୋଜନା ମଧ୍ୟ ନାହିଁ।

**- ଗଣେଶ୍ୱର ବେହେରା, ରାଜ୍ୟ କଂଗ୍ରେସ ମୁଖପାତ୍ର ତଥା ପୂର୍ବତନ ଶିକ୍ଷାମନ୍ତ୍ରୀ**

## କେନ୍ଦୁଝର ପାଇଁ ସେଭଳି କିଛି ନୂଆ ନାହିଁ



ରେଳ ବଜେଟରେ ଜିଲା ପାଇଁ ସେଭଳି କିଛି ନୂଆ ନାହିଁ। କେନ୍ଦୁଝର ଜିଲାକୁ ଦୁଧିଆଳୀ ଗାଇ ଭଳି ବ୍ୟବହାର କରୁଛନ୍ତି। ତେବେ ଶିଳ୍ପ କିମ୍ବା ରେଲୱେ କ୍ଷେତ୍ରରେ ବିକାଶ ନେଇ କୌଣସି ବ୍ୟବସ୍ଥା ରଖାଯାଇ ନାହିଁ। ବହୁ ବର୍ଷ ଧରି ହେଉଥିବା ନୂଆ ଟ୍ରେନ୍ ଚଳାଚଳ ଦାବି ପୂରଣ ହୋଇ ପାରୁ ନ ଥିବାରୁ ଜିଲାବାସୀ ନିରୁତ୍ସାହିତ ହୋଇଛନ୍ତି।

**-ବରୋଦା ପ୍ରସନ୍ନ ଦାସ,କେନ୍ଦୁଝର ଯୁବ ପରିଷଦ ସଭାପତି**

## ମଧ୍ୟବିତ୍ତ କିଛି ଲାଭ ପାଇବେନି



ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ବଜେଟ ପ୍ରସ୍ତୁତ ହୋଇଛି। ଏହା ଅତ୍ୟନ୍ତ ନିରୁତ୍ସାହିତ ବଜେଟ। ସାଧାରଣ ବଜେଟ ଓ ରେଲୱେ ବଜେଟରେ ଦରଦାମ ନିୟନ୍ତ୍ରଣ, ରେଳ ଭଡ଼ା କମ୍ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ମଧ୍ୟବିତ୍ତ ପରିବାର କିଛି ଲାଭ ପାଇବେ ନାହିଁ। ଆୟକର ପୂର୍ବ ପରି ରଖି ଦିଆଯାଇଛି। ଲାଗୁଛି ନିର୍ବାଚନ ପରେ ଦରଦାମ ଅତ୍ୟଧିକ ବୃଦ୍ଧି ପାଇବ। ଏଥିରେ କେନ୍ଦୁଝର ଭଳି ଆଦିବାସୀ ଜିଲା ପାଇଁ କୌଣସି ନୂତନ ପ୍ରକଳ୍ପ ବ୍ୟବସ୍ଥା ନାହିଁ।

**-ଅଲେଖ ଚନ୍ଦ୍ର ପାତ୍ର, ଅବସରପ୍ରାପ୍ତ କେନ୍ଦ୍ର କ୍ଷେତ୍ର ପ୍ରଚାର ସଂସ୍ଥା ଅଧିକାରୀ**

## ଚାଷୀଙ୍କୁ ନିରାଶ କରିଛି



୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ମୋଦି ସରକାରଙ୍କ ଏହା ହେଉଛି ଏକ ମଧ୍ୟବର୍ତ୍ତିକାଳୀନ ବଜେଟ୍। ଆଶା କରାଯାଉଥିଲା, ଏହି ବଜେଟ୍‌ରେ କୃଷକମାନଙ୍କ ପାଇଁ କିଛି ଘୋଷଣା କରାଯିବ। ହେଲେ ଏହି ବଜେଟ୍ ଅଗଣିତ କୃଷକଙ୍କୁ ନିରାଶ କରିଛି। କୃଷକମାନଙ୍କ ଆୟ ୨ଗୁଣା ହେଲାନାହିଁ। ସ୍ୱାମୀନାଥନ କମିଶନର ସୁପାରିଶକ୍ରମେ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ମଧ୍ୟ ହେଲାନାହିଁ। ଧାନ, ଗହମର ସର୍ବନିମ୍ନ ସହାୟକ ଦରବୃଦ୍ଧି କରାଗଲା ନାହିଁ । ଋଣଛାଡ଼ ବିଷୟରେ ମଧ୍ୟ ବଜେଟ୍‌ରେ କୌଣସି ବ୍ୟବସ୍ଥା ନାହିଁ । ଦରଦାମ ବୃଦ୍ଧି ରୋକିବାକୁ କିଛି ଉଲ୍ଲେଖ ନାହିଁ। ସରକାର ଭାବୁଛନ୍ତି ଯେ, ରାମ ନାଁରେ ନିର୍ବାଚନୀ ବୈତରଣୀ ପାରି ହୋଇଯିବେ। ସାଧାରଣ ଗରିବ ଖଟିଖିଆ କୃଷକମାନଙ୍କ ପାଇଁ କିଛିନ କଲେ ଲୋକେ ଭୋଟ୍ ଦେଇଦେବେ। କିନ୍ତୁ ଏହା ସରକାରଙ୍କ ଭ୍ରମ। ୨୦୨୪ ସାଧାରଣ ନିର୍ବାଚନରେ ସାଧାରଣ ଜନତା, ଚାଷୀ ଶ୍ରେଣୀ ଉଚିତ୍ ଜବାବ ଦେବେ।

**-ଲିଙ୍ଗରାଜ, ଆବାହକ, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି**

## ନୂତନତ୍ୱ ବିହୀନ ବଜେଟ୍



ଅନ୍ତରୀଣ ବଜେଟ୍ ଏକ କାମଚଳା ବଜେଟ୍ । ସେଥିପାଇଁ ନିର୍ବାଚନକୁ ଆଖି ଆଗରେ ରଖି ବଜେଟ୍ ପ୍ରସ୍ତୁତ ହେବା ସ୍ୱାଭାବିକ। ବିଶେଷକରି ପରୋକ୍ଷ କରକୁ ଅଭିବୃଦ୍ଧି ନ କରାଯିବା ସ୍ପଷ୍ଟଭାବେ ଇଙ୍ଗିତ କରୁଛି, ସରକାର ଏବେ ନିର୍ବାଚନୀ ପ୍ରାକ୍ ପ୍ରସ୍ତୁତି ପଥେ ଅଗ୍ରସର ହେଉଛନ୍ତି। ବଜେଟ୍‌ରେ ଆର୍ଥିକ ଅଭିବୃଦ୍ଧି ଓ ବିକାଶ ଦିଗରେ ସମତୁଲ ବଜାୟ ରଖାଯାଇନାହିଁ ବୋଲି ମନେ ହେଉଛି । ପୁନଶ୍ଚ ବେକାରୀ ଓ ମୂଲ୍ୟବୃଦ୍ଧି ସମ୍ପ୍ରତି ଦେଶର ପ୍ରମୁଖ ସମସ୍ୟା ହୋଇଥିବାବେଳେ ଏହାର ନିରାକରଣ ପାଇଁ ବଜେଟ୍‌ରେ କୌଣସି ନିର୍ଦ୍ଦିଷ୍ଟ ପ୍ରସ୍ତାବ ନାହିଁ। ମୋଟ ଉପରେ ଦେଖିବାକୁ ଗଲେ ଗତାନୁଗତିକ ଧାରାରେ ପ୍ରସ୍ତୁତ ଏହି ବଜେଟ୍ କୌଣସି ନୂତନ ଆର୍ଥିକ ପ୍ରସ୍ତାବନା ସନ୍ନିବେଶିତ ହୋଇ ନ ଥିବା ପରି ମନେହେଉଛି। ସେହିପରି ସମସ୍ୟା ଜର୍ଜରିତ କୃଷିକ୍ଷେତ୍ର ସାଙ୍ଗକୁ କୃଷକଙ୍କ ସମସ୍ୟା ଉପରେ ମଧ୍ୟ ବଜେଟ୍‌ରେ କିଛି ଉଲ୍ଲେଖ କରା ନ ଯିବା ଯେତିକି ଆଶ୍ଚର୍ଯ୍ୟଜନକ, ସେତେ ଦୁଃଖଦାୟକ। କ୍ଷମତାସୀନ ଦଳ ନିଜ ନିର୍ବାଚନ ଇସ୍ତାହାରରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ସଂକଳ୍ପବଦ୍ଧ ହୋଇଥିବାବେଳେ ୯ବର୍ଷ ଭିତରେ ଚାଷୀଙ୍କ ବ୍ୟୟ ଦ୍ୱିଗୁଣିତ ହୋଇସାରିଛି। ମହିଳାଙ୍କ ପ୍ରଗତି ସକାଶେ ମଧ୍ୟ ବଜେଟ୍‌ରେ ବିଶେଷ ଧ୍ୟାନ ଦିଆଯାଇ ନାହିଁ କହିଲେ ଚଳେ ।

**-ସତ୍ୟନାରାୟଣ ପାଢ଼ୀ, ଶିକ୍ଷାବିତ୍, ବରଗଡ଼**

## ସବୁକ୍ଷେତ୍ରକୁ ମିଳିଛି ଗୁରୁତ୍ୱ



ଏହା ଏକ ଅନ୍ତରୀଣ ବଜେଟ୍। ଇନକମ୍ ଟ୍ୟାକ୍ସ ଉପରେ ବିଶେଷକରି ପରିବର୍ତ୍ତନ ହୋଇନାହିଁ। ଗ୍ରୀନ ଏନର୍ଜୀକୁ ପ୍ରୋତ୍ସାହନ ପାଇଁ ସୋଲାର ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଛି। ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସବୁକ୍ଷେତ୍ରକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି।

**-ରାଜେନ୍ଦ୍ର ଦାସ, ସଭାପତି, ଜିଲା ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନ, ଢେଙ୍କାନାଳ**

## ରେଳକ୍ଷେତ୍ରରେ ଓଡ଼ିଶାକୁ ପ୍ରାଧାନ୍ୟ



ବଜେଟ ମୋଟାମୋଟି ଭଲ ରହିଛି। ବଜେଟ୍ ଉପସ୍ଥାପନ ପରେ ନିବେଶକଙ୍କ ସଂଖ୍ୟା ବୃଦ୍ଧି ହୋଇଛି। ରେଳ କ୍ଷତ୍ରରେ ଓଡ଼ିଶାକୁ ମଧ ପ୍ରାଧାନ୍ୟ ଦିଆଯାଇଛି। ହେଲେ ଟ୍ୟାକ୍ସ କମ୍ ହୋଇ ନ ଥିବାରୁ ମଧ୍ୟବିତ ପରିବାର ଉପରେ ଏହା ପ୍ରଭାବ ପକାଇବ।

**-ଡ. ନାରାୟଣ ନାୟକଅର୍ଥନୀତି ବିଭାଗ ଅଧ୍ୟାପକ, ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ**

## ସନ୍ତୁଳିତ ବଜେଟ



କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗୁରୁବାର ଲୋକ ସଭାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି। ବଜେଟରେ ଆଗକୁ ୩ କୋଟି ମହିଳାଙ୍କୁ ଲକ୍ଷପତି ଦିଦିରେ ପରିଣତ କରାଯିବା ଲକ୍ଷ୍ୟ ରଖାଯାଇଛି। ଗରିବ ଲୋକଙ୍କୁ ଘର କିଣିବା ଓ ଘର ନିର୍ମାଣ କରିବା ପାଇଁ ଆର୍ଥିକ ସହାୟତା ଯୋଗାଇଦେବା ବ୍ୟବସ୍ଥା କରାଯାଇଛି। ଏହାସହ ୧୦ ହଜାରରୁ ୫୦ ହଜାର ଟଙ୍କା ମଧ୍ୟରେ ରହିଥିବା ୧କୋଟି ଆୟକର ବିବାଦର ସମାଧାନ କରାଯିବାକୁ ଘୋଷଣା କରାଯାଇଛି। ସୌର ବିଦ୍ୟୁତ୍ ଉତ୍ପାଦନକୁ ଉତ୍ସାହିତ କରିବା ପାଇଁ ବଜେଟରେ ବ୍ୟବସ୍ଥା କରାଯାଇଛି। ଟିକସ ସ୍ଲାବରେ କୌଣସି ପରିବର୍ତ୍ତନ କରାଯାଇ ନ ଥିବାରୁ ସାଧାରଣ ଲୋକଙ୍କ ପାଇଁ କିଛି ଲାଭ ବା କ୍ଷତି ହେବାର ସମ୍ଭାବନା ନାହିଁ। ତେବେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ସନ୍ତୁଳିତ ବଜେଟ ଉପସ୍ଥାପନ କରାଯାଇଛି।

**-ଯଶବୀର ସିଂହ ହୁରା, ଅଧ୍ୟକ୍ଷ, ଚାମ୍ବର ଅଫ କମର୍ସ, ସମ୍ବଲପୁର।**

## ବଜେଟ ସବୁ ବର୍ଗଙ୍କ ପାଇଁ ଭଲ



କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୪-୨୫ ପାଇଁ ସଂସଦରେ କାମଚଳା ବଜେଟ୍ ଗୁରୁବାର ଉପସ୍ଥାପନ କରିଛନ୍ତି। ଏହି ବଜେଟ ଦେଶର ସବୁବର୍ଗଙ୍କ ପାଇଁ ଭଲ ହୋଇଛି। ଆୟକର ସୀମାକୁ ଅପରିବର୍ତ୍ତିତ ରଖାଯାଇଛି। ପ୍ରତି ଘରକୁ ପ୍ରତି ମାସ ୩ ଶହ ୟୁନିଟ୍ ବିଜୁଳି ମାଗଣା ମିଳିବ। ଏହାଦ୍ୱାରା ଗରିବ ଓ ମଧ୍ୟବିତ୍ତ ପରିବାର ଉପକୃତ ହେବେ। ସେହିପରି ଦେଶର ୧ କୋଟି ଲୋକଙ୍କ ଘରେ ପରିବେଶ ଅନୁକୂଳ ରୁଫ୍ ଟପ୍ ସୋଲାର ବ୍ୟବସ୍ଥା ପାଇଁ ଘୋଷଣା କରାଯାଇଛି। ମଧ୍ୟବିତ୍ତ ପରିବାର ପାଇଁ ସରକାର ନୂଆ କରି ଆବାସ ଯୋଜନା ଆରମ୍ଭ କରିବେ। ରେଳ ବଜେଟରେ ଓଡ଼ିଶାକୁ ୧୦ହଜାର ୫୦୦କୋଟିରୁ ଊର୍ଦ୍ଧ୍ୱ ପ୍ରଦାନ କରାଯାଇଛି । ଭିତ୍ତିଭୂମି ବାବଦ ପୁଞ୍ଜି ନିବେଶ ପାଇଁ ରାଜ୍ୟଗୁଡ଼ିକୁ ସହାୟତା ପ୍ରଦାନ ସକାଶେ ଘୋଷଣା ହୋଇଛି। ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନତି ପାଇଁ ବିଶେଷ ଧ୍ୟାନ ଦିଆଯାଇଛି। ଏହାଦ୍ୱାରା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**-ସିତାଂଶୁ ଶେଖର ମିଶ୍ର, ସଭାପତି, ସଚେତନ ନାଗରିକ ମଞ୍ଚ, ସୁବର୍ଣ୍ଣପୁର**

## ସୁଧରେ ଅଧିକ ବ୍ୟୟ ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ



ସରକାରଙ୍କ ନାରା ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ନାରାକୁ ପ୍ରତିପାଦିତ କରିବାକୁ ଚେଷ୍ଟା କରାଯାଇଛି। ବଜେଟ୍‌ରେ ଫିସକାଲ ଡେଫିସିଏଟ୍ ହ୍ରାସ ନେଇ ନିଆଯାଇଥିବା ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ। ଆବାସ ଯୋଜନାରେ ମଧ୍ୟବିତ୍ତ ବର୍ଗକୁ ମଧ୍ୟ ସାମିଲ କରାଯିବା ମଧ୍ୟ ଏକ ଭଲ ଖବର। ଗବେଷଣା କ୍ଷେତ୍ରରେ ବଜେଟ୍‌ରେ ସ୍ୱତନ୍ତ୍ର ଘୋଷଣା କରାଯାଇଛି। ଏହା ଆଗାମୀ ଭବିଷ୍ୟତ ପାଇଁ ଶୁଭଙ୍କର। ମହିଳା ଶକ୍ତିର ଉପଯୋଗିତା ଓ ଆବଶ୍ୟକତାକୁ ନେଇ 'ରୁଫଟପ୍ ସୋଲାରାଇଜେଶନ୍ ସ୍କିମ୍' ମଧ୍ୟ ଆଉଏକ ଭଲ ପଦକ୍ଷେପ। ବଜେଟ୍‌ରୁ ମିଳିଥିବା ତଥ୍ୟ ଅନୁସାରେ ଋଣରୁ ସବୁଠାରୁ ଅଧିକ ଅର୍ଥ(୨୮%)ଆସୁଥିବାବେଳେ ସୁଧରେ ସବୁଠାରୁ ଅଧିକ ବ୍ୟୟ(୨୦%)ହେଉଛି। ତେଣୁ ଏହା ଦେଶର ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ।

**- ଡ. ମିତାଲି ଚିନାରା, ପ୍ରଫେସର, ଅର୍ଥନୀତି**

## ମହିଳା ସଶକ୍ତୀକରଣରେ ସହାୟକ ହେବ



ମୋଟାମୋଟି ଭାବେ ଏହା ଏକ ଭଲ ବଜେଟ ବୋଲି କହିଲେ ଭୁଲ୍ ହେବ ନାହିଁ। ବିଶେଷକରି ୨କୋଟି ପରେ ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବାର ଯେଉଁ ଲକ୍ଷ୍ୟ ରହିଛି, ତାହା ଆଗାମୀ ଦିନରେ ନିହାତି ଭାବରେ ମହିଳା ସଶକ୍ତୀକରଣରେ ମୁଖ୍ୟ ସହାୟକ ହେବ। ମହିଳାମାନେ ଆଗକୁ ଅଧିକ ମାତ୍ରାରେ ଆତ୍ମନିର୍ଭରଶୀଳ ହେବେ। ସେହିପରି ୯ବର୍ଷ ବୟସରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ କିଶୋରୀମାନଙ୍କୁ ମାଗଣା ଗର୍ଭାଶୟ କର୍କଟ ଟିକା ଦିଆଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଆୟୁଷ୍ମାନ ଭାରତ ପାଇଁ ବଜେଟରେ ୭୫୦୦ କୋଟି ସହ ଏଥିରେ ଆଶା ଏବଂ ଅଙ୍ଗନବାଡି କର୍ମୀଙ୍କୁ ପରିସର ଭୁକ୍ତ କରିବା ନିହାତି ଭାବରେ ସ୍ୱାଗତଯୋଗ୍ୟ।

**-ପ୍ରୀତିଛନ୍ଦା ଧଳ, ସାମାଜିକକର୍ମୀ, ଭୁବନେଶ୍ୱର**

## ପକ୍ଷପାତିତାକୁ ନେଇ ୧୬ରେ ଦେଶବ୍ୟାପୀ ଧର୍ମଘଟ



ଅଙ୍ଗନୱାଡ଼ି କର୍ମୀ, ସହାୟିକା ଓ ଆଶାକର୍ମୀଙ୍କ ଉପରେ ଆୟୁଷ୍ମାନ ଭାରତର କାର୍ଯ୍ୟଭାର ଲଦା ଯାଇଛି। ମାତ୍ର ୨୦୧୧ଠାରୁ ଭାରତୀୟ ଶ୍ରମ ସମ୍ମିଳନୀ ଦେଇଥିବା ସୁପାରିଶକୁ କାର୍ଯ୍ୟକାରୀ କରାଇ ସ୍କିମ୍ ୱାର୍କରମାନଙ୍କୁ ୱାର୍କର ମାନ୍ୟତା ଏବଂ ମାସିକ ଭତ୍ତା ଅନ୍ୟୁନ ୨୬ହଜାର ଟଙ୍କା ପ୍ରଦାନ ସମ୍ପର୍କରେ ବଜେଟରେ ସ୍ଥାନ ପାଇନାହିଁ। ତେଣୁ ଏଭଳି ପକ୍ଷପାତିତାକୁ ନେଇ ଫେବୃଆରୀ ୧୬ରେ ଦେଶବ୍ୟାପୀ ଧର୍ମଘଟ କରାଯିବ।

**-ହରପ୍ରିୟା ସ୍ୱାଇଁ,ସାଧାରଣ ସମ୍ପାଦକ, ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ**

## କର୍ପୋରେଟ ସପକ୍ଷବାଦୀ ବଜେଟ୍



ଅନ୍ତରୀଣ କେନ୍ଦ୍ର ବଜେଟରେ କୃଷି, ଗ୍ରାମୀଣ ବିକାଶ, ଖାଦ୍ୟ ସୁରକ୍ଷା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ଗ୍ରାମୀଣ ଋଣ ପ୍ରଦାନ କ୍ଷେତ୍ର ପାଇଁ ମିଳିଥିବା ଅନୁଦାନ ଅତି ନୈରାଶ୍ୟଜନକ। ପ୍ରଧାନମନ୍ତ୍ରୀ କୃଷକ ସମ୍ପଦ ଯୋଜନା, ମଣ୍ଡିକୁ ଜାତୀୟ ଡିଜିଟାଲ ବଜାର ସହିତ ସଂଯୋଗ, ଦୁଗ୍ଧଚାଷୀଙ୍କୁ ପ୍ରୋତ୍ସାହନ ପାଇଁ ଘୋଷଣା, ପିଏମ୍ କିଷାନ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଇତ୍ୟାଦି ପାଇଁ ହୋଇଥିବା ଅର୍ଥ ଅନୁଦାନ ଘୋଷଣା କେବଳ ଫମ୍ପା ଶବ୍ଦ। ଏପରିକି ଏହି ବଜେଟ୍ ବେକାର ଯୁବକ-ଯୁବତୀମାନଙ୍କୁ ସମ୍ପୂର୍ଣ୍ଣରୂପେ ହତାଶ କରିଛି। ଏହା ଏକ କର୍ପୋରେଟ ସପକ୍ଷବାଦୀ, ଚାଷୀ ଏବଂ ଗରିବ ଜନସାଧାରଣଙ୍କ ବିରୋଧୀ ବଜେଟ।

**-ସୁରେଶ ପାଣିଗ୍ରାହୀ, ସାଧାରଣ ସମ୍ପାଦକ, ଓଡିଶା କୃଷକ ସଭା**

## କ୍ରୀଡ଼ାକୁ ଗୁରୁତ୍ୱ, ଶିକ୍ଷାକ୍ଷେତ୍ରକୁ ନିରାଶ କରିଛି



ନିର୍ବାଚନକୁ ଦୃଷ୍ଟିରେ ରଖି ଟିକସ ସ୍ଲାବ୍ ହ୍ରାସ ଆଶା କରାଯାଉଥିଲା। କିନ୍ତୁ ତାହା ବଦଳରେ ଭିତ୍ତିଭୂମି ବିକାଶ, ଦୀର୍ଘକାଳୀଣ ସୁଧମୁକ୍ତ ଋଣ ଦେଇ ପର୍ଯ୍ୟଟନସ୍ଥଳର ବିକାଶକୁ ଗୁରୁତ୍ୱ ଦିଆଯାଇଛି। ସ୍କିଲ୍ ଇଣ୍ଡିଆ ଯୋଜନାରେ ୩ହଜାର ଆଇ.ଟି.ଆଇ ଶିକ୍ଷାକେନ୍ଦ୍ର ଖୋଲିବା ଯୋଜନା ଯୁବଗୋଷ୍ଠୀକୁ ତାଲିମ୍, କ୍ରୀଡା କ୍ଷେତ୍ରରେ ବଜେଟ୍ ବୃଦ୍ଧି କରିବା ସହ କ୍ରୀଡାବିତ୍‌ଙ୍କ ମନୋବଳକୁ ବଢାଯାଇଛି। ମାତ୍ର ଶିକ୍ଷାକ୍ଷେତ୍ର ପାଇଁ ନୂତନ ଯୋଜନା ନ ଥିବା ସମସ୍ତଙ୍କୁ ନିରାଶ କରିଛି। ଶିକ୍ଷାକୁ ସାରା ବିଶ୍ୱସ୍ତରୀୟ କରିବାକୁ ପୂର୍ବ ବଜେଟ୍‌ରେ ଦିଆଯାଇଥିବା ସ୍ୱପ୍ନକୁ ନୂତନ ବଜେଟ୍‌ରେ ଅଣଦେଖା କରିବା ସମସ୍ତଙ୍କୁ ବ୍ୟଥିତ କରିଛି ।

**-ଶରତ କୁମାର କର, ଶିକ୍ଷାବିତ୍**

## ଦୂରଦୃଷ୍ଟି ସମ୍ପନ୍ନ ବଜେଟ୍



କେନ୍ଦ୍ର ସରକାରଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ବଜେଟ୍ ଏକ ଦୂରଦୃଷ୍ଟି ସମ୍ପନ୍ନ ବଜେଟ୍। ଏହି ବଜେଟ୍‌ରେ ରେଲୱେ, ପର୍ଯ୍ୟଟନ, ଉର୍ଜା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ପାଇଁ ଗୁରୁତ୍ୱ ଦିଆଯିବା ସହ ମହିଳା ଓ ଚାଷୀମାନଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ମଧ୍ୟବିତ୍ତ ଶ୍ରେଣୀ ତଥା ଦରମା ପାଉଥିବା ଲୋକଙ୍କ ପାଇଁ କିଛି ପରିବର୍ତ୍ତନ ହୋଇନାହିଁ। ଟିକସ କ୍ଷେତ୍ରରେ ବିଶେଷ କିଛି ପରିବର୍ତ୍ତନ ହୋଇ ନ ଥିବାରୁ ବଜାର ଦରଦାମ୍ ଏତେଶୀଘ୍ର କମିବ ବୋଲି ଆଶା କରାଯାଉ ନାହିଁ। ଏହି ବଜେଟ୍‌ରୁ ଆଗକୁ ସୁଫଳ ମିଳିବ ବୋଲି ଆଶା କରାଯାଉଛି।

**-ଡ. ପ୍ରତାପ ସାହୁ, ଆସିଷ୍ଟାଣ୍ଟ ପ୍ରଫେସର, ବାଣିଜ୍ୟ ବିଭାଗ, ଭଦ୍ରକ କଲେଜ।**

## ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ



ଅନ୍ତରୀଣ ବଜେଟରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ବଜେଟରେ ୧ କୋଟି ମହିଳାଙ୍କୁ ସଶକ୍ତ ଏବଂ ରୋଜଗାରକ୍ଷମ ସହ ଲକ୍ଷପତି ଦିଦି ନାମରେ ନାମିତ କରାଯାଇଛି। ଆଗାମୀ ବର୍ଷରେ ୩କୋଟି ମହିଳାଙ୍କୁ ସଶକ୍ତ କରାଇବାର ଯୋଜନା ରହିଛି। ଏହି ସ୍କିମ ଅନ୍ତର୍ଗତ ମହିଳାଙ୍କୁ ବିନା ସୁଧରେ ଋଣ ପ୍ରଦାନକରାଯିବ। ଏହାଦ୍ୱାରା ମହିଳାମାନେ ଆର୍ଥିକସ୍ୱାବଲମ୍ବୀ ହୋଇପାରିବେ।

**-ପ୍ରବୀଣା ପଟ୍ଟନାୟକ, ଅଧ୍ୟାପିକା, କ୍ଷେତ୍ରବାସୀ ଡିଏଭି କଲେଜ ନିରାକାରପୁର**

## ନିରାଶ କରିଛି ପିଏମ୍ କିଶାନ ଯୋଜନା



ଅନ୍ତରୀଣ ବଜେଟରେ ପ୍ରଧାନମନ୍ତ୍ରୀ କିଶାନ ଯୋଜନାକୁ ନେଇ ସେଭଳି କୌଣସି ଘୋଷଣା ହୋଇନାହିଁ। ଫଳରେ ହିତାଧିକାରୀଙ୍କୁ ନିରାଶ କରିଛି। ଗତ ୫ବର୍ଷ ତଳେ ଏହି ଯୋଜନା ଲାଗୁ କରାଯାଇଥିଲା। ଏହା ଦ୍ୱାରା ଦେଶରେ ୯ କୋଟି କ୍ଷୁଦ୍ର ଚାଷୀ ଏହି ଯୋଜନାରୁ ଲାଭ ପାଉଥିବା ବେଳେ ପ୍ରତିବର୍ଷ ୩ କିସ୍ତିରେ ୬ହଜାର ଟଙ୍କା ସହାୟତା ପାଉଛନ୍ତି। ଚଳିତ ବଜେଟେରେ ହିତାଧିକାରୀଙ୍କ ପାଇଁ ସହାୟତା ରାଶି ବୃଦ୍ଧି କରାଯାଇନାହିଁ।

**-କାଶୀନାଥ ପ୍ରଧାନ, ଚାଷୀ, ଉଇଲକିଶନ ନଗର ଖୋର୍ଦ୍ଧା**

## କର ବ୍ୟବସ୍ଥାରେ କୌଣସି ନିରୂପଣ କରାଯାଇ ନାହିଁ



ଅନ୍ତରୀଣ କେନ୍ଦ୍ର ବଜେଟ ୨୦୨୪-୨୫କୁ ଦୁଇଟି କାରଣ ପାଇଁ ସ୍ୱାଗତ କରୁଛି। ପ୍ରଥମ, କୋଭିଡ୍ ପରବର୍ତ୍ତୀ ବିତ୍ତୀୟ ସ୍ଥିତିରେ ସୁଧାର ଚାଲୁଥିବାବେଳେ କୌଣସି ଲୋଭନୀୟ ଘୋଷଣା କରି ରାଜକୋଷୀୟ ସ୍ଥିତିକୁ ବିଗାଡ଼ିବା ଅପପ୍ରୟାସ ହୋଇନାହିଁ। ଦ୍ୱିତୀୟତଃ, କର ବ୍ୟବସ୍ଥାରେ କୌଣସି ବିରୂପଣ କରା ନ ଯାଇ ଆଗାମୀ ସରକାରଙ୍କୁ ପୂର୍ଣ୍ଣ ବଜେଟରେ ସମୟୋଚିତ ବ୍ୟବସ୍ଥା କରିବା ପାଇଁ ଅବସର ଦିଆଯାଇଛି।

**-ଡ. ଚିତ୍ତରଞ୍ଜନ ନାୟକ, ଅର୍ଥଶାସ୍ତ୍ର ପ୍ରଫେସର, ଗୁରୁ ଘାସିଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ବିଳାସପୁର**

## ନାବାଳିକାଙ୍କୁ ମାଗଣା ଗର୍ଭାଶୟ କର୍କଟ ଟିକା ସ୍ୱାଗତଯୋଗ୍ୟ



ଗର୍ଭାଶୟ କର୍କଟ ରୋକିବା ପାଇଁ ୯ରୁ ୧୪ ବର୍ଷର ନାବାଳିକାଙ୍କୁ ଟିକାକରଣ ଆରମ୍ଭ ହେବ। ସରକାର ସଚେତନ ହୋଇ ବଜେଟ୍‌ରେ ଏଥିପାଇଁ ପଦକ୍ଷେପ ନେବା ସ୍ୱାଗତଯୋଗ୍ୟ। ମହିଳାମାନଙ୍କ କ୍ଷେତ୍ରରେ ଗର୍ଭାଶୟ, ସ୍ତନ କର୍କଟ ଅଧିକ ଦେଖାଯାଇଥାଏ। ମୂଳରୁ ଏହାକୁ ରୋକିବା ପାଇଁ ସମସ୍ତେ ସଚତେନ ନ ଥାନ୍ତି। ଭାରତ ବୋୟୋଟେକ୍ ପକ୍ଷରୁ ମିଳୁଥିବା ଟିକା (୩ଡୋଜ୍)ର ଦାମ୍ ୪ ହଜାରରୁ ଅଧିକ। ଆର୍ଥିକ ଦୃଷ୍ଟିରୁ ଅନେକେ ଏହି ଟିକା ଆଗୁଆ ନେଇ ପାରି ନ ଥାନ୍ତି। ସେହିଭଳି ଅନେକ ମଧ୍ୟ ଭୟରେ ଇଗ୍‌ନୋର କରନ୍ତି। ତେଣୁ ମାଗଣା ଟିକା ଏମାନଙ୍କ ପାଇଁ ବେଶ୍ ସହାୟକ ହେବ।

**-ସ୍ୱାଗତିକା ଆଚାର୍ଯ୍ୟ, କ୍ୟାନସର୍ ବିଜୟିନୀ**

# ପରିବର୍ତ୍ତନ ନ ହେଲେ ପରିସ୍ଥିତି ବଦଳିପାରେ

## ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀ



ଡ. ନୃସିଂହ ଚରଣ ସାହୁ



କାର୍ତ୍ତିକ ସାହୁ

**କାମାକ୍ଷାନଗର, ୧।୨ (ଅମଜାଦ ଖାନ୍)**

ଢେଙ୍କାନାଳ ଜିଲା ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀ କଙ୍କଡ଼ାହାଡ଼ ବ୍ଲକର ୨୧ ପଞ୍ଚାୟତ, ପରଜଙ୍ଗ ବ୍ଲକର ୨୯ ସହିତ କାମାକ୍ଷାନଗର ବ୍ଲକର ୬ ପଞ୍ଚାୟତକୁ ନେଇ ଗଠିତ। ୨୦୦୯ ମସିହାରେ କଂଗ୍ରେସ ଛାଡ଼ି ବିଜେଡିକୁ ଆସିଥିବା ଡ. ନୃସିଂହ ଚରଣ ସାହୁ ଏଠାରୁ ଲଗାତର ୩ଥର ବିଧାୟକ ନିର୍ବାଚିତ ହୋଇଆସିଛନ୍ତି। ଏହାପୂର୍ବରୁ କଂଗ୍ରେସ ଟିକେଟରେ ସେ ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ। ତାଙ୍କୁ ନୂତନ ଭାବରେ ଗଠନ ହୋଇଥିବା ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ଟିକେଟ ନ ଦେଇ ପାଲଲହଡ଼ା ଆସନ ପାଇଁ ଟିକେଟ ଦେଇଥିଲା। ତେଣୁ ସେ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ଗତ ୩ଟିଯାକ ନିର୍ବାଚନରେ ନିଜର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାଜପା ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନଙ୍କୁ ପରାସ୍ତ କରିଆସିଛନ୍ତି। ହେଲେ କ୍ରମାନ୍ୱୟରେ ନୃସିଂହଙ୍କ ଭୋଟ ବ୍ୟବଧାନ କମିଚାଲିଛି। ୨୦୦୯ରେ ସେ ୫,୧୮୮ ଭୋଟ ବ୍ୟବଧାନରେ ଜିତିଥିବା ବେଳେ ୨୦୧୪ରେ ୩,୦୫୨ ଏବଂ ୨୦୧୯ରେ ମାତ୍ର ୭୪୦ ଭୋଟରେ ବିଜୟୀ ହୋଇଥିଲେ। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ କହିବା ଅନୁଯାୟୀ, ଏହି ଧାରା ଦର୍ଶାଉଛି ଯେ, ନୃସିଂହଙ୍କ ଲୋକପ୍ରିୟତା ହ୍ରାସ ପାଉଛି। ତେଣୁ ୨୦୨୪ ସାଧାରଣ ନିର୍ବାଚନରେ ଡାକ୍ତର ସାହୁଙ୍କ ଜିତିବା ଉପରେ ପ୍ରଶ୍ନବାଚୀ ଉଠିବା ସ୍ୱାଭାବିକ। ପାଲଲହଡ଼ାରୁ ୨ଥରକୁ ମିଶାଇ ମୋଟ ୫ଥର ବିଧାୟକ ହୋଇଥିବା ଡାକ୍ତର ସାହୁ ମନ୍ତ୍ରୀ ମଧ୍ୟ ହୋଇଥିଲେ। ଶୁଣିବାକୁ ମିଳୁଛି, ବଡ଼ପୁଅ ଅଜିତ ସାହୁଙ୍କୁ ଅଣଦେଖା କରି ସାନପୁଅ ଅସିତ ରାୟ ଚୌଧୁରୀଙ୍କୁ ନୃସିଂହ ନିଜର ଉତ୍ତରାଧିକାରୀ ଘୋଷଣା କରିବା ପରେ କର୍ମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସମ୍ଭବତଃ ସବୁଆଡ଼କୁ ଦୃଷ୍ଟିରେ ରଖି ଡାକ୍ତର ସାହୁ ନିଜ ଟିକେଟ ପାଇଁ ଲବି କରୁଥିବା ଆଲୋଚନା ହେଉଛି।

ପରଜଙ୍ଗ ପଞ୍ଚାୟତର ଜଣେ କର୍ମୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୨ ପଞ୍ଚାୟତ ନିର୍ବାଚନରେ ନିଜ ବ୍ଲକ ପରଜଙ୍ଗର ଅଧ୍ୟକ୍ଷ ପଦକୁ ବଞ୍ଚାଇବାରେ ନୃସିଂହ ବିଫଳ ହୋଇଥିଲେ। ସେହିପରି କଙ୍କଡ଼ାହାଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ସାହୁଙ୍କ ପତ୍ନୀ ଦୀପା ସାହୁଙ୍କ ସଂଖ୍ୟାଗରିଷ୍ଠତା ଥାଇ ମଧ୍ୟ ଅଧ୍ୟକ୍ଷ ପଦ ନ ମିଳିବାରୁ ନୃସିଂହଙ୍କ ବିରୋଧରେ ଅଛନ୍ତି କାର୍ତ୍ତିକ। ଅବଶିଷ୍ଟ କାମାକ୍ଷାନଗର ବ୍ଲକର ୬ଟି ପଞ୍ଚାୟତ ମଧ୍ୟ ବିଧାୟକଙ୍କ ଅଣଦେଖାର ଶିକାର ହୋଇଥିବା ଅଭିଯୋଗ ହେଉଛି। କଣ୍ଟାପାଳ ପଞ୍ଚାୟତର ଅନ୍ୟଜଣେ କର୍ମୀଙ୍କ ମତ ଅନୁସାରେ ନିର୍ବାଚନମଣ୍ଡଳୀକୁ ଆସୁଥିବା କାମଗୁଡ଼ିକୁ କର୍ମୀମାନଙ୍କୁ ନ ଦେଇ, ସେ ତାଙ୍କ ପରିଚିତ ଠିକାଦାରଙ୍କୁ ଦେଉଛନ୍ତି। ଦଳୀୟ କାର୍ଯ୍ୟକ୍ରମରେ କିଛି ହାତଗଣତି କର୍ମୀଙ୍କୁ ଗୁରୁତ୍ୱ ଦେଉଥିବା ବେଳେ ଅନ୍ୟମାନଙ୍କୁ ଅଣଦେଖା କରାଯାଉଥିବାରୁ ବିଧାୟକଙ୍କ ବିରୋଧରେ ଅନେକ ଅସନ୍ତୋଷ ଦେଖାଦେଇଥିବା ନିର୍ବାଚନମଣ୍ଡଳୀରେ ଚୁପୁରଚାପର ଚାଲିଛି। ଇତିମଧ୍ୟରେ କଙ୍କଡ଼ାହାଡ଼ ବ୍ଲକ ପଙ୍ଗାତିରା ଶିବମନ୍ଦିର ପ୍ରାଙ୍ଗଣରେ ନେତୃତ୍ୱ ପରିବର୍ତ୍ତନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଗ୍ରାମାଞ୍ଚଳ ଭୋଟରଙ୍କ ବିଜୁ ଜନତାଦଳ ପ୍ରଥମ ପସନ୍ଦ ହୋଇଥିବା ବେଳେ ସ୍ଥାନୀୟ ବିଧାୟକ କର୍ମୀମାନଙ୍କୁ ଅଣଦେଖା କରୁଥିବାରୁ ପ୍ରାର୍ଥୀ ପରିବର୍ତ୍ତନ ପାଇଁ ସେଠାରେ ଆଲୋଚନା ହୋଇଥିବା ଶୁଣିବାକୁ ମିଳିଛି।

ସେହିପରି କଙ୍କଡ଼ାହାଡ଼ ପଞ୍ଚାୟତ ରାମେଶ୍ୱର ହାଇସ୍କୁଲ ପଡ଼ିଆଠାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ତରଫରୁ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ସାହୁ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ଥିବା ବେଳେ ୧,୫୦୦ ଲୋକ ଯୋଗ ଦେବା ପାଇଁ ଆୟୋଜନ କରାଯାଇଥିଲା। ହେଲେ ଅଳ୍ପ ସଂଖ୍ୟକ ଲୋକଙ୍କ ମଧ୍ୟରେ କିଛି ଅନ୍ୟପଞ୍ଚାୟତର ଲୋକମାନଙ୍କୁ ଦେଖିବାକୁ ମିଳିଥିଲା। ବିଧାୟକ କାର୍ଯ୍ୟକ୍ରମକୁ ଆସି ନ ଥିବା ବେଳେ କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର ଏବଂ ଉପାଧ୍ୟକ୍ଷା ଦୀପା ସାହୁ ମଧ୍ୟ ଅନୁପସ୍ଥିତ ଥିଲେ। ଅଧ୍ୟକ୍ଷା ଏବଂ ଉପାଧ୍ୟକ୍ଷାଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିବା ସେମାନେ ପ୍ରକାଶ କରିଛନ୍ତି, ଯାହା ଗୋଷ୍ଠୀ କନ୍ଦଳକୁ ସ୍ପଷ୍ଟ କରୁଛି। ଏଠାରେ ବିଜେଡି ଦୁଇଫାଳ ହୋଇଥିବାବେଳେ ବିଧାୟକଙ୍କ ଲୋକପ୍ରିୟତା ହ୍ରାସ ପାଉଛି ବୋଲି ବିଜେଡି କର୍ମୀ ପ୍ରମୋଦ ବିଶ୍ୱାଳ, ପ୍ରଶାନ୍ତ ସିଂ, ସୁଶାନ୍ତ ସେଠୀ ପ୍ରମୁଖ କହିଛନ୍ତି। 'ବିଧାୟକ ଆସୁଥିବାରୁ ଅନେକେ ଆସିଲେ ନାହିଁ' କିମ୍ବା 'ଲୋକ କମ୍ ହେବାରୁ ବିଧାୟକ ଆସିଲେ ନାହିଁ' ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଏଥିରୁ ବିଧାୟକଙ୍କ ଲୋକପ୍ରିୟତା ହ୍ରାସ ପାଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

ନୃସିଂହ ୫ମ ଥର ବିଧାୟକ ରହିବା ପରେ ମଧ୍ୟ ଲୋକଙ୍କ ମୌଳିକ ସମସ୍ୟା ସମାଧାନ ହୋଇପାରି ନ ଥିବା କୁହାଯାଉଛି। ବ୍ଲକ ମୁଖ୍ୟାଳୟ ପରଜଙ୍ଗ ପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ପରିଷଦ କରିବା, ସ୍ଥାୟୀ ବସ୍‌ଷ୍ଟାଣ୍ଡ ଓ କୋର୍ଟ ବିଲ୍‌ଡିଂ ତିଆରି ନ ହେବା, ପରଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡୁଆଳ ମୁଣ୍ଡା, ଜହ୍ନପଡ଼ା ଓ ଏହାର ଆଖପାଖ ଗାଁକୁ ସ୍ଥାୟୀ ରାସ୍ତା ଭଳି ଅନେକ ସମସ୍ୟା ରହିଛି, ଯାହା ଭୋଟରଙ୍କୁ ବିମୁଖ କରିଛି। ଏପରି ସ୍ଥଳରେ ନୂଆ ଆଶାୟୀ ପ୍ରାର୍ଥୀମାନଙ୍କ ଲୋକପ୍ରିୟତା ବଢ଼ିବା ସ୍ୱାଭାବିକ।

ଆଶାୟୀମାନଙ୍କ ମଧ୍ୟରେ ଅଛନ୍ତି ପରଜଙ୍ଗ ଜିଲାପରିଷଦ ସଦସ୍ୟ ନିରାକାର ପ୍ରଧାନ, ବିଧାୟକଙ୍କ ଦୁଇ ପୁଅ ଅଜିତ ସାହୁ ଓ ଅସିତ ରାୟ ଚୌଧୁରୀ ଏବଂ କଙ୍କଡ଼ାହାଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ସାହୁ। ଏମାନଙ୍କ ମଧ୍ୟରୁ କାର୍ତ୍ତିକଙ୍କ ଲୋକପ୍ରିୟତା ଅଧିକ ଥିବା ଚର୍ଚ୍ଚା ହେଉଛି। ଛାତ୍ର ସମୟରୁ ରାଜନୀତିରେ ସକ୍ରିୟ ଥିବା କାର୍ତ୍ତିକ ୨୦୦୩ରେ ବିଜେଡିରେ ସାମିଲ ହୋଇଥିଲେ। ତୃଣମୂଳ ସ୍ତରରେ ଦଳୀୟ କାର୍ଯ୍ୟକ୍ରମରେ ରହି ସେ ଲୋକଙ୍କ ନିକଟତର ହୋଇପାରିଛନ୍ତି ବୋଲି କୁହାଯାଉଛି। ସେ ୨୦୧୭ରୁ ୨୦୨୨ କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷ ରହିଥିଲେ ଓ ବର୍ତ୍ତମାନ କାନ୍ତୋଲ ପଞ୍ଚାୟତର ସମିତି ସଭ୍ୟ ଭାବେ କାର୍ଯ୍ୟ କରୁଛନ୍ତି।

ପରଜଙ୍ଗରୁ ବିଧାନସଭା ଆସନ ଲାଗି ବିଜେଡି ପ୍ରାର୍ଥୀ ଦୌଡ଼ରେ ଅନ୍ୟତମ ଦାବିଦାର ହେଉଛନ୍ତି ପରଜଙ୍ଗ ଜିଲାପରିଷଦ ସଦସ୍ୟ ନିରାକାର ପ୍ରଧାନ। ୨୦୧୨ ପଞ୍ଚାୟତ ନିର୍ବାଚନରେ ଭାଜପା ଜିଲାପରିଷଦ ପ୍ରାର୍ଥୀ ଭାବରେ ବିଧାୟକ ନୃସିଂହ ସାହୁଙ୍କ ବୋହୂଙ୍କୁ ପରାସ୍ତ କରିଥିଲେ। ୨୦୧୯ ସାଧାରଣ ନିର୍ବାଚନ ସମୟରେ ସେ ବିଜେଡିରେ ଯୋଗ ଦେଇଥିଲେ। ଏବେ ସମାନ୍ତରାଳ ଭାବରେ ନିଜର ଦଳୀୟ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି। ତେବେ ଦଳ କାହାକୁ ପ୍ରାର୍ଥୀ କରିବ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ନୃସିଂହ ସାହୁ ପ୍ରାର୍ଥୀ ହେଲେ ବିଜେଡି ହାତରୁ ଆସନ ଖସିଯିବ ବୋଲି ସ୍ଥାନୀୟ ବିଜେଡି ନେତା ଓ କର୍ମୀ ଏବେଠାରୁ ଆଶଙ୍କା କଲେଣି।

# କଂଗ୍ରେସ ଟିକେଟ ପାଇଁ ଅନ୍‌ଲାଇନ ଆବେଦନ: ଅଜୟ କୁମାର

**ଭୁବନେଶ୍ୱର, ୧।୨(ସୁନିତ୍ ମିଶ୍ର)**

୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସ ଟିକେଟ ପାଇବାକୁ ହେଲେ ଆଉ ଲବି କାମ ଦେବନାହିଁ। ଯେଉଁମାନେ ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବାକୁ ଚାହିଁବେ ସେମାନେ ଅନ୍‌ଲାଇନ ଜରିଆରେ ନିଜର ଆବେଦନପତ୍ର ଦାଖଲ କରିପାରିବେ। ଏ ସମ୍ପର୍କିତ ଇ-ଫର୍ମ ଖୁବ୍‌ଶୀଘ୍ର ଅନ୍‌ଲାଇନରେ ଉପଲବ୍ଧ ହେବ। ଆସନ୍ତା ନିର୍ବାଚନରେ ଯେଉଁ ସ୍ଥାନ ପାଇଁ ୨ କିମ୍ବା ତା'ଠାରୁ ଅଧିକ ପ୍ରାର୍ଥୀ ଆବେଦନ କରିବେ ସେଠି ଯୋଗ୍ୟତା ଦେଖି ଟିକେଟ ଦିଆଯିବ। ପ୍ରଥମେ ନାମ ଚୟନ କରିବାପରେ ତାକୁ ପିଇସି(ପ୍ରଦେଶ ନିର୍ବାଚନ କମିଟି)କୁ ପଠାଯିବ। ଏହାପରେ ସେହି ନାଁକୁ ତର୍ଜମା କରିବା ପରେ ଟିକେଟ ଦିଆଯିବ ବୋଲି ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି।

ସୂଚନାଯୋଗ୍ୟ, ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ଚୟନ ନେଇ ଓଡ଼ିଶା ସ୍କ୍ରିନିଂ କମିଟି ଅଧ୍ୟକ୍ଷ ମଧୁସୂଦନ ମିସ୍ତ୍ରି, ପିସିସି ସଭାପତି ଶରତ ପଟ୍ଟନାୟକ, ଟିକେଟ ବଣ୍ଟନ ପ୍ରକ୍ରିୟାର ଅଧ୍ୟକ୍ଷ ଭାବେ ନବନିଯୁକ୍ତି ପାଇଥିବା ପ୍ରବୀଣ ପାଠକଙ୍କୁ ନେଇ ଏକ ରୁଦ୍ଧଦ୍ୱାର ବୈଠକ ରାଜ୍ୟ ଅତିଥି ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ମଧୁସୂଦନ ନିକଟରେ ଦଳର ଟିକେଟ ବଣ୍ଟନ ପ୍ରକ୍ରିୟା ନେଇ କରିଥିବା ସମୀକ୍ଷା ବିଷୟରେ ମଧ୍ୟ ପ୍ରଭାରୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ନିର୍ବାଚନ ଯେତିକି ପାଖଉଛି କଂଗ୍ରେସ ନିଜର ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ବିଶେଷ ଧ୍ୟାନ ଦେଉଥିବା ଭଳି ଜଣାପଡୁଛି। ଓଡ଼ିଶାରେ ସାଧାରଣ ନିର୍ବାଚନ ପାଇଁ ଟିକେଟ ବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଲାଗି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଗୁରୁତ୍ୱ ଦେବା ଭଳି ମନେହେଉଛି। ଗତ ବୁଧବାର ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇ ଓଡ଼ିଶାର ଟିକେଟ ବଣ୍ଟନ ପ୍ରକ୍ରିୟାର ଅଧ୍ୟକ୍ଷ ଭାବେ ପ୍ରବୀଣ ପାଠକଙ୍କୁ ନିଯୁକ୍ତି ଦିଆଯାଇଛି।

# କଂଗ୍ରେସରେ ଯୋଗଦେଲେ ବିଜେଡି, ଭାଜପା ନେତା ଓ କର୍ମୀ

**ଭୁବନେଶ୍ୱର, ୧।୨(ସୁନିତ୍ ମିଶ୍ର)**

କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳର ଓଡ଼ିଶା ଖଦି ବୋର୍ଡ ଓ କାଜୁ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ତଥା ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ କମିଟିର ଆବାହକ ବିହାରୀ ବନ୍ଧୁ ପଲାଇଙ୍କ ନେତୃତ୍ୱରେ ବହୁ ବିଜେଡି କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ଉପଲକ୍ଷେ ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ସମସ୍ତ କର୍ମୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସେମାନଙ୍କୁ ସ୍ୱାଗତ କରିଛନ୍ତି। ସେହିପରି ଭାଜପା ନେତା ଲଲାଟେନ୍ଦୁ ଶତପଥୀ କଂଗ୍ରେସରେ ଯୋଗ ଦେଇଛନ୍ତି। ଗତ ସାଧାରଣ ନିର୍ବାଚନରେ ସେ ଚିଲିକା ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ଲଲାଟେନ୍ଦୁ ଭାଜପାର ଆଇଟି ଓ ସୋସିଆଲ ମିଡିଆ କନ୍‌ଭେନର, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଓ ମିଡିଆ ପ୍ୟାନେଲିଷ୍ଟ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କ ଯୋଗଦାନ କଂଗ୍ରେସକୁ ଆହୁରି କ୍ରିୟାଶୀଳ ଓ ତୃଣମୂଳସ୍ତରରେ ସୁଦୃଢ଼ କରିବ ବୋଲି କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି।

## ତେଲକୋଇ ବ୍ଲକ ଯୁବ ବିଜେଡି ସଭାପତି ବହିଷ୍କୃତ

**ଭୁବନେଶ୍ୱର, ୧।୨(ଅନିଲ ଦାସ)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଯୁବ ବିଜୁ ଜନତା ଦଳ ସଭାପତି ନୀଳମଣି ଦେହୁରୀଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ଯୋଗୁ ତାଙ୍କୁ ବହିଷ୍କାର କରାଯାଇଥିବା ବିଜେଡି ପକ୍ଷରୁ ଗୁରୁବାର ଜାରି କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ପିସିସି ପ୍ରଚାର କମିଟି ଉପାଧ୍ୟକ୍ଷ ସୁରେଶ, ରମେଶ

**ଭୁବନେଶ୍ୱର, ୧।୨(ସୁନିତ୍ ମିଶ୍ର)**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ସୁପାରିସ କ୍ରମେ ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ସୁରେଶ କୁମାର ରାଉତରାୟ ଓ ରମେଶ ଜେନାଙ୍କୁ ପିସିସି ପ୍ରଚାର କମିଟିର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ଓଡ଼ିଶା ପ୍ରଭାରୀ ଅଜୟ କୁମାର ଏହାକୁ ଅନୁମୋଦନ କରିଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ପ୍ରକାଶ କରାଯାଇଛି। ସୁରେଶ ରାଉତରାୟ ଓ ରମେଶ ଜେନା ଆଗାମୀ ଦିନରେ ରାଜ୍ୟର ସମସ୍ତ ଅଞ୍ଚଳ ଗସ୍ତକରି କଂଗ୍ରେସ ପାଇଁ ପ୍ରଚାର କାର୍ଯ୍ୟ କରିବେ ବୋଲି ପିସିସି ସଭାପତି ଆଶାବ୍ୟକ୍ତ କରିଛନ୍ତି।


## ପାଣି ବଞ୍ଚିଲେ ଆମେ ବଞ୍ଚିବା

ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚଲେଚଲୋ ତରଫରୁ ନୂଆପଡ଼ା ଜିଲ୍ଲା ବୋଡନ୍ ଓ ସିନାପାଲି ବ୍ଲକ୍‌ର ୨୮ ଗ୍ରାମରେ ବର୍ଷାଜଳ ସଂରକ୍ଷଣ, ସୁପରିଚାଳନା ଓ ବିନିଯୋଗ ଉପରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମରୁଡ଼ି ପ୍ରଭାବିତ ଏହି ଅଞ୍ଚଳରେ ଜଳାଭାବ ଏକ ଉତ୍କଟ ସମସ୍ୟା, ଯାହାକୁ ଦୀର୍ଘ ବର୍ଷଧରି ଏଠିକାର ବାସିନ୍ଦାମାନେ ସାମ୍ନା କରିଆସୁଛନ୍ତି। ଚାଷ କାର୍ଯ୍ୟ ପାଇଁ ବର୍ଷାଜଳ ଉପରେ ନିର୍ଭର କରୁଥିବା ଗରିବ, କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ କୂଅ, ଚହଲା, ପୋଖରୀ ଓ କ୍ଷୁଦ୍ର ଜଳାଶୟର ପାଣି ବ୍ୟବହାରକରି ଚାଷକାମରେ ବ୍ୟବହାର କରୁଛନ୍ତି। ଯେଉଁଗୁଡ଼ିକ ବର୍ଷାଋତୁର ୩-୪ ମଧ୍ୟରେ ସମ୍ପୂର୍ଣ୍ଣ ଶୁଖିଯାଏ। ମୁଖ୍ୟତଃ ଏ ଅଞ୍ଚଳର ଭୌଗୋଳିକ ଅବସ୍ଥିତି ଢାଲୁ ଓ ପାହାଡ଼ିଆ ହୋଇଥିବାରୁ ଜଳଉତ୍ସଗୁଡ଼ିକ ଶୁଷ୍କପଡ଼ି ଜୀବନ ଜୀବିକା ବଞ୍ଚାଇବା ପାଇଁ ସମସ୍ୟା ସୃଷ୍ଟିକରେ। ଏ ସମସ୍ୟାଗୁଡ଼ିକର ନିରାକରଣ ଓ ସ୍ଥାୟୀ ସମାଧାନ ପାଇଁ ଚଲେଚଲୋ ଅନୁଷ୍ଠାନ ଏହାର ତାଲିମପ୍ରାପ୍ତ କର୍ମୀମାନଙ୍କ ଦ୍ୱାରା ଉନ୍ନତ ଜ୍ଞାନକୌଶଳର ଉପଯୋଗକରି କିପରି ବର୍ଷାଜଳକୁ ଉପଯୁକ୍ତ ସଂରକ୍ଷଣ ଓ ସୁପରିଚାଳନାକରି ଜଳଉତ୍ସଗୁଡ଼ିକୁ ବର୍ଷତମାମ ଚାଷକାମଠୁ ଆରମ୍ଭକରି ପାନୀୟଜଳର ସମସ୍ୟାକୁ ଦୂର କରିବାକୁ ବ୍ୟବହାର କରାଯାଇପାରିବ, ଲୋକମାନେ ଅନ୍ୟତ୍ର ପଳାୟନ ନ କରି, ଜୀବନ ଜୀବିକାର ଆବଶ୍ୟକତାକୁ ପୂରଣ କରିପାରିବେ, ସେ ବିଷୟରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମ, ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ସଚେତନତା କରାଉଛନ୍ତି। ବିଶେଷକରି ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି ଦ୍ୱାରା ବର୍ଷାଜଳ ସଂରକ୍ଷଣକୁ ନିଶ୍ଚିତ କରିବା ସହିତ ଏକ ସବୁଜ ବଳୟ ସୃଷ୍ଟିକରିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଉଛି। ପ୍ରତ୍ୟେକ ପ୍ରକଳ୍ପ ଗ୍ରାମରେ ମହିଳା, ଯୁବକ ଓ ଚାଷୀମାନଙ୍କୁ ସାମିଲ କରି ଛୋଟ ଛୋଟ ଦଳ କରାଯାଇ ଜଳର ସଂରକ୍ଷଣ ଓ ପରିଚାଳନା ସମ୍ବନ୍ଧରେ ବୁଝାଇବା ସହିତ ସରକାରୀ ସ୍ତରରେ ଉପଲବ୍ଧ ବିଭିନ୍ନ ଯୋଜନାର ଲାଭ ଉଠାଇ ତା'ର ସଫଳ ରୂପାୟନର ଦାୟିତ୍ୱ ଦିଆଯାଇଛି। ଚଲେଚଲୋ ଅନୁଷ୍ଠାନ ଦୀର୍ଘ ଦଶନ୍ଧି ଧରି ମରୁଡ଼ି ପ୍ରପୀଡ଼ିତ ନୂଆପଡ଼ା ଜିଲ୍ଲାକୁ ବିଭିନ୍ନ ଯୋଜନାରେ ଅଗ୍ରାଧିକାର ଦେଇଆସୁଛି ଓ ଆଗାମୀ ଦିନରେ ଉକ୍ତ ଅଞ୍ଚଳରେ ନୂତନ ଜ୍ଞାନକୌଶଳ ଉପଯୋଗକରି ଲୋକକଲ୍ୟାଣ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଣଜିତ୍ ସ୍ୱାଇଁ ପ୍ରତିଶ୍ରୁତି ଦେଇଛନ୍ତି। (Advt.)



## ଭୂ-ଅର୍ଜନ ସକାଶେ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ବିଷୟରେ ବିଶେଷ ସୂଚନା

ଏତଦ୍ୱାରା ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପର ସମସ୍ତ ସମ୍ପୂର୍ଣ୍ଣ ଓ ଆଂଶିକ କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଜଣାଇ ଦିଆଯାଉଅଛି କି ସରକାରଙ୍କଠାରୁ ଅନୁମୋଦିତ ହୋଇସାରିଥିବା ଭୂ-ଅଧିଗ୍ରହଣ କ୍ଷତିପୂରଣ ରାଶି ନୋଟିସ ପାଇବାର ତିନିମାସ ମଧ୍ୟରେ ଗ୍ରହଣ କରିବା ହେବେ । ବାରମ୍ବାର ନୋଟିସ କରିବା ସତ୍ତ୍ୱେ ଉକ୍ତ ଟଙ୍କାକୁ ଗ୍ରହଣ ନ କଲେ ସରକାରଙ୍କ ନିର୍ଦ୍ଦେଶମତେ ଓ ନିୟମ ଅନୁଯାୟୀ ସରକାରଙ୍କ ପାଖରେ ରାଜସ୍ୱ ଜମା ପାଇଁ ପଦକ୍ଷେପ ନିଆଯିବ।

**କାଳୁ ମାଝୀ, ଓ.ପ୍ର.ସେ.**
**ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନର୍ବାସ ଥଇଥାନ ଅଧିକାରୀ**
**ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ଖଡ଼ିଆଳ, ଜିଲ୍ଲା- ନୂଆପଡ଼ା**



## ପ୍ରଗତି ପଥେ ଖଡ଼ିଆଳ ପଞ୍ଚାୟତ ସମିତି

ନୂଆପଡ଼ା ଜିଲ୍ଲାର ପ୍ରାଚୀନ ଐତିହ୍ୟ, ପରମ୍ପରା ଓ ଗୌରବମୟ ସଂସ୍କୃତିସମ୍ପନ୍ନ ଖଡ଼ିଆଳ ମହୋତ୍ସବ-୨୦୨୪ ଅବସରରେ ଖଡ଼ିଆଳ ଅଞ୍ଚଳବାସୀଙ୍କୁ ଖଡ଼ିଆଳ ପଞ୍ଚାୟତ ସମିତିର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଆପଣମାନଙ୍କ ସକ୍ରିୟ ସହଯୋଗ ଓ ସଦିଚ୍ଛା ବଳରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ଯୋଜନାରେ ସଫଳ ରୂପାୟନ ହୋଇପାରିଛି। ଚଳିତବର୍ଷ ପଞ୍ଚାୟତ ସମିତିର ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସଫଳ କାହାଣୀ ଉପସ୍ଥାପନା କରୁଛୁ।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଶ୍ରମଜୀବୀ ପରିବାରଙ୍କୁ କାର୍ଯ୍ୟ ଯୋଗାଇଦେବାର ଉଦ୍ଦେଶ୍ୟ ରଖିଥିବା ଉକ୍ତ ଯୋଜନାରେ ଚଳିତ ୨୦୨୩-୨୪ ଆର୍ଥିକ ବର୍ଷରେ ୧୭ଗୋଟି ଗ୍ରାମୀଣ ପାର୍କ, ୧୨ଗୋଟି ଆଦର୍ଶ ପୋଖରୀ, ୧୪ଗୋଟି ଅମୃତ ସରୋବର, ୨ଗୋଟି ଗ୍ରାମୀଣ ହାଟ, ୧୦୩୧ ଜଣ ପରିବାରକୁ ଜମି ମରାମତି, ୧୩୭ଗୋଟି ରାସ୍ତା, ୧୭ଗୋଟି ବହୁମୁଖୀ ପୋଖରୀ, ୩ଗୋଟି ଖେଳପଡ଼ିଆର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ୧୩୭୨୪ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇ ୧୦,୦୧,୯୪୮ ଶ୍ରମ ଦିବସ ସୃଷ୍ଟି କରାଯାଇପାରିଛି। ଏଥିମଧ୍ୟରୁ ୩୨୬୧ ଜଣ ପରିବାରଙ୍କୁ ୧୦୦ ଦିନର, ୭୬୧ ଜଣ ପରିବାରଙ୍କୁ ୨୦୦ ଦିନର, ୨୮ଜଣ ପରିବାରଙ୍କୁ ୩୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଅଛି।

Sd./- Block Development Officer
Khariar Block



## ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
### ବ୍ଲକ୍‌ସ୍ତରୀୟ ସମୀକ୍ଷା ଜନଶୁଣାଣି

ଏତଦ୍ୱାରା ଗଞ୍ଜାମ ଜିଲ୍ଲାର ୨୨ (ବାଇଶି)ଟି ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଇଛି ଯେ, ଗଞ୍ଜାମ ଜିଲ୍ଲା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ମମତା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ- ୨୦୧୩ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ପାଇଁ ନିମ୍ନଲିଖିତ ଦିନ ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଛି। ଏହି ଦିନ ଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଅଣକୁଶଳୀ ଶ୍ରମଜୀବୀଙ୍କର ପରିବାର ସଦସ୍ୟ, ଯୋଜନା ସହ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବିଭାଗ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିପାରିବେ। ଏହି ଜନଶୁଣାଣି ଉପରୋକ୍ତ ଯୋଜନାରେ ୨୦୨୩-୨୪ (ଏପ୍ରିଲ ୨୦୨୩ଠାରୁ ସେପ୍ଟେମ୍ବର ୨୦୨୩) ଆର୍ଥିକ ବର୍ଷର କାର୍ଯ୍ୟକାରୀ ହୋଇଥିବା ସମୁଦାୟ ପ୍ରକଳ୍ପର ସଂଖ୍ୟା, କାମ ଶେଷ ହୋଇଥିବା ପ୍ରକଳ୍ପର ସଂଖ୍ୟା, ପାଇଥିବା ଅର୍ଥର ପରିମାଣ, ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ, ପଞ୍ଜୀକୃତ ହୋଇଥିବା ପରିବାର ସଂଖ୍ୟା, କାର୍ଯ୍ୟପତ୍ର ଯୋଗାଣ ହୋଇଥିବା ସଂଖ୍ୟା, କାମ ପାଇଁ ଦାବି କରିଥିବା ପରିବାର ସଂଖ୍ୟା, ୧୦୦ ଦିନ କାର୍ଯ୍ୟ ସମାପ୍ତ କରିଥିବା ପରିବାରର ସଂଖ୍ୟା, ଶ୍ରମ ଯୋଗାଣ ସୃଷ୍ଟି ହୋଇଥିବା ଦିନର ସଂଖ୍ୟା, ବେକାରି ଭତ୍ତା ଦିଆଯିବା ସମ୍ପର୍କେ ସାମାଜିକ ସମୀକ୍ଷାରେ ମିଳିଥିବା ଆପତ୍ତି ଅଭିଯୋଗ ସଂଖ୍ୟା ଏବଂ ଫଇସଲା ହୋଇଥିବା ଅଭିଯୋଗ ଇତ୍ୟାଦିର ସମୀକ୍ଷା ବ୍ଲକ୍‌ସ୍ତରୀୟ ଜନଶୁଣାଣି ଦ୍ୱାରା କରାଯିବ।

ଏଣୁ ଆପଣଙ୍କୁ ଅନୁରୋଧ, ଆପଣମାନେ ଏହି ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣିରେ ବହୁ ସଂଖ୍ୟାରେ ଯୋଗଦେଇ ଉପରୋକ୍ତ କାର୍ଯ୍ୟକାରିଣୀକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍ଥାପନ କରିପାରିବେ।

| କ୍ରମିକ ନଂ. | ବ୍ଲକର ନାମ | ତାରିଖ | ସମୟ | ସ୍ଥାନ | କ୍ରମିକ ନଂ. | ବ୍ଲକର ନାମ | ତାରିଖ |
|---|---|---|---|---|---|---|---|
| ୧ | ଆସ୍କା | ୦୮।୦୨।୨୦୨୪ | ୧୧.୦୦ ଦିବା | ପଞ୍ଚାୟତ ସମିତି କାର୍ଯ୍ୟାଳୟ | ୧୨ | ଜଗନ୍ନାଥପ୍ରସାଦ | ୨୨।୦୨।୨୦୨୪ |
| ୨ | ବେଗୁନିଆପଡ଼ା | ୦୯।୦୨।୨୦୨୪ | | | ୧୩ | କବିସୂର୍ଯ୍ୟନଗର | ୨୩।୦୨।୨୦୨୪ |
| ୩ | ବେଲଗୁଣ୍ଠା | ୧୨।୦୨।୨୦୨୪ | | | ୧୪ | ଖଲ୍ଲିକୋଟ | ୨୬।୦୨।୨୦୨୪ |
| ୪ | ଭଞ୍ଜନଗର | ୧୩।୦୨।୨୦୨୪ | | | ୧୫ | କୁକୁଡ଼ାଖଣ୍ଡି | ୨୭।୦୨।୨୦୨୪ |
| ୫ | ବୁଗୁଡ଼ା | ୧୫।୦୨।୨୦୨୪ | | | ୧୬ | ପାତ୍ରପୁର | ୨୮।୦୨।୨୦୨୪ |
| ୬ | ଛତ୍ରପୁର | ୧୧।୦୩।୨୦୨୪ | | | ୧୭ | ପୋଲସରା | ୨୯।୦୨।୨୦୨୪ |
| ୭ | ଚିକିଟି | ୧୬।୦୨।୨୦୨୪ | | | ୧୮ | ପୁରୁଷୋତ୍ତମପୁର | ୦୧।୦୩।୨୦୨୪ |
| ୮ | ଧରାକୋଟ | ୧୭।୦୨।୨୦୨୪ | | | ୧୯ | ରଙ୍ଗେଇଲୁଣ୍ଡା | ୦୨।୦୩।୨୦୨୪ |
| ୯ | ଦିଗପହଣ୍ଡି | ୧୯।୦୨।୨୦୨୪ | | | ୨୦ | ସାନଖେମୁଣ୍ଡି | ୦୪।୦୩।୨୦୨୪ |
| ୧୦ | ଗଞ୍ଜାମ | ୨୦।୦୨।୨୦୨୪ | | | ୨୧ | ଶେରଗଡ଼ | ୦୬।୦୩।୨୦୨୪ |
| ୧୧ | ହିଞ୍ଜିଳିକାଟୁ | ୨୧।୦୨।୨୦୨୪ | | | ୨୨ | ସୋରଡ଼ା | ୦୭।୦୩।୨୦୨୪ |

**ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର**



## जिला निर्वाचन पदाधिकारी–सह–उपायुक्त का कार्यालय, सिमडेगा (जिला निर्वाचन शाखा)

### आगामी लोकसभा आम चुनाव एवं विधानसभा आम चुनाव, 2024 हेतु ई–निविदा की शर्तों में आंशिक संशोधन।

आगामी लोकसभा आम चुनाव एवं विधानसभा आम चुनाव, 2024 के निमित निर्वाचन में प्रयुक्त होने वाले विभिन्न सामग्री/सेवा के लिए प्रकाशित ई–निविदा संख्या SMD/DEO/001, SMD/DEO/002, SMD/DEO/003, SMD/DEO/004, SMD/DEO/005, SMD/DEO/006 एवं SMD/DEO/007 दिनांक 22.01.2024 जिसका PR NO- PR 304406 में निम्नवत अल्प संशोधन किया जाता है :–

| शर्त संख्या | पूर्व में निर्धारित शर्त | संशोधित शर्त |
|---|---|---|
| 02 का III | अद्यतन जी0एस0टी0 स्वच्छता प्रमाण पत्र (GSTR 3 B Return) | निविदादाता का तकनीकी बीड वाले लिफाफे में GST/GST 3B / GSTR CMP- 08/ बिक्री कर/सेवाकर के निबंधन, अद्यतन स्वच्छता प्रमाण पत्र की अभिप्रमाणित प्रति संलग्न करना अनिवार्य होगा। |
| 12/13 | (L-1) दर पाए गए आपूर्तिकर्त्ता का कार्यादेष निर्गत हेतु जिला क्रय/निविदा समिति का निर्णय अंतिम व मान्य होगा। पूर्णतः/अंशतः स्वीकृत या अस्वीकृत करने का अधिकार अधोहस्ताक्षरी/जिला क्रय/निविदा समिति के पास सुरक्षित रहेगा। | BOQ के आधार पर (L-1) दर पाए गए आपूर्तिकर्त्ता का कार्यादेश निर्गत हेतु जिला क्रय/निविदा समिति का निर्णय अंतिम व मान्य होगा। पूर्णतः/अंशतः स्वीकृत या अस्वीकृत करने का अधिकार अधोहस्ताक्षरी/जिला क्रय/निविदा समिति के पास सुरक्षित रहेगा। |

अन्य शर्तें यथावत रहेंगी।

ह0/–
जिला निर्वाचन पदाधिकारी–सह–उपायुक्त,सिमडेगा

PR 317630 Election(23-24).D



## झारखण्ड राज्य ग्रामीण पथ विकास प्राधिकरण (JSRRDA)
एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड

### अल्पकालीन ई– पुनर्निविदा आमंत्रण सूचना (3rd Call)

PR No. 314104 Dated 22.12.2023

अल्पकालीन ई–पुनर्निविदा संख्या:- 264/2023-24 दिनांक :- 31.01.2024

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या/पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-SRK-09/2023-24 | गम्हरिया | 1 | चम्पानगर सीमा से रेयारदा भाया बड़ामारी सुधापुर तक पथ का सुदृढ़ीकरण कार्य। (लं०–4.800 कि०मी०) | 1321.737 | तेरह करोड़ ईक्कीस लाख तिहत्तर हजार सात सौ रू० मात्र | 09 महीना |
| | | गम्हरिया | 2 | आदित्यपुर कान्ड्रा पथ रापचा से चम्पानगर भाया बड़ामारी तक पथ का सुदृढ़ीकरण कार्य। (लं०–4.900 कि०मी०) | | | |
| | | गम्हरिया | 3 | बिकानीपुर से मनोहरपुर भाया भदुवागोड़ा तक पथ का सुदृढ़ीकरण कार्य। (लं०– 6.300 कि०मी०) | | | |
| | | गम्हरिया | 4 | रायपुर से गिधिबेड़ा तक पथ का सुदृढ़ीकरण कार्य। (लं०–1.800 कि०मी०) | | | |
| | | गम्हरिया | 5 | मुसरीकुदर से मोहनपुर तक पथ का सुदृढ़ीकरण कार्य। (लं०–1.022 कि०मी०) | | | |
| | | गम्हरिया | 6 | मुड़िया से हाथीटांड तक पथ का सुदृढ़ीकरण कार्य। (लं०–1.410 कि०मी०) | | | |
| | | गम्हरिया | 7 | शोभापुर से पोगरोडीह तक पथ का सुदृढ़ीकरण कार्य। (लं०–2.220 कि०मी०) | | | |
| | | गम्हरिया | 8 | जिलिंग गोड़ा से कमलपुर तक पथ का सुदृढ़ीकरण कार्य। (लं०–2.000 कि०मी०) | | | |

2. वेबसाईट मे निविदा प्रकाशन की तिथि:–02.02.2024
3. ई–निविदा प्राप्ति की अंतिम तिथि एवं समय:– 08.02.2024 अपराह्न 5.00 बजे तक।
4. निविदा खोलने की तिथि एवं समय:–09.02.2024 .अपराह्न 5.00 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड।
6. ई–निविदा प्रकोष्ठ का दूरभाष सं०– ..............................

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

मुख्य अभियंता
जे०एस०आर०आर०डी०ए०, राँची

PR 317557 Rural Work Department(23-24)#D



## झारखण्ड राज्य ग्रामीण पथ विकास प्राधिकरण (JSRRDA)
एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड

### ई–निविदा आमंत्रण सूचना

ई–निविदा संख्या:- 268/2023-24 दिनांक :- 01.02.2024

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या/पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M- DHN-08 / 2023-24 | बलियापुर | 1 | हिरक रोड धोखरा मोड़ से लोबिन महतो के घर भाया मालिकडीह, तेतुलटाँड तक पथ का सुदृढ़ीकरण कार्य। (लं० – 1.920 कि०मी०) | 1462.660 | चौदह करोड़ बासठ लाख छियासठ हजार रू० मात्र | 15 महीना |
| | | बलियापुर | 2 | गोशाला चुड़ि पट्टी भाया सिंह बस्ती शिव मंदिर तक पथ का सुदृढ़ीकरण कार्य। (लं० – 1.400 कि०मी०) | | | |
| | | बलियापुर | 3 | बलियापुर हवाई पट्टी से सुवरिया तक पथ का सुदृढ़ीकरण कार्य। (लं० –3.000 कि०मी०) | | | |
| | | बलियापुर | 4 | हवाई पट्टी से घड़बर भाया सालविषाल तक पथ का सुदृढ़ीकरण कार्य। (लं० –3.100 कि०मी०) | | | |
| | | बलियापुर | 5 | सिंघियाटाँड से सुवरिया तक पथ का सुदृढ़ीकरण कार्य। (लं० –4.000 कि०मी०) | | | |
| | | बलियापुर | 6 | सालविषाल से कालाझोर भया शिवपुर तक पथ का सुदृढ़ीकरण कार्य। (लं०–2.800 कि०मी०) | | | |
| | | कलियासोल | 7 | आर०सी०डी० रोड पथरकुआ से कालुबथान तक पथ का सुदृढ़ीकरण कार्य। (लं०–2.500 कि०मी०) | | | |
| | | निरसा | 8 | आर०ई०ओ० रोड जोराडीह से कोराडांगा तक पथ का सुदृढ़ीकरण कार्य। (लं०–1.100 कि०मी०) | | | |
| | | निरसा | 9 | टोपाटाँड से प्रतापडीह टोला बेलटीकारी तक पथ का सुदृढ़ीकरण कार्य। (लं०–1.000 कि०मी०) | | | |
| | | निरसा | 10 | आर०ई०ओ० रोड से चकलाता भाया केन्दुआ तक पथ का सुदृढ़ीकरण कार्य। (लं०–1.500 कि०मी०) | | | |
| | | निरसा | 11 | सासनबेड़िया से डाँगापारा निलकुट्टी मोड़ तक पथ का सुदृढ़ीकरण कार्य। (लं०–1.550 कि०मी०) | | | |
| | | निरसा | 12 | जी०टी० रोड गोपालपुर से तिलतोरिया निलकुट्टी मोड़ तक पथ का सुदृढ़ीकरण कार्य। (लं०–3.300 कि०मी०) | | | |
| | | निरसा | 13 | पी०डब्लू०डी० रोड से डुमर कुन्डा तक पथ का सुदृढ़ीकरण कार्य। (लं०–1.800 कि०मी०) | | | |

2. वेबसाईट मे निविदा प्रकाशन की तिथि:–09.02.2024
3. ई–निविदा प्राप्ति की अंतिम तिथि एवं समय:– 21.02.2024 अपराह्न 5.00 बजे तक।
4. निविदा खोलने की तिथि एवं समय:–22.02.2024 .अपराह्न 5.00 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड।
6. ई–निविदा प्रकोष्ठ का दूरभाष सं०– ..............................

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

मुख्य अभियंता
जे०एस०आर०आर०डी०ए०, राँची

PR 317650 Rural Work Department(23-24)#D



## ପୂର୍ବ ତଟ ରେଳପଥ
### ସାଂକେତିକ ରୋଜଗାର ସୂଚନା

**ସ୍କାଉଟ୍ ଆଣ୍ଡ୍ ଗାଇଡ୍ କୋଟା ଅଧିନରେ 2023-24 ବର୍ଷ ନିମନ୍ତେ ପୂର୍ବ ତଟ ରେଳବାଇରେ ମୁକ୍ତ ବଜାର ନିଯୁକ୍ତି**

ରୋଜଗାର ସୂଚନା ସଂ. ECOR /Pers/S & G/2023-24

ସୂଚନା ଜାରୀ ତାରିଖ : 01.02.2024, ବନ୍ଦ ହେବା ତାରିଖ : 29.02.2024, ବନ୍ଦ ହେବା ସମୟ : 1800 Hrs.

ପୂର୍ବ ତଟ ରେଳପଥରେ 2023-24 ବର୍ଷ ପାଇଁ 04 (ଚାରି) ପଦବୀ ପାଇଁ (ଲେବଲ- 02 ରେ 02 ଟି ପଦବୀ, ଲେବଲ- 01 ରେ 02 ଟି ପଦବୀ) **ସ୍କାଉଟ୍ ଆଣ୍ଡ୍ ଗାଇଡ୍ କୋଟା** ଅଧିନରେ ନିଯୁକ୍ତି ପାଇଁ ନିର୍ଦ୍ଦିଷ୍ଟ ଯୋଗ୍ୟତା ସର୍ତ୍ତ ପୂରଣ କରୁଥିବା ଭାରତୀୟ ନାଗରିକଙ୍କ ଠାରୁ ଆବେଦନଗୁଡ଼ିକ ଆମନ୍ତ୍ରିତ କରାଯାଉଛି । ସମ୍ଭବତଃ ଲିଖିତ ପରୀକ୍ଷା **ମାର୍ଚ୍ଚ 2024ର ଦ୍ୱିତୀୟ ସପ୍ତାହରେ** କରାଯିବ ।

ସବିଶେଷ ସୂଚନା ଏବଂ ଆବେଦନ ପତ୍ର ପାଇଁ ଆଶାୟୀ ରେଲୱେ ନିଯୁକ୍ତି ସେଲ୍ (ଆର୍‌ଆର୍‌ସି) ପୂର୍ବ ତଟ ରେଳପଥ, ଭୁବନେଶ୍ୱରର ୱେବ୍‌ସାଇଟ୍ www.rrcbbs.org.in ଅବଲୋକନ କରିପାରିବେ ।

PR-1046/O/23-24

ଉପମୁଖ୍ୟ କାର୍ମିକ ଅଧିକାରୀ (ମୁଖ୍ୟାଳୟ), ଭୁବନେଶ୍ୱର



## कार्यपालक अभियंता का कार्यालय,
ग्रामीण कार्य विभाग कार्य प्रमण्डल, चक्रधरपुर।
E-mail : rwdchakradharpur@gmail.com

### निविदा शुद्धि पत्र

PR No. 316919 Dated 25.01.2024

ई0– निविदा संख्या :– 05/2023-24/RWD/CHAKRADHARPUR दिनांक–24.01.2024

अपरिहार्य कारणवश कार्य समाप्ति की अवधि में आवश्यक संशोधन किया जाता है।

| क्र० | आईडेन्टी फिकेशन संख्या/पैकेज संख्या | कार्य समाप्ति की अवधि | संशोधित कार्य समाप्ति की अवधि |
|---|---|---|---|
| 1 | RWD/CHAKRADHARPUR/STPKG-10/2023-24 | 9 माह | 15 माह |

उक्त निविदा के शेष सभी शर्तें यथावत रहेंगी।
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रा० का० वि०, कार्य प्रमंडल,
चक्रधरपुर।

PR 317576 (West Singhbhum) 23-24 (D)

## ମନ୍ତ୍ରଣାଳୟ ଅନୁଯାୟୀ ବ୍ୟୟବରାଦ (କୋଟିରେ)

| | |
|---|---|
| ୧ | କୃଷି ମନ୍ତ୍ରଣାଳୟ– ୧,୨୭,୪୬୯.୮୮ |
| ୨ | ଆଣବିକ ଶକ୍ତି ବିଭାଗ– ୨୪,୯୬୮.୯୮ |
| ୩ | ଆୟୁଷ ମନ୍ତ୍ରଣାଳୟ– ୩,୭୧୨.୪୯ |
| ୪ | ରସାୟନ ଓ ସାର– ୧,୬୮,୩୭୯.୮୧ |
| ୫ | ବେସାମରିକ ବିମାନ ଚଳାଚଳ– ୨,୩୦୦.୦୦ |
| ୬ | କୋଇଲା ମନ୍ତ୍ରଣାଳୟ– ୧୯୨.୫୫ |
| ୭ | ବାଣିଜ୍ୟ ଓ ଶିଳ୍ପ– ୧୦,୪୦୪.୬୩ |
| ୭ | ଯୋଗାଯୋଗ ମନ୍ତ୍ରଣାଳୟ– ୧,୩୭,୨୫୫.୧୪ |
| ୮ | ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ– ୨,୧୩,୩୨୩.୩୭ |
| ୯ | କୋପରେଶନ ମନ୍ତ୍ରଣାଳୟ– ୧,୧୮୩.୩୯ |
| ୧୦ | କର୍ପୋରେଟ୍ ବ୍ୟାପାର ୬୬୭.୦୬ |
| ୧୧ | ସଂସ୍କୃତି ମନ୍ତ୍ରଣାଳୟ– ୩୨୬୦.୯୩ |
| ୧୨ | ପ୍ରତିରକ୍ଷା ମନ୍ତ୍ରଣାଳୟ ୬,୨୧,୫୪୦.୮୫ |
| ୧୩ | ଉତ୍ତରପୂର୍ବାଞ୍ଚଳ ବିକାଶ– ୫,୯୦୦.୦୦ |
| ୧୪ | ଭୂବିଜ୍ଞାନ ମନ୍ତ୍ରଣାଳୟ ୨୫୨୧.୮୩ |
| ୧୫ | ଶିକ୍ଷା ମନ୍ତ୍ରଣାଳୟ– ୧,୨୦,୬୨୭.୮୭ |
| ୧୬ | ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି– ୨୧,୩୮୫.୧୫ |
| ୧୭ | ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ୩,୨୬୫.୫୩ |
| ୧୮ | ବହିର୍ବ୍ୟାପାର ମନ୍ତ୍ରଣାଳୟ– ୨୨,୧୫୪.୬୭ |
| ୧୯ | ଅର୍ଥ ମନ୍ତ୍ରଣାଳୟ ୧୮,୫୦,୨୨୮.୮୭ |
| ୨୦ | ମତ୍ସ୍ୟଚାଷ, ପଶୁ ସମ୍ପଦ ଓ ଗୋପାଳନ– ୭,୧୦୫.୭୪ |
| ୨୧ | ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ– ୩,୨୯୦.୦୦ |
| ୨୨ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ– ୯୦,୬୫୮.୬୩ |
| ୨୩ | ଭାରି ଶିଳ୍ପ ମନ୍ତ୍ରଣାଳୟ– ୬,୭୨୯.୦୦ |
| ୨୪ | ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ– ୨,୦୨,୮୬୮.୭୦ |
| ୨୫ | ଗୃହ ଓ ନଗର ଉନ୍ନୟନ– ୭୭,୫୨୩.୫୮ |
| ୨୬ | ସୂଚନା ଓ ପ୍ରସାରଣ– ୪,୩୪୨.୫୫ |
| ୨୭ | ଜଳଶକ୍ତି ମନ୍ତ୍ରଣାଳୟ– ୯୮,୪୧୮.୭୯ |
| ୨୮ | ଶ୍ରମ ଓ ନିୟୋଜନ– ୧୨,୫୩୧.୪୭ |
| ୨୯ | ଆଇନ ଓ ନ୍ୟାୟ– ୬,୪୬୧.୭୦ |
| ୩୦ | ଏମ୍ଏସ୍ଏମ୍ଇ– ୨୨,୧୩୭.୯୫ |
| ୩୧ | ଖଣି ମନ୍ତ୍ରଣାଳୟ– ୧,୯୪୧.୦୬ |
| ୩୨ | ସଂଖ୍ୟାଲଘୁ ବ୍ୟାପାର– ୩,୧୮୩.୨୪ |
| ୩୩ | ନବୀନ ଓ ନବୀକରଣୀୟ ଶକ୍ତି– ୧୨,୮୫୦.୦୦ |
| ୩୪ | ପଞ୍ଚାୟତିରାଜ– ୧,୧୮୩.୬୪ |
| ୩୫ | ସଂସଦୀୟ ବ୍ୟାପାର– ୬୪.୦୦ |
| ୩୬ | କାର୍ମିକ, ଜନଅଭିଯୋଗ ଓ ପେନ୍ସନ– ୨,୨୮୪.୮୭ |
| ୩୭ | ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ– ୨୯,୭୧୩.୦୦ |
| ୩୮ | ଯୋଜନା ମନ୍ତ୍ରଣାଳୟ– ୮୩୭.୨୬ |
| ୩୯ | ବନ୍ଦର, ନୌପରିବହନ ଓ ଜଳମାର୍ଗ– ୨,୩୪୫.୫୫ |
| ୪୦ | ଶକ୍ତି ମନ୍ତ୍ରଣାଳୟ– ୨୦,୫୦୨.୦୦ |
| ୪୧ | ରାଷ୍ଟ୍ରପତି, ସଂସଦ, ୟୁପିଏସ୍ସି ଏବଂ ଉପରାଷ୍ଟ୍ରପତି ସଚିବାଳୟ–୧୮୭୭.୬୦ |
| ୪୨ | ରେଳ ମନ୍ତ୍ରଣାଳୟ– ୨,୫୫,୩୯୩.୦୦ |
| ୪୩ | ସଡ଼କ ପରିବହନ ଓ ରାଜପଥ– ୨,୭୮,୦୦୦.୦୦ |
| ୪୪ | ଗ୍ରାମୀଣ ବିକାଶ– ୧,୮୦,୨୩୩.୪୩ |
| ୪୫ | ବିଜ୍ଞାନ ଓ ପ୍ରଯୁକ୍ତି– ୧୬,୬୦୩.୯୪ |
| ୪୬ | ଦକ୍ଷତା ବିକାଶ ଓ ଔଦ୍ୟୋଗିକ– ୩,୫୨୦.୦୦ |
| ୪୭ | ସାମାଜିକ ନ୍ୟାୟ ଓ ସଶକ୍ତୀକରଣ– ୧୪,୨୨୫.୪୭ |
| ୪୮ | ମହାକାଶ ବିଭାଗ– ୧୩,୦୪୨.୭୫ |
| ୪୯ | ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ପ୍ରଣୟନ– ୫,୪୫୩.୮୩ |
| ୫୦ | ଇସ୍ପାତ ମନ୍ତ୍ରଣାଳୟ– ୩୨୫.୬୬ |
| ୫୧ | ବୟନଶିଳ୍ପ– ୪,୩୯୨.୮୫ |
| ୫୨ | ପର୍ଯ୍ୟଟନ– ୨,୪୨୯.୬୨ |
| ୫୩ | ଆଦିବାସୀ ବ୍ୟାପାର– ୧୩,୦୦୦.୦୦ |
| ୫୪ | ମହିଳା ଓ ଶିଶୁ ବିକାଶ– ୨୬,୦୯୨.୧୯ |
| ୫୫ | ଯୁବ ବ୍ୟାପାର ଓ କ୍ରୀଡ଼ା– ୩,୪୪୨.୩୨ |
| ମୋଟ: ୪୭,୬୫,୭୬୮.୩୯ | |

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ଉପସ୍ଥାପନ କରିଥିବା ଅନ୍ତରୀଣ ବଜେଟ କେତେକ ସେକ୍ଟର ପାଇଁ ଲାଭଦାୟକ ହୋଇଥିବାବେଳେ ଅନ୍ୟ କେତେକ କ୍ଷେତ୍ର ପ୍ରତି ବିଶେଷ ଦୃଷ୍ଟି ଦିଆଯାଇ ନାହିଁ। ଉକ୍ତ ବଜେଟରେ ଅର୍ଥମନ୍ତ୍ରୀ ଦେଶରେ ପର୍ଯ୍ୟଟନ, ଗୃହନିର୍ମାଣ ଏବଂ ପୁନଃ ନବୀକରଣଯୋଗ୍ୟ ଶକ୍ତି ବ୍ୟବହାର ବଢ଼ାଇବା ପାଇଁ ବିଭିନ୍ନ ପଦକ୍ଷେପ ଘୋଷଣା କରିଛନ୍ତି। ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି, ସ୍ଥିରତା ଓ ରାଷ୍ଟ୍ର କଲ୍ୟାଣକୁ ବଜାୟ ରଖି ଭୋଟରମାନଙ୍କର ମୁଖ୍ୟ ଭାଗ କୃଷକ ଏବଂ ଗରିବମାନଙ୍କୁ ଖୁସି କରିବା ନିମନ୍ତେ ବଜେଟରେ ଉଦ୍ୟମ ହୋଇଛି। ତେବେ ସଡ଼କ, ବନ୍ଦର ଏବଂ ଏୟାରପୋର୍ଟଗୁଡ଼ିକର ବିକାଶ ପାଇଁ ଆଶାଠାରୁ କମ୍ ବ୍ୟୟବରାଦ ହୋଇଛି।

କୃଷି ଉତ୍ପାଦନ ବଢ଼ାଇବା ପାଇଁ ଅମଳ ପରବର୍ତ୍ତୀ କାର୍ଯ୍ୟରେ ଘରୋଇ ଓ ସରକାରୀ ନିବେଶ ବୃଦ୍ଧି ଲାଗି ଯୋଜନା ହୋଇଛି। ଏଥିରେ ଅତ୍ୟାଧୁନିକ ଷ୍ଟୋରେଜ, ଯୋଗାଣ ଶୃଙ୍ଖଳ ସହିତ ତୈଳବୀଜରେ ଆତ୍ମନିର୍ଭରତା ବଢ଼ାଇବାକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ଦୁଗ୍ଧଚାଷୀଙ୍କ ବିକାଶ ଏବଂ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ବିସ୍ତୃତ କାର୍ଯ୍ୟକ୍ରମ ପାଇଁ ଯୋଜନା ରହିଛି।

ମଧ୍ୟବିତ୍ତ ଶ୍ରେଣୀଙ୍କ ପାଇଁ ସରକାର ଟିକସ ବ୍ୟବସ୍ଥାରେ କେତେକ ପରିବର୍ତ୍ତନ କରିଛନ୍ତି। ଟିକସଦାତାମାନଙ୍କ ହାତକୁ ଅଧିକ ଅର୍ଥ ଆସିବା ଏବଂ ସେମାନଙ୍କ କ୍ରୟଶକ୍ତି ବଢ଼ାଇବା ନିମନ୍ତେ ବଜେଟରେ ବ୍ୟବସ୍ଥା ହୋଇଛି। ମଧ୍ୟବିତ୍ତ ଶ୍ରେଣୀର ଲୋକେ ଯେଉଁମାନେ ଭଡ଼ାଘରେ, ବସ୍ତିରେ କିମ୍ବା ଅନଧିକୃତ କଲୋନିରେ ରହୁଛନ୍ତି, ସେମାନଙ୍କୁ ଆର୍ଥିକ ସହାୟତା ଦେଇ ନିଜ ପାଇଁ ଘର କିଣିବା ବା ନିର୍ମାଣ କରାଇବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପର୍ଯ୍ୟଟନର ବିକାଶ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ବିକାଶ କରି ସେଗୁଡ଼ିକୁ ବିଶ୍ୱସ୍ତରରେ ପ୍ରଚାରପ୍ରସାର କରାଇବା ନିମନ୍ତେ ସରକାର ରାଜ୍ୟଗୁଡ଼ିକୁ ପ୍ରୋତ୍ସାହିତ କରିବେ। ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟଗୁଡ଼ିକୁ ବିନା ସୁଧରେ ଦୀର୍ଘମିଆଦୀ ଋଣ ଯୋଗାଇଦେବାକୁ ଯୋଜନା ହେଉଛି।

ସେହିପରି ପୁନଃ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ ବଢ଼ାଇବା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ୨୦୭୦ ସୁଦ୍ଧା ଉତ୍ସର୍ଜନ ଲକ୍ଷ୍ୟ ନେଟ୍ ଜିରୋ ହାସଲ କରିବା ଲକ୍ଷ୍ୟ ୨୦୨୪ ବଜେଟରେ ରଖାଯାଇଛି। ସେଥିପାଇଁ ସବୁଜ ଶକ୍ତି ସେକ୍ଟରଗୁଡ଼ିକର ବିକାଶ ପାଇଁ ଅର୍ଥମନ୍ତ୍ରୀ ଅଧିକ ପୁଞ୍ଜିବରାଦ କରିଛନ୍ତି। ବାୟୁଶକ୍ତି ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଉପକୂଳ ଅଞ୍ଚଳରେ ବାୟୁଶକ୍ତି ଉତ୍ପାଦନ ୧ ଗିଗାୱାଟକୁ ବଢ଼ାଇବା ଲକ୍ଷ୍ୟ ରଖାଯାଇଛି। ସୌରଶକ୍ତି ଉତ୍ପାଦନ ବଢ଼ାଇବା ପାଇଁ କୋଟିଏ ପରିବାରଙ୍କ ଘରେ ରୁଫଟପ୍ ସୋଲାର ପ୍ୟାନେଲ ଲଗାଇବାକୁ ଯୋଜନା ହୋଇଛି।

ଅନ୍ୟପକ୍ଷରେ ଭିତ୍ତିଭୂମି, ବିଦ୍ୟୁତ୍ ଚାଳିତ ଗାଡ଼ି, ଜୁଏଲେରି ଆଦି ସେକ୍ଟରକୁ ଆଶାନୁରୂପ ସୁବିଧା ଦିଆଯାଇନାହିଁ। ଭିତ୍ତିଭୂମି ସେକ୍ଟରକୁ ବ୍ୟୟବରାଦ ୧୧.୧ ପ୍ରତିଶତ ବଢ଼ିଛି। ତେବେ ଭିତ୍ତିଭୂମିକୁ ନେଇ ରହିଥିବା ଚ୍ୟାଲେଞ୍ଜକୁ ଦୂର କରିବାକୁ ହେଲେ ଅଧିକ ବ୍ୟୟବରାଦର ଆବଶ୍ୟକତା ଥିଲା ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସରକାର ବିଦ୍ୟୁତ୍‌ଚାଳିତ ଗାଡ଼ି ଉତ୍ପାଦନ ସାମର୍ଥ୍ୟ ବଢ଼ାଇବାକୁ ଯୋଜନା କରୁଛନ୍ତି। ଏଥିପାଇଁ ସର୍ବସାଧାରଣ ସ୍ଥାନରେ ଚାର୍ଜିଂ ଭିତ୍ତିଭୂମି ବଢ଼ାଇବା, ବିଦ୍ୟୁତ୍ ପରିବହନ ବ୍ୟବସ୍ଥାକୁ ଅଧିକ ଆପଣାଇବା ଉପରେ ସରକାର ଜୋର୍ ଦେଉଥିଲେ ମଧ୍ୟ ଗତବର୍ଷର ୧.୨ ବିଲିୟନ ଡଲାର ସବ୍‌ସିଡି ପ୍ରୋଗ୍ରାମକୁ ବଢ଼ାଇ ନାହାନ୍ତି।

ସୁନା ଉପରେ ସର୍ବାଧିକ ୧୫ ପ୍ରତିଶତ ଆମଦାନି ଶୁଳ୍କକୁ ସରକାର ପରିବର୍ତ୍ତନ କରି ନଥିବାରୁ ଜୁଏଲେରି ଷ୍ଟକ୍ ହ୍ରାସ ପାଇଛି। ଦେଶକୁ ବେଆଇନ ସୁନା ଚାଲାଣ ବନ୍ଦ କରିବା ନିମନ୍ତେ ଟିକସ ହ୍ରାସ ପାଇଁ ଉକ୍ତ ଶିଳ୍ପ ପକ୍ଷରୁ ବାରମ୍ବାର ଦାବି ହେଉଥିଲା। ଫଳରେ ଗ୍ରାହକଙ୍କ ପାଇଁ ସୁନା ଗହଣା ଶସ୍ତା ହୋଇପାରିଥାନ୍ତା। କିନ୍ତୁ ବଜେଟରେ ଏଥିପାଇଁ ପଦକ୍ଷେପ ନିଆଯାଇ ନାହିଁ।



# କାହାଙ୍କୁ ଲାଭ, କିଏ କ୍ଷତିରେ

## ସୀତାରାମନ୍‌ଙ୍କ ସବୁଠୁ ସଂକ୍ଷିପ୍ତ ବଜେଟ ଅଭିଭାଷଣ

ସୀତାରାମନ୍ ପୂର୍ବାହ୍ନ ୧୧ଟାରେ ବଜେଟ ଉପସ୍ଥାପନ ଆରମ୍ଭ କରି ୫୬ ମିନିଟ ଧରି ଭାଷଣ ଦେଇଥିଲେ। ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଏହା ସବୁଠୁ ସଂକ୍ଷିପ୍ତ ଅଭିଭାଷଣ। ୨୦୨୦ରେ ସୀତାରାମନ୍ ୨ ଘଣ୍ଟା ୪୦ ମିନିଟ୍ ଧରି ସବୁଠୁ ଲମ୍ବା ଭାଷଣ ଦେଇଥିଲେ। ସେ ଗୃହରେ ବିବରଣୀ ରଖୁଥିବାବେଳେ ଶାସକ ପକ୍ଷ ଟେବୁଲ ବାଡ଼େଇ ତାଙ୍କୁ ଉତ୍ସାହିତ କରିଥିଲେ। ବିଶେଷକରି ଜୁଲାଇରେ ଆମ ସରକାର ପୂର୍ଣ୍ଣାଙ୍ଗ ବଜେଟ ଆଣିବେ ବୋଲି କହିଲା ବେଳକୁ ଶାସକ ସଦସ୍ୟମାନେ ଉତ୍ଫୁଲ୍ଲିତ ହୋଇଯାଇ ମଝିରେ ମଝିରେ 'ଜୟ ଶ୍ରୀରାମ' ସ୍ଲୋଗାନ ଦେଉଥିବା ଦେଖିବାକୁ ମିଳିଥିଲା। ସୀତାରାମନ୍ ଏଥର ପୂର୍ବ ଭଳି ତାମିଲ କବି କିମ୍ବା ବିଚାରକମାନଙ୍କ ଅବତାରଣା କରି ନ ଥିଲେ। କିନ୍ତୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ ଅନ୍ୟୂନ ୮ ଥର ଉଚ୍ଚାରଣ କରିଥିଲେ। ୨୦୧୯ରେ ସୀତାରାମନ୍ ଭାରତର ପ୍ରଥମ ପୂର୍ଣ୍ଣକାଳୀନ ଅର୍ଥମନ୍ତ୍ରୀ ରୂପେ ଦାୟିତ୍ୱ ନେଇଥିଲେ। ସେ ନିଜ ପ୍ରଥମ ବଜେଟ ଉପସ୍ଥାପନ ବେଳେ ୨ ଘଣ୍ଟା ୧୭ ମିନିଟ୍ ଭାଷଣ ଦେଇଥିଲେ। ୨୦୨୧ରେ ତାଙ୍କ ବଜେଟ ଅଭିଭାଷଣ ଅବଧି ଥିଲା ଘଣ୍ଟାଏ ୫୦ ମିନିଟ୍। ସେହିପରି ୨୦୨୨ରେ ୯୨ ମିନିଟ୍ ଓ ୨୦୨୩ରେ ସେ ୮୭ ମିନିଟ୍ ବଜେଟ ସମ୍ପର୍କିତ ଭାଷଣ ଦେଇଥିଲେ। ଷଷ୍ଠ ଥର ବଜେଟ ଉପସ୍ଥାପନ କରି ସୀତାରାମନ୍ ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ରେକର୍ଡ ସମତୁଲ୍ୟ ହୋଇଛନ୍ତି।

## ୭ ଆଇଆଇଟି, ୧୫ ଏମ୍ସ ନିର୍ମାଣ ହୋଇଛି

୨୦୧୪ରୁ ଦଶବର୍ଷ ମଧ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଘଟିଛି। ଏହି ସମୟ ମଧ୍ୟରେ ବହୁସଂଖ୍ୟାରେ ଉଚ୍ଚ ଶିକ୍ଷାନୁଷ୍ଠାନ ଗଢ଼ିଉଠିଛି। ସେଥିରେ ରହିଛି ୭ଟି ଆଇଆଇଟି, ୧୬ ଆଇଆଇଆଇଟି, ୭ ଆଇଆଇଏମ୍, ୧୫ଟି ଏମ୍ସ, ୩୯୦ଟି ବିଶ୍ୱବିଦ୍ୟାଳୟ। ୩,୦୦୦ ନୂଆ ଆଇଟିଆଇ ସ୍ଥାପନ ହୋଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ ବେଳେ କହିଛନ୍ତି। ଜାତୀୟ ଶିକ୍ଷାନୀତି, ୨୦୨୦ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିଛି। ପିଏମ୍ ସ୍କିଲ୍ସ ଫର୍ ରାଇଜିଂ ଇଣ୍ଡିଆ ଯୋଜନାରେ ଶିକ୍ଷାଦାନର ମାନ ବଢ଼ିଛି। ସ୍କିଲ୍ ଇଣ୍ଡିଆ ମିଶନରେ ୧.୪ କୋଟି ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦିଆଯାଇ କୁଶଳୀ କରାଯାଇଥିବା ଅର୍ଥମନ୍ତ୍ରୀ କହିଛନ୍ତି।

## ବିକଶିତ ଭାରତର ମୂଳଦୁଆ ସୁଦୃଢ଼ କରିବାକୁ ଗ୍ୟାରେଣ୍ଟି



ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ଉପସ୍ଥାପନ କରିଥିବା ଅନ୍ତରୀଣ ବଜେଟ ବିକଶିତ ଭାରତର ମୂଳଦୁଆକୁ ସୁଦୃଢ଼ କରିବାର ଗ୍ୟାରେଣ୍ଟି ଦେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ବଜେଟ ଉପସ୍ଥାପନ ପରେ ଟେଲିଭିଜନ ବାର୍ତ୍ତା ଜରିଆରେ ପ୍ରଧାନମନ୍ତ୍ରୀ କହିଥିଲେ, ବଜେଟ ବିକଶିତ ଭାରତର ୪ଟି ସ୍ତମ୍ଭ– ଯୁବବର୍ଗ, ଗରିବ, ମହିଳା ଏବଂ କୃଷକଙ୍କୁ ସଶକ୍ତୀକରଣ କରିବ। ଭାରତର ଭବିଷ୍ୟତ ସୃଷ୍ଟି କରିବା ପାଇଁ ଏହି ବଜେଟ ଅଣାଯାଇଛି। ଏହା ଯୁବ ଭାରତର ଯୁବ ଆକାଂକ୍ଷାକୁ ପ୍ରତିଫଳନ କରୁଛି। ଆର୍ଥିକ ନିଅଣ୍ଟକୁ ନିୟନ୍ତ୍ରଣରେ ରଖି ବଜେଟରେ ଐତିହାସିକ ବୃଦ୍ଧି ଦେଖିବାକୁ ମିଳିଛି। ଏହା ଭାରତର ଯୁବବର୍ଗଙ୍କ ପାଇଁ ଲକ୍ଷ ଲକ୍ଷ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ଏକବିଂଶ ଶତାବ୍ଦୀ ପାଇଁ ଆଧୁନିକ ଭିତ୍ତିଭୂମି ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବଜେଟରେ ନିରବଚ୍ଛିନ୍ନତାର ଆସ୍ଥା ରହିଛି। ଏହା କେବଳ ଏକ ଅନ୍ତରୀଣ ବଜେଟ ନୁହେଁ ବରଂ ଏକ ସମାବେଶୀ ଓ ଅଭିନବ ବଜେଟ। ଗବେଷଣା ଓ ଇନୋଭେଶନ ପାଇଁ ବଜେଟରେ ୧ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଷ୍ଟାର୍ଟଅପ୍‌ମାନଙ୍କ ପାଇଁ ରିହାତି ବ୍ୟବସ୍ଥା ରହିଛି। ଭିତ୍ତିଭୂମି ବିକାଶ ପାଇଁ ୧୧.୧୧ ଲକ୍ଷ କୋଟି ବ୍ୟୟବରାଦ କରାଯାଇଛି। ବଜେଟ ଗରିବ ଓ ମଧ୍ୟବିତ୍ତ ବର୍ଗଙ୍କୁ ସଶକ୍ତ କରାଇବା ସହ ପର୍ଯ୍ୟାପ୍ତ ନିଯୁକ୍ତି ସୃଷ୍ଟି କରିବ ବୋଲି ମୋଦି କହିଛନ୍ତି।



ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ୯୦,୬୫୮ କୋଟି

୨୦୨୪-୨୫ ବର୍ଷ ପାଇଁ ଅନ୍ତରୀଣ ବଜେଟରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ୯୦,୬୫୮.୬୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୨୦୨୩-୨୪ ବଜେଟ ତୁଳନାରେ ଏହା ୧୨.୫୯ ପ୍ରତିଶତ ଅଧିକ। ପୂର୍ବ ବଜେଟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ୮୦,୫୧୭.୬୨ କୋଟି ମଞ୍ଜୁର ହୋଇଥିଲା। ୯୦,୬୫୮.୬୩ କୋଟି ଟଙ୍କା ମଧ୍ୟରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ୮୭,୬୫୬.୯୦ କୋଟି ମଞ୍ଜୁର ହୋଇଥିବାବେଳେ ସ୍ୱାସ୍ଥ୍ୟ ଗବେଷଣା ବାବଦରେ ୩୦୦୧.୬୩ କୋଟି ବ୍ୟୟ ହେବ। ଆୟୁଷ ମନ୍ତ୍ରଣାଳୟ ପାଇଁ ବ୍ୟୟବରାଦ ୩,୦୦୦ କୋଟିରୁ ୩,୭୧୨.୪୯ କୋଟି ଟଙ୍କାକୁ ବଢ଼ାଯାଇଛି, ଯାହାକି ୨୩.୭୪ ପ୍ରତିଶତ ବୃଦ୍ଧି। ବର୍ତ୍ତମାନର ହସ୍ପିଟାଲ ଭିତ୍ତିଭୂମିକୁ ବ୍ୟବହାର କରି ସରକାର ଅଧିକ ମେଡିକାଲ କଲେଜ ଖୋଲିବା ପାଇଁ ଯୋଜନା କରୁଛନ୍ତି। ଉକ୍ତ ପ୍ରସଙ୍ଗଗୁଡ଼ିକର ଅନୁଧ୍ୟାନ କରି ଆନୁଷଙ୍ଗିକ ସୁପାରିସ ପାଇଁ ଏକ କମିଟି ଗଠନ ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି।



## ପ୍ରତିରକ୍ଷା ବଜେଟ ୬.୨୧ ଲକ୍ଷ କୋଟି

କେନ୍ଦ୍ର ସରକାର ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ପ୍ରତିରକ୍ଷା ବଜେଟକୁ ୬.୨୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ଗତବର୍ଷ ଏ ବାବଦରେ ବ୍ୟୟବରାଦ ୫.୯୪ ଲକ୍ଷ କୋଟି ଟଙ୍କା ଥିଲା। ନୂଆ ଅସ୍ତ୍ରଶସ୍ତ୍ର, ଯୁଦ୍ଧବିମାନ, ଯୁଦ୍ଧଜାହାଜ ଏବଂ ଅନ୍ୟାନ୍ୟ ସାମରିକ ହାର୍ଡୱେର କ୍ରୟ ପାଇଁ ୧.୭୨ ଲକ୍ଷ କୋଟି ଟଙ୍କା ରଖାଯାଇଛି। ଯୁଦ୍ଧବିମାନ ଓ ଇଞ୍ଜିନ କ୍ରୟ ପାଇଁ ୪୦,୭୭୭ କୋଟି ଏବଂ ଅନ୍ୟାନ୍ୟ ସଞ୍ଜାମ ପାଇଁ ୬୨,୩୪୩ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ନୌସେନା ଜାହାଜ ପାଇଁ ୨୩,୮୦୦ କୋଟି ରଖାଯାଇଥିବାବେଳେ ନାଭାଲ ଡକ୍‌ୟାର୍ଡ ପ୍ରକଳ୍ପ ପାଇଁ ୬,୮୩୦ କୋଟି ଟଙ୍କା ରଖାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଏ ବାବଦ ମୋଟ ପୁଞ୍ଜି ବ୍ୟୟ ୧.୬୨ ଲକ୍ଷ କୋଟି ଟଙ୍କା ଥିଲା। ସେନାରେ 'ଡିପ୍-ଟେକ୍' ପ୍ରଯୁକ୍ତିକୁ ସୁଦୃଢ଼ କରିବା ନିମନ୍ତେ ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ଘୋଷଣା କରାଯାଇଛି। ସାମରିକ କ୍ଷେତ୍ରକୁ ଆତ୍ମନିର୍ଭର କରିବାରେ ଏହା ସହାୟକ ହେବ। ମୋଟ ରାଜସ୍ୱ ବ୍ୟୟ ୪,୩୯,୩୦୦ କୋଟି ମଧ୍ୟରୁ ପ୍ରତିରକ୍ଷା ପେନ୍‌ସନ ବାବଦରେ ୧,୪୧,୨୦୫ କୋଟି ବ୍ୟୟ ହେବାକୁ ଥିବାବେଳେ ପ୍ରତିରକ୍ଷା ସେବା ପାଇଁ ୨,୮୨,୭୭୨ କୋଟି ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ (ସିଭିଲ୍) ପାଇଁ ୧୫,୩୨୨ କୋଟି ଟଙ୍କା ବ୍ୟୟ ହେବ। ସ୍ଥଳସେନା ପାଇଁ ୧,୯୨,୬୮୦ କୋଟି ଟଙ୍କା ରଖାଯାଇଥିବାବେଳ ନୌସେନା ଏବଂ ବାୟୁସେନା ପାଇଁ ଯଥାକ୍ରମେ ୩୨,୭୭୮ କୋଟି ଏବଂ ୪୬,୨୨୩ କୋଟି ଟଙ୍କା ରଖାଯାଇଛି।

## ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ୨ ଲକ୍ଷ କୋଟି

ଅନ୍ତରୀଣ ବଜେଟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ୨,୦୨,୮୬୮.୭୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିରୁ ସର୍ବାଧିକ ଭାଗ ସିଆର୍‌ପିଏଫ୍, ବିଏସ୍‌ଏଫ୍ ଏବଂ ସିଆଇଏସ୍‌ଏଫ୍ ଆଦି ଅର୍ଦ୍ଧସାମରିକ ବାହିନୀକୁ ଯାଇଛି। ପୋଲିସ ଅଧୀନରେ ଅର୍ଦ୍ଧସାମରିକ ବଳ ଆସୁଥିବାବେଳେ ଏଥିପାଇଁ ୧,୩୨,୩୪୫.୪୭ କୋଟି ଏବଂ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୩୭,୨୭୭.୭୪ କୋଟି ଟଙ୍କା ରହିଛି। ସେହିପରି ଲଦାଖକୁ ୫,୯୫୮ କୋଟି, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ ୫,୮୬୬.୩୭ କୋଟି, ଚଣ୍ଡିଗଡ଼କୁ ୫,୮୬୨.୬୨ କୋଟି, ପଣ୍ଡିଚେରୀକୁ ୩,୨୬୯ କୋଟି ଏବଂ ଦାଦ୍ରା ଓ ନଗର ହାଭେଲି ଏବଂ ଡାମନ ଓ ଡିଉ ପାଇଁ ୨,୬୪୮.୯୭ କୋଟି, ଲକ୍ଷାଦ୍ୱୀପକୁ ୧,୪୯୦.୧୦ କୋଟି ଏବଂ ଦିଲ୍ଲୀ ପାଇଁ ୧,୧୬୮.୦୧ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

## ରେଲୱେ କରିଡରକୁ ଫୋକସ୍



ଭିତ୍ତିଭୂମି ପାଇଁ ୧୧.୧୧ ଲକ୍ଷ କୋଟି ବ୍ୟୟବରାଦ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଅନ୍ତରୀଣ ବଜେଟରେ ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ଭିତ୍ତିଭୂମି ବ୍ୟୟବରାଦକୁ ୧୧.୧% ବଢ଼ାଇ ୧୧.୧୧ ଲକ୍ଷ କୋଟି ଟଙ୍କା କରିବାକୁ ପ୍ରସ୍ତାବ ରଖିଛନ୍ତି। ଏହାର ଦେଶର ସକଳ ଘରୋଇ ଉତ୍ପାଦ (ଜିଡିପି)ର ୩.୪ ପ୍ରତିଶତ। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟକୁ ୨.୭୮ ଲକ୍ଷ କୋଟି ବ୍ୟୟବରାଦ ହୋଇଥିବାବେଳେ ରେଲୱେ ମନ୍ତ୍ରଣାଳୟ ପାଇଁ ୨.୫୫ ଲକ୍ଷ କୋଟି ରଖାଯାଇଛି। ଗତ ୪ ବର୍ଷ ମଧ୍ୟରେ ଭିତ୍ତିଭୂମି ବ୍ୟୟବରାଦ ତିନିଗୁଣ ବଢ଼ିଛି। ବଜେଟରେ ୩ଟି ବୃହତ ଅର୍ଥନୈତିକ ରେଲୱେ କରିଡର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ରହିଛି। ସେଗୁଡ଼ିକ ହେଲା ଶକ୍ତି, ଖଣିଜ ଏବଂ ସିମେଣ୍ଟ କରିଡର, ବନ୍ଦର ସଂଯୋଗ କରିଡର ଏବଂ ଉଚ୍ଚ ଟ୍ରାଫିକ୍ ସାନ୍ଦ୍ରତା କରିଡର। ୪,୦୦୦ ସାଧାରଣ ରେଳ ବଗିକୁ ବନ୍ଦେ ଭାରତ ମାନର କରିବା ପାଇଁ ବଜେଟରେ ପ୍ରସ୍ତାବ ରହିଛି। ସେହିପରି ବର୍ତ୍ତମାନର ବିମାନବନ୍ଦରଗୁଡ଼ିକର ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିବା ସହ ନୂତନ ଏୟାରପୋର୍ଟଗୁଡ଼ିକର ବିକାଶ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସହରାଞ୍ଚଳରେ ଆବଶ୍ୟକ ପରିବର୍ତ୍ତନକୁ ମେଟ୍ରୋ ରେଲ୍ ଏବଂ ନମୋ ଭାରତ ତ୍ୱରାନ୍ୱିତ କରିପାରିବ। ଏହିସବୁ ସିଷ୍ଟମର ସମ୍ପ୍ରସାରଣ ବୃହତ୍ ସହରଗୁଡ଼ିକର ସମନ୍ୱିତ ବିକାଶରେ ସହାୟକ ହେବ। ଗତ ବଜେଟରେ ଭିତ୍ତିଭୂମି ବ୍ୟୟବରାଦ ୧୦ ଲକ୍ଷ କୋଟି ଟଙ୍କା ଥିବାବେଳେ ପରେ ଏହାକୁ ୯.୫ ଲକ୍ଷ କୋଟି ଟଙ୍କାକୁ ହ୍ରାସ କରାଯାଇଥିଲା। ଏହା ପୂର୍ବବର୍ଷ ଭିତ୍ତିଭୂମି ବ୍ୟୟବରାଦ ୭.୩ ଲକ୍ଷ କୋଟି ଟଙ୍କା ଥିଲା।




## ପିଏମ୍ଏୱାଇ(ଜି)ରେ ଆଉ ୨ କୋଟି ଘର ନିର୍ମାଣ ହେବ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମ୍ଏୱାଇ-ଜି)ରେ ଆଗାମୀ ୫ ବର୍ଷ ମଧ୍ୟରେ ଆଉ ୨ କୋଟି ଘର ନିର୍ମାଣ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ତାଙ୍କର ନିର୍ବାଚନ ପୂର୍ବ ବଜେଟ ଉପସ୍ଥାପନ କରିବା ଅବସରରେ କହିଛନ୍ତି। ଏ ବାବଦରେ ବଜେଟରେ ୫୪,୫୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଗତବର୍ଷ ଉକ୍ତ ଯୋଜନାରେ ୫୪,୪୮୭ କୋଟି ମଞ୍ଜୁର ହୋଇଥିଲାବେଳେ ସଂଶୋଧିତ ଆକଳନ ୩୨,୦୦୦ କୋଟି ଥିଲା। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୩ କୋଟି ଘର ନିର୍ମାଣ କରାଯାଇଛି।




## 'ଲକ୍ଷପତି ଦିଦି' ସଂଖ୍ୟା ୩ କୋଟିକୁ ବଢ଼ିବ

କେନ୍ଦ୍ର ସରକାର 'ଲକ୍ଷପତି ଦିଦି'ଙ୍କ ସଂଖ୍ୟା ୨ କୋଟିରୁ ୩ କୋଟିକୁ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଲକ୍ଷପତି ଦିଦି ଯୋଜନାରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ତାଲିମ ପ୍ରଦାନ କରି ସେମାନଙ୍କୁ ବାର୍ଷିକ ଅନ୍ୟୂନ ଲକ୍ଷେ ଟଙ୍କା ସ୍ଥାୟୀ ରୋଜଗାର ନିମନ୍ତେ ସମର୍ଥ କରାଇବା ଲକ୍ଷ୍ୟ ରଖାଯାଇଥିଲା। ୮୩ ଲକ୍ଷ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ର ୯ କୋଟି ମହିଳା ସଶକ୍ତୀକରଣ ଓ ଆତ୍ମନିର୍ଭର ହେବା ଦ୍ୱାରା ଗ୍ରାମାଞ୍ଚଳର ସାମାଜିକ-ଅର୍ଥନୈତିକ ସ୍ଥିତିରେ ପରିବର୍ତ୍ତନ ଆଣିଛନ୍ତି ବୋଲି ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ କହିଛନ୍ତି। ସେମାନଙ୍କ ସଫଳତା ୧ କୋଟି ମହିଳାଙ୍କୁ ଲକ୍ଷପତିରେ ପରିଣତ କରିଛି। ସେମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଥିବା ସୀତାରାମନ କହିଛନ୍ତି।



## ଗ୍ରାମୀଣ ବିକାଶ ମନ୍ତ୍ରଣାଳୟକୁ ୧୨% ଅଧିକ ବ୍ୟୟବରାଦ

ଅନ୍ତରୀଣ ବଜେଟରେ ଗ୍ରାମାଞ୍ଚଳ ବିକାଶ ବାବଦରେ ୧୨ ପ୍ରତିଶତ ଅଧିକ ବ୍ୟୟବରାଦ ହୋଇଛି। ଗତବର୍ଷ ବଜେଟରେ ଉକ୍ତ ମନ୍ତ୍ରଣାଳୟକୁ ୧.୫୭ ଲକ୍ଷ କୋଟି ଟଙ୍କା ମଞ୍ଜୁର କରାଯାଇଥିବାବେଳ ୨୦୨୪-୨୫ ବର୍ଷ ପାଇଁ ୧.୭୭ ଲକ୍ଷ କୋଟି ଟଙ୍କା ରଖାଯାଇଛି। ୨୦୨୪-୨୫ ବର୍ଷ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ନିମନ୍ତେ ୮୬,୦୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି, ଯାହାକି ଗତ ବଜେଟ ତୁଳନାରେ ୪୩ ପ୍ରତିଶତ ଅଧିକ। ଗତ ବଜେଟରେ ଏ ବାବଦରେ ୬୦,୦୦୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ସମୀକ୍ଷା କରାଯାଇ ଏହାକୁ ୮୬,୦୦୦ କୋଟିକୁ ବୃଦ୍ଧି କରାଯାଇଥିଲା।



ପ୍ରଧାନମନ୍ତ୍ରୀ ସୂର୍ଯ୍ୟୋଦୟ ଯୋଜନାରେ ୧ କୋଟି ପରିବାରଙ୍କ ଛାତରେ ସୋଲାର ପ୍ୟାନେଲ ଲାଗିବ। ଫଳରେ ସେମାନେ ପ୍ରତି ମାସରେ ୩୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ପାଇବେ ଏବଂ ବର୍ଷକୁ ୧୮,୦୦୦ ଟଙ୍କା ସଞ୍ଚୟ କରିପାରିବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ପ୍ରଧାନମନ୍ତ୍ରୀ ଗତ ୨୨ ତାରିଖରେ ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରୁ ଫେରି ଉକ୍ତ ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ପରିବାରଗୁଡ଼ିକର ଛାତରେ ସୋଲାର ପ୍ୟାନେଲ ଲାଗିବା ଦ୍ୱାରା ସେମାନେ ନିଜର ବିଦ୍ୟୁତ୍ ଚାହିଦା ପୂରଣ କରି ବଳକା ବିଦ୍ୟୁତ୍ ବିକ୍ରି କରିପାରିବେ। ଏଥିରେ ଇଲେକ୍ଟ୍ରିକ୍ ଯାନ ଚାର୍ଜ କରାଯାଇପାରିବ ଏବଂ ଅନେକଙ୍କୁ ଔଦ୍ୟୋଗିକ ସୁଯୋଗ ଓ ନିଯୁକ୍ତି ମିଳିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

## ସୂର୍ଯ୍ୟୋଦୟ ଯୋଜନାରେ ୧ କୋଟି ପରିବାର ଉପକୃତ ହେବେ



## କେନ୍ଦ୍ରମନ୍ତ୍ରୀଙ୍କ ବେତନ, ଆତିଥେୟତା ପାଇଁ ୧,୨୪୯ କୋଟି

କେନ୍ଦ୍ରମନ୍ତ୍ରୀ, କ୍ୟାବିନେଟ ସଚିବ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆତିଥେୟତା ଏବଂ ରାଷ୍ଟ୍ର ଅତିଥିମାନଙ୍କ ମନୋରଞ୍ଜନ ପାଇଁ ଅନ୍ତରୀଣ ବଜେଟରେ ୧,୨୪୮.୯୧ କୋଟି ଟଙ୍କା ରଖାଯାଇଛି। ଏହା ଗତବର୍ଷ ବଜେଟଠାରୁ କମ୍। ୨୦୨୩-୨୪ ବର୍ଷରେ ଏବାବଦରେ ୧,୮୦୩.୦୧ କୋଟି ବ୍ୟୟବରାଦ ହୋଇଥିଲା। ଜାତୀୟ ସୁରକ୍ଷା ପରିଷଦ ସଚିବାଳୟକୁ ୨୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ପ୍ରଶାସନିକ ଖର୍ଚ୍ଚ ଏବଂ ପରିଷଦର ମହାକାଶ କାର୍ଯ୍ୟକ୍ରମ ପାଇଁ ଏହାକୁ ବିନିଯୋଗ କରାଯିବ। ପ୍ରମୁଖ ବିଜ୍ଞାନ ପରାମର୍ଶଦାତାଙ୍କ କାର୍ଯ୍ୟାଳୟ ନିମନ୍ତେ ୭୬.୨୦ କୋଟି ମଞ୍ଜୁର ହୋଇଥିବାବେଳେ କ୍ୟାବିନେଟ ସଚିବାଳୟକୁ ୭୦ କୋଟି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ୬୫.୩୦ କୋଟି ଏବଂ ଆତିଥେୟତା ଓ ମନୋରଞ୍ଜନ ବାବଦରେ ୪ କୋଟି ଟଙ୍କା ରଖାଯାଇଛି।

# ଓଡ଼ିଶାରେ ଏନ୍‌ଟିପିସିର ୨୮,୯୭୮ କୋଟି ପୁଞ୍ଜି ବିନିଯୋଗ

## ୩ରେ ପ୍ରକଳ୍ପର ଶୁଭାରମ୍ଭ କରିବେ ମୋଦି




ଭୁବନେଶ୍ୱର,୧।୨(ଅଭୟ ଦାଶ)

ଦେଶର ପ୍ରମୁଖ ଶକ୍ତି ଉତ୍ପାଦକ ତଥା ଭାରତ ସରକାରଙ୍କ ଅଗ୍ରଣୀ ଏଣ୍ଟରପ୍ରାଇଜେସ୍ ଏନ୍‌ଟିପିସି ଲିମିଟେଡ୍ (ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେସନ ବା ଏନ୍‌ଟିପିସି)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଓଡ଼ିଶା ୩ଟି ପ୍ରମୁଖ ପ୍ରକଳ୍ପକୁ ୨୦୨୪ ଫେବୃଆରୀ ୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ସହ ମୋଟ ୨୮,୯୭୮ କୋଟି ଟଙ୍କାର ଉକ୍ତ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ(ଲୋକାର୍ପଣ) କରିବେ। ଏହି ପରିପ୍ରେକ୍ଷୀରେ ଏନ୍‌ଟିପିସି ଲିମିଟେଡ୍‌ର ଓଡ଼ିଶା ୟୁନିଟ୍ (ଇଷ୍ଟର୍ନ ରିଜିଅନ-୨ ଭୁବନେଶ୍ୱର) ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏନ୍‌ଟିପିସି ଲିମିଟେଡ୍‌ର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଷ୍ଟର୍ନ ରିଜିଅନ-୧ଏବଂ୨) ସୁଦୀପ ନାଗ କମ୍ପାନୀର ବିକାଶମୂଳକ କାର୍ଯ୍ୟକଳାପ ସହ ନୂତନ ପ୍ରକଳ୍ପ ଏବଂ ଖବରଦାତା ସମ୍ମିଳନୀ(ପ୍ରେସ୍ ବାର୍ତ୍ତା)ର ଆଭିମୁଖ୍ୟ ବିଷୟରେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀ ୩ରେ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଅଧୀନ ଏନ୍‌ଟିପିସି ଦର୍ଲିପାଲି ସୁପର ଥର୍ମାଲ ପାୱାର ଷ୍ଟେସନ (୧୬୦୦ମେଗାୱାଟ୍) ଏବଂ ଏନ୍‌ଏସ୍‌ପିସିଏଲ୍ ରାଉରକେଲା ପିପି-୨ ସମ୍ପ୍ରସାରଣ ପ୍ରକଳ୍ପ (୨୫୦ମେଗାୱାଟ୍)ର ଲୋକାର୍ପଣ ସହ ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଏନ୍‌ଟିପିସି ତାଳଚେର ଥର୍ମାଲ ପାୱାର ପ୍ରାଜେକ୍ଟ ଷ୍ଟେଜ-୩ (୧୩୨୦ ମେଗାୱାଟ)ର ଶିଳାନ୍ୟାସ କରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

ସେହିଭଳି ଦର୍ଲିପାଲି ଏସ୍‌ଟିପିପି ପ୍ରକଳ୍ପ ହେଉଛି,ସୁପରକ୍ରିଟିକାଲ (ଅତ୍ୟନ୍ତ ଦକ୍ଷ) ଟେକ୍ନୋଲୋଜି ସମ୍ପନ୍ନ ଏକ ପିଟ୍ ହେଡ୍ ପାୱାର ଷ୍ଟେସନ, ଯାହା ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଗୁଜରାଟ ଏବଂ ସିକିମ ଭଳି ରାଜ୍ୟକୁ କମ୍ ମୂଲ୍ୟରେ ବିଜୁଳି ଯୋଗାଉଛି। ସେହିପରି ରାଉରକେଲା ଇସ୍ପାତ କାରଖାନାରେ ଏନ୍‌ଟିପିସି-ସେଲ ପାୱାର କମ୍ପାନୀ ଲିମିଟେଡ୍‌ର ୨୫୦ମେଗାୱାଟ୍ ପ୍ରକଳ୍ପ କରାଯାଉଛି, ଯାହା ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଇସ୍ପାତ କାରଖାନାକୁ ନିର୍ଭରଯୋଗ୍ୟ ଶକ୍ତି ପ୍ରଦାନ କରିବ। ଅପରପକ୍ଷରେ ଅନୁଗୋଳ ଜିଲ୍ଲାର ପୁରୁଣା ଟିଟିପିଏସ୍ ପ୍ଲାଣ୍ଟ ପରିସରରେ କମ୍ପାନୀ ତାଳଚେର ଥର୍ମାଲ ପାୱାର ପ୍ରୋଜେକ୍ଟ ଷ୍ଟେଜ-୩ ନିର୍ମାଣ କରୁଛି, ଯାହାକୁ କମ୍ପାନୀ ୧୯୯୫ରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡଠାରୁ ଅଧିଗ୍ରହଣ କରିଥିଲା। ଉକ୍ତ ସମ୍ମିଳନୀରେ ଏନ୍‌ଏସ୍‌ପିସିଏଲ୍‌ର ସିଇଓ ଦିବାକର କୌଶିକ, ତାଳଚେର ଥର୍ମାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗୌତମ ଦେବ, ଏନ୍‌ଟିପିସି ଲିମିଟେଡ୍ ନୂଆଦିଲ୍ଲୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (କର୍ପୋରେଟ କମ୍ୟୁନିକେସନ) ହରଜିତ ସିଂହ, ତାଳଚେର କଣିହାର ବିଜନେସ୍ ୟୁନିଟ୍ ହେଡ୍ ଅଶୋକ କୁମାର ସେହଗଲ, ଦର୍ଲିପାଲିର ବିଜନେସ୍ ୟୁନିଟ୍ ହେଡ୍ ହର୍ଷ ନାଥ ଚକ୍ରବର୍ତ୍ତୀ, ଏନ୍‌ଏସ୍‌ପିସିଏଲ୍‌ର ଜିଏମ୍ (ଓଏସ୍) ତ୍ରିଦିବ ଦେବ ଏବଂ ଏନ୍‌ଟିପିସି ଲିମିଟେଡ୍‌ର ଇଷ୍ଟର୍ନ ରିଜିଅନ-୨ (ହେଡ୍‌କ୍ୱାର୍ଟର) ରଜନୀଶ ରୋସ୍ତୋଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୧।୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ପୁଞ୍ଜିବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୭ (୧୦୬.୮୧) ପଏଣ୍ଟ କମି ୭୧,୬୪୫ (୭୧,୬୪୫.୩୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୮ (୨୮.୨୫) ପଏଣ୍ଟ ହ୍ରାସ ଘଟି ୨୧,୬୯୭ (୨୧,୬୯୭.୪୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ହ୍ରାସ ଘଟିଛି।

# ରାଠୀର ଏକ୍ସକ୍ଲୁସିଭ ଆଉଟଲେଟ

ଭୁବନେଶ୍ୱର,୧।୨




ରାଜ୍ୟର ଅଗ୍ରଣୀ ଘରୋଇ ସଂସ୍ଥା ତଥା ରାଠୀ ଷ୍ଟିଲ ଆଣ୍ଡ ଆପ୍ଲାଏନ୍ସର ଏକ୍ସକ୍ଲୁସିଭ ଆଉଟଲେଟ 'ରାଠୀ ଷ୍ଟିଲ' ଗୁରୁବାର ସମ୍ବଲପୁର ଜିଲ୍ଲାର ବୁଢାରାଜାଠାରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ରାଠୀ ଷ୍ଟିଲ ଆଣ୍ଡ ଆପ୍ଲାଏନ୍ସର ଏମଡି ନିର୍ମଳ ରାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଠୀ ଷ୍ଟିଲ ଆଣ୍ଡ ଆପ୍ଲାଏନ୍ସର ନିର୍ଦ୍ଦେଶକ ରାଜକୁ ରାଠୀ ଏବଂ ପ୍ରେଷ୍ଟିଜ ଓଡ଼ିଶା ୟୁନିଟର ଏଏସଏମ ଜ୍ଞାନରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୫୦୦ ବର୍ଗ ଫୁଟ ପରିବ୍ୟାପ୍ତ ସ୍ଥାନରେ ଏକ ବୃହତ ଷ୍ଟିଲ ବାସନ କାଉଣ୍ଟର 'ରାଠୀ ଷ୍ଟିଲ'ର ଶୁଭାରମ୍ଭ କରାଯାଇଛି। ଏଠାରେ ସମସ୍ତ ପ୍ରକାରର ଷ୍ଟିଲ ବାସନକୁସନ ସାଙ୍ଗକୁ ପ୍ରେଷ୍ଟିଜର ସମସ୍ତ ଉତ୍ପାଦ ଉପଲବ୍ଧ।

ସେହିଭଳି ଆଗକୁ ବିଭାଘର ଋତୁ ଥିବାରୁ ଗ୍ରାହକଙ୍କୁ ଗୁଣାତ୍ମକ ମାନର ଉତ୍ପାଦ ସୁଲଭ ମୂଲ୍ୟରେ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏପରିକି ଗ୍ରାହକଙ୍କ ଚାହିଦା ଓ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରେଷ୍ଟିଜର ପ୍ରେସର କୁକୁର ଠାରୁ ଆରମ୍ଭ କରି ଷ୍ଟୋଭ ପର୍ଯ୍ୟନ୍ତ ସମସ୍ତ ଘରକରଣା ସାମଗ୍ରୀ ସୁଲଭ ମୂଲ୍ୟ ଓ ଆକର୍ଷଣୀୟ ରିହାତିରେ ଯୋଗାଇ ଦିଆଯାଉଛି।


**GOVERNMENT OF ODISHA** No. B-1712

**OFFICE OF THE SUPERINTENDING ENGINEER**
**BALANGIR (R&B) DIVISION, BALANGIR**

Email- eepwd.bgr@rediffmail.com; eepwd.bgr@gmail.com; Ph. No. 06652-232374

**e-Procurement Notice**

**BID IDENTIFICATION No.: BGR R&B/ 42 / 2023-24**

No. 435 // Dtd. 30.01.2024

1. The **Superintending Engineer, Balangir (R&B) Division, Balangir** on behalf of Governor of Odisha invites percentage rate **Composite** bid in **Double** cover system in **ONLINE MODE** for the construction of works detailed in the table below from B Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Road/Building/ Bridge works. The proof of registration from the appropriate authority shall be enclosed along with the bid.
2. Nature of Work : Building work
3. No. of tender : Building work: 01 No.
4. Tender Cost : Rs.10,000/-
5. Class of Contractor : **"B" Class (Registered with CDMS)**
6. Date & Time of sale & Receipt of Bids : From Dt.02.02.2024, 11.00 A.M. to Dt.12.02.2024 up to 05.00 P.M.
7. Date of opening of Bid : Dt.13.02.2024 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in.

**Sd./- Superintending Engineer, Balangir (R&B) Division**
OIPR-34028/11/0035/2324

**GOVERNMENT OF ODISHA** No. B-1708

**E-Procurement Notice**

**OFFICE OF THE SUPERINTENDING ENGINEER,**
**SONEPUR (R&B) DIVISION, SONEPUR**

E-mail: eepwdsnpr@gmail.com, Phone: 06654-221081
BID IDENTIFICATION No. SE/R&B/SNPR/25/2023-24

No. 392 Dt.29.01.24

1. The **Superintending Engineer, Sonepur (R&B) Division, Sonepur** on behalf of Governor of Odisha invites **Percentage Rate** bids in **Single and Double Cover System in Online Mode** for Road work detailed in the DTCN from the eligible class of contractors.
2. No. of work : 02 (Two)
3. Tender Cost : Rs.10,000/- for Serial No. 1 : Rs.6,000/- for Serial No. 2
4. Class of Contractor : "B" Class Contractor for Serial No. 1 : "C" & "B" Class Contractor for Serial No. 2
5. Date and Time available in website & receipt of Bids : From 10.00 A.M. of 03.02.2024 to 5.00 P.M. of 12.02.2024.
6. Date of Opening of Tender : 13.02.2024 at 11.00 A.M.
7. The bidders have to participate in Online bidding only. Further details can be seen from the website.
8. Any Corrigendum/Addendum will be displayed in the website **www.tendersodisha.gov.in** only.

**Sd./- Superintending Engineer**
**Sonepur (R&B) Division, Sonepur**
OIPR-34081/11/0022/2324

**OFFICE OF THE**
**DISTRICT PROJECT COORDINATOR**
**SAMAGRA SIKSHA, KANDHAMAL**

E-mail: dpckandhssa.opepa@nic.in
At:Main Road, Po. Phulbani, Dist:Kandhamal, 762001

No.216/Pdgy/24 Date:29.01.2024

**Corrigendum**

**No.n-277:**In inviting the tender Notice No.157, dated 19.01.2024 regarding Printing & Supply of Holistic Report Card 2023-24 for Class-I to VIII which was uploaded in the following website www.osepa.odisha.gov.in. & www.kandhamal.nic.in the following corrigendum has been made.

**Please read tender processing fees Rs.1000/- instead of Rs.2000/- at Bid document 2.e page no.3.**

**Sd./- DEO-cum-DPC, SS, Kandhamal**
OIPR-27059/11/0008/2324

**ODISHA TOURISM DEVELOPMENT CORPORATION LIMITED**
(A Government of Odisha Undertaking)
Panthanivas (Old Block), Lewis Road, Bhubaneswar - 751014

**SHORT TENDER CALL NOTICE**

No. CAD-3937: Sealed tenders are invited from reputed Authorized Dealer/Distributor/Stockiest/Manufacturer for supply of Shoes for the employees of OTDC. The detail information can be downloaded from our website **www.odishatourism.gov.in**. The last date of submitting of offer is **08.02.2024 upto 2.00 P.M.**

**Sd./- Managing Director**
**O.T.D.C. Ltd.**
OIPR-37002/11/0026/2324

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୧ ତା:୨୪।୦୧।୨୦୨୪

**ବିଜ୍ଞାପନ**

No. CAD-3926: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର, ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏମ୍.ଆଇ.ଜି.-୨-୫୦/୧ (MIG-II-50/1) ଟିକୁ ଶ୍ରୀ ନିରଞ୍ଜନ ପାତ୍ର, ପିତା: ଉମା ଶଙ୍କର ପାତ୍ର ଓ ଶ୍ରୀମତୀ ଗୀତାଞ୍ଜଳି ପାତ୍ର, ସ୍ୱାମୀ: ଶ୍ରୀ ନିରଞ୍ଜନ ପାତ୍ର, ସା/ପୋ.: ଗୋପାଳପୁର, ଥାନା: ରଣପୁର, ଜିଲ୍ଲା: ନୟାଗଡ଼ଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ନିରଞ୍ଜନ ପାତ୍ର ଓ ଶ୍ରୀମତୀ ଗୀତାଞ୍ଜଳି ପାତ୍ର ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ କମଳା ଦେବୀ, ସ୍ୱାମୀ: ରତନ କୁମାର ଗୁପ୍ତା, ସା: ତୁଙ୍ଗୀ ବେଲଦାରୀ, ପୋ: ତୁଙ୍ଗୀ ଚିତ୍ରତରଘାଟି, ଥାନା: ଭାଡ଼ସେନି, ଜିଲ୍ଲା: ନବାଡ଼, ବିହାରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0641/2324

**DISTRICT PROJECT OFFICE**
**SAMAGRA SHIKSHA, KANDHAMAL**

No. 219/Pdgy/2024 Dated: 29.01.2024

**NOTICE INVITING TENDER (NIT)**

No. n-278: Sealed tenders under two bid systems are invited from the reputed Agencies/Suppliers/Manufacturer having valid PAN, GST & IT Clearance, registration of firm etc. for supply of Teaching Learning Materials (Drawing Khata, Wax Crayan & Geometry Box) for Class-I to V Students under SS Scheme. The tender papers (Bid documents) containing detailed specification with term and conditions, application of technical bid & application of financial bid etc. is available in the website **www.kandhamal.nic.in, www.osepa.odisha.gov.in**. Interested and eligible agency/firm may download BID DOCUMENT from the above website and apply accordingly. The bidders are required to submit DD amounting Rs.2000/- (Rupees two thousands only) drawn in favour of District Project Coordinator, SS, Kandhamal towards cost of the tender paper along with the application of technical bid. The last date of tender paper is on Dtd.19.02.2024 at 5 P.M. and will be opened on Dtd.20.02.2024 at 11 A.M. in presence of tenderers or their authorized representatives. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept/reject any full or part/all BID/Cancel the entire selection process at any stage without assigning any reason thereof.

By order of Collector-Cum-Chairman
**Sd./- District Project Coordinator**
**SS, Kandhamal**
OIPR-27059/11/0007/2324

**Office of the Superintending Engineer**
**Baisinga Canal Division, Laxmiposi, PIN-757107,**
**Dist-Mayurbhanj**

No.A-1337: Email Id:sebaisinga2022@gmail.com

AUCTION SALE NOTICE NO.14/2023-24 OF SE.BCD, Laxmiposi

| | | |
|---|---|---|
| 1 | No. of Work | Total 03 Nos. of Work |
| 2 | Reserve Price/Upset Price | Rs.406.00 to Rs.27,347.00 |
| 3 | Auction Money/ E.M.D. | Rs.50.00 to Rs.1400.00 |
| 4 | Period of Completion | 01 (One) Month from the date of issue of work order |
| 5 | Date & Time of availability of bid document in the office of the undersigned | Upto 5.30 PM of 26.02.2024 |
| 6 | Last date/time for receipt of bid in the office of the undersigned | Upto 5.30 PM of 29.02.2024 |
| 7 | Date of Opening of Bid | 01.03.2024 at 11.30 AM |
| 8 | Name & Address of the O.I.Q | Office of the Superintending Engineer, Baisinga Canal Division, Laxmiposi, Mayurbhanj-757107 |

Sd./-
Superintending Engineer
Baisinga Canal Division, Laxmiposi
OIPR-32281/11/0004/2324

**GOVERNMENT OF ODISHA** No.O-2360:

**OFFICE OF THE SUPERINTENDING ENGINEER**
**RURAL WORKS DIVISION, PHULBANI**

Phone:06842-253708, E-mail: rw_phulbani@yahoo.co.in
No.496......RWDP, Dated the 30.01.2024

**Government of Odisha e-Procurement Notice**

**Bid Identification No.Online Tender/13/EERWD PHULBANI/2023-24**

1. Name of the Work : Road Work (3 Nos.)
2. Estimated Cost : Rs.13.44 Lakhs to Rs.42.84 Lakhs
3. Period of Completion : One Calendar Month
4. Date & Time of availability of Bid documents in the portal : From 05.02.2024 10.00 AM to 13.02.2024 upto 5.00 PM
5. Last Date/Time for receipt of Bids in the Portal : 13.02.2024 upto 5.00 PM
6. Name and Address of the Officer Inviting Bid : Executive Engineer, Rural Works Division, Phulbani

Further details can be seen from the e-Procurement portal website **www.tendersodisha.gov.in.**

**Sd./- Executive Engineer**
**Rural Works Division, Phulbani**
OIPR-25077/11/0015/2324

**OFFICE OF THE**
**ROURKELA MUNICIPAL CORPORATION, ROURKELA**
**INVITATION FOR BID**
**No. 1690 Dated 31.01.24**

**Bid Identification No. MC/RMC/07/2024**

No.C-2959:- The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification **No. MC/RMC/07/2024** for **10** nos Civil work with value of **Rs. 30.06** lakh to **Rs. 2.37 lakh**.

1. Bid documents will be available in website www.tendersorissa.gov.in from **31.01.2024**.
2. Bids must be submitted on "online" on or before **09.02.2024 by 17.00 hours**.
3. Bids shall be opened at 11.00 hours on **12.02.2024** in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in

**Sd./- Municipal Commissioner,**
**Rourkela Municipal Corporation**
OIPR-13131/11/0106/2324

**REQUEST FOR PROPOSAL (RFP) FOR EMPANELMENT OF SUITABLE AGENCIES FOR DOCUMENT DESIGN & PRINTING - 2024**

**TENDER NOTICE**

No. CAD-3935: Poverty & Human Development Monitoring Agency (PHDMA), P & C Department, Government of Odisha invites *Technical and Financial Proposals* from the reputed Design Agency having valid GSTIN and PAN Nos. empanelment of suitable agencies with respect to Designing & Printing of documents developed/prepared by PHDMA on annual rate contract basis.

The RFP document shall be available from the advertisement date till the due date of Bid on the website of **https://www.odisha.gov.in** and **http://phdma.odisha.gov.in**.

The timeline for submission of bids/proposals are given below as:

| Description | Date | Time |
|---|---|---|
| Date of uploading of RFP | 01.02.2024 | 10.30 A.M. |
| Last date of Submission of Proposal | 12.02.2024 | 05.00 P.M. |
| Date of Opening of Technical Proposal | 15.02.2024 | 04.00 P.M. |
| Date of Opening of Financial Proposal | 17.02.2024 | 04.00 P.M. |

PHDMA reserves the right to cancel any or all the bids or annual the bidding process without assigning any reason thereof. All proposals are to be submitted through Speed Post/Registered Post/Courier Service only.

**Sd./- Member Secretary**
**Poverty & Human Development**
**Monitoring Agency (PHDMA),**
**Lokaseva Bhavan, Bhubaneswar - 751001**
OIPR-21016/11/0002/2324

**GOVERNMENT OF ODISHA**
**HOUSING & URBAN DEVELOPMENT DEPARTMENT**
**OFFICE OF THE NOTIFIED AREA COUNCIL, PADAMPUR**

At: Padampur, P.O.: Rajborasambar, Dist.: Bargarh, PIN - 768036
Ph. No.: 06683-223436, E-mail: nac.padampur@gmail.com

No. 173/NAC Dt.30.01.24

**NATIONAL COMPETITIVE BIDDING THROUGH e-Procurement**

**Bid Identification No. NAC-PDP-11/2023-24**

No. C-2957: The Executive Officer, N.A.C., Padampur on behalf of NAC invites Percentage bid through e-procurement in Double Cover System according to norm of e-Procurement system in Online mode.

1. Nature of Work : Civil Work
2. No. of Works : 02 (Two Nos.)
3. Estimate Cost : Rs.72,53,880/- to Rs.75,39,636/-
4. Class of Contractor : "B" Class
5. Date & Time of availability of Bid Documents in the portal : 1.00 P.M. on Dt.31.01.2024 upto 05.00 P.M. on dt.07.02.24
6. Last date & time for receipt of Bids in the portal : 07.02.2024 at 05.00 P.M.
7. Original Bids document received : Before 05.00 P.M. on Dt.08.02.2024
8. Bid opening Date : Dt.09.02.2024 at 11.00 A.M.

The bidders have to participate in online bidding only. Further details can be seen from the website **https://www.tendersodisha.gov.in**.

OIPR-13118/11/0037/2324 **Sd./- Executive Officer, N.A.C., Padampur**

**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar-751 007, Tel: 2545586/2545852,
email- serifedodisha@gmail.com, website- www.serifedodisha.in

**INVITATION FOR BIDS (e-Procurement)**

**Bid identification no:-VI-03(07)/SERIFED/2023-24/138/30.01.24**

**No.CAD-3931:**The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE only, for 1 No. of work at Bhubaneswar. The bid documents such as DTCN/BOQ etc. can be seen/downloaded from the government website : www.tendersodisha.gov.in during the period dt. 01.02.2024 to 5.00 PM up to 08.02.2024. Tender shall be received till 5.00 PM on 08.02.2024 & shall be opened at 11.30 AM on 09.02.2024. Any addendum / corrigendum / cancellation of tender can also be seen in the said website.

OIPR-39036/11/0025/2324 **Sd./- Managing Director**

**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO.III,**
**BHUBANESWAR**

bbsrrandb03@yahoo.com

60Estg.No.-493 Date:29.1.2024

**No.B-1704: Government of Odisha**

**"e"-Procurement Notice No (75) of 2023-24**

**Bid Identification No. C.C (R&B) 03**

| | | |
|---|---|---|
| 1 | Name of the Work | Road Work |
| 2 | Total No. of Works | 3 Nos. Work |
| 3 | Estimated Cost | i) Rs.61,14,600.00 ii) 80,34,500.00, (iii) Rs.99,84,100.00 |
| 4 | Class of Contractor | "B" Class Contractor |
| 5 | Period of Completion | 3 (Three) Calendar Months |
| 6 | Type of Tender | Double Cover System (Online) |
| 7 | Date & Time of availability of Bid document in the Portal | From 31.01.2024 at 3.30 P.M. to 08.02.2024 upto 5.30 P.M. |
| 8 | Last Date & Time for Receipt of Bids in the Portal | 08.02.2024, upto 5.30 P.M. |
| 9 | Name & Address of the Officer Inviting Bid | Er. Gayatri Patel, Superintending Engineer, Bhubaneswar (R&B) Division No.III, Bhubaneswar |

Further details can be seen from the e-procurement portal **https://tendersorissa.gov.in.**

**N.B.: Subsequent corrigendum/addendum if required shall be available in the website as indicated above.**

**Sd./-Superintending Engineer**
**BBSR (R&B) Division No.III, BBSR**
OIPR-34089/11/0039/2324

**GOVERNMENT OF ODISHA** No. O-2353

**OFFICE OF THE ENGINEER-IN-CHIEF,**
**RURAL WORKS, ODISHA, BHUBANESWAR**

Email i.d: crew_bbsr@yahoo.com

Letter. No. 3439 Dt.25.01.24

**"e" Procurement Notice for Bridge Works in Odisha**
**(Online-13 (Bridge)/2023-24 Dtd.25.01.2024)**

1. Name of the Work : Construction of Bridge Work
2. Total No. of Works : 19 (Nineteen) Nos.
3. Estimated Cost : Rs.1092.36 to 4990.57 lakh
4. Class of Contractor : "A" Class, "Special Class & "Super" Class as applicable
5. Period of Completion : As mentioned in Column 7 of TCN
6. Other Details :

| Procurement Officer | Bid Identification No. | No. of Bridge Works | Availability of Tender Online for Bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | Online - 13 (Bridge)/ 2023-24 | 19 (Nineteen) Nos. | 05.02.2024 at 11.00 A.M. | 19.02.2024 upto 5.00 P.M. |

Other details can be seen in the bidding documents, which will be available in website **www.tendersorissa.gov.in**.

**Sd./- Chief Engineer**
**(Buildings & Bridges)**
**Rural Works, Odisha, Bhubaneswar**
OIPR-25123/11/0043/2324

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RWSS DIVISION, KORAPUT**

email- eerwss_kpt@reddiffmail.com, Ph. No. 06852-250281 (Off), 06852-250680 (Res), Fax No.: 06852-251098

**National Competitive Bidding Through E-Procurement**
**Tender Identification No.18/EE/RWSS/KPT/2023-24/24.01.2024**

No.O-2345:- The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Double Cover (P1 Contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

1. **Nature of work:** Rural Piped water supply to 2 nos. of clubbed up PWS Schemes under Jal Jevan Mission (JJM) Programme.

| Sl. No. | Block | GP | Scheme | Estd. Cost | Programme |
|---|---|---|---|---|---|
| 1 | Bandhugam | Neelabadi | Badagadavalsa | **44.65** | JJM (svs) |
| 2 | Bandhugam | Almonda | Chidibalsa | **39.79** | JJM (svs) |

| | | |
|---|---|---|
| 2 | Time period for completion | 9 (Nine) Months |
| 3 | Estimated Cost | **84.44 Lakhs** |
| 4 | Total Nos. of works | 1 No. |
| 5 | Tender Cost | Rs.10,000/- |
| 6 | Class of Contractor | **"B"** |
| 7 | Availability of Bid document in the website | Dt.02.02.2024 at 17.00 hours to 12.02.2024 upto 17.00 hours. |
| 8 | Date of Seeking Clarification | During the Office hours of 02.02.2024 to 09.02.2024 |
| 9 | Date of Opening of Bid | Dt. 13.02.2024 at 11.00 hours |

Further details can be seen in the bidding documents which is available in the e-procurement portal https/www.tendersorissa.gov.in. Subsequent corrigendum if required shall be appeared in the website. Authority reserves the right or reject any or all tenders without assigning any reason thereof.

**Sd./- Superintending Engineer**
**RWS&S Division, Koraput**
OIPR-25034/11/0030/2324

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**DRAINAGE CIRCLE, UNIT-8, BHUBANESWAR-751012**
**E-PROCUREMENT NOTICE NO.ACEDC-BBSR-08/2023-24**

**No.A-1366: email id:sedrainagebbsr12@gmail.com**

| | | | |
|---|---|---|---|
| 1. | Total Number of Works | : | 3 No. of works as mentioned below. |
| 2. | Name of Works | : | 1.IMPROVEMENT TO LINK DRAINS OF BODAGHAI DRAINAGE SYSTEM INCLUDING ITS STRUCTURES UNDER HINJILI AND SHERAGADA BLOCKS IN DOAB NO.XVII OF GANJAM DISTRICT. 2. DREDGING OF BRACKISH WATER CHANNEL FROM HARIDAS TO CDA CHANNEL NEAR KUSUBENTI VILLAGE UNDER BRAHMAGIRI BLOCK IN PURI DISTRICT. 3. RENOVATION OF LUNA-RATNACHIRA DRAINAGE SYSTEM WITH STRUCTURES UNDER BRAHMAGIRI BLOCK |
| 3. | Estimated Cost | : | 1.Rs.2,57,75,808.00, 2. Rs.6,17,91,321.00, 3. Rs.4,76,85,389.00 |
| 4. | Bid Identification No. | : | ACEDC-BBSR/DD-BAM-18/2023-24 ACEDC-BBSR/DD-PURI-19/2023-24 ACEDC-BBSR/DD-PURI-20/2023-24 |
| 5. | Period of Completion | : | 11 (Eleven) Calendar Months |
| 6. | Class of Contractor | : | As per DTCN |
| 7. | Date and Time of availability of Bid document in the portal | : | 03.02.2024, 11.00 Hours to 17.02.2024, 17.00 Hours |
| 8. | Date of Opening of Technical Bid | : | 19.02.2024 at 11.00 hours in the O/o. the Additional Chief Engineer, Drainage Circle, Unit-8, Bhubaneswar |
| 9. | Date and Time of receipt of Bids in the Portal | : | 03.02.2024,11.00 Hours to 17.02.2024, 17.00 Hours |
| 10. | Last date and time of receipt of Bids in the Portal | : | 17.02.2024, 17.00 Hours |
| 11. | Date of Opening of financial Bid | : | To be uploaded in Portal after evaluation of technical bids |
| 12. | Date of Lottery (if required) | : | To be intimated to the responsive bidders through their Registered E-mail IDs |
| 13. | Bid Security | : | 1.Rs.2,57,758.00, 2. Rs.6,17,913.00, 3.Rs.4,76,854.00 |
| 14. | Cost of Tender Paper | : | Rs.10,000/- |
| 15. | Procurement Officer | : | Additional Chief Engineer, Drainage Circle, Unit-8, Bhubaneswar-751012 |

Further details can be seen from the Govt. website www.tendersorissa.gov.in. Addendum/ Corrigendum/Cancellation if any required will be published only in Govt. website www.tendersorissa.gov.in.

**Sd./- Additional Chief Engineer**
**Drainage Circle, Bhubaneswar**
OIPR-32375/11/0009/2324

# କ୍ରିକେଟ ପ୍ରତିଭା ଶୀତଳ

**ଶୀତଳଙ୍କ ବୟସ ମାତ୍ର ୧୩, ତାଙ୍କ ଆଖିରେ ଆଖିଏ ସ୍ୱପ୍ନ । ରାଜ୍ୟ ପକ୍ଷରୁ ପ୍ରଭାବୀ ପ୍ରଦର୍ଶନ କରି ସେ ଦିନେ ଜାତୀୟ ଦଳ ପକ୍ଷରୁ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ତାଙ୍କୁ ନିଷ୍ଠାର ସହ କଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲି ଅନୁଭବ କରୁଛନ୍ତି ।**

–ପ୍ରସ୍ତୁତି: ତପନ କୁମାର ସ୍ୱାଇଁ



ଦେଶରେ ଏବେ ମହିଳା କ୍ରିକେଟରଙ୍କ ଲୋକପ୍ରିୟତା ଅନେକ ପରିମାଣରେ ବଢ଼ିଛି। ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ମହିଳା କ୍ରିକେଟ ଦଳର ପ୍ରଦର୍ଶନରେ ଦିନକୁ ଦିନ ଉନ୍ନତି ମଧ୍ୟ ହେବାରେ ଲାଗିଛି। ଗୋଟିଏ ସମୟରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିପକ୍ଷରେ ସଂଘର୍ଷ କରୁଥିବା ଭାରତୀୟ ଦଳ ଏବେ ସେମାନଙ୍କୁ ଟକ୍କର ଦେବା ସହ ପରାଜୟ ସ୍ୱାଦ ଚଖାଇବାକୁ ମଧ୍ୟ ସମର୍ଥ ହେଉଛି। ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଆରମ୍ଭ ହେବା ପରଠାରୁ ଏଥିପ୍ରତି ଯୁବ ବର୍ଗଙ୍କ ଆକର୍ଷଣ ବୃଦ୍ଧି ପାଇଛି। ଅଧିକରୁ ଅଧିକ ଖେଳାଳି କ୍ରିକେଟ ପ୍ରତି ଆକର୍ଷିତ ହେଉଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଏପର୍ଯ୍ୟନ୍ତ ମାତ୍ର ୩ ଜଣ ଓଡ଼ିଶା ଖେଳାଳି ମାଧୁରୀ ମେହେଟା, ରସନାରା ପରବିନ ଓ ସ୍ୱାଗତିକା ରଥ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। ଏପରି ଲକ୍ଷ୍ୟ ନେଇ କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟ ଦେଇ ଗତି କରୁଛନ୍ତି ଆଉ ଜଣେ ପ୍ରତିଭାସମ୍ପନ୍ନ ବାଳିକା। ସେ ହେଲେ ଶୀତଳ ରାଉତ। ୨୦୧୦ ଡିସେମ୍ବର ୮ରେ ଜନ୍ମିତ ଶୀତଳଙ୍କର ବୟସ ମାତ୍ର ୧୩, ତାଙ୍କ ଆଖିରେ ଆଖିଏ ସ୍ୱପ୍ନ। ରାଜ୍ୟ ପକ୍ଷରୁ ପ୍ରଭାବୀ ପ୍ରଦର୍ଶନ କରି ସେ ଦିନେ ଜାତୀୟ ଦଳରୁ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି।

ଶୀତଳଙ୍କ ଘର କେନ୍ଦ୍ରାପଡ଼ା ଜିଲା ଆଳିର ଚନ୍ଦନନଗର ଗ୍ରାମରେ। ମମତାରାଣୀ ରାଉତ ଓ ଚିନ୍ମୟ ରାଉତଙ୍କ ଦୁଇ ଝିଅଙ୍କ ମଧ୍ୟରୁ ବଡ଼ ଶୀତଳ ମାତ୍ର ୭ ବର୍ଷ ବୟସରୁ କ୍ରିକେଟ ପ୍ରେମରେ ପଡ଼ିଛନ୍ତି। ଶୀତଳଙ୍କ ବାପା ମଧ୍ୟ ଝିଅକୁ କ୍ରିକେଟରେ ବହୁ ଆଗକୁ ନେବାକୁ ଦୃଢ଼ ପରିକର। ପରିବାରରୁ ଭରପୂର ସମର୍ଥନ ପାଉଥିବାରୁ ଦିନେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାନେଇ ଶୀତଳ ମଧ୍ୟ ବେଶ୍ ଆଶାବାଦୀ। ସେ ସମ୍ପ୍ରତି କଟକର ରାଇଜିଂ ଷ୍ଟୁଡେଣ୍ଟ କ୍ଲବରେ ପୂର୍ବତନ ଅଧିନାୟିକା ତଥା ରାଜ୍ୟର ପ୍ରତିଷ୍ଠିତ କୋଚ୍ ମଧୁସ୍ମିତା ବେହେରାଙ୍କ ନିକଟରୁ ପ୍ରଶିକ୍ଷଣ ନେଉଛନ୍ତି। ପ୍ରତିଦିନ ବାପାଙ୍କ ସହିତ ଭୁବନେଶ୍ୱରରୁ କଟକ ଯାଇ ଶୀତଳ ଅଭ୍ୟାସ କରିଥାନ୍ତି। ଅଭ୍ୟାସ ସମୟ ମୁଖ୍ୟତଃ ସକାଳ ୭ଟା ୩୦ରୁ ୧୦ଟା ୩୦ ମଧ୍ୟରେ ଧାର୍ଯ୍ୟ ହୋଇଥାଏ। ସେ ଜଣେ ବ୍ୟାଟିଂ ଅଲ୍‌ରାଉଣ୍ଡର ହେବାକୁ ଲକ୍ଷ୍ୟ ରଖିଛନ୍ତି। ସେଥିପାଇଁ ଅଭ୍ୟାସ ସମୟରେ ବ୍ୟାଟିଂକୁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଅବଶିଷ୍ଟ ସମୟରେ ବୋଲିଂ କରିଥାନ୍ତି। ଶୀତଳ ସମ୍ପ୍ରତି ରସୁଲଗଡ଼ସ୍ଥିତ ଭେଙ୍କଟେଶ୍ୱର ସ୍କୁଲରେ ୭ମ ଷ୍ଟାଣ୍ଡାର୍ଡରେ ଅଧ୍ୟୟନରତ।

ବାପା ଏବଂ ଆଈଙ୍କ ଆଗ୍ରହ କାରଣରୁ ସେ କ୍ରିକେଟକୁ ଆସିଲେ ବୋଲି କହିଛନ୍ତି ଶୀତଳ। ତାଙ୍କର ଆଦର୍ଶ ଖେଳାଳି ହେଉଛନ୍ତି ସ୍ମୃତି ମନ୍ଧାନା ଓ ବିରାଟ କୋହଲି। ଏହାର କାରଣ ସମ୍ପର୍କରେ ସେ କହନ୍ତି ଯେ, ସ୍ମୃତି ବାମହାତୀ ବ୍ୟାଟର ଓ ମୁଁ ଡାହାଣହାତୀ, ମାତ୍ର ତାଙ୍କ ଷ୍ଟାଇଲ୍ ଏବଂ ମାଇଣ୍ଡସେଟ୍ ମୋତେ ବହୁତ ଉତ୍ସାହିତ କରେ। ସେ ଜଣେ ଦୃଢ଼ମନା ଖେଳାଳି ମଧ୍ୟ। ଆଉ ବିରାଟ ତ ହେଲେ କିଙ୍ଗ୍। ତାଙ୍କ ସମ୍ପର୍କରେ ଅଧିକ କିଛି କହିବା ସମ୍ଭବ ନୁହେଁ। ସବୁ ଯୁବବର୍ଗଙ୍କ ପାଇଁ ସେ ଏକ ପ୍ରେରଣା। ସେ ମୋତେ ବହୁତ ଭଲ ଲାଗନ୍ତି। କ୍ରିକେଟ ବ୍ୟତୀତ ଅବସର ସମୟରେ ବ୍ୟାଡ୍‌ମିଣ୍ଟନ ଖେଳିବାକୁ ତାଙ୍କୁ ଭଲଲାଗେ ବୋଲି ଶୀତଳ କହିଛନ୍ତି। କଟକରେ ଫିଜିକାଲ ଟ୍ରେନିଂ ସହ ସେ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ଆଦି ସବୁକିଛି ଅଭ୍ୟାସ କରୁଛନ୍ତି। ତେବେ ବ୍ୟାଟିଂ ଉପରେ ସେ ଅଧିକ ଫୋକସ କରୁଛନ୍ତି। ଜଣେ ପାର୍ଟ ଟାଇମ୍ ବୋଲରଭାବେ ଅଫ୍ ସ୍ପିନ ବୋଲିଂ ଅଭ୍ୟାସ କରୁଛନ୍ତି। ଖୋର୍ଦ୍ଧର କେଟି ଗ୍ଲୋବାଲ ସ୍କୁଲରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଆନ୍ତଃ ସ୍କୁଲ ଟୁର୍ନାମେଣ୍ଟ ଏବଂ ବ୍ରହ୍ମପୁରରେ ଅନୁଷ୍ଠିତ ଏକ ପ୍ରତିଯୋଗିତାରେ ସେ ଭଲ ଖେଳିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଅଭିଜ୍ଞତା ଆହରଣ ପାଇଁ କୋଲକାତା ପଠାଯାଇଥିବା ଦଳରେ ଶୀତଳ ସାମିଲ ଥିଲେ। ସେଠାରେ ତାଙ୍କୁ ୫ଟି ମ୍ୟାଚ ଖେଳିବା ସୁଯୋଗ ମିଳିଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ୨୦୨୩ ନଭେମ୍ବରରେ ବରୋଦାରେ ଆୟୋଜିତ ୧୪ ବର୍ଷରୁ କମ୍ ଦିନିକିଆ ଟୁର୍ନାମେଣ୍ଟ ତାଙ୍କପାଇଁ ସ୍ମରଣୀୟ। ସେଠାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ସେ ୫ ମ୍ୟାଚରୁ ୪ଟିରେ ଖେଳିବାର ସୁଯୋଗ ପାଇଥିଲେ। ମାତ୍ର ମୋଟାମୋଟି ଦେଖିବାକୁ ଗଲେ ତାଙ୍କ ପ୍ରଦର୍ଶନ ମନ ବୁଝିବାପରି ହୋଇ ପାରିନାହିଁ। ତେଣୁ ଆଗାମୀ ଦିନରେ କଠିନ ପରିଶ୍ରମ କରି ନିଜକୁ ପ୍ରସ୍ତୁତ କରିବାକୁ ହେବ ବୋଲି ଶୀତଳ ଅନୁଭବ କରୁଛନ୍ତି।

## 'ଝିଅକୁ ନେଇ ଅନେକ ସ୍ୱପ୍ନ ରହିଛି'

ବଡ଼ ଝିଅ ଶୀତଳକୁ ନେଇ ଅନେକ ସ୍ୱପ୍ନ ରହିଛି ବୋଲି ପ୍ରକାଶ କରିଛନ୍ତି ତାଙ୍କ ବାପା ଚିନ୍ମୟ ରାଉତ। ପିଲାଦିନେ ମୁଁ କ୍ରିକେଟ ଖେଳୁଥିଲି। ମାତ୍ର ସମୟ ଚକ୍ରରେ ଆଗକୁ ବଢ଼ିପାରି ନ ଥିଲି। ପିଲାମାନଙ୍କୁ କ୍ରିକେଟ ଖେଳାଇବି ବୋଲି ମନରେ ଅଭିଳାଷ ଥିଲା। ଝିଅ ବଢ଼ିବା ସହିତ କ୍ରିକେଟପ୍ରତି ରୁଚି ରଖିଲା। ଜଣେ ବନ୍ଧୁଙ୍କ ପରାମର୍ଶରେ ମୁଁ ତାକୁ କ୍ରିକେଟ ସହ ଜଡ଼ିତ କରାଇଲି। ଏବେ ସେଥିରେ ସେ ଆଗକୁ ବଢ଼ୁଛି। ସାନଝିଅ ସେଜଲ ମଧ୍ୟ କ୍ରିକେଟପ୍ରତି ଆଗ୍ରହୀ। ଛୋଟ ଥିବାରୁ ତାକୁ ଏବେ ଘରେ ମୁଁ ନିଜେ ଶିକ୍ଷା ଦେଉଛି। ତେଣୁ ଝିଅମାନେ ଖେଳରେ ଯେତେ ବାଟ ଯିବାକୁଚାହିଁବେ ମୁଁ ନିଶ୍ଚିତ ତାଙ୍କ ପଛରେ ଛିଡ଼ାହେବି ବୋଲି ଦୃଢ଼ତାର ସହ ଚିନ୍ମୟ ପ୍ରକାଶ କରିଛନ୍ତି।



ଶୀତଳ ରାଉତ

## ବଜେଟ ଆକର୍ଷଣ

### ଅମୃତ କାଳ ପାଇଁ ରଣନୀତି

ବଜେଟ ଉପସ୍ଥାପନ ବେଳେ ସୀତାରାମନ୍ ଅମୃତ କାଳ ପାଇଁ ସରକାରଙ୍କ ରଣନୀତି ଉପରେ ସମ୍ୟକ ଧାରଣା ଦେଇଛନ୍ତି। ସେ କହିଛନ୍ତି, ଆମେ ନିରନ୍ତର ବିକାଶ ସାଧନରେ ସହାୟକ ହେବା ଭଳି ଆର୍ଥିକ ନୀତି ଆପଣଉଛୁ। ଏହାଦ୍ୱାରା ଉତ୍ପାଦନଶୀଳତାରେ ବୃଦ୍ଧି ଘଟିବା ସହ ସମସ୍ତଙ୍କ ପାଇଁ ସୁଯୋଗ ସୃଷ୍ଟି ହେବ। ଏହି ଲକ୍ଷ୍ୟ ପୂରଣ ପାଇଁ ସରକାର ରିଫର୍ମ (ସଂସ୍କାର), ପର୍ଫମ (ପ୍ରଦର୍ଶନ) ଓ ଟ୍ରାନ୍ସଫର୍ମ (ପରିବର୍ତ୍ତନ) ଭଳି ସିଦ୍ଧାନ୍ତ ଗ୍ରହଣ କରିଛନ୍ତି। ସରକାର ପରବର୍ତ୍ତୀ ପିଢ଼ିର ସଂସ୍କାର ଆଣିବା ସହ ରାଜ୍ୟଗୁଡ଼ିକ ସହିତ ସହମତି ଭିତ୍ତିରେ କାର୍ଯ୍ୟ କରିବେ ଏବଂ ପ୍ରଭାବଶାଳୀ ଢଙ୍ଗରେ ସେଗୁଡ଼ିକୁ କାର୍ଯ୍ୟକାରୀ କରିବେ। ଉପଯୁକ୍ତ ତାଲିମ ଓ ସହାୟତା ପ୍ରଦାନ ଦ୍ୱାରା ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ର ବିଶ୍ୱ ପ୍ରତିଯୋଗିତାରେ ନିଜକୁ ସାମିଲ କରିପାରିବ।

### ମହତ୍ତ୍ୱାକାଂକ୍ଷୀ ଜିଲା

ଆମ ସରକାର ମହତ୍ତ୍ୱାକାଂକ୍ଷୀ ଜିଲା, ବ୍ଲକ୍‌ଗୁଡ଼ିକର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସହଯୋଗ କରିବାକୁ ପ୍ରସ୍ତୁତ। ଏଥିସହ ପର୍ଯ୍ୟାପ୍ତ ଆର୍ଥିକ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସୀତାରାମନ୍ ଆଶା ବ୍ୟକ୍ତ କରିଛନ୍ତି।

### ପୂର୍ବାଞ୍ଚଳର ବିକାଶ

ମୋଦି ସରକାର ପୂର୍ବାଞ୍ଚଳର ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏହା ଦେଶର ଅଭିବୃଦ୍ଧିରେ ମଧ୍ୟ ସହାୟକ ହେବ।

### ପିଏମ୍ ଆବାସ ଯୋଜନା (ଗ୍ରାମୀଣ)

କୋଭିଡ୍‌ଜନିତ ଚ୍ୟାଲେଞ୍ଜ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)କୁ ଜାରି ରଖାଯାଇଥିଲା। ଏହି ଯୋଜନାରେ ଅଦ୍ୟାବଧି ୩ କୋଟି ଘର ନିର୍ମାଣ କରାଯାଇଥିବାବେଳେ ଆଗାମୀ ୫ ବର୍ଷରେ ଆହୁରି ୨ କୋଟି ଗୃହ ନିର୍ମାଣର ଲକ୍ଷ୍ୟ ରଖାଯାଇଛି।

### କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ

ମୂଲ୍ୟଯୁକ୍ତ କୃଷି ଓ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ସରକାର ସବୁ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ସମ୍ପଦା ଯୋଜନାରେ ୩୮ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି। ଏଥିସହ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି। ପ୍ରଧାନମନ୍ତ୍ରୀ ଫର୍ମାଲାଇଜେଶନ୍ ଅଫ୍ ମାଇକ୍ରୋ ଫୁଡ୍ ପ୍ରୋସେସିଂ ଯୋଜନାରେ ୨.୪ ଲକ୍ଷ ଏସ୍‌ଏଚ୍‌ଜି ଏବଂ ୬୦,୦୦୦ ବ୍ୟକ୍ତିଙ୍କୁ ଋଣ ସୁବିଧା ପ୍ରଦାନ କରାଯାଇଛି।

### ରେଳ ଓ ବିମାନ

ମୋଦି ସରକାର ୩ଟି ବୃହତ୍ ଅର୍ଥନୈତିକ ରେଳୱେ କରିଡର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛନ୍ତି। ସେଗୁଡ଼ିକ ହେଲା ଶକ୍ତି, ଖଣିଜ ଓ ସିମେଣ୍ଟ କରିଡର, ବନ୍ଦର ଯୋଗାଯୋଗ କରିଡର ଏବଂ ହାଇ ଟ୍ରାଫିକ୍ ଡେନ୍ସିଟି କରିଡର। ପ୍ରଧାନମନ୍ତ୍ରୀ ଗତି ଶକ୍ତି ଯୋଜନା ଅଧୀନରେ ଏହା କାର୍ଯ୍ୟକାରୀ ହେବ। ସେହିପରି ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ମଧ୍ୟ ଗତ ୧୦ ବର୍ଷରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇଛି। ବର୍ତ୍ତମାନ ଦେଶରେ ପୂର୍ବାପେକ୍ଷା ଦୁଇଗୁଣ ଅଧିକ ଅର୍ଥାତ୍ ୧୪୯ ବିମାନବନ୍ଦର ରହିଛି। ଉଡ଼ାନ ସ୍କିମ୍‌କୁ ବିସ୍ତୃତ କରାଯାଇଛି। ୫୧୭ଟି ନୂଆ ରୁଟ୍‌ରେ ୧.୩ କୋଟି ଯାତ୍ରୀ ଯାତାୟତ କରୁଛନ୍ତି। ଭାରତୀୟ କ୍ୟାରିୟରଗୁଡ଼ିକ ୧,୦୦୦ ନୂଆ ଏୟାରକ୍ରାଫ୍ଟ ପାଇଁ ଅର୍ଡର କରିଛନ୍ତି। ବର୍ତ୍ତମାନ ଥିବା ବିମାନବନ୍ଦରଗୁଡ଼ିକୁ ବିକଶିତ କରାଯିବା ପାଇଁ ଯୋଜନା ରହିଥିବା ସୀତାରାମନ୍ କହିଛନ୍ତି।

### ସମାବେଶୀ ବିକାଶ ଓ ଅଭିବୃଦ୍ଧି

ସୀତାରାମନ୍ କହିଛନ୍ତି, ପୂର୍ବରୁ ଗ୍ରାମାଞ୍ଚଳକୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ବିକାଶ ପ୍ରତି ଆମ ମାନବୀୟ ଓ ସମାବେଶୀ ଦୃଷ୍ଟିଭଙ୍ଗୀ ଯୋଗୁ ପରିବର୍ତ୍ତନ ଆସିପାରିଛି। ଗତ ୧୦ ବର୍ଷ ମଧ୍ୟରେ ବିକାଶ କାର୍ଯ୍ୟକ୍ରମଗୁଡ଼ିକରେ ସବୁ ବର୍ଗର ଲୋକଙ୍କୁ ସାମିଲ କରାଯାଇଛି। ସମସ୍ତଙ୍କ ପାଇଁ ଘର, ସବୁ ଘରକୁ ଜଳ, ସମସ୍ତଙ୍କ ପାଇଁ ବିଜୁଳି, ସମସ୍ତଙ୍କ ଲାଗି ରୋଷେଇ ଗ୍ୟାସ୍, ବ୍ୟାଙ୍କ ଆକାଉଣ୍ଟ ଭଳି ସେବା ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ଦେଶର ୮୦ କୋଟି ଜନତାଙ୍କ ଖାଦ୍ୟ ଚିନ୍ତା ଦୂର ହୋଇଛି। ଅନ୍ନଦାତାଙ୍କ ଉତ୍ପାଦିତ ସାମଗ୍ରୀଗୁଡ଼ିକର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରେ ନିୟମିତ ବୃଦ୍ଧି କରାଯାଉଛି।

### ସାମାଜିକ ନ୍ୟାୟ

ଅର୍ଥମନ୍ତ୍ରୀ ସୀତାରାମନ୍ ଆହୁରି କହିଛନ୍ତି, ସରକାର ସର୍ବାଙ୍ଗୀନ, ସର୍ବବ୍ୟାପୀ ଓ ସର୍ବସମାବେଶୀ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ଏଥିରେ ସବୁ ଜାତି ଓ ସବୁ ସ୍ତରର ଲୋକ ଅନ୍ତର୍ଭୁକ୍ତ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଦିଗରେ ଏହା ବିଶେଷ ସହାୟକ ହେବ। ପୂର୍ବରୁ ସାମାଜିକ ନ୍ୟାୟ ଏକ ରାଜନୈତିକ ସ୍ଲୋଗାନ ଥିଲା। ଆମ ସରକାର ସାମାଜିକ ନ୍ୟାୟକୁ ଶାସନର ଏକ ପ୍ରଭାବଶାଳୀ ଓ ଆବଶ୍ୟକ ମଡେଲ ରୂପେ ବିକଶିତ କରିଛନ୍ତି। କାର୍ଯ୍ୟରେ ଧର୍ମନିରପେକ୍ଷତା, ଦୁର୍ନୀତି ହ୍ରାସ, ପ୍ରିୟାପ୍ରୀତି ତୋଷଣ ହଟାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଫୋକସ୍‌ରେ ଗରିବ, ମହିଳା, ଯୁବ, କୃଷକ ରହିଛନ୍ତି। ସେମାନଙ୍କ ଆକାଂକ୍ଷା ଓ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏହି ୪ ଜାତିର ଉନ୍ନତି ହେଲେ ଯାଇ ଦେଶ ଆଗକୁ ବଢ଼ିବ ବୋଲି ସୀତାରାମନ୍ କହିଛନ୍ତି।

### ଗରିବ କଲ୍ୟାଣ, ଦେଶର କଲ୍ୟାଣ

ଗରିବମାନଙ୍କୁ ସଶକ୍ତ କଲେ ଦେଶର ଉନ୍ନତି ସମ୍ଭବ ବୋଲି ଆମେ ବିଶ୍ୱାସ କରୁ। ତେଣୁ ଗତ ୧୦ ବର୍ଷ ମଧ୍ୟରେ ସରକାର ୨୫ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ସହାୟତା ପ୍ରଦାନ ପୂର୍ବକ ଦାରିଦ୍ର୍ୟରୁ ମୁକ୍ତି ଦେଇଛନ୍ତି। ୩୪ କୋଟି ଲୋକଙ୍କୁ ପିଏମ୍–ଜନଧନ ଆକାଉଣ୍ଟ ଜରିଆରେ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣ ଦିଆଯାଉଛି। ଜନଧନ ଆକାଉଣ୍ଟଗୁଡ଼ିକରେ ୨.୭ ଲକ୍ଷ କୋଟି ଟଙ୍କା ସରକାରଙ୍କ ପାଇଁ ଜମା ହୋଇଛି। ଏଥିସହ ଗରିବ କଲ୍ୟାଣ ପାଇଁ ଅଧିକ ପାଣ୍ଠି ଯୋଗାଣ ସମ୍ଭବ ହୋଇପାରିଛି। ପିଏମ୍–ସ୍ୱନିଧି ଯୋଜନାରେ ୭୮ ଲକ୍ଷ ରାସ୍ତାପାର୍ଶ୍ୱ ବିକାଳିଙ୍କୁ ଋଣ ସୁବିଧା ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୨.୩ ଲକ୍ଷ ଲୋକ ତୃତୀୟ ଥର ପାଇଁ ଏହି ସୁବିଧା ପାଇଲେଣି। ପିଏମ୍–ଜନମନ ଯୋଜନାରେ ଆର୍ଥିକ ଦୁର୍ବଳ ଆସିବାସୀମାନଙ୍କୁ ସହାୟତା ଦିଆଯାଉଛି।

### ଯୁବ ସଶକ୍ତୀକରଣ

ଯୁବବର୍ଗଙ୍କ ଉନ୍ନତି ପାଇଁ ସେମାନଙ୍କୁ ସଶକ୍ତ କରାଯାଉଛି। ଜାତୀୟ ଶିକ୍ଷାନୀତି ୨୦୨୦ ଏହି ଦିଗରେ ବଡ଼ ପରିବର୍ତ୍ତନ ଆଣିପାରିଛି। ପିଏମ୍ ସ୍କୁଲଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି। ସ୍କିଲ ଇଣ୍ଡିଆ ମିଶନ ଅଦ୍ୟାବଧି ୧.୪ କୋଟି ଯୁବତୀଯୁବକଙ୍କୁ ତାଲିମ ଦେଲାଣି। ଦେଶରେ ୭ଟି ଆଇଆଇଟି, ୧୬, ଟ୍ରିପଲ୍ ଆଇଟି, ୭ ଆଇଆଇଏମ୍, ୧୫ ଏମ୍ସ, ୩୯୦ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ସେହିପରି ପିଏମ୍ ମୁଦ୍ରା ଯୋଜନାରେ ୪୩ କୋଟି ଋଣ ଦିଆଯାଇଛି, ଯାହାର ପରିମାଣ ହେଉଛି ୨୨.୫ ଲକ୍ଷ କୋଟି ଟଙ୍କା।

### ନାରୀ ସଶକ୍ତୀକରଣ

ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ୩୦ କୋଟି ମୁଦ୍ରା ଯୋଜନା ଋଣ ପ୍ରଦାନ କରାଯାଇଛି। ମୁଦ୍ରା ଯୋଜନାରେ ମହିଳା ଉଦ୍ୟୋକ୍ତାମାନଙ୍କୁ ୩୦ କୋଟି ଋଣ ଦିଆଯାଇଛି।

### ବୈଶ୍ୱିକ ଦୃଷ୍ଟିରୁ

ବିଶ୍ୱରେ ଯୁଦ୍ଧ ଓ ସଂଘର୍ଷ ଯୋଗୁ ଭୂରାଜନୈତିକ ବ୍ୟାପାର ଜଟିଳ ହେବାରେ ଲାଗିଥିବାବେଳେ ଭାରତ ଜି୨୦ର ଆୟୋଜନ କରିଥିଲା। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଜଳବାୟୁ ପରିବର୍ତ୍ତନ, ଇନ୍ଧନ ଓ ସାର ଅଭାବ ଭଳି ଅନେକ ସମସ୍ୟାର ସମାଧାନ କରାଯାଇପାରିଛି। ନିକଟରେ ଭାରତ–ମଧ୍ୟପ୍ରାଚ୍ୟ–ୟୁରୋପ ଅର୍ଥନୈତିକ କରିଡର ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଛି। ଏହି ଯୋଜନା ଭାରତ ଓ ଅନ୍ୟ ଦେଶଗୁଡ଼ିକ ପାଇଁ ଗେମ୍ ଚେଞ୍ଜର ହେବାକୁ ଯାଉଛି।

## ରାଜ୍ୟ ଖବର

# ଜାତୀୟ ଗଣତନ୍ତ୍ର ଦିବସ ପରେଡ୍‌ର ଓଡ଼ିଶା ଏନ୍‌ସିସି ନବମ

**ଭୁବନେଶ୍ୱର, ୧୨(ଅସମାପିକା ସାହୁ)**

ନୂଆଦିଲ୍ଲୀରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ପରେଡରେ ଓଡ଼ିଶାର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ନବମ ସ୍ଥାନ ଅଧିକାର କରିଛି। ଏଥିରେ ଯୋଗଦେଇଥିବା କ୍ୟାଡେଟ୍‌ମାନଙ୍କୁ ରାଜ୍ୟପାଳ ରଘୁବର ଦାସ ପ୍ରଶଂସା କରିଛନ୍ତି। ଗୁରୁବାର ରାଜଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ କହିଛନ୍ତି, ଯୁବ ଶକ୍ତି ହିଁ ଦେଶର ଭବିଷ୍ୟତ। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି) ଯୁବପିଢ଼ିଙ୍କୁ ଅନୁଶାସନ, ସମର୍ପଣ ଏବଂ ଦେଶ ସେବାର ଭାବ ଓ ଭାବନାରେ ଉଦ୍‌ବୁଦ୍ଧ କରେ। ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କ୍ରିୟାଶୀଳତାରେ ଏନ୍‌ସିସିର ଭୂମିକା ପ୍ରଶଂସନୀୟ। ସ୍ୱଚ୍ଛ ଭାରତ

**ପ୍ରଶଂସା କଲେ ରାଜ୍ୟପାଳ**

ଅଭିଯାନ, ଯୋଗ ଦିବସ, ପରିବେଶ ସଂରକ୍ଷଣ, ଐତିହ୍ୟ ସଂରକ୍ଷଣ ଆଦି କାର୍ଯ୍ୟରେ ଏନ୍‌ସିସିର କାର୍ଯ୍ୟ ପ୍ରେରଣାଦାୟୀ। ଏନ୍‌ସିସି ରାଷ୍ଟ୍ରଶକ୍ତିର ଶାରୀରିକ ଓ ମାନସିକ ଅଭିବୃଦ୍ଧି ଦିଗରେ ବିଶେଷ ଭୂମିକା ନେଇଛି। ଉତ୍ତମ ନାଗରିକ ଗଠନ ନିମନ୍ତେ କାର୍ଯ୍ୟ କରିଛି। ଓଡ଼ିଶାରେ ପ୍ରାୟ ୬୨ହଜାର ୯୯୯ ସମର ଶିକ୍ଷାର୍ଥୀ ଥିବା ନିଶ୍ଚିତ ରୂପେ ଉଲ୍ଲେଖଯୋଗ୍ୟ ବୋଲି ରାଜ୍ୟପାଳ କହିଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ଜେନେରାଲ କମୋଡର ଜେ. ସୁରେଶଙ୍କ ତତ୍ତ୍ୱାବଧାନରେ ୧୨୨ଜଣ କ୍ୟାଡେଟ ଦିଲ୍ଲୀଯାଇ ସେଠାରେ ସାଧାରଣତନ୍ତ୍ର ଦିବସ ପରେଡରେ ଭାଗ ନେଇଥିଲେ। ଏଥିରେ ୪୬ଜଣ ଛାତ୍ରୀ ଓ ୭୬ ଛାତ୍ର ଥିଲେ। ଏହା ଗତ ଡିସେମ୍ବର ୨୫ରୁ ଜାନୁଆରୀ ୩୧ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଏନ୍‌ସିସି କ୍ୟାଡେଟମାନେ ବହୁ ପ୍ରତିକୂଳ ପରିସ୍ଥିତି ଓ କଠିନ ସମୟର ସାମ୍ନା କରି ନିଜ ଦକ୍ଷତାର ପରାକାଷ୍ଠା ପ୍ରତିପାଦନ କରିଥିଲେ। ଅଦମ୍ୟ ସାହସର ପ୍ରଦର୍ଶନ କରି ଅଶ୍ୱାରୋହଣ ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ ପଦକ, ଗୋଟିଏ ରୌପ୍ୟ ଏବଂ ୩ଟି ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି। ଏହାଛଡ଼ା ୩ଟି ପ୍ରତିଯୋଗିତାରେ ଚତୁର୍ଥ ସ୍ଥାନ ଅଧିକାର କରି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ

## ରେଳ ବଜେଟ...

ଗୁଣ ଅଧିକ କାର୍ଯ୍ୟକାରୀ ହୋଇପାରିବ। ବିଶେଷକରି ଦୀର୍ଘ ବର୍ଷ ହେବ ଦାବି ହୋଇଆସୁଥିବା ସ୍ଥାନରେ ନୂଆ ପ୍ରକଳ୍ପ, ଲାଇନ, ଟ୍ରେନ୍ ଇତ୍ୟାଦିକୁ ମଧ୍ୟ ସାମିଲ କରାଯାଇପାରିବ। ଅପରପକ୍ଷରେ ୨୦୨୩–୨୪ ଆର୍ଥିକ ବର୍ଷରେ ମିଳିଥିବା ୧୦,୦୧୨ କୋଟି ଟଙ୍କାର ବ୍ୟୟବରାଦରେ ରେଳପଥ ଅନେକ ପ୍ରକାର ବିକାଶମୂଳକ କାମ କରିଛି। ଏପରିକି ରାଜ୍ୟରେ ମୋଟ ୪୦୯ଟି ବ୍ରିଜ୍ (ପୋଲ) ଓ ଅଣ୍ଡର ପାସ୍ କାର୍ଯ୍ୟ କରାଯାଇଥିବାବେଳେ ପୂର୍ବତଟ ରେଳପଥ ୧୦୦% ବିଦ୍ୟୁତୀକରଣ ହୋଇପାରିଛି। ୨୦୨୩ରେ ମୋଟ ୪୫୦ କି.ମି.ର ନୂଆ ରେଳଲାଇନ ନିର୍ମାଣ କରାଯାଇଥିଲାବେଳେ ୨ଟି ବନ୍ଦେ ଭାରତ ଭଳି ପ୍ରିମିୟମ ଟ୍ରେନ୍ ମଧ୍ୟ ଓଡ଼ିଶାକୁ ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୪–୨୫ ଆର୍ଥିକ ବର୍ଷର ଅନ୍ତରୀଣ ବଜେଟରେ ଦେଶକୁ ମୋଟ ୨.୫୨ ଲକ୍ଷ କୋଟିର ବ୍ୟୟବରାଦ କରାଯାଇଥିଲାବେଳେ ପ୍ରାୟ ୫୫୦୦ କି.ମି. ନୂଆ ରେଳଲାଇନ ନିର୍ମାଣ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିଭଳି ପରିବହନ କ୍ଷମତା (ଲଜିଷ୍ଟିକ୍ ଦକ୍ଷତା)ରେ ଉନ୍ନତି ଏବଂ ଖର୍ଚ୍ଚ ହ୍ରାସ ପାଇଁ ପିଏମ୍ ଗତି ଶକ୍ତି ଯୋଜନା ଅଧୀନରେ ଚିହ୍ନଟ ହୋଇଥିବା ୩ଟି ପ୍ରମୁଖ ଅର୍ଥନୈତିକ ରେଳ କରିଡର ଯଥା ଶକ୍ତି,ଖଣିଜ ଏବଂ ସିମେଣ୍ଟ କରିଡର, ବନ୍ଦର ସଂଯୋଗ କରିଡର ଏବଂ ଉଚ୍ଚ ଟ୍ରାଫିକ ଘନତା କରିଡର ଆଦି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। ବିଶେଷକରି ୪୦ ହଜାର ସାଧାରଣ ରେଳଡବାକୁ ବନ୍ଦେ ଭାରତ ମାନ ଅନୁରୂପ ବିକଶିତ କରାଯିବ ବୋଲି ରେଳପଥ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ପୂର୍ବତଟ ରେଳପଥର ମୁଖ୍ୟ ପ୍ରବନ୍ଧକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବାଲିଉଠାଣ ଉପରେ...

ବାଲି ପରିବହନ ସମୟରେ ରାସ୍ତାରେ ଗଦା ଗଦା ବାଲି ପଡ଼ିରହୁଛି। ଏହାଦ୍ୱାରା ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି ବୋଲି ମଧ୍ୟ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଡିସେମ୍ବର ୧୯ରେ ମାମଲାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ବାଲି ଉଠାଣ ଉପରେ ଏକ ସତ୍ୟପାଠ ଦାଖଲ କରି ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ଉକ୍ତ ସତ୍ୟପାଠ ଅନୁସାରେ ୧୪ଟି ବାଲିଘାଟକୁ ବନ୍ଦ କରାଯାଇଛି। ଏଥିସହ କୌଣସି ବାଲିଘାଟ ଚାଲୁନାହିଁ ବୋଲି ସେ ଦର୍ଶାଇଥିଲେ। ହେଲେ ଡିସେମ୍ବର ୨୧ ତାରିଖରେ ବାଲି ଉଠାଣ ଉପରେ ଏକ ବିଜ୍ଞପ୍ତି ଜାରି କରିଥିଲା ରାଜ୍ୟ ଖଣି ବିଭାଗ। ଅତି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖଣି ବିଭାଗ ଏନେଇ ଅନୁମତି ଦେଇଥିଲା। ଏ ସଂକ୍ରାନ୍ତରେ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବାଲିଘାଟରୁ ମେଶିନ ଦ୍ୱାରା ବାଲି ଉଠାଇବାର ନିୟମ ନ ଥିବା ବେଳେ ଖଣି ବିଭାଗ ମେକାନିକାଲ ଭାବେ ବାଲି ଉତ୍ତୋଳନ କରିବାକୁ ବିଜ୍ଞପ୍ତିରେ ପ୍ରକାଶ କରିଥିଲା। ହେଲେ ମେକାନିକାଲ ଉପାୟରେ କେମିତି ବାଲି ଉଠାଇବେ ତାହା ସ୍ପଷ୍ଟ କରି ନ ଥିଲେ। ଫଳରେ ରାଜ୍ୟ ସରକାରଙ୍କ ଏହି ବିଜ୍ଞପ୍ତି ଉପରେ ହାଇକୋର୍ଟ କ୍ଷୁବ୍ଧ ହେବା ସହ ଜାନୁଆରୀ ୧୦ ତାରିଖରେ ମେଶିନ ବ୍ୟବହାର କରି ବାଲି ଉଠାଣ ଉପରେ ରୋକ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ଓ ସିଦ୍ଧାନ୍ତ କୁମାର ଜେନା ମାମଲା ପରିଚାଳନା କରୁଛନ୍ତି।

# ଖଡ଼ିଆଳର କଳା, ସାହିତ୍ୟ, ସଂସ୍କୃତି ସ୍ୱତନ୍ତ୍ର



ଖଡ଼ିଆଳ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।


ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

**ଖଡ଼ିଆଳ,୧।୨(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆଠାରେ ଚାଲିଥିବା ଖଡ଼ିଆଳ ମହୋତ୍ସବ-୨୦୨୪ର ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି। ମହୋତ୍ସବ କମିଟି ପୂର୍ବତନ ସଭାପତି ନିମାଇଁ ଚରଣ ତାଣ୍ଡି ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗଦେଇ ଖଡ଼ିଆଳ ଅଞ୍ଚଳର ଜନସାଧାରଣ ଲୁକ୍କାୟିତ କଳାପ୍ରତିଭାକୁ ଲୋକଲୋଚନକୁ ଆଣିବାର ଯେଉଁ ପ୍ରୟାସ ଜାରି ରଖିଛନ୍ତି ତାର ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ନୃପରାଜ ସାହୁ ଯୋଗଦେଇ କଳା, ସାହିତ୍ୟ, ସଂସ୍କୃତିରେ ଖଡ଼ିଆଳ ବିଶ୍ୱ ଦରବାରରେ ଏକ ବିଶେଷ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର, ଅଧୀକ୍ଷଣ ଯନ୍ତ୍ରୀ ଖଡ଼ିଆଳ ଶଶାଙ୍କ ଶେଖର ଶୁକ୍ଳା, ବୋଡ଼େନ ପଞ୍ଚାୟତ ସମିତି ଅଧକ୍ଷା ପ୍ରେମଶିଳା ନାଗ, ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅଧୀକ୍ଷଣ ଯନ୍ତ୍ରୀ ସୋମ୍ୟ କିଶୋର ଜୟପୁରିଆ, ରାଜାଏଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୋଶ କୁମାର ସାହୁ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ମହୋତ୍ସବ କମିଟି ସଦସ୍ୟ ପ୍ରାଧ୍ୟାପକ ଡ.ଲୋହିତାକ୍ଷ ଯୋଶୀ ପ୍ରଦାନ କରିଥିବା ବେଳେ ଖଡ଼ିଆଳ ମହାତ୍ମା ଗାନ୍ଧୀ ଯୁକ୍ତ ୨ ବିଜ୍ଞାନ କଲେଜ ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମହୋତ୍ସବ କମିଟି ସଦସ୍ୟ ପୃଥ୍ୱୀରାଜ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଚତୁର୍ଥ ଦିନର ସନ୍ଧ୍ୟାରେ ଜୁନାଗଡ଼ କଳା ବିକାଶ କେନ୍ଦ୍ରର ଓଡିଶୀ, ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ଖଡ଼ିଆଳର ଆମର ଗାଁ, ଡୁଷୁରା କୃଷପ୍ରିୟ ଘୁଡକା ସାଂସ୍କୃତିକ ଅନୁଷ୍ଠାନର ଘୁଡକା, ଆମାନାରା ଡ୍ୟାନ୍ସ ଗ୍ରୁପ ଆମାନାରା ରାଧାକୃଷ୍ଣ ମିଳନ, ନବରଙ୍ଗପୁର ପୁରୁଷୋତ୍ତମ କଳାକେନ୍ଦ୍ରର ଢେମସା, ଓଡ଼ିଶା ସରକାର ସାଂସ୍କୃତିକ ବିଭାଗର ଓଡିଶୀ, କୋଲକତା ବେଲେଟ ଗ୍ରୁପର ବଙ୍ଗାଳୀ ଲୋକନୃତ୍ୟ ପରିବେଷଣ କରାଯାଇଥିଲା।

**ଖଡ଼ିଆଳ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ସୂଚନା ଥାଉକି ପୂର୍ବାହ୍ନ ୧୦ଟାରେ ଖଡ଼ିଆଳ ରାଜାଏଟି ହାଇସ୍କୁଲ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ଶିବିରରେ ୨୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନ ୧୧ଟାରେ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ହସ୍ତଶିଳ୍ପ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଯୁବ ସାହିତ୍ୟିକ ବିଭୂତି ଭୂଷଣ ବିଶି ପରିଚାଳନା କରିଥିଲେ। ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟାରେ ଖଡ଼ିଆଳ ଯୁକ୍ତ ୨ ମହାମାୟା ବିଜ୍ଞାନ କଲେଜ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟାନ୍ୟ ବିଦ୍ୟାଳୟ ଓ କଲେଜ ଛାତ୍ରୀଛାତ୍ର ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟା ୭ଟାରୁ ୮ଟା ଯାଏ ପାରମ୍ପରିକ ବେଶ ପୋଷାକରେ ର‍୍ୟାମ୍ପ ଶୋ' ଅନୁଷ୍ଠିତ ହୋଇଥିଲା। ଏହାକୁ ଅସ୍ମିତା ପଟ୍ଟନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ମହୋତ୍ସବ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ, ସମ୍ପାଦକ ସୁନିଲ କୁମାର ସାହୁଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସଂହତି ଓ ଭାଇଚାରାର ଅନନ୍ୟ ରୂପକଳ୍ପ

ସାଂସ୍କୃତିକ ଚେତନାର ଅନନ୍ୟ ପ୍ରାଣକେନ୍ଦ୍ର ଖଡ଼ିଆଳ। ଏଇ ମାଟିରେ ୧୮୮୩ ମସିହାରେ ରାଜକବି ବ୍ରଜରାଜ ସିଂହଦେବଙ୍କ କରକମଳରେ ଗଢ଼ି ଉଠିଥିଲା ଓଡ଼ିଶାର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ ଖଡିଆଳ ସାହିତ୍ୟ ସମିତି। ୧୮୯୫ ମସିହାରେ ନାଟ୍ୟକାର ବୀରବିକ୍ରମ ଦେବଙ୍କ ଦ୍ୱାରା ସ୍ଥାୟୀ ବୀରବିକ୍ରମ ରଙ୍ଗମଞ୍ଚ ଗଠନ ହୋଇଥିଲା। ତେଣୁ ସାମଗ୍ରିକଭାବେ କହିବାକୁ ଗଲେ କଳା-ସାହିତ୍ୟ ଓ ସଂସ୍କୃତିର ଏକ ପ୍ରକୃଷ୍ଟ ଓ ଉତ୍କୃଷ୍ଟ କ୍ଷେତ୍ର ହେଉଛି ଖଡିଆଳ। ଏଇ ଅଞ୍ଚଳର ଲୋକକଳା, ଲୋକନୃତ୍ୟ, ଲୋକ ସଂସ୍କୃତିକୁ ଆହୁରି ଋଦ୍ଧିମନ୍ତ କରିବା ପାଇଁ ୨୦୦୫ରେ ପରିକଳ୍ପନା କରାଯାଇ ଆରମ୍ଭ ହୋଇଥିଲା ଖଡିଆଳ ମହୋତ୍ସବ। କରୋନା ସମୟକୁ ବାଦ୍ ଦେଲେ ନିରବଚ୍ଛିନ୍ନ ଭାବେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ଅଞ୍ଚଳର ଲୁପ୍ତପ୍ରାୟ କଳା, ପରମ୍ପରା, କଳାକାର, ସାହିତ୍ୟିକ, ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାରେ ସହାୟକ ହେଉଛି ଖଡିଆଳ ମହୋତ୍ସବ।

ପ୍ରତ୍ୟେକ ବର୍ଷ ମହୋତ୍ସବର ଉଦ୍‌ଘାଟନୀ ଦିବସରେ ଐତିହାସିକ କିର୍ତ୍ତି ବଖାଣୁଥିବା ଯୋଗୀମଠରୁ ଯୁବଗୋଷ୍ଠୀ ମହୋତ୍ସବର ମଶାଲ ଅଣାଯାଇଥାଏ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ । ପରେ ଖଡିଆଳର ସବୁଠାରୁ ପ୍ରାଚୀନ ଦଧିବାମନ ମନ୍ଦିରରେ ହୋଇଥାଏ ପୂଜାର୍ଚ୍ଚନା । ସେଠାରୁ ଏକ ଶୋଭାଯାତ୍ରାରେ ମଶାଲ ଅଣାହୁଏ ମହୋତ୍ସବର ସାଂସ୍କୃତିକ ମଞ୍ଚ ପର୍ଯ୍ୟନ୍ତ। ସେ ସମୟରେ ସମଲେଶ୍ୱରୀ ମନ୍ଦିର, ହନୁମାନ ମନ୍ଦିର, ରାମସ୍ୱାମୀ ମନ୍ଦିରରେ ମଧ୍ୟ ଦେବଦେବୀଙ୍କ ଆଶିଷ ଭିକ୍ଷା କରାଯାଏ ମହୋତ୍ସବର ସଫଳତା ପାଇଁ। ଶୋଭାଯାତ୍ରା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ରଙ୍ଗୋଲି ଓ ଝୋଟିର ପ୍ରଦର୍ଶନୀ ଦୃଶ୍ୟ ଅତ୍ୟନ୍ତ ଉପଭୋଗ୍ୟ ହୋଇଥାଏ। ଖଡ଼ିଆଳ ସହର ସତେ ଯେମିତି ସଜେଇ ହୋଇଥାଏ ମହୋତ୍ସବକୁ ସ୍ୱାଗତ କରିବା ପାଇଁ। ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟାରେ ଆଞ୍ଚଳିକ, ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନେ ଯୋଗଦେଇ ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରିଥାନ୍ତି ହଜାର ହଜାର ଦର୍ଶକଙ୍କ ସମ୍ମୁଖରେ। ଡାଲ୍‌ଖାଇଠାରୁ ଆରମ୍ଭ କରି ବଜନିଆଁ, ଢାପ, ସିଙ୍ଗାରି, କରମା, ପାଇକ ନାଚ, ପନ୍ଥୀ ନୃତ୍ୟ, ଗୋଟିପୁଅ, ଘୁଡୁକା, ବିହୁ ପର୍ଯ୍ୟନ୍ତ ନୃତ୍ୟ ପରିବେଷିତ ହୋଇଥାଏ ମହୋତ୍ସବରେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଖଡ଼ିଆଳ ମହୋତ୍ସବ ଏ ଅଞ୍ଚଳର ଜନସାଧାରଣଙ୍କୁ ବାନ୍ଧିଦିଏ ଆତ୍ମୀୟତାରେ। ସାମଗ୍ରିକ ଭାବେ କହିବାକୁ ଗଲେ ସଂହତି ଓ ଭାଇଚାରାର ଅନନ୍ୟ ରୂପକଳ୍ପ ହେଉଛି ଖଡ଼ିଆଳ ମହୋତ୍ସବ।

**ଉପସ୍ଥାପନା: ସୁଜିତ କୁମାର ପ୍ରଧାନ**

**ସଂକ୍ଷେପରେ**

### ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟିତ

**ବେହେରା,୧।୨(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରାସ୍ଥିତ ଲଖୀରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ଶାସ୍ତ୍ରୀୟ ଓଡ଼ିଆ ଭାଷା ରୂପୀ ହାରରେ ଓଡ଼ିଆ ଶବ୍ଦ ସମୂହ ଯଦି ମୋତି ଭଳି ଗୁନ୍ଥି ହୋଇଥାଏ, ତେବେ ସେ ଭିତରେ କଳାହାଣ୍ଡିଆ ଶବ୍ଦ ମାଣିକ୍ୟ ଭଳି ଝଟକୁଥାଏ। ଓଡ଼ିଆ ସାହିତ୍ୟରେ କଳାହାଣ୍ଡିଆ ଶବ୍ଦର ପ୍ରୟୋଗ ତାହାକୁ ଆହୁରି ସୁନ୍ଦର ଓ ଆକର୍ଷଣୀୟ କରିଥାଏ ବୋଲି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ କବି ରଜତ ବଂଶଲ ମତପ୍ରକାଶ କରିଛନ୍ତି। ବିଦ୍ୟାଳୟ ଅଧକ୍ଷ ନିର୍ମଳ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଦନ୍ତେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରେମଲାଲ କାଣ୍ଡ ମୁଖ୍ୟବକ୍ତା, ଅଧାପକ ରଞ୍ଜନ କୁମାର ପଣ୍ଡା, ଫକିର ଚଣ୍ଡି, ଭାରତୀୟ ବିଦ୍ୟାଶ୍ରୀ ନିକେତନ ଅଧକ୍ଷ ସୁରେନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଖେଳ ଶିକ୍ଷକ ସୁରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧାପକ ଅକ୍ଷୟ ପଟ୍ଟନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଅଧାପକ ନିକୁଞ୍ଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅଶୋକ ଚଣ୍ଡି, ସାନ୍ତୁର୍ଯ୍ୟ ଗୋପାଳ ସହଯୋଗ କରିଥିଲେ।

## ସାଁଦୁଲ ବ୍ୟାରେଜରୁ ଉଦ୍ଧାର ପାଇଲେ ତେଲଙ୍ଗାନାର ୬ ଶ୍ରମିକ

**ଭବାନୀପାଟଣା,୧।୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଏମ୍. ରାମପୁର ବ୍ଲକ ସାଁଦୁଲ ବ୍ୟାରେଜରେ ଗତ ୪ ମାସ ହେବ ତେଲଙ୍ଗାନା ମେହବୁବନଗର ଜିଲା ଶେଖପାଲେ ଓ ନେଇନାନପାଲି ଅଞ୍ଚଳର ୬ ଜଣ ଦାଦନ ଶ୍ରମିକ କାମ କରୁଥିଲେ। ସମସ୍ତେ ଆଦିବାସୀ ସମ୍ପ୍ରଦାୟର ଶ୍ରମିକ ହୋଇଥିବାବେଳେ ସେଥିମଧ୍ୟରୁ ୪ଜଣ ପୁରୁଷ ଓ ୨ ଜଣ ମହିଳା ଥିଲେ। ସେମାନଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଥିଲା। ଶେଷରେ କଳାହାଣ୍ଡି ଜିଲାପାଳ ଘଟଣାର ହସ୍ତକ୍ଷେପ କରିବା ପରେ ସେମାନେ ଉଦ୍ଧାର ପାଇ ବୁଧବାର ନିଜ ଗାଁକୁ ଫେରିଛନ୍ତି। ଗୁରୁବାର ଶ୍ରମିକମାନେ ନିଜ ଗାଁରେ ପହଞ୍ଚି ଥିବା ଜଣାପଡିଛି। ଶ୍ରମିକମାନଙ୍କୁ ନିଜ ରାଜ୍ୟରେ କୌଣସି ସ୍ଥାନରେ କାମ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ଦାଦନ ସରଦାର ମାନ୍ୟମକୋଣ୍ଡା ୪ ମାସ ତଳେ ଭୁଲାଇ ଆଣି ସାଁଦୁଲ ବ୍ୟାରେଜରେ ଠିକାଦାରଙ୍କ ପାଖରେ ଛାଡି ଦେଇଥିଲେ। ସେମାନେ ସରଦାରଠାରୁ ନେଇଥିବା ଋଣ ଶୁଝିବା ସହିତ ମାସକୁ ୬ ହଜାର ଟଙ୍କା ଲେଖାଏ ପାରିଶ୍ରମିକ ପାଇବେ ବୋଲି ପ୍ରତିଶ୍ରୁତି ପାଇଥିଲେ ମଧ୍ୟ କାମ କରିବା ଦିନଠାରୁ ଟଙ୍କାଟିଏ ମଧ୍ୟ ପାଇ ନ ଥିବା ପ୍ରକାଶ କରିଛନ୍ତି। ଶ୍ରମିକମାନଙ୍କ ମଧ୍ୟରୁ ୩ଜଣ ଶ୍ରମିକ ଦସ୍ତାଗିରି, ଡି. କ୍ରିଷ୍ଣ, ଓ ଡି. ରାମୁଲୁ କଳାହାଣ୍ଡି ଜିଲା ଭବାନୀପାଟଣା ସହରର ମାନବାଧିକାର କର୍ମୀ ଦିଲୀପ କୁମାର ଦାସ ଓ ବଲାଙ୍ଗୀର ଗୋଟି ଶ୍ରମିକ



ଉଦ୍ଧାର ହୋଇଥିବା ଶ୍ରମିକ।

**ଜିଲାପାଳଙ୍କ ହସ୍ତକ୍ଷେପ**

ସଙ୍ଗଠନ କର୍ମକର୍ତ୍ତାମାନଙ୍କୁ ଯୋଗାଯୋଗ କରି ନିଜ ସମସ୍ୟା ବିଷୟରେ କହିଥିଲେ। ଏହାସହ ଠିକାଦାରଙ୍କ ଲୋକ ସେମାନଙ୍କୁ ସବୁବେଳେ ଜଗି ରହୁଛନ୍ତି ଓ କୌଣସି ସ୍ଥାନକୁ ଛାଡୁନାହାନ୍ତି, ତାସହିତ ପାରିଶ୍ରମିକ ବାବଦକୁ ଚୁକ୍ତି କରିଥିବା ଅର୍ଥରୁ ଟଙ୍କାଟିଏ ମଧ୍ୟ ଦେଉ ନାହାନ୍ତି ତେଣୁ ସେମାନେ ବହୁ କଷ୍ଟରେ ଜୀବନ ଯାପନ କରୁଛନ୍ତି ବୋଲି କହିଥିଲେ। ଫଳରେ ସେମାନେ କାମ ଛାଡି ନିଜ ଗାଁକୁ ଫେରି ଯିବାକୁ ଚାହିଁଲେ ବି ଠିକାଦାର ସେମାନଙ୍କୁ ଯିବାକୁ ଦେଉନାହିଁ ବୋଲି ଅଭିଯୋଗ ଆଣିଥିଲେ। ସାମାଜିକ କର୍ମୀମାନେ ଏସବୁ ଅବଗତ ହେଲା ପରେ ଗତ ୨୯ ତାରିଖରେ କଳାହାଣ୍ଡି ଜିଲାପାଳଙ୍କୁ ସାକ୍ଷାତ କରି ଅଭିଯୋଗ ଦାଖଲ କରିଥିଲେ। ଏହାସହ ଶ୍ରମିକମାନଙ୍କ ଦୁର୍ଦ୍ଦଶା ବିଷୟରେ ଅବଗତ କରାଇଥିଲେ। ଏହାପରେ ଜିଲାପାଳ, ଶ୍ରମ ବିଭାଗ, ଜଳସମ୍ପଦ ବିଭାଗ ଓ ପଞ୍ଚାୟତିରାଜ ବିଭାଗର ଜିଲାସ୍ତରୀୟ ଅଧିକାରୀମାନଙ୍କୁ ଏ ଦିଗରେ ପଦକ୍ଷେପ ନେଇ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶ୍ରମ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ଅଧିକାରୀମାନେ ବିଭିନ ଆଳ ଦେଖାଇ ବିଳମ୍ବ କରିଥିଲେ ମଧ୍ୟ ଜଳସମ୍ପଦ ବିଭାଗ ଅଧିକାରୀମାନେ ଶ୍ରମିକମାନଙ୍କୁ ଉଦ୍ଧାର କରି ନିଜ ନିଜ ଗାଁକୁ ପଠାଇଥିଲେ।

### ଧନସରା କ୍ରିକେଟ ଟୁର୍ନାମେଣ୍ଟ: କପୁରମାଲ ଚାମ୍ପିୟନ

**କୋକସରା,୧।୨**
**(ଦୁଷ୍ମନ୍ତ କୁମାର ପାଟଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ପଞ୍ଚାୟତ ଧନସରା ଗ୍ରାମରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କପୁରମାଲ ଓ ଧନସରା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କପୁରମାଲ ଚାମ୍ପିୟନ ହୋଇଛି। ଉଦଯାପନି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସାମାଜିକ କର୍ମୀ ରୁଦ୍ର ପ୍ରସାଦ ନାଏକ, ସମିତି ସଭ୍ୟ ଗଜାନନ ନିଆଲ, ମାର୍କଣ୍ଡ ବେମାଲ, ଜଗତ ରାମ ସତନାମୀ, କୁରୁକ୍ଷେତ୍ର ବେହେରା, ଅର୍ଜୁନ ଶବର, ତନୁକଲାଲ ନାଗ ଉପସ୍ଥିତ ରହି ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଧନସରା ଟିମକୁ ୫୦ ରନରେ ହରାଇ କପୁରମାଲ ଟିମ ଚାମ୍ପିୟନ ଟ୍ରଫି ଦାବେଦାର ହୋଇଛି। ବିଜେତା ଓ ଉପ ବିଜେତା ଟିମକୁ ଅତିଥିମାନେ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଧନସରା ଗ୍ରାମର ୟଙ୍ଗ ଷ୍ଟାର ଯୁବକ ସଂଘ ସ୍ୱେଚ୍ଛାସେବୀମାନେ ମ୍ୟାଚ ପରିଚାଳନାରେସହଯୋଗକରିଥିଲେ।

## ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଲାଞ୍ଜିଗଡ଼,୧।୨(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବାତେଲିମା ପଞ୍ଚାୟତ ବାଣିପଙ୍ଗାସ୍ଥିତ ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷକ ବସନ୍ତ କୁମାର ମାଝିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ତଥା ଲାଞ୍ଜିଗଡ ପୂର୍ବତନ ବିଧାୟକ ଶିବାଜୀ ମାଝି, ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ସିଏଚସି ଡ଼. ନରେନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁ, ବ୍ଲକ ବିଇଓ ନମିତାରାଣୀ ଭୋଇ, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ଯୋଗାଣୀ ମାଝି, ବାତେଲିମା ସରପଞ୍ଚ କରୁଣା ମାଝି, ଲାଞ୍ଜିଗଡ ପୂର୍ବତନ ଜିଲା ପରିଷଦ ସଦସ୍ୟ ସେନାପତି ନାଏକ, ବାତେଲିମା ପୂର୍ବତନ ସମିତି ସଭ୍ୟା ବାସନ୍ତୀ ସାମଲ, ଶିକ୍ଷକ ଲଳିତ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶିକ୍ଷୟିତ୍ରୀ ସ୍ମିତା ଦାସ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ବସନ୍ତ କୁମାର ମାଝି ବାର୍ଷିକ ପାଠ କରିଥିଲେ। ପୂର୍ବରୁ ବିଭିନ୍ନ ବ୍ଲକ, ଜିଲା, ରାଜ୍ୟ ଓ ଜାତୀୟ ପ୍ରତିଯୋଗିତାରେ ସୁନାମ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ଗୁଣଧର ଶବର, ପଦ୍ମନ ମାଝି, ଚିତ୍ତ ମାଝି, ଶନି ମାଝି, ହରି ମାଝି, ସନ୍ତୋଷ ମାଝି, ଖେଳ ଶିକ୍ଷକ ବିଜୟ କୁମାର ଭୋଇ, ଶିକ୍ଷୟିତ୍ରୀ ଲାବଣ୍ୟମୟୀ ମହନ୍ତା, ଚିତ୍ରାଞ୍ଜଳି ନାଏକ, ଲଳିତା ନାଏକ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହିନ୍ଦୀ ଶିକ୍ଷକ ଯୋଗେଶ୍ୱର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

### ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**କେସିଙ୍ଗା,୧।୨(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ଦେଓଗାଁ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଥିଲ। ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ବର୍ତ୍ତମାନ ସୁଦ୍ଧା କେତେ ଗୋଟି ପ୍ରକଳ୍ପ ଶେଷ ହେଲାଣି, ଏହି ବିଷୟ ଆଲୋଚନା କରାଯାଇଥିଲା। ଏଥିପାଇଁ ପଞ୍ଚାୟତବାସୀଙ୍କୁ ନେଇ ଏକ ସଭା ସରପଞ୍ଚ ଉମ୍ବରୁଧର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଡିଓ ପଦ୍ମନାଭ ପୁରୋହିତ ଯୋଗଦେଇଥିବା ବେଳେ ଅଞ୍ଚଳର ବରିଷ୍ଠ ସାମାଜିକ କର୍ମୀ ମନୋଜ କୁମାର ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପଟ୍ଟନାୟକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶର ମେହେର, ୩ ନମ୍ବର ଜୋନ ଜିଲା ପରିଷଦ ସୁନୀତା ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ଗ୍ରାମାଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଜନସାଧାରଣଙ୍କୁ ଯୋଜନାର ଲାଭ ଉଠାଇବା ପାଇଁ ବିଡିଓ ଅନୁରୋଧ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସୁଧୀର ବାଗ।

## ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଡାଇଲିସିସ୍ ସେଣ୍ଟର ଉଦ୍‌ଘାଟିତ

**ବେହେରା,୧।୨(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟଠାରେ ଡାଇଲିସିସ୍ ସେଣ୍ଟର ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଧର୍ମଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଗଡ ବିଧାୟକ ମୌଷଧି ବାଗ, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଧର୍ମଗଡ ଉପଜିଲାପାଳ ଧୀମନ ଚକମା, ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନ, ପଞ୍ଚାୟତ ସମିତି ଅଧକ୍ଷା ବବିତା ପଟଯୋଷୀ, ଏନଏସି ଉପାଧକ୍ଷା ମନିଷା ମିଶ୍ରଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ପିପିମୋଡରେ କାର୍ଯ୍ୟକ୍ଷମ ହୋଇଥିବା ଏହି ଡାଇଲିସିସ ସେଣ୍ଟରରେ ରୋଗୀ ସେବା ପାଇଁ ୪ଟି ବେଡ ଉପଲବ୍ଧ ରହିଛି। କୋଲକତାର ଟେଲି ସଞ୍ଜୀବନୀ ନାମକ ଏକ ସଂସ୍ଥା ଏହାର ପରିଚାଳନା ଦାୟିତ୍ୱ ନେଇ ଥିବା ବେଳେ ଅବସରପ୍ରାପ୍ତ ଡାକ୍ତର ଅନନ୍ତରାମ ତ୍ରିପାଠୀଙ୍କୁ ଚିକିତ୍ସା ସେବା ପାଇଁ ନିଯୁକ୍ତି ଦିଆଯାଇଛି ବୋଲି ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ ସୂଚନା ଦେଇଛନ୍ତି।


ଧର୍ମଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ବିଭିନ୍ନ ସମସ୍ୟା ନେଇ ଭୁଞ୍ଜିଆ ସମାଜର ମହାମେଳି

**ନୂଆପଡ଼ା,୧।୨(ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ରଜନା ବଜାର ପଡିଆଠାରେ ଗୁରୁବାର ଭୁଞ୍ଜିଆ ସମ୍ପ୍ରଦାୟର ବିଭିନ୍ନ ସମସ୍ୟ ନେଇ ମେଳି ଅନୁଷ୍ଠିତ ହୋଇଥିଲା। ଭୁଞ୍ଜିଆ ସମାଜ ଜିଲା ସମ୍ପାଦକ ପ୍ରଭାସ ଚିନ୍ଦାଙ୍କ ଅଧକ୍ଷତାରେ ବୋଡେନ ବ୍ଲକ ନାଗପଡା ପଞ୍ଚାୟତ, କୋମନା ବ୍ଲକ ଦେଓଦର୍ହା ଓ ରଜନା ପଞ୍ଚାୟତର ଶତାଧିକ ଭୁଞ୍ଜିଆ ମହାମେଳି କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ନାମକ ଏକ ସଂସ୍ଥା ସରକାର ଭୁଞ୍ଜିଆମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଜିଲାରେ ହଜାର ହଜାର ଭୁଞ୍ଜିଆ ପରିବାର ବସବାସ କରୁଥିଲେ ମଧ୍ୟ ଏହି ସବୁ ଯୋଜନାରୁ ବଞ୍ଚିତ ହେଉଛନ୍ତି। କେବଳ ସୁନାବେଡା ଗୋଟିଏ ଗାଁ ରେ ସବୁ ଯୋଜନା ସିମିତ ହୋଇ ରହିଯାଉଛି। ଭୁଞ୍ଜିଆ ସମ୍ପ୍ରଦାୟ ପାଇଁ ସ୍ୱତନ୍ତ୍ର ସଂସ୍ଥା କରିଥିଲେ ମଧ୍ୟ ଭୁଞ୍ଜିଆମାନେ ସବୁ ଯୋଜନାରୁ ବଞ୍ଚିତ ହେଉଥିବାରୁ ନାଗପଡା, ରଜନା ଓ ଦେଓଦର୍ହା ପଞ୍ଚାୟତ ସମସ୍ତ ଭୁଞ୍ଜିଆ ରଜନାଠାରେ ଏକ


ଭୁଞ୍ଜିଆ ସମ୍ପ୍ରଦାୟଙ୍କ ମହାମେଳି କରିଛନ୍ତି।

ମହାମେଳି କରି ସମସ୍ୟା ସମାଧାନ ପାଇଁ ଜିଲା ପ୍ରଶାସନଙ୍କୁ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଉଥିବା ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଘର ଭୁଞ୍ଜିଆମାନଙ୍କୁ ଦିଆଯାଉଛି। ହେଲେ ପ୍ରଶାସନ କହିବାନୁଯାୟୀ ଯେଉଁ ବ୍ୟକ୍ତମାନେ ୧ ଲକ୍ଷ ୩୦ ହଜାର ଟଙ୍କା ବ୍ୟୟ ଅଟକଳରେ ଆବାସ ଗୃହ ଦିଆଯାଇଛି। ସେହି ବ୍ୟକ୍ତିମାନଙ୍କୁ ପିଏମ ଜନମନ ଯୋଜନାରେ ଘର ମିଳିବ ନାହିଁ। କିନ୍ତୁ ଯେଉଁମାନେ ଆବାସ ଗୃହ ପାଇ ନାହାନ୍ତି ଓ ନୂତନ ଭାବେ ବିବାହ କରି ପରିବାର ଗଠନ କରିଛନ୍ତି, ସେମାନଙ୍କୁ ସରକାରଙ୍କ ନିୟମ ଦୃଷ୍ଟିରୁ ପିଏମ ଜନମନ ଯୋଜନାରେ ଘର ପାଇବାର ଯୋଗ୍ୟ ଅଟନ୍ତି। ହେଲେ ସେହି ବ୍ୟକ୍ତିମାନଙ୍କୁ ମଧ୍ୟ ଏହି ଯୋଜନାରେ ସାମିଲ କରାଯାଇ ନାହିଁ। ଏ ସଂକ୍ରାନ୍ତରେ ପଞ୍ଚାୟତସ୍ତରୀୟ ଅଧିକାରୀମାନଙ୍କୁ ଅନେକ ଥର ଆବେଦନ ଓ ନିବେଦନ କରିବା ସତ୍ତ୍ୱେ ମଧ୍ୟ ସର୍ଭେ କିମ୍ବା ଜିଓ ଟେକିଙ୍ଗ କରୁନାହାନ୍ତି। ଫଳରେ ଭୁଞ୍ଜିଆ ସମ୍ପ୍ରଦାୟର ଆଦିବାସୀମାନେ ଏହି ସବୁ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହି ସବୁ ସମସ୍ୟା ଉପରେ ଜିଲା ପ୍ରଶାସନଠାରେ ଅବଗତ କରିବା ପାଇଁ ମେଳିରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ସମସ୍ୟା ସବୁ ଜଣାଇଲା ପରେ ଜିଲା ପ୍ରଶାସନ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ରାଜୀୟ ରାଜପଥ ଅବରୋଧ କରିବୁ ଓ ସେଥିରେ କୌଣସି ପଦକ୍ଷେପ ନ ନେଲେ ଭୋଟ ବର୍ଜନ କରିବୁ ବୋଲି ଭୁଞ୍ଜିଆ ସମ୍ପ୍ରଦାୟର ଜିଲା ଉପସଭାପତି ଜୟସିଂ ଚିନ୍ଦା, ଚନ୍ଦନ ସିଂ ଚନ୍ଦା, ଘାସିରାମ ଚିନ୍ଦା, ଅବେଳ ଚିନ୍ଦା, ଧନୀରାମ ଚିନ୍ଦା, କୈଳାଶ ଚିନ୍ଦା, ଦୁଲୁପ ସିଂ ଚିନ୍ଦା, ପଦ୍ମଲୋଚନ ଚିନ୍ଦା, ରମେଶ ଚନ୍ଦି ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଘିଚାପାଲି ୟୁପି ସ୍କୁଲରେ ତାଲା

ଅମରପାଲି, ୧।୨ (ପୀତାମ୍ବର ସାହୁ)

■ଶିକ୍ଷକ ବଦଳିକୁ ନେଇ ପ୍ରତିବାଦ
■ବଦଳି ହୋଇଥିବା ଶିକ୍ଷକଙ୍କୁ ଫେରାଇ ଅଣାଯିବ: ବିଇଓ

ବୀରମହାରାଜପୁର ଶିକ୍ଷାଜିଲାରେ ହୋଇଥିବା ଶିକ୍ଷକ ବଦଳିର ପ୍ରତିବାଦ ବଢ଼ିବାରେ ଲାଗିଛି। ଦୁଇ ଦିନରେ ଦୁଇଟି ସ୍କୁଲରେ ତାଲା ପକାଇ ପ୍ରତିବାଦ କରିଛନ୍ତି ଛାତ୍ରୀଛାତ୍ର। ବୁଧବାର ଦିନ ତେଲିପାଲି ୟୁପି ସ୍କୁଲରେ ଶିକ୍ଷକ ବଦଳିର ପ୍ରତିବାଦରେ ତାଲା ପକାଇ ଥିବା ବେଳେ ଗୁରୁବାର ଦିନ ଲୁତୁରପଙ୍କ ପଞ୍ଚାୟତର ଘିଚାପାଲି ୟୁପି ସ୍କୁଲରେ ଜଣେ ଶିକ୍ଷକଙ୍କ ବଦଳି ପ୍ରତିବାଦ କରି ସ୍କୁଲ ଫାଟକରେ ତାଲା ପକାଇ ଦେଇଛନ୍ତି ଛାତ୍ରୀଛାତ୍ର ,ଅଭିଭାବକ ଓ ସ୍କୁଲ ପରିଚାଳନା କମିଟିର ସଦସ୍ୟ। ଘିଚାପାଲି ୟୁପି ସ୍କୁଲ ୧୯୬୬ ମସିହାରେ ପ୍ରତିଷ୍ଠା କରାଯାଇଥିଲା। ଏବେ ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୮ଟି ଶ୍ରେଣୀରେ ପ୍ରାୟ ୯୩ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ଏମାନଙ୍କୁ ପଢ଼ାଇବା ପାଇଁ ୩ ଜଣ ଶିକ୍ଷୟିତ୍ରୀ ଓ ୨ ଜଣ ଶିକ୍ଷକ ସ୍କୁଲରେ ଥିଲେ। ତେବେ ଗତ ୨୯ ତାରିଖରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୧୧୧/୨୯ରେ ବିଭିନ୍ନ ସ୍କୁଲରୁ ପ୍ରାୟ ୧୧ ଜଣଙ୍କ ବଦଳି କରାଯାଇଥିଲା। ଏହି କ୍ରମରେ ଘିଚାପାଲି ୟୁପି ସ୍କୁଲର ସହକାରୀ ଶିକ୍ଷକ ମଦନ ସୁନ୍ଦର ଭୋଇଙ୍କ ବଦଳି ମୁର୍ଷୁଣ୍ଡି ପଞ୍ଚାୟତର ଭୁଡିଆପାଲି ୟୁପି ସ୍କୁଲ କୁ କରାଯାଇଥିଲା। ତେବେ ଏହା ଜାଣିବା ପରେ ଗତ ୩୦ ତାରିଖ ଦିନ ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ବୀରମହାରାଜପୁର ବିଇଓଙ୍କୁ ଲିଖିତ ଅଭିଯୋଗ କରି ବଦଳି ବାତିଲ କରିବା ପାଇଁ ଜଣାଇଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଗୁରୁବାର ସ୍କୁଲ ଫାଟକରେ ତାଲା ପକାଇ ପ୍ରତିବାଦ କରାଯାଇଥିଲା। ଫଳରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସ୍କୁଲ ଭିତରକୁ ଯାଇ ନ ପାରି ସ୍କୁଲ ବାହାରେ ରହିଥିଲେ। ଏପରି କି ପିଲାଙ୍କ ମଧ୍ୟାହ୍ନ ଭୋଜନ ମଧ ଦିଆଯାଇ ପାରି ନ ଥିଲା। ଖବର ପାଇ ବିଇଓ ଶାନ୍ତନୁ କୁମ୍ଭକାରଙ୍କ ନିର୍ଦ୍ଦେଶରେ ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ ସ୍କୁଲକୁ ଯାଇ ବୁଝାଶୁଝା କରିଥିଲେ। ମାତ୍ର ଶିକ୍ଷକ ବଦଳି ବାତିଲ କରିବାକୁ ଛାତ୍ରୀଛାତ୍ର, ଅଭିଭାବକ ଦାବି କରିଥିଲେ। ଏନେଇ ପ୍ରଧାନଶିକ୍ଷକ ଦୂତୀଆ ଝାଙ୍କରଙ୍କୁ ପଚାରିବାରେ ଶିକ୍ଷକ ବଦଳି ପ୍ରତିବାଦ କରି ସ୍କୁଲ ଫାଟକରେ ତାଲା ପକାଯାଇଥିବା କହିଥିଲେ। ଏନେଇ ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର ଙ୍କୁ ପଚାରିବାରେ ସେମାନଙ୍କ ଦାବି ମୁତାବକ ବଦଳି ହୋଇଥିବା ଶିକ୍ଷକଙ୍କୁ ପୁନର୍ବାର ଫେରାଇ ଅଣାଯିବ ବୋଲି ପ୍ରକାଶ କରିଛନ୍ତି।

## ଭତ୍ତା ବୃଦ୍ଧି ନେଇ ହିତାଧିକାରୀଙ୍କ ସମାବେଶ

ବୌଦ୍ଧ, ୧।୨ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଅଯୋଧ୍ୟା ଗ୍ରାମରେ ଭତ୍ତା ବୃଦ୍ଧି କରିବା ଦାବି ନେଇ ହିତାଧିକାରୀଙ୍କ ଏକ ସମାବେଶ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ହରଭଙ୍ଗା ବ୍ଲକର ୩ ପଞ୍ଚାୟତ ହରଭଙ୍ଗା, ଛତରଙ୍ଗ ଓ କୁଶଙ୍ଗର ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତାଧାରୀମାନେ ଯୋଗ ଦେଇଥିଲେ। ଭତ୍ତାଧାରୀ ମହାସଂଘର ସଭାପତି ଇଂ ବିକାଶ ମହାକୁଳ ଯୋଗଦେଇ ଆଗାମୀ ଦିନରେ ଭତ୍ତା ବୃଦ୍ଧି ପାଇଁ ଆନ୍ଦୋଳନ କରିବାକୁ ଆହ୍ୱାନ କରିଥିଲେ। ଅନ୍ୟ ରାଜ୍ୟଗୁଡ଼ିକରେ ସରକାର ଭତ୍ତା ଧାରୀମାନଙ୍କୁ ଅଧିକ ଟଙ୍କା ଦେଉଥିବା ବେଳେ ଓଡିଶାରେ ଏହା ଅତି କମ୍ ବୋଲି କହିଥିଲେ। ସଂଘର ସମ୍ପାଦକ ସୁଜ୍ଞାନ ବାଘ ଏ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।

## ବୀରମହାରାଜପୁର କଲେଜ ବାର୍ଷିକୋତ୍ସବ



କଲେଜର ମୁଖପତ୍ର ଭୂମାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଅମରପାଲି, ୧।୨ (ପୀତାମ୍ବର ସାହୁ)

■ଆଈ ମା' କାହାଣୀରେ ଓଡ଼ିଆ ସାହିତ୍ୟର ଝଲକ
■କଲେଜର ମୁଖପତ୍ର ଭୂମା ଉନ୍ମୋଚନ

ଓଡ଼ିଆ ସାହିତ୍ୟର ବିବର୍ତ୍ତନବାଦ ପ୍ରାକ୍ ସାରଳା ଯୁଗରୁ ଉତ୍ତର ଆଧୁନିକ ଯୁଗ ପର୍ଯ୍ୟନ୍ତ ବ୍ୟାପ୍ତ। ଲୋକସାହିତ୍ୟ ମାଧ୍ୟମରେ ଶିକ୍ଷିତତାର ପ୍ରମାଣ ମିଳେ। ହଳିଆର ଗୀତରେ, ଗାଁ ଦାଣ୍ଡରେ ଗାଁ ଝିଅଙ୍କ ଖେଳରେ, ଆଈ ମା' କାହାଣୀରେ ଓଡ଼ିଆ ସାହିତ୍ୟର ଝଲକ ବାରି ହୁଏ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଯାପନୀ ସମାରୋହ ଓ ବାର୍ଷିକ ଉତ୍ସବ ପାଳନ ଅବସରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାଟ୍ୟକାର ତଥା ସାହିତ୍ୟିକ ଡ. ଦ୍ୱାରିକାନାଥ ନାୟକ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। କଲେଜର ଅଧ୍ୟକ୍ଷ ସୁଦାମ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି ମୁଖ୍ୟଅତିଥି, କଲେଜ ପରିଚାଳନା କମିଟି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହାସହିତ ଅନ୍ୟତମ ଅତିଥି ଭାବେ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡ. ହିମାଂଶୁ ଶେଖର ପାଢୀ, ସୂର୍ଯ୍ୟନାରାୟଣ ପଣ୍ଡା, ପ୍ରଧାପିକା ଗୀତାଞ୍ଜଳୀ ପୂଜାରୀ ମଞ୍ଚାସୀନ ଥିଲେ। ଏହି ଅବସରରେ କଲେଜର ମୁଖପତ୍ର ଭୂମା ଉନ୍ମୋଚିତ ହୋଇଥିଲା। ପରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧାପିକା ହରପ୍ରିୟା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଜିଲା ସାମ୍ବାଦିକ ସଂଘ ପକ୍ଷରୁ ନୂତନ ଜିଲାପାଳଙ୍କୁ ସ୍ୱାଗତ



ଜିଲାପାଳଙ୍କ ସହ ସାମ୍ବାଦିକ ସଂଘର ସଦସ୍ୟ।

ବୌଦ୍ଧ, ୧।୨ (ଅଜିତ କୁମାର ବାରିକ)

ବୌଦ୍ଧର ନୂତନ ଜିଲାପାଳ ଭାବେ ଜେ.ସୋନାଲ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଗୁରୁବାର ଦିନ ସ୍ୱାଗତ କରାଯାଇଛି। ଜିଲା ସାମ୍ବାଦିକ ସଂଘର ସଭାପତି ଶଶାଙ୍କ ଶେଖର ମିଶ୍ରଙ୍କ ନେତୃତ୍ୱରେ ସଂଘର ସମସ୍ତ ସାମ୍ବାଦିକ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲାପାଳଙ୍କୁ ସ୍ୱାଗତ କରିବା ସହିତ ସାମ୍ବାଦିକମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର କାର୍ଯ୍ୟକ୍ରମର ଠିକ୍ ସମୟରେ ସୂଚନା ପ୍ରଦାନ କରାଯିବାକୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ। ଜିଲାପାଳ ସୋନାଲ ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ନିଜର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସାମ୍ବାଦିକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସାମ୍ବାଦିକମାନଙ୍କ ସହିତ ଆଲୋଚନା ସମୟରେ ଜିଲାପାଳ ସୋନାଲ ସମସ୍ତ ସରକାରୀ ଯୋଜନାର ଲାଭ ଯେପରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରିବ ସେଥିପାଇଁ ଗରୁତ୍ୱ ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ।

## ଡୁଙ୍ଗୁରିପାଲିରେ ଡାଏଲିସିସ କେନ୍ଦ୍ର ଉଦ୍‌ଘାଟିତ

ଡୁଙ୍ଗୁରିପାଲି, ୧।୨ (ଦୀନବନ୍ଧୁ ସୁନା)



କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅନ୍ୟ ଅତିଥିବୃନ୍ଦ।

■ମାଗଣାରେ ମିଳିବ ଡାଏଲିସିସ ଚିକିତ୍ସା ସେବା
■ସମସ୍ତଙ୍କ ଜୀବନ ହେଉଛି ମୂଲ୍ୟବାନ: ମୁଖ୍ୟମନ୍ତ୍ରୀ

ସମଗ୍ର ରାଜ୍ୟରେ ବିଭିନ୍ନ ବର୍ଗର କିଡ୍‌ନୀ ରୋଗୀମାନଙ୍କୁ ମାଗଣାରେ ଡାଏଲିସିସ ସୁବିଧା ଯୋଗାଇ ଦେବା ପାଇଁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ୧୬ଟି ବିଭିନ୍ନ ଉପ ଜିଲା ଚିକିତ୍ସାଳୟରେ ନୂତନ ଡାଏଲିସିସ ସେଣ୍ଟର ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ସେଥିମଧ୍ୟରୁ ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ବ୍ଲକ ଉପ ଚିକିତ୍ସାଳୟରେ ମଧ ଏକ ଡାୟାଲିସିସ ସେଣ୍ଟର ଗୁରୁବାର ଲୋକାର୍ପଣ ହୋଇଯାଇଛି । ଏହାଦ୍ୱାରା ରାଜ୍ୟର କିଡ୍‌ନୀ ରୋଗୀ ବିଶେଷ କରି ଗରିବ ବର୍ଗର ରୋଗୀ ମାଗଣାରେ ଏବଂ ସୁବିଧାରେ ନିଜ ଜିଲାରେ ଡାୟାଲିସିସ ସୁବିଧା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରି ସମସ୍ତଙ୍କ ଜୀବନ ମୂଲ୍ୟବାନ ବୋଲି କହିଛନ୍ତି । ଏହି ଉପଲକ୍ଷେ ଗୁରୁବାର ଡୁଙ୍ଗୁରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ସଂଗ୍ରାମୀ ମଣ୍ଡପରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ଭି .କେ. ପାଣ୍ଡିଆନଙ୍କୁ ଧନ୍ୟବାଦ ଦେବା ସହିତ ଜିଲାବାସୀଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଏହି ଡାୟାଲିସିସ ସେଣ୍ଟର ହେବା ଦ୍ୱାରା ଡୁଙ୍ଗୁରିପାଲି ବ୍ଲକ ସମେତ ଜିଲାର ରୋଗୀମାନେ ଚିକିତ୍ସା ସେବା ସୁବିଧାରେ ପାଇବା ସହ ଅଯଥା ଖର୍ଚ୍ଚାନ୍ତରୁ ରକ୍ଷା ପାଇପାରିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱରଞ୍ଜନ ପତି, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଡୁଙ୍ଗୁରିପାଲି ଉପ ଜିଲା ଚିକିତ୍ସାଳୟରେ ୪ ଶଯ୍ୟା ବିଶିଷ୍ଟ ନିଃଶୁଳ୍କ ଡାୟାଲିସିସ ସେବା କେନ୍ଦ୍ର ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। କାର୍ଯ୍ୟକ୍ରମରେ ବିଡ଼ିଓ ରୋହିତ ଭୋଇ, ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧୀକ୍ଷକ ରବୀନ୍ଦ୍ର ନାଥ ପଣ୍ଡା, ବରିଷ୍ଠ ଭେଷଜ ବିଶେଷଜ୍ଞ ଡ଼. ସଞ୍ଜୟ କୁମାର ପଧାନ, ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଦତ୍ୟ ନାରାୟଣ ପାଢ଼ୀ, ସିଡିପିଓ ଜୟନ୍ତୀ ଗଡତିଆ, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଶେଷଦେବ ଥାନାପତି, ଗଣମାଧ୍ୟମ ପ୍ରତିନିଧି, ଜିଲାର ବିଭିନ୍ନ ଲୋକପ୍ରତିନିଧି, ଏସଚଜି ମହିଳା, ଅଙ୍ଗନୱାଡିକର୍ମୀ, ଜିଲାସ୍ତରୀୟ ଅଧିକାରୀ ଓ ଜନସାଧାରଣ ଯୋଗ ଦେଇଥିଲେ ।

## ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉଭୟ ଦଳର ଖେଳାଳି ଓ ଅତିଥି।

ଅମରପାଲି, ୧।୨ (ପୀତାମ୍ବର ସାହୁ)

**ଅମରପାଲି ସେମି ଫାଇନାଲରେ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ପଞ୍ଚାୟତର ଗୁଦଗୁଦା ଗ୍ରାମରେ ମା' ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମର ବରିଷ୍ଠ ନାଗରିକ ବେଣୁଧର ରାଏ ଓ କ୍ରୀଡାବିତ୍ ମନୋରଞ୍ଜନ ନାଏକ, ବାଞ୍ଛାବଟ ପ୍ରଧାନ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

ଉଦ୍‌ଘାଟନୀ ମ୍ୟାଚ ଅମରପାଲି ଓ କୁସୁର୍ଡା ମଧ୍ୟରେ ହୋଇଥିଲା। ଏଥିରେ ଅମରପାଲି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୩୯ ରନ କରିଥିଲା। ଜବାବରେ କୁସୁର୍ଡ଼ା ଦଳ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୧୦୦ ରନ କରି ପରାସ୍ତ ହୋଇଥିଲା। ସୁମନ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ କର୍ଡାପାଲ ଓ ପିପିଲିକାନି ମଧ୍ୟରେ ହୋଇଥିଲା। ଏଥିରେ କର୍ଡାପାଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୧୧୬ ରନ କରିଥିଲା। ଜବାବରେ ପିପିଲିକାନି ଦଳ ୮ ଓଭରରେ ୮ ଉଇକେଟ ହରାଇ ୮୫ ରନ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚ ପାଇଁ ଚନ୍ଦନଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ଅମରପାଲି ଓ ଦ୍ୱିତୀୟ ମ୍ୟାଚର ବିଜେତା କର୍ଡାପାଲ ମଧ୍ୟରେ ହୋଇଥିଲା। ଏଥିରେ କର୍ଡାପାଲ ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୯୮ ରନ କରିଥିଲା। ଜବାବରେ ଅମରପାଲି ଦଳ ୬.୧ ଓଭରରେ ୫ ଉଇକେଟ ହରାଇ ୯୯ ରନ ସଂଗ୍ରହ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଗୁଡିକରେ ଦିଲିପ ପ୍ରଧାନ ଓ ସବ୍ୟସାଚୀ ବଘାର ଅମ୍ପାୟାର, ପ୍ରଦୀପ ପୁଟା ସ୍କୋରିଂ ଏବଂ ଗୋବିନ୍ଦ ମିର୍ଦ୍ଧା ଧାରା ବିବରଣୀ ପ୍ରଦାନ କରିଥିଲେ।

## ରାଜ୍ୟସ୍ତରୀୟ ମହାବିନାୟକ ସମ୍ମାନରେ ସମ୍ମାନିତ ହେଲେ ଅଧ୍ୟକ୍ଷା

ବିନିକା, ୧।୨ (ରାମ ଗୋପାଳ ବାଘ)



ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷା ରେଖା ପଧାନଙ୍କୁ ରାଜ୍ୟସ୍ତରୀୟ ମହାବିନାୟକ ସମ୍ମାନରେ ସମ୍ମାନିତ କରାଯାଇଛି। ଯାଜପୁରର କୈବଲ୍ୟ ସାହିତ୍ୟ ସଂସଦ ପକ୍ଷରୁ ଚଣ୍ଡିଖୋଲସ୍ଥିତ ମହାବିନାୟକ ମନ୍ଦିର ପରିସରରେ ଆୟୋଜିତ ସାରସ୍ୱତ କାର୍ଯ୍ୟକ୍ରମରେ ସାହିତ୍ୟ, ସମାଜସେବା ଏବଂ ବିଭିନ୍ନ ସମୟରେ ଜନସଚେତନତା କାର୍ଯ୍ୟକ୍ରମରେ ବିଶେଷ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅଧ୍ୟକ୍ଷା ପ୍ରଧାନ ନୂଆଦିଲ୍ଲୀଠାରେ ଏସ୍‌ସିଏସଟି ସାହିତ୍ୟ ଏକାଡେମୀ ପକ୍ଷରୁ ବୀରଙ୍ଗନା ଝଲକରି ବାଇ ଆୱାର୍ଡ ସମେତ ରାଜ୍ୟସ୍ତରୀୟ ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁ, ସବୁଜ ସମ୍ମାନ ସହ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରୁ ପୁରସ୍କୃତ ହୋଇଛନ୍ତି । ଅନୁଷ୍ଠାନର ପ୍ରତିଷ୍ଠାତା ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ସଭାପତି ବିଜୟଲକ୍ଷ୍ମୀ ସାମନ୍ତରାୟ, କୁମାରବର ଦାସ, ଅଲେଖ ଚନ୍ଦ୍ର ପ୍ରତିହାରୀ, ଯୁବ ସାହିତ୍ୟିକ ସନ୍ତୋଷ କୁମାର ଖମାରୀ, ଡ. ଦିପାୟନ ପଟ୍ଟନାୟକ, ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ନିତ୍ୟାନନ୍ଦ ଖମାରୀ, କାଳୀପଦ ପଣ୍ଡା, ଡ. ବସନ୍ତ କିଶୋର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ।

## ଗନ୍ଧରାଢ଼ୀ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

ବୌଦ୍ଧ/ବାଉଁଶୁଣୀ, ୧।୨ (ଅଜିତ କୁମାର ବାରିକ/ଦେବାଶିଷ ନେପାକ)



ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥି।

ବୌଦ୍ଧ ଜିଲାର ଐତିହାସିକ ଗନ୍ଧରାଢ଼ୀ ପୀଠରେ ଦୀର୍ଘ ୫ ଦିନ ଚାଲିଥିବା ତୃତୀୟ ଗନ୍ଧରାଢ଼ୀ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଗୁରୁବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ କମିଟିର ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ବିଧାୟକ ମହୀଧର ରଣା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ଜ୍ୟୋତିରଞ୍ଜନ ବହିଦାର ଓ କମିଟି ସମ୍ପାଦକ ଶମ୍ଭୁ ଗିରି ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଏନଏସି ଅଧ୍ୟକ୍ଷ ମିଶ୍ର କହିଥିଲେ, ଗନ୍ଧରାଢ଼ୀ ପୀଠ ହେଉଛି ପବିତ୍ର ଓ ପୁଣ୍ୟ ମାଟି। ଏ ମାଟିର ପରିଚୟ ଅତି ସ୍ୱତନ୍ତ୍ର ବୋଲି ସେ ମତବ୍ୟକ୍ତ କରିଥିଲେ। ସଙ୍ଗୀତାୟନ ବୌଦ୍ଧର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ଲୋକଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ସମ୍ବଲପୁରୀ ନାଚ, ଗୀତ ପରିବେଷିତ ହୋଇଥିଲା। ସାଂସ୍କୃତିକ ମଞ୍ଚକୁ ଜଗନ୍ନାଥ ସାହୁ ଓ ବିଶ୍ୱଜିତ ସାହୁ ପରିଚାଳନା କରିଥିଲେ।

## ମୌଳିକ ସମସ୍ୟା ନେଇ ଲୋକଙ୍କ ସହ କଲେ ଆଲୋଚନା

ବୌଦ୍ଧ, ୧।୨ (ଅଜିତ କୁମାର ବାରିକ)



ଜିଲାପାଳ ଜେ. ସୋନାଲ ମହାଲିକପଡା ପଞ୍ଚାୟତରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**ବଣପାହାଡ଼ ଘେରା ଅଞ୍ଚଳରେ ନୂତନ ଜିଲାପାଳ**

ବୌଦ୍ଧର ନୂତନ ଜିଲାପାଳ ଜେ.ସୋନାଲ ଗତ ବୁଧବାର ଅପରାହ୍ନରେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଗୁରୁବାର ସକାଳେ ହରଭଙ୍ଗା ବ୍ଲକର ବଣପାହାଡ ଘେରା ଉପାନ୍ତ ଅଞ୍ଚଳ ମହାଲିକପଡା ଗ୍ରାମ ପଞ୍ଚାୟତ ଗସ୍ତ କରିଛନ୍ତି। ଜିଲା ସଦର ମହାକୁମା ଠାରୁ ୮୦ କିମି ଦୂର ମହାଲିକପଡା ପଞ୍ଚାୟତରେ ପହଞ୍ଚି ବିଭିନ୍ନ ବିଷୟ ନେଇ ଲୋକଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ସୋନାଲ ଉକ୍ତ ପଞ୍ଚାୟତର ସାତଖଣ୍ଡି, କୁଟିବାରୀ, ହିଞ୍ଜଳ ଆଦି ଗ୍ରାମର ଲୋକଙ୍କ ମୌଳିକ ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଗମନାଗମନ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁସ୍ୱାସ୍ଥ୍ୟ କାର୍ଡ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଛେଳି ଚାଷ ଉପରେ ପଚାରି ବୁଝିଥିଲେ । ଲୋକମାନେ ହିଞ୍ଜଳ ପ୍ରଧାନସାହିପୋଲ ଓ କୁଟିବାରୀ ଓ ସାତକଣ୍ଡ ଗ୍ରାମରେ ୩୫ ଜଣଙ୍କୁ ମିଳିଥିବା ସରକାରୀ ଜମି ଚିହ୍ନଟ କରିବା ଦିଗରେ ଦୃଷ୍ଟି ଆର୍କଷଣ କରିଥିଲେ । ଏହାସହ ଉପାନ୍ତ ଅଞ୍ଚଳରେ ମୋବାଇଲ ଟାୱାର ନିର୍ମାଣ କରିବାକୁ ଅନୁରୋଧ କରିଥିଲେ । ସାତଖଣ୍ଡଠାରେ ଏକ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଭତ୍ତାରୁ ବଞ୍ଚିତ ହେଇଥିବା ଚଞ୍ଚଳା ସେଠୀ, ସୁରମନୀ ବେହେରା, ଚନ୍ଦ୍ରମା ବେହେରା, ଅନିଲ କୁମାର ସାହୁ, ସଞ୍ଜୟ ପ୍ରଧାନଙ୍କୁ ଭତ୍ତା ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ହରଭଙ୍ଗା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଞ୍ଚଳର ରାସ୍ତାଘାଟ ଓ ପାନୀୟଜଳ ସମସ୍ୟା ନିର୍ଦ୍ଧାରିତ ସମୟରେ ସାରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ଉପଜିଲାପାଳ ରବିନ୍ଦ୍ରନାଥ କହଁର, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ ଓ ବହୁ ଅଧିକାରୀ ସାମିଲ ଥିଲେ`। ଉପାନ୍ତ ଅଞ୍ଚଳର ଲୋକେ ଜିଲାପାଳଙ୍କୁ ପାଖରେ ପାଇ ଖୁସି ଅନୁଭବ କରିବା ସହ ଏହି ଅବସରରେ ଜିଲାପାଳଙ୍କୁ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରିଥିଲେ।

## ଧାନକିଣା ଦୁର୍ନୀତିର ସିବିଆଇ ତଦନ୍ତ ଦାବି କଲା ଭାଜପା

ସୋନପୁର, ୧।୨ (ମୃତ୍ୟୁଞ୍ଜୟ ଶତପଥୀ)




ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ନେତୃବୃନ୍ଦ।

ଚଳିତ ଖରିଫ ଋତୁରେ ଧାନକିଣାକୁ ନେଇ ବ୍ୟାପକ ଦୁର୍ନୀତି ହୋଇଥିବା ଭାଜପା କୃଷକ ମୋର୍ଚ୍ଚା ଅଭିଯୋଗ କରିଛି। ତେଣୁ ଏହାର ସିବିଆଇ ତଦନ୍ତ ପାଇଁ ସୁବର୍ଣ୍ଣପୁର ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଦାବି ହୋଇଛି। ଜିଲା କୃଷକ ମୋର୍ଚ୍ଚା ସଭାପତି ଶିବରାଜ ବେହେରାଙ୍କ ନେତୃତ୍ୱରେ ରାଜ୍ୟପାଳ ରଘୁବର ଦାସଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସୋନପୁର ଉପଜିଲାପାଳ ସୁରୋଜ କୁମାର ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି, ଧାନ କିଣାରେ କଟ୍‌ନୀ ଛଟ୍‌ନୀ, ମଣ୍ଡିରେ ଅବ୍ୟବସ୍ଥା, ମଣ୍ଡି ହେଣ୍ଡଲିଂ ଓ ଚାଷୀଙ୍କ ଅଖା ଟଙ୍କା ହଡପ କରାଯାଇଛି। ଏହାଦ୍ୱାରା ଚାଷୀଙ୍କ ନାମରେ କୋଟି କୋଟି ଟଙ୍କା ଆତ୍ମସାତ କରା ଯାଇଥିବା ଦଳ ଅଭିଯୋଗ କରିଛି। ମିଲର ଓ ପ୍ରଶାସନିକ ଅଧିକାରୀଙ୍କ ଚାଷୀମାରଣ ନୀତି ଯୋଗୁ ଚାଷୀମାନେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡିଶାକୁ ଆସୁଥିବା କୃଷକ କଲ୍ୟାଣକାରୀ ଯୋଜନାକୁ ଶାସକ ଦଳ ଓ ପ୍ରଶାସନିକ କଳ ଦ୍ୱାରା ହରିଲୁଟ କରାଯାଉଛି । ତେଣୁ ସିବିଆଇ ଦ୍ୱାରା ଏହାର ତଦନ୍ତ କରିବାକୁ ରାଜ୍ୟପାଳଙ୍କୁ ନିବେଦନ କରିଛି କୃଷକ ମୋର୍ଚ୍ଚା। ସ୍ମାରକପତ୍ର ପ୍ରଦାନ ସମୟରେ ଜିଲା ସଭାପତି ବେହେରାଙ୍କ ସମେତ ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ପୂଜାରୀ, ନବକୃଷ୍ଣ ଦନ୍ତା, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଅଶୋକ କୁମାର ପୃଷ୍ଟି, ରାଜକିଶୋର ମେଣ୍ଡେଲି, ସୁରେଶ ମହଲା, ଜିଲା ସାଧାରଣ ସମ୍ପାଦକ ହେମନ୍ତ ବିଶ୍ୱାଳ, ସାନନ୍ଦ କୁମାର ମେହେର, ବିଶେଶ୍ୱର ମିଶ୍ର, ରୂପାଧାର ପଧାନ, ଗୋବିନ୍ଦ ବାରିକ, ବିଶେଶ୍ୱର ପାଣିଗ୍ରାହୀ, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ସୁଦେଷ୍ଣା ନେଗୀ, ସସ୍ମିତା ନାୟକ, ମମିତା ଥନାପତି, ବେଣୁଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### କୂଅରୁ ଶବ ଉଦ୍ଧାର ଘଟଣା, ଦମ୍ପତି ଗିରଫ

ହେମଗିର,୨।୨(ଚୈତନ୍ୟ ପଟେଲ): ସୁନ୍ଦରଗଡ ଜିଲା ହେମଗିର ଥାନା ଛତାବର ଗ୍ରାମ ଡୁଙ୍ଗୁରିପଡା ନିକଟରେ ଥିବା ଏକ କୂଅରୁ ହୃଷିକେଶ ମାଝିଙ୍କ ମୃତଦେହ ଗତ ୨୮ରେ ପୋଲିସ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଗୁରୁବାର ଉକ୍ତ ଗ୍ରାମର ଲମ୍ବୋଦର ଭୂୟାଁ(୬୫) ଓ ଉର୍ମିଳା ଭୂୟାଁ(୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଘଣ୍ଟାପଡ଼ା ହାଇସ୍କୁଲକୁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଘଣ୍ଟାପଡ଼ା,୧।୨(ପ୍ରଭାତ ସାହୁ) : ଶିକ୍ଷା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ମିଳିଛି ୩ଟି ରାଜ୍ୟସ୍ତରୀୟ ଓ ୨ଟି ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର। ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମରେ ଗତ ୩୧ ତାରିଖ ଦିନ ଅନୁଷ୍ଠିତ ରାଜ୍ୟସ୍ତରୀୟ ବର୍ଣ୍ଣାଢ଼୍ୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମସ୍ତ ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୀତବାସ ପଣ୍ଡାଙ୍କୁ ରାଜ୍ୟସ୍ତରୀୟ ଉତ୍ତମ ପ୍ରଧାନଶିକ୍ଷକ ପୁରସ୍କାର, ହାଇସ୍କୁଲକୁ ରାଜ୍ୟସ୍ତରୀୟ ଉତ୍ତମ ମାଧ୍ୟମିକ ସ୍କୁଲ ପୁରସ୍କାର, ବିଦ୍ୟାଳୟ ପରିଚାଳନା କମିଟିକୁ ରାଜ୍ୟସ୍ତରୀୟ ଉତ୍ତମ ବିଦ୍ୟାଳୟ ପରିଚାଳନା କମିଟି ପୁରସ୍କାର, ବିଜ୍ଞାନ ଶିକ୍ଷକ ଆକାଶ ମେହେରଙ୍କୁ ଜିଲାସ୍ତରୀୟ ଶିକ୍ଷକ ପୁରସ୍କାର ଓ ଦଶମ ଶ୍ରେଣୀରେ ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ସାଗର ମଲିକଙ୍କୁ ଉତ୍ତମ ଛାତ୍ର ପୁରସ୍କାର ମିଳିଛି । ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସ୍ଥାନୀୟ ବିଧାୟକ ମହୀଧର ରଣା, ଜିଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁର , କଣ୍ଟାମାଳ ବିଡିଓ ସାମି ଜୟଶ୍ରୀ ରେଡ଼ି, ମୋ ସ୍କୁଲ ଅଭିଯାନ ଅଧ୍ୟକ୍ଷ ସୁଶାନ୍ତ ମାଝୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଣ୍ଡାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ଡୁମ୍ବେରବାହାଲ ସରକାରୀ ୟୁ.ପି. ସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ପାଇକମାଳ,୧।୨(ବଡ ଶତପଥୀ): ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରଗଡ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଡୁମ୍ବେରବାହାଲ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଏକକାଳୀନ ୩ଟି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଗତ ଜାନୁଆରୀ ୩୧ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବରେ ପ୍ରଧାନ ଶିକ୍ଷକ ହୃଷୀକେଶ ବାଗ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ବିଭାଗୀୟ ଶାସନ ସଚିବ ଅଶ୍ୱିନୀ ଏସ୍. ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡୁମ୍ବେରବାହାଲ ଗ୍ରାମରେ ଗୁରୁବାର ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମସ୍ତ ଗ୍ରାମବାସୀ ପ୍ରଧାନ ଶିକ୍ଷକ ବାଗ ଓ ସ୍କୁଲ ପରିଚାଳନା କମିଟି ସଭାପତି ବନବସ ସାହୁଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ସ୍ୱାଗତ କରିଥିଲେ। ସ୍କୁଲରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ୩କୋଟି ଟଙ୍କାରେ ହେବ ଛାତ୍ରୀନିବାସ

ବରଗଡ଼,୧।୨(ପ୍ରେମାନନ୍ଦ ଖମାରୀ): ବରଗଡ଼ର ଟ୍ରଷ୍ଟଫଣ୍ଡ ଡିଗ୍ରୀ କଲେଜରେ ୩କୋଟି ଟଙ୍କା ବ୍ୟୟ ଅଟକଳରେ ଅତ୍ୟାଧୁନିକ ଛାତ୍ରୀନିବାସ ନିର୍ମାଣ ପାଇଁ ଗୁରୁବାର ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦେବେଶ ଆଚାର୍ଯ୍ୟା ମୁଖ୍ୟଅତିଥିଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଲେଜ ପରିଚାଳନା କମିଟିର ଅଧ୍ୟକ୍ଷା ଡା. ସୁସ୍ମିତା ଦାଶ, ଟ୍ରଷ୍ଟଫଣ୍ଡ ଡିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ ଦେବତା, ଯୁକ୍ତ ୨ ବିଭାଗର ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ଅଧ୍ୟାପିକା ନମିତା ବିଶି, ଅଧ୍ୟାପକ ଅଶୋକ ବେହେରା, ବିଭାଗୀୟ ଯନ୍ତ୍ରୀ ପବିତ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୨ମହଲା ବିଶିଷ୍ଟ ଛାତ୍ରୀନିବାସରେ ଅଫିସ ରୁମ, ୱାର୍ଡେନ ରୁମ, ପୁସ୍ତକାଳୟ, ଶୌଚାଳୟ, ରୋଷେଇ ଘର ସମେତ ଛାତ୍ରୀଙ୍କ ରହିବା ପାଇଁ ଅତ୍ୟାଧୁନିକ ଆନୁସଙ୍ଗିକ ବ୍ୟବସ୍ଥା ହେବ ବୋଲି ସୂଚନା ଦିଆଯାଇଛି ।

# ୧୦ରେ ଆଶା, ଆଶାସାଥୀ ସାମ୍ମୁଖ୍ୟ ସମାବେଶ

ରାଉରକେଲା,୧।୨(ବିପ୍ଲବ ରଞ୍ଜନ ଦାଶ)

ସୁନ୍ଦରଗଡ ଜିଲା ଆଶା ଓ ଆଶା ସାଥୀ ସାମ୍ମୁଖ୍ୟ ପକ୍ଷରୁ ଆଶା ଓ ଆଶାସାଥୀଙ୍କ ନ୍ୟାଯ୍ୟଦାବି ପୂରଣ ନେଇ ଆସନ୍ତା ୧୦ତାରିଖରେ ଏକ ସମାବେଶ ସେକ୍ଟର-୭ ବି/-୪୦ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ସମାବେଶରେ ଜିଲା ଆଶା ଓ ଆଶା ସାଥୀମାନଙ୍କର ପ୍ରମୁଖ ସମସ୍ୟା ଆଲୋଚନା କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଶ୍ରମ ଓ ଇଏସ୍ଆଇ ମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କ ସମେତ ଜିଲାର ୩୬୬୦ ଆଶା ଓ ଆଶାସାଥୀ ଉପସ୍ଥିତ ରହିବେ। କେନ୍ଦ୍ର ସରକାରଙ୍କ ମାତୃ ଓ ଶିଶୁକଲ୍ୟାଣ ଯୋଜନାରେ ଜିଲା ଆଶା ଓ ଆଶାସାଥୀ ଅନବରତ ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ଦୀର୍ଘଦିନ ହେଲା ମଜୁରୀ ବୃଦ୍ଧି ହେଉନି। ୨୦୧୮-୧୯ ଆର୍ଥିକ ବର୍ଷରେ ଆଶା କର୍ମୀମାନଙ୍କ ପ୍ରାପ୍ୟ ୪୮୫୦ ଟଙ୍କା ଓ ଆଶାସାଥୀମାନଙ୍କ ପ୍ରାପ୍ୟ ୩ହଜାର ଥିବା ବେଳେ ତାହା ଅଦ୍ୟାବଧି ସ୍ଥିର ରହିଛି। କେନ୍ଦ୍ର ସରକାର ୨ହଜାର ଓ ରାଜ୍ୟ ସରକାର ୧ହଜାର ଟଙ୍କା ବେତନ ବୃଦ୍ଧି କରିଥିଲେ ମଧ୍ୟ କାର୍ଯ୍ୟକାରୀ କରା ନ ଯିବା, ଆଶା ସାଥୀ ପଦବୀ ଉଚ୍ଛେଦ କରାଯିବା ଓ ସେମାନଙ୍କ କାର୍ଯ୍ୟଭାର ବୃଦ୍ଧି କରାଯିବା ପ୍ରତିବାଦରେ ୧୦ ତାରିଖ ସମାବେଶରେ ଆଲୋଚନା ହେବା ସହ ଦାବୀ ଉପସ୍ଥାପନା କରାଯିବ ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସାମ୍ମୁଖ୍ୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ସମ୍ମିଳନୀରେ ସାମ୍ମୁଖ୍ୟ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଉପଦେଷ୍ଟା ଆନନ୍ଦ ଚନ୍ଦ୍ର ମହାନ୍ତି ଓ ଆଇନଜୀବୀ ବୈଦ୍ୟନାଥ ଦାସ, କାର୍ଯ୍ୟକାରୀ ସଭାପତି ସାଲୋନୀ ମିବାବୁଲି ଦାସ, ସାଧାରଣ ସମ୍ପାଦିକା ଝରଣା ମହାରଣା, ଉପସଭାପତି ଲଳିତା ତିର୍କୀ, ଦୁର୍ଗା ଓରାମ, ଜ୍ୟୋତି ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ସବ୍‌ଡେଗା,୧।୨(ଅନନ୍ତ ପଟେଲ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟ ଓ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗତ ୩୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରିଛନ୍ତି। ସବ୍‌ଡେଗା ବ୍ଲକର ମାଲଡିହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରସ୍କାର, ବିଦ୍ୟାଳୟ ପୁରସ୍କାର ଓ ଆଲ୍‌ମୁନି ପୁରସ୍କାର ହାସଲ କରିଥିବା ବେଳେ ରାଶିପତ୍ରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ଶିକ୍ଷା ପୁରସ୍କାର ଓ ପ୍ରଧାନ ଶିକ୍ଷକ ପୁରସ୍କାର, ସୁବଳୟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସବ୍‌ଡେଗା ସରକାରୀ ପ୍ରାଥମିକ ବିଦ୍ୟାଳୟ ଜିଲା ସ୍ତରୀୟ ପ୍ରଧାନ ଶିକ୍ଷକ ପୁରସ୍କାର ଓ ବିଦ୍ୟାଳୟ ଶିକ୍ଷା ପୁରସ୍କାର ଲାଭ କରିଥିବା ଜଣା ପଡ଼ିଛି। ସବ୍‌ଡେଗା ଗୋଷ୍ଠୀ ଶିକ୍ଷା ଅଧିକାରୀ କାଦମ୍ବିନୀ ମିଶ୍ରୀର କୃତି ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ବ୍ଲକରେ ସମ୍ବର୍ଦ୍ଧିତ କରିଛନ୍ତି। ଏବିଇଓ ବେଦବ୍ୟାସ ପଟେଲଙ୍କ ସମେତ ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ତଥା ଜନ ସାଧାରଣ ଶୁଭେଚ୍ଛା ଜଣାଇଛନ୍ତି। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଳ କୁମାର ନାଏକ, ଅଲ୍ଲୁନି କ୍ଷେତ୍ରିବର ନେଗୀ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁକେଶିନି ରୟ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୁବଳୟାର ପ୍ରଧାନ ଶିକ୍ଷୟିତ୍ରୀ ମୁକ୍ତେଶ୍ୱରୀ ପଟେଲ, ସରକାରୀ ପ୍ରାଥମିକ ବିଦ୍ୟାଳୟ ସବ୍‌ଡେଗାର ପ୍ରଧାନ ଶିକ୍ଷକ ସୁମନ କରାଲି ପୁରସ୍କୃତ ହୋଇଛନ୍ତି।



ପୁରସ୍କୃତ ହୋଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

# ବିଦ୍ୟୁତ୍ ପ୍ରକଳ୍ପର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୁନ୍ଦରଗଡ,୧।୨(ଜୟ ନାରାୟଣ ମେଣ୍ଡୁଲି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫେବୃଆରୀ ୩ରେ ଏନଟିପିସି ଦର୍ଲିପାଲି ସୁପର ଥର୍ମାଲ ପାୱାର ଷ୍ଟେଶନ ଏବଂ ଏନ୍ଏସପିସିଏଲ୍ ରାଉରକେଲା ପିପି-୨ ସମ୍ପ୍ରସାରଣ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ସହ ଏନଟିପିସି ତାଳଚେର ଥର୍ମାଲ ବିଦ୍ୟୁତ୍ ପ୍ରକଳ୍ପ ଷ୍ଟେଜ୍-୩ର ଶିଳାନ୍ୟାସ କରିବେ। ଏହି ସମସ୍ତ ପ୍ରକଳ୍ପ ପାଇଁ ୨୮,୯୭୮ କୋଟି ଟଙ୍କା ବିନିଯୋଗ ହୋଇଛି। ସୁନ୍ଦରଗଡ଼ ଜିଲାରେ ଅବସ୍ଥିତ ଦର୍ଲିପାଲି ଏସଟିପିପି ହେଉଛି ସୁପର କ୍ରିଟିକାଲ ଜ୍ଞାନକୌଶଳ ସମ୍ପନ୍ନ ଏକ ପିଟ୍ ହେଡ୍ ପାୱାର ଷ୍ଟେଶନ ଏବଂ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଗୁଜରାଟ ଏବଂ ସିକିମ ଭଳି ରାଜ୍ୟଗୁଡ଼ିକୁ କମ୍ ମୂଲ୍ୟରେ ବିଜୁଳି ଯୋଗାଉଛି। ରାଉରକେଲା ଇସ୍ପାତ କାରଖାନାରେ ଏନଟିପିସି-ସେଲ୍ ପାୱାର କମ୍ପାନି ଲିମିଟେଡର ୨୫୦ ମେଗାୱାଟ୍ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି। ଯାହା ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଇସ୍ପାତ କାରଖାନାକୁ ନିର୍ଭରଯୋଗ୍ୟ ଶକ୍ତି ପ୍ରଦାନ କରିବ। ଏହାବ୍ୟତୀତ ଏନଟିପିସି ଅନୁଗୁଳ ଜିଲାର ପୁରୁଣା ଟିଟିପିଏସ୍ ପ୍ଲାଣ୍ଟ ପରିସରରେ ତାଳଚେର ଥର୍ମାଲ ପାୱାର ପ୍ରୋଜେକ୍ଟ, ଷ୍ଟେଜ୍-୩ ନିର୍ମାଣ କରୁଛି। ଶିକ୍ଷା, ପାନୀୟ ଜଳ, ପରିମଳ, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ, ଗ୍ରାମୀଣ କ୍ରୀଡ଼ା ଆଦି କ୍ଷେତ୍ରରେ ଆଖପାଖ ଗ୍ରାମରେ ଏନଟିପିସି ପକ୍ଷରୁ ବିଭିନ୍ନ ଗୋଷ୍ଠୀ ବିକାଶ ମୂଳକ ପଦକ୍ଷେପ ନିଆଯାଉଛି। ଏନଟିପିସି ସୁନ୍ଦରଗଡ଼ରେ ଏକ ମେଡିକାଲ କଲେଜ ତଥା ହସ୍ପିଟାଲ ପ୍ରତିଷ୍ଠା କରିଛି।

### କରଣ ମେମୋରିଆଲ ଫୁଟ୍‌ବଲ: ଆର୍ମି ଏକାଦଶ ଚାମ୍ପିୟନ

ବ୍ରଜରାଜନଗର,୧।୨(ବିଜୟ ବରାଡ଼)

ବ୍ରଜରାଜନଗର ସହରାଞ୍ଚଳ ଅନ୍ତର୍ଗତ ଲତାଖଣ୍ଡି ଗ୍ରାମରେ ଚାଲିଥିବା କରଣ ମେମୋରିଆଲ ଫୁଟ୍‌ବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କୁଡାଲୋଇ ଏକାଦଶ ଓ ଆର୍ମି ଏକାଦଶ ମଧ୍ୟରେ ହୋଇଥିଲା। ଉଭୟ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲ ଦେବାରେ ସକ୍ଷମ ନ ହେବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଆର୍ମି ଏକାଦଶ ବିଜୟୀ ହୋଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଉଦ୍‌ଯାପନୀ ସମାରୋହରେ ପୂର୍ବତନ ନଗରପାଳ ତଥା ଯୁବନେତା ଜୟନ୍ତ ଦୀକ୍ଷିତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଲତାଖଣ୍ଡି ଗ୍ରାମର ସୁନୀଲ ମୁଣ୍ଡା, ଅଜିତ ମହାନନ୍ଦ, ଖିରୁ ମୁଣ୍ଡା, ବଚନ ମୁଣ୍ଡା ଓ ମାଣି ମୁଣ୍ଡା ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

### ବ୍ଲକ କାର୍ଯ୍ୟାଳୟରେ ପିଇବା ପାଣି ସମସ୍ୟା

ହେମଗିର,୧।୨(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ କାର୍ଯ୍ୟାଳୟରେ ଲୋକଙ୍କୁ ମିଳୁନି ପିଇବା ପାଣି। ଫଳରେ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ଅସୁବିଧା ଭୋଗୁଛନ୍ତି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପିଇବା ପାଣିର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ବ୍ଲକ କାର୍ଯ୍ୟାଳୟରେ ଏଭଳି ସମସ୍ୟା ଦେଖାଦେଇଛି। ତେବେ ଗ୍ରାମାଞ୍ଚଳରେ କିଭଳି ପାଣି ସମସ୍ୟା ଥିବ ସେନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟାର ସମାଧାନ ପାଇଁ ଦାବି ହେଉଛି।


ଅଚଳ ହୋଇ ପଡ଼ିଛି ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପ।

# ରାଉରକେଲାରେ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା ଆରମ୍ଭ

ରାଉରକେଲା,୧।୨(ବିପ୍ଲବ ରଞ୍ଜନ ଦାଶ)

ରାଜ୍ୟ ସରକାରଙ୍କ ତରଫରୁ ନୂଆ ଓ ଯୁବ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା ପାନପୋଷ ସ୍ଥିତ ସ୍ପୋର୍ଟସ ହଷ୍ଟେଲରେ ଗୁରୁବାର ଶୁଭାରମ୍ଭ ହୋଇଛି। ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟରେ କ୍ରୀଡ଼ା ତଥା କ୍ରୀଡାବିତ୍‌ମାନଙ୍କ ପାଇଁ ଉତ୍କୃଷ୍ଟ ଭିତ୍ତିଭୂମି ନିର୍ମାଣ କରାଯାଉଛି। ଫଳରେ ସେମାନେ ଭଲ ପରିବେଶରେ କ୍ରୀଡ଼ା ଅଭ୍ୟାସ କରିବାର ସୁଯୋଗ ପାଇବେ ବୋଲି ମନ୍ତ୍ରୀ ନାୟକ କହିଥିଲେ। ପ୍ରତିଯୋଗିତାର ପ୍ରଥମ ଦିବସରେ ୩୦ଟି ଜିଲାରୁ ଆସିଥିବା ବାଳିକା ବର୍ଗ ହକି ଦଳ ମଧ୍ୟରେ ପ୍ରଥମ ରାଉଣ୍ଡ ପ୍ରତିଯୋଗିତା ହୋଇଥିଲା। ଗୁରୁବାର କଳାହାଣ୍ଡି ବାଳିକା ହକି ଦଳ କେନ୍ଦୁଝରର ବାଳିକା ହକି ଦଳକୁ ପରାସ୍ତ କରିଥିବା ବେଳେ ନବରଙ୍ଗପୁର ବାଳିକା ହକି ଦଳ ବାଲେଶ୍ୱର ବାଳିକା ହକି ଦଳକୁ, ନୟାଗଡ ବାଳିକା ହକି ଦଳ ପୁରୀ ବାଳିକା ହକି ଦଳକୁ, ଢେଙ୍କାନାଳ ବାଳିକା ହକି ଦଳ ଭଦ୍ରକ ବାଳିକା ହକି ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲେ। ସେହିପରି ଯାଜପୁର ବାଳିକା ହକି ଦଳ ରାୟଗଡା ମହିଳା ହକି ଦଳକୁ, ଗଞ୍ଜାମ ଅନୁଗୋଳ ଦଳକୁ, ବରଗଡ ମାଲକାନଗିରି ଦଳକୁ ,ବଲାଙ୍ଗୀର କନ୍ଧମାଳ ଦଳକୁ ଏବଂ ଝାରସୁଗୁଡା ଦଳ ମୟୁରଭଞ୍ଜ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲେ। ଉଦଘାଟନୀ ସମାରୋହରେ ସମ୍ମାନୀତ ଅତିଥି ଭାବେ ହକି ଆସୋସିଏଶନର ଓଡିଶା ସଚିବ ସନାତନ ସାହୁ, ଅଲିମ୍ପିଆନ ଲାଜରୁସ ବାର୍ଲା, ଜିଲା କ୍ରୀଡ଼ା ଅଧିକାରୀ ଅଭିଜିତ ମହାନ୍ତ, କାଳୁ ଚରଣ ଚୌଧୁରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଉପସ୍ଥିତ ଥିଲେ। ବାର୍ଥୋଲୋମି କେରକେଟା ସଭା ପରିଚାଳନା କରିଥିଲେ। ଶୁକ୍ରବାର ପୁରୁଷ ବର୍ଗରେ ହକି ପ୍ରତିଯୋଗିତା ହେବ ବୋଲି ଜଣାପଡିଛି।


ଉଦ୍‌ଘାଟନୀ ଦିବସରେ ବାଳିକା ହକି ମ୍ୟାଚ୍ ଦୃଶ୍ୟ।

# ଅମରେଶ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର


ଅମରେଶ ସାହୁ।

କୁତ୍ରା,୧।୨( ଜୟନାରାୟଣ ମେଣ୍ଡୁଲି)

ଶିକ୍ଷା କ୍ଷେତ୍ରରେ ବିଭିନ୍ନ ବର୍ଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନ, ଶିକ୍ଷକ, ଶିକ୍ଷାନୁଷ୍ଠାନ ପରିଚାଳନା କମିଟିକୁ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସମ୍ବର୍ଦ୍ଧନା ସମାବେଶରେ ସମ୍ବର୍ଦ୍ଧିତ କରାଯାଇଛି। କୁତ୍ରା ବ୍ଲକ ତୁନମୁରା ସର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ ସାହୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଛନ୍ତି। ୫ -ଟି ଜରିଆରେ ସରକାରଙ୍କ ପକ୍ଷରୁ ଶିକ୍ଷାନୁଷ୍ଠାନ ଓ ଶିକ୍ଷାର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ଏଭଳି ଏକ ପ୍ରୟାସ ଆରମ୍ଭ କରାଯାଇଛି। ଏହି କ୍ରମରେ ଶିକ୍ଷାର ବିକାଶ ପାଇଁ ନିଜର ଅସାଧାରଣ ସାଧନା, ଦୃଢ ନିଷ୍ଠା, ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ପାଇଁ ନିରନ୍ତର ଉଦ୍ୟମ ଯୋଗୁ ଶିକ୍ଷକ ସାହୁଙ୍କୁ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ଲାଭ କରି ଗୁରୁବାର ନିଜ ବିଦ୍ୟାଳୟରେ ପହଞ୍ଚିବା ପରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

### ମୃତ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

ବଡ଼ଗାଁ,୧।୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଗୋଲେଇ ଛକଠାରେ ଗତମାସ ୨୪ରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ରାଜେଶ ମୁଗୁରି (୩୦)ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ବୁଧବାର ବ୍ଲକ୍ ଶିକ୍ଷକଙ୍କ ଦ୍ୱାରା କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ବଡ଼ଗାଁ ଶିକ୍ଷ ତାଲିମ୍ କେନ୍ଦ୍ର ସମ୍ମୁଖରେ ଶିକ୍ଷକମାନେ ସମବେତ ହୋଇ ନୀରବ ପ୍ରାର୍ଥନା କରିଥିଲେ। ପରେ ଶିକ୍ଷ ତାଲିମ୍ କେନ୍ଦ୍ରରୁ ହାଇସ୍କୁଲ ଛାତ୍ରାବାସ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ସ୍କୁଲ୍ ଛାତ୍ରଙ୍କୁ ବିସ୍କୁଟ ଓ ଚକୋଲେଟ୍ ବଣ୍ଟାଯାଇଥିଲା। ଏଥିରେ ଶିକ୍ଷକ ମଣ୍ଟୁ ପ୍ରଧାନ, ଦିଲ୍ଲୀପ ପୃଷେଟ, ଆଶିଷ ପ୍ରଧାନ, ଚିନ୍ମୟ ମହଲା, ପୀଙ୍କୁ ସୁନା, ଫିରୋଜ ମାଝି, କିରଣ ପ୍ରଧାନ, ସୁନିଲ ଗଡତିଆ, ରୋହିତ କୁମାର୍, ରାହୁଲ ବେହେରା ପ୍ରମୁଖ ସାମିଲ ହୋଇଥିଲେ।


ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରାରେ ଶିକ୍ଷକମାନେ ଯାଉଛନ୍ତି।

# ତିନି ବର୍ଗରେ କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପୁରସ୍କୃତ

କୁତ୍ରା,୧।୨( ଜୟ ନାରାୟଣ ମେଣ୍ଡୁଲି)

ଚଳିତ ବର୍ଷ ୫-ଟି ଅଧିନସ୍ଥ ବିଦ୍ୟାଳୟ ଗୁଡିକ ମଧ୍ୟରେ ପ୍ରତିଯୋଗୀ ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ମୋ ସ୍କୁଲ ଅଭିଯାନ ଓ ଓଡିଶା ଗଣଶିକ୍ଷା ବିଭାଗ ମିଳିତ ଉଦ୍ୟମରେ ପ୍ରଥମକରି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟକରିଥିବା ବ୍ୟକ୍ତିବିଶେଷ, ଅନୁଷ୍ଠାନ, ଛାତ୍ରୀଛାତ୍ର, ଆଲୁମିନି,ବିଦ୍ୟାଳୟ ପରିଚାଳନା କମିଟି ତଥା ଶିକ୍ଷା ଅନୁବନ୍ଧିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି। ଏହି କ୍ରମରେ ଚଳିତ ବର୍ଷ କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଧାନ ଶିକ୍ଷକ ପୁରସ୍କାର ଓ ବିଦ୍ୟାଳୟ ପରିଚାଳନା କମିଟିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ମୁଖ୍ୟମନ୍ତ୍ରୀ ପୁରସ୍କାର ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଗ୍ରହଣ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟକୁ ପ୍ରଦାନ କରାଯାଇଛି। ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ଓ ବିଦ୍ୟାଳୟ ପରିଚାଳନା କମିଟି ଶିକ୍ଷା ପୁରସ୍କାରକୁ ପରିଚାଳନା କମିଟି ସଭାପତି ମହେନ୍ଦ୍ର କୁଜୁର ଗ୍ରହଣ କରି ଗୁରୁବାର ଭୁବନେଶ୍ୱରରୁ ଫେରିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ବରିଷ୍ଠ ଶିକ୍ଷୟିତ୍ରୀ ଦୀପିକା କେର୍କେଟା ସଂଯୋଜନା କରିଥିବା ବେଳେ ଆଲୁମିନି ସଭାପତି ଶଙ୍କରପ୍ରଶାଦ ଟପ୍ପୋ ବିଦ୍ୟାଳୟର ସଫଳତା ପାଇଁ ଖୁସି ବ୍ୟକ୍ତ କରିବା ସହ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ରହି ଖୁସି ବ୍ୟକ୍ତ କରିଥିଲେ। ପ୍ରକାଶ ଥାଉକି, ପୂର୍ବରୁ ଏହି ବିଦ୍ୟାଳୟ ଜାତୀୟ ଗ୍ରୀନ ସ୍କୁଲ ପୁରସ୍କାର, ସ୍ୱଚ୍ଛତା ପୁରସ୍କାର, ୩ଥର ପ୍ରକୃତି ମିତ୍ର ପୁରସ୍କାର, ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର, ଶ୍ରେଷ୍ଠ ଆୟୋଜକ ପୁରସ୍କାର ଆଦି ବହୁ ପୁରସ୍କାର ପାଇ ଅଞ୍ଚଳ ତଥା ଜିଲା ପାଇଁ ଗୌରବ ଆଣିଛି।


ବିଦ୍ୟାଳୟ ପରିସରରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

## ସଂକ୍ଷେପରେ

### ଆନ୍ତଃ ଜିଲା ଫୁଟ୍‌ବଲ ପ୍ରତିଯୋଗିତା

ସମ୍ବଲପୁର,୧।୨(ଭବାନୀ ଶଙ୍କର ଭୋଇ): ଜିଲା ବର୍ଷିଆନ କ୍ରୀଡ଼ା ସଂଘ ସମ୍ବଲପୁର ଆନୁକୂଲ୍ୟରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଚାଲିଥିବା ପଶ୍ଚିମ ଓଡ଼ିଶା ଆନ୍ତଃ ଜିଲା ବିଜୟ ବାହାଦୁର ସିଂହ (ବଚନ) ଓ ଭୀମସେନ ଛତର ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗୁରୁବାର ସୁନ୍ଦରଗଡ଼ ଓ କଳାହାଣ୍ଡି ଦଳ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ଦଳ କଳାହାଣ୍ଡିକୁ ୧୦-୨ ଗୋଲରେ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। କଳାହାଣ୍ଡି ଦଳର ବଳରାମ ପ୍ରଧାନଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ରେଫରି ଅରୁଣ କୁମାର ଭୋଇ, ପଞ୍ଚାନନ ପାତ୍ର, ମଥୁରା ଓରାମ ଓ ସୁରେଶ ଦାସ ଖେଳ ପରିଚାଳନା କରିଥିଲେ। ଶୁକ୍ରବାର ପ୍ରଥମ ସେମିଫାଇନାଲ ଖେଳ ଦେବଗଡ ଓ ବଲାଙ୍ଗୀର ଏବଂ ଦ୍ୱିତୀୟ ସେମାଫାଇନାଲ ବରଗଡ ଓ ସୁନ୍ଦରଗଡ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### କୁଚିଣ୍ଡା ବ୍ଲକର ୪ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

କୁଚିଣ୍ଡା,୧।୨(ବିରଞ୍ଚି ଦର୍ଭା)

କୁଚିଣ୍ଡା ବ୍ଲକର ୪ଜଣ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ଜଣେ ଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମେଧା ପୁରସ୍କାର ପ୍ରଦାନ କରାଯାଇଛି। ସେମାନେ ହେଲେ କୁଚିଣ୍ଡା ବ୍ଲକ ଚନ୍ଦନିମାଲ ହିରାଧର ଯୁବକ ସଂଘ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦେବାନନ୍ଦ କର୍ସେଲ (ପ୍ରଥମ ଭାଷା ଓଡ଼ିଆ), ବଡ଼ମୁଣ୍ଡାଲୋଇ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିରେନ୍ଦ୍ର କୁମାର ପଟେଲ (ସାମାଜିକ ବିଜ୍ଞାନ), ହାଡିପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରଶ୍ମୀରଞ୍ଜନ ମାଝୀ (ଗଣିତ ଶିକ୍ଷକ) ଅର୍ଡାବାହାଲ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଚନ୍ଦନ କୁମାର ମାକର (ରାଜ୍ୟସ୍ତରୀୟ ଶାରୀରିକ ଶିକ୍ଷା ପୁରସ୍କାର) ଏବଂ ହାଡିପାଲି ପଞ୍ଚାୟତ ସିଙ୍ଗଲପୋଷି ଗ୍ରାମର ଛାତ୍ରୀ ବୁବିଶ୍ରୀ ନାଏକ ଛାତ୍ର ମେଧା ପୁରସ୍କାର ପାଇଛନ୍ତି। ବୁଧବାର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଓଡ଼ିଆ ଭାଷା, ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର

ନାକଟିଦେଉଳ,୧।୨(ବୈକୁଣ୍ଠନାଥ ସାହୁ)- ନାକଟିଦେଉଳ ବ୍ଲକ କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓଡ଼ିଶା କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁଶ୍ରୀତା ଭୋଇଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ, କିସିଣ୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ସଭାପତି ରଘୁନାଥ ପ୍ରଧାନ, ଆଠମଲ୍ଲିକ ମାଧପୁର ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ ମାହାର, ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଅଖିଳ କୁମାର ବିଶ୍ୱାଳ ଓ ରିଆମାଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଇତିହାସ ବିଭାଗ ଅଧ୍ୟାପକ ଗୋଲବଦନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ନୋଡ଼ାଲ ଅଫିସର ଓଡ଼ିଆ ବିଭାଗ ଅଧ୍ୟାପକ ସୁଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ କୌଶିକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

ନାକଟିଦେଉଳ,୧।୨(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ପ୍ରଥମବର୍ଷର ଛାତ୍ରୀଛାତ୍ର ପୁଷ୍ପଗୁଚ୍ଛ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଅଧ୍ୟକ୍ଷ ରମେଶ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଶରତ କୁମାର ଶତପଥୀ, ଅଧ୍ୟାପିକା ସୁବାଷିନୀ ବେହେରା, ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ବାର୍ଷିକ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ମଧ୍ୟ ସହପାଠୀମାନଙ୍କ ମଧ୍ୟରେ ବିତାଇଥିବା ସ୍ମୃତି ମନେ ପକାଇଥିଲେ। ଅଧ୍ୟାପକ ପତିତ ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉଦ୍‌ଘାଟନ ଅପେକ୍ଷାରେ ୫୧ ହଜାର କୋଟିର ପ୍ରକଳ୍ପ

## ୩ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବଲପୁର ଆଇଆଇଏମ୍‌ର ଲୋକାର୍ପଣ

ସମ୍ବଲପୁର,୧।୨(ପ୍ରମୋଦ ବହିଦାର):

ସମ୍ବଲପୁର ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସକୁ ପ୍ରଧନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୩ ତାରିଖରେ ଲୋକାର୍ପଣ କରିବେ। ଏହାସହ ସେ ୫୧ ହଜାର କୋଟି ଟଙ୍କାର ୨୩ଟି କେନ୍ଦ୍ରୀୟ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସ୍ଥାନୀୟ ଏକ ହୋଟେଲରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଉକ୍ତଦିନ ଅପରାହ୍ଣ ୨ଟା ୧୫ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ମୋଦି ଆଇଆଇଏମ୍ କ୍ୟାମ୍ପସରେ ସ୍ୱତନ୍ତ୍ର ଭାବେ ନିର୍ମିତ ହେଲିପ୍ୟାଡ୍‌ରେ ଅବତରଣ କରିବେ।



ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ଆଇଆଏମ୍ ନିର୍ଦ୍ଦେଶକ।

ଅନୁଷ୍ଠାନର ସ୍ଥାୟୀ କ୍ୟାମ୍ପସକୁ ସେ ଲୋକାର୍ପଣ କରିବା ସହ ପଶ୍ଚିମ ଓଡ଼ିଶାର ଶିକ୍ଷା, ରାଜପଥ, ପରିବହନ, କୋଇଲା, ଶକ୍ତି, ଖଣି, ରେଳବାଇ ଆଦି ବିଭାଗର ପ୍ରାୟ ୫୧,୨୩୫ କୋଟି ଟଙ୍କା ବ୍ୟୟ ଅଟକଳରେ ୨୩ଟି ପ୍ରକଳ୍ପ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତ ପାଇଁ ଆଇଆଇଏମ୍ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି କର୍ମଚାରୀ ଓ ଶିକ୍ଷକମାନେ ଉତ୍ସାହିତ ଅଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ, କେନ୍ଦ୍ର ଶକ୍ତିମନ୍ତ୍ରୀ ଆର୍ କେ ସିଂ, କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସହ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟପାଳ ରଘୁବର ଦାସ ତଥା ଅନ୍ୟ ମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଧାୟକ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସେ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କ୍ୟାମ୍ପସ ବୁଲି ଦେଖିବା ସହ ଏଠାରେ ଉପସ୍ଥିତ ୫ ହଜାରରୁ ଅଧିକ ନିମନ୍ତ୍ରିତ ବୁଦ୍ଧିଜୀବୀ, ଅଧିକାରୀ, କର୍ମଚାରୀ ଆଦି ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସାକ୍ଷାତ କରିବେ। ଶିକ୍ଷନୀତିରେ ସଂସ୍କାର ପ୍ରଧାନମନ୍ତ୍ରୀଙ୍କ ଏକ ବଡ଼ ଉପଲବ୍ଧି ଓ ଏହାକୁ ଆଇଆଇଏମ୍ ସମ୍ବଲପୁର ଅନୁସରଣ କରୁଛି। ଆଜି ଭାରତବର୍ଷ ସମଗ୍ର ବିଶ୍ୱରେ ଷ୍ଟାର୍ଟଅପ୍‌ରେ ତୃତୀୟ ସ୍ଥାନରେ ରହିଥିବା ବେଳେ ୫ମ ବୃହତ୍ତମ ଅର୍ଥନୀତିର ସ୍ଥାନ ହାସଲ କରିପାରିଛି। ବର୍ତ୍ତମାନ ଭଳି ଦେଶର ଅଭିବୃଦ୍ଧି ହାର ୭ ପ୍ରତିଶତ ବଜାୟ ରହିଲେ ଆଗାମୀ ୨/୩ ବର୍ଷରେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବା ସହ ଆଗାମୀ ୨୦ରୁ ୩୦ ବର୍ଷ ମଧ୍ୟରେ ବିଶ୍ୱ ଅର୍ଥନୀତିର ପ୍ରଥମ ସ୍ଥାନ ହାସଲ କରିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ସେ କହିଛନ୍ତି।

# ଠାକୁରଙ୍କ ମନ୍ଦିର ବିଜେ, କଳସ ବିସର୍ଜନ

କୁଚିଣ୍ଡା,୧।୨(ବିରଞ୍ଚି ଦର୍ଭା) କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତ ଉଲଣ୍ଡା ଗ୍ରାମରେ ୩ଦିନ ଧରି ଚାଲିଥିବା ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ସମାପନ ହୋଇଛି। ପଣ୍ଡିତ ଅକ୍ଷୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟପୂଜା, ଦିଅଁ ପୂଜା, ପ୍ରାଣ ପ୍ରତିଷ୍ଠା, ଠାକୁରଙ୍କ ମନ୍ଦିର ବିଜେ, ପୂର୍ଣ୍ଣାହୁତି, କଳସ ବିସର୍ଜନ ପରେ ଏହା ଉଦ୍‌ଯାପିତ ହୋଇଛି। ଅଷ୍ଟକୁଣ୍ଡୀୟ ଯଜ୍ଞରେ ୨୬ଯୋଡି ସପତ୍ନିକ କର୍ତ୍ତା ଠାକୁରମାନଙ୍କୁ ମନ୍ଦିର ବିଜେ କରାଇଥିଲେ। ଉଦ୍‌ଯାପନୀ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ବିଜେଡି ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଆଠଗାଁ ଋଷିକୁଳ ଆଶ୍ରମ ପ୍ରତିଷ୍ଠାତା ଜୀବନଚୈତନ୍ୟ ମୁକ୍ତାନନ୍ଦ ପୁରୀ ମହାରାଜ, ସରପଞ୍ଚ ଥାନେଶ୍ୱର ନାଏକ, ସମିତି ସଭ୍ୟା ସୁକାନ୍ତୀ ସେଠ ପ୍ରମୁଖ ଯୋଗଦେଇ ଠାକୁରଙ୍କ ସାନିଧ୍ୟଲାଭ କରିଥିଲେ। ମନ୍ଦିର କମିଟି ସଭାପତି ସନ୍ତୋଷ ବାରିକ୍,


ନୀଳକଣ୍ଠେଶ୍ୱର ମନ୍ଦିର।

ଉପସଭାପତି ଅମରେଶ ସାହୁ, ସମ୍ପାଦକ ଗୟା କିଷାନ, କୋଷାଧ୍ୟକ୍ଷ ରବିନାରାୟଣ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ସବ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବ୍ୟୋମକେଶ ସାହୁ, ପୂର୍ଣ୍ଣଚନ୍ଦ୍ର କିଷାନ, ହେମନ୍ତ ସାହୁ, କ୍ଷୀରୋଦ ପଟେଲ, ବିକାଶ ପଟେଲ, ଉଦ୍ୟାନ ପଟେଲଙ୍କ ସମେତ ଉଲଣ୍ଡା ଗ୍ରାମବାସୀ ସହଯୋଗ କରିଥିଲେ।

# ପଦ୍ମଶ୍ରୀ ଜିତେନ୍ଦ୍ରଙ୍କୁ ରାଜ୍ୟ ସଭାକୁ ମନୋନୀତ କରାଯାଉ

ସମ୍ବଲପୁର,୧।୨(ବି.ଶଙ୍କର)

ସମ୍ବଲପୁରୀ ଲୋକଗୀତ ରଙ୍ଗବତୀ ବିଶ୍ୱର କୋଣ ଅନୁକୋଣରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ଗୀତ ସମ୍ବଲପୁର ସମେତ ରାଜ୍ୟ ଓ ଦେଶର ଗୌରବକୁ ବୃଦ୍ଧି କରିଛି। କିନ୍ତୁ ପରିତାପର ବିଷୟ ରଙ୍ଗବତୀ ଗୀତର ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ବିଭିନ୍ନ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାର ଅଣଦେଖା କରୁଛନ୍ତି। ଅନ୍ୟ ରାଜ୍ୟରେ କଳାକାରଙ୍କୁ ସମ୍ମାନର ସହ ରାଜ୍ୟ ସଭାକୁ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ଦିଆଯାଉଛି। କିନ୍ତୁ ଓଡ଼ିଶାରେ କଳାକାରଙ୍କୁ ଗୁରୁତ୍ୱ ଦିଆଯାଉ ନାହିଁ। ସମ୍ବଲପୁରୀ ଗାୟକ ସମ୍ରାଟ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ରାଜ୍ୟ ସଭାକୁ ମନୋନୀତ କରିବାକୁ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଦାବି କରାଯାଇଛି। ଗୁରୁବାର ସମ୍ବଲପୁର ସାମ୍ବାଦିକ ଭବନଠାରେ



ଖବରଦାତା ସମ୍ମିଳନୀରେ ପରିଷଦର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦର ଅଧ୍ୟକ୍ଷ ନିହାଲ ସିଂ କହିଛନ୍ତି ଯେ, ଆଗାମୀ ଦିନରେ ରାଜ୍ୟ ସଭା ନିର୍ବାଚନ ହେବାକୁ ଥିବାବେଳେ ଦଳମତ ନିର୍ବିଶେଷରେ ପଦ୍ମଶ୍ରୀ ଜିତେନ୍ଦ୍ରଙ୍କୁ ରାଜ୍ୟ ସଭା ପାଇଁ ମନୋନୀତ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛୁ। ଆସନ୍ତା ୧୨ ତାରିଖ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ୧୩ରେ ପରିଷଦ ପକ୍ଷରୁ ପଶ୍ଚିମ ଓଡ଼ିଶାର ସମସ୍ତ କଳାକାର ଓ କଳାପ୍ରେମୀଙ୍କୁ ନେଇ ଆର୍‌ଡିସି କାର୍ଯ୍ୟାଳୟ ଘେରାଉ କରି ଧାରଣା ଦିଆଯିବ। ଖବରଦାତା ସମ୍ମିଳନୀରେ ପରିଷଦର ଉପମହାସଚିବ ଶେଖ ଇନ୍ତେଖାପ, ଜିଲା ସହ ସଂଯୋଜକ ପ୍ରଦିପ କୁମ୍ଭାର ମଞ୍ଚାସୀନ ଥିଲେ।

# ଆଇଆଇଏମ୍ ସମ୍ବଲପୁର-ଏନ୍‌ଏସ୍‌ଇ ଏକାଡେମୀ ଏମ୍‌ଓୟୁ

ସମ୍ବଲପୁର,୧।୨(ବି.ଶଙ୍କର)

କର୍ମଜୀବୀ ପେସାଦାରଙ୍କ ଲାଗି ଯୁଗ୍ମ ସାର୍ଟିଫିକେଶନ କୋର୍ସ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ଏ ନେଇ ଆଇଆଇଏମ୍ ସମ୍ବଲପୁର ଓ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ସହାୟକ ସଂସ୍ଥା ଏନ୍‌ଏସ୍‌ଇ ଏକାଡେମୀ ମଧ୍ୟରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି। ଆଇଆଇଏମ୍ ସମ୍ବଲପୁର ପରିସରରେ ଅନୁଷ୍ଠିତ ସମାରୋହରେ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଓ ଏନ୍‌ଏସ୍‌ଇ ଏକାଡେମୀ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଳାଷ ମିଶ୍ର ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣାପତ୍ର ଅଧୀନରେ ଆଇଆଇଏମ୍ ସମ୍ବଲପୁରରେ ପ୍ରଥମ ଏମ୍‌ବିଏ ଇନ୍ ଫାଇନାନ୍ସିଆଲ ଟେକ୍ନୋଲୋଜି (ଫିନ୍‌ଟେକ) ଓ ଦିଲ୍ଲୀ ଆଇଏସ୍‌ଆଇଡି କ୍ୟାମ୍ପସରେ ମ୍ୟାନେଜମେଣ୍ଟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବ। ଆଇଆଇଏ ସମ୍ବଲପୁର ଓ ଏନ୍‌ଏସ୍‌ଇ ଏକାଡେମୀର ଅଧ୍ୟାପକ ଓ ଶିଳ୍ପ ବିଶେଷଜ୍ଞମାନେ ମିଳିତ ଭାବେ ଏହି ପାଠ୍ୟକ୍ରମ ପରିଚାଳନା କରିବେ। ଏହା ଅଂଶ ଗ୍ରହଣକାରୀଙ୍କୁ ଆର୍ଥିକ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରର ଜଟିଳକୁ ଭଲଭାବେ ବୁଝିବାର ସୁଯୋଗ ପ୍ରଦାନ କରିବ। ନିର୍ଦ୍ଦେଶକ ଜୟସ୍ୱାଲ କହିଛନ୍ତି, ଏନ୍‌ଏସ୍‌ଇ ଏକାଡେମୀର ସହଯୋଗ ଆଇଆଇଏମ୍ ସମ୍ବଲପୁରର ଶିଳ୍ପ-ପ୍ରାସଙ୍ଗିକ ଶିକ୍ଷାକୁ ପ୍ରୋତ୍ସାହିତ କରିବ। ଅନୁଷ୍ଠାନର ସମ୍ପ୍ରସାରଣରେ ତିନୋଟି କ୍ୟାମ୍ପସ୍ ରହିଛି। ସମ୍ବଲପୁରରେ କର୍ପୋରେଟ କାର୍ଯ୍ୟାଳୟ ଓ ନୂଆଦିଲ୍ଲୀର ଆଇଏସ୍‌ଆଇଡି କମ୍ପ୍ଲେକ୍ସରେ କ୍ୟାମ୍ପସ୍ ରହିଛି । ସେଠାରେ ଗତ ବର୍ଷଠାରୁ କର୍ମଜୀବୀ ପେସାଦାରମାନଙ୍କ ଲାଗି ଏମ୍‌ବିଏ ପାଠ୍ୟକ୍ରମ ଚାଲିଛି। ଏହା ବ୍ୟତୀତ ଆଇଆଇଏମ୍ ମୁମ୍ବାଇ ସହଯୋଗରେ ତୃତୀୟ କ୍ୟାମ୍ପସରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି।

# କ୍ରିକେଟ ଟୁର୍ନାମେଣ୍ଟ: ଗୌଡ଼ପାଲି ଚାମ୍ପିୟନ



ପୁରସ୍କୃତ ହେବା ଅବସରରେ ଖେଳାଳିଙ୍କ ସହ ଅତିଥିମାନେ।

ନାକଟିଦେଉଳ,୧।୨(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ ପାଣିମୁରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଲୁହାବୀର ଗ୍ରାମର ବୀର ବଜରଙ୍ଗବାଲୀ କ୍ଲବ ପକ୍ଷରୁ ଗତ ୨୯ତାରିଖରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ଗୌଡ଼ପାଲି ଓ ସରେଇପାଲି ମଧ୍ୟରେ ହୋଇଥିଲା। ଟସ୍ ଜିଣି ଗୌଡ଼ପାଲି ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ଓଭର ମଧ୍ୟରୁ ୧୦.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୩ରନ ସଂଗ୍ରହ କରିଥିଲା। ଜବାବରେ ସରେଇପାଲି ଦଳ ୧୦.୩ ଓଭରରେ ସମସ୍ତ ଉଇକେଟ ହରାଇ ୮୦ରନ କରି ମ୍ୟାଚ ହାରିଯାଇଥିଲା। ଗୌଡ଼ପାଲି ଦଳର ସିଲୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ସରେଇପାଲି ଦଳର ପପୁନ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଲିପୁନ ସାହୁ ଓ ସୋମନାଥ ସାହୁ ଖେଳ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଉଗ୍ରେସନ କୁଲସରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ କଂଗ୍ରେସ ନେତା ଆସଫ ଅଲ୍ଲୀ ଖାଁ ମୁଖ୍ୟ ଅତିଥି, ପାଣିମୁରା ସରପଞ୍ଚ ଜଗନ୍ନାଥ ସାହୁ, ପିସିସି ସଭ୍ୟ ଗୌରୀ ଶଙ୍କର ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଏବଂ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ।

# କବାଡ଼ି ପ୍ରତିଯୋଗିତା: ଅନାମିକା କ୍ଲବ ଚାମ୍ପିୟନ

ସମ୍ବଲପୁର,୧।୨(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ବଡବଜାର ବଙ୍ଗାଲିପଡ଼ା ସ୍ଥିତ ନେତାଜୀ ସୁଭାଷ ସଂଘ ପକ୍ଷରୁ ଚାଲିଥିବା କବାଡ଼ି ପ୍ରତିଯୋଗିତା ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୨ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଅନାମିକା କ୍ଲବ ଓ ସମଲେଶ୍ୱରୀ ଯୁବକ ସଂଘ ମଧ୍ୟରେ ହୋଇଥିଲା । ଏଥିରେ ଅନାମିକା କ୍ଲବ ୩୫-୨୪ ପଏଣ୍ଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସମାରୋହରେ ସମ୍ବଲପୁର ଜିଲା ବିଜେଡି ସଭାପତି ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟ ଅତିଥି ଏବଂ ଜିଲା ହାବିଲଦାର ଓ କନଷ୍ଟେବଲ ସଂଘ ସଭାପତି ରାମଦାସ ପଣ୍ଡା, ଭଗତ ସିଂ, ଶିବ ପଧାନ, ସନି ଯାଦବ


ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କଠାରୁ ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ନେତାଜୀ ସୁଭାଷ ସଂଘ ସଭାପତି ତପନ ଘୋଷ, ସମ୍ପାଦକ ସଞ୍ଜୀବ ଦତ୍ତ, ଦେବାଶିଷ ଦେ, କ୍ରୀଡ଼ା ସମ୍ପାଦକ ସୁଧିର ରାୟ ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। । ରେଫରି ପ୍ରଶାନ୍ତ କୁମାର ସେଠ, ସୁମନ୍ତ ବାଗ, ଭଜନ ତରିଆ, ସନ୍ତୋଷିନୀ ଭୂୟାଁ, ଅବିନାଶ ମିତ୍ର, ଦିଲୀପ କୁମାର ସାହୁ, ଉମାପତି ତ୍ରିପାଠୀ, କାର୍ତ୍ତିକ ଚନ୍ଦ୍ର ବାରିକ, ଜଗବନ୍ଧୁ ବେହେରା, ଇନ୍ଦ୍ରଜିତ ବାଗ ମ୍ୟାଚଗୁଡିକୁ ପରିଚାଳନା କରିଥିଲେ। ଜୟରାମ ବନିଆ ଉଦ୍‌ଯାପନୀ ଉତ୍ସବ ସଂଯୋଜନା କରିଥିଲେ।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ

ସମ୍ବଲପୁର,୧।୨(ବି.ଶଙ୍କର)

ସମ୍ବଲପୁର ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଉତ୍ସବରେ ସଭାପତିତ୍ୱ କରିଥିଲେ। ପାଞ୍ଚୋଟି ପର୍ଯ୍ୟାୟରେ ଶିବିର ହୋଇଥିଲା। ଏଥିରେ ସମୁଦାୟ ୪୮୬ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ରାଜ୍ୟ ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷିକା ମୀନାରାଣୀ ମଲ୍ଲିକ ଓ ସୁଷମା ସଙ୍ଗୀତା ତିର୍କୀ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜାନୁଆରୀ ୧୮ରେ ଶିବିର ଆରମ୍ଭ ହୋଇଥିଲା। ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଶଶୀ ଭୂଷଣ ପ୍ରଧାନ ଓ ବବିତା ନାୟକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସନ୍ଧ୍ୟାରାଣୀ ଭୋଇ ଓ ବିଜୟ ଲକ୍ଷ୍ମୀ ବରିହା ଶିବିର ପରିଚାଳନା କରିଥିଲେ।

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପିତାମହ ଦିବସ



ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

ସମ୍ବଲପୁର,୧।୨(ଭବାନୀ ଶଙ୍କର ଭୋଇ):

ବୁର୍ଲାସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୨ଠାରେ ଶୁକ୍ରବାର ପିତାମହ (ଗ୍ରାଣ୍ଡ ପ୍ୟାରେଣ୍ଟ୍ସ) ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ସୁସ୍ମିତା ପ୍ରଧାନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଛାତ୍ରୀଛାତ୍ର ଓ ସେମାନଙ୍କ ପିତାମହମାନଙ୍କୁ ସ୍ୱାଗତ କରିଥିଲେ। ରେଙ୍ଗାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦାନ କରି ଏହି ଦିନର ମହତ୍ତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିବାରରେ ବରିଷ୍ଠ ନାଗରିକ ହିଁ ଛାତ୍ରୀଛାତ୍ରଙ୍କ ନିକଟତର। ସେଥିପାଇଁ ସେମାନଙ୍କ ମାର୍ଗଦର୍ଶନ ଶିଶୁଙ୍କୁ ପ୍ରଭାବିତ କରିଥାଏ ବୋଲି ମୁଖ୍ୟଅତିଥି କହିଥିଲେ। ନିର୍ଦ୍ଦେଶକ ଭୋଳାନାଥ କରାଲି ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ରଞ୍ଜନ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ନେହାମୟୀ ସାମଲ, ସେବତୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ପିତାମହମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ସଫଳତା ପାଇଥିବା ପିତାମହଙ୍କୁ ଅଧ୍ୟକ୍ଷାଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା।

# ୭ ଭାଷାରେ ନିର୍ମାଣ ହେବ ଜୟ ମା' ସମଲେଇ ସିନେମା

ସମ୍ବଲପୁର,୧।୨(ଭବାନୀ ଶଙ୍କର ଭୋଇ):

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରର ରୂପାନ୍ତରୀକରଣ ପରେ ମା'ଙ୍କ ମହିମାକୁ ଆହୁରି ଅଧିକ ପ୍ରଚାର ପ୍ରସାର କରିବା ପାଇଁ ଏବେ ବିଭିନ୍ନ ମହଲରେ ଉଦ୍ୟମ ଆରମ୍ଭ ହୋଇଛି। ଏଥିରେ ସିନେ ଜଗତ ବି ନିଜକୁ ସାମିଲ କରିଛି। ମା'ଙ୍କ ମହିମା ସାରା ଦେଶରେ ପ୍ରଚାର କରିବା ପାଇଁ ଜୟ ମା' ସମଲେଇ ନାମରେ ବହୁଭାଷୀ ଚଳଚ୍ଚିତ୍ର ନିର୍ମାଣ କରାଯିବ। ଏଥିପାଇଁ ଓଡ଼ିଶାର ୩ ଗୋଟି ପ୍ରତିଷ୍ଠିତ ଚଳଚ୍ଚିତ୍ର ପ୍ରଯୋଜନାକାରୀ ସଂସ୍ଥା ମିଳିତ ଭାବେ ପ୍ରୟାସ ଆରମ୍ଭ କରିଛନ୍ତି। ଏହି ବହୁଭାଷୀ ଚଳଚ୍ଚିତ୍ରର ପୋଷ୍ଟରକୁ ଗୁରୁବାର ମା ସମଲେଇଙ୍କ ପୂଜାର୍ଚ୍ଚନା ପରେ ଉନ୍ମୋଚନ କରାଯାଇଥିଲା। ଓଡିଶାର ଖ୍ୟାତନାମା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଚଳଚ୍ଚିତ୍ର ନିର୍ମାଣ ହେବ। ମା'ସମଲେଇଙ୍କ ମହିମା ପ୍ରଚାର ଉଦ୍ଦେଶ୍ୟରେ ବହୁ ଦିନରୁ ସିନେମା କରିବା ପାଇଁ ଇଚ୍ଛା ରହିଥିଲା, ଯାହା ଏବେ ସଫଳ ହେବାକୁ ଯାଉଛି ବୋଲି ସବ୍ୟସାଚୀ କହିଛନ୍ତି। ଏହି ଚଳଚ୍ଚିତ୍ର ସମ୍ବଲପୁର



ପୋଷ୍ଟର ଉନ୍ମୋଚନ ଅବସରରେ ଅତିଥି ବୃନ୍ଦ।

- ଉନ୍ମୋଚନ ହେଲା ପୋଷ୍ଟର
- ମା'ଙ୍କ ମହିମା ପ୍ରଚାର କରିବ ସିନେମା

ସମେତ ପଶ୍ଚିମାଞ୍ଚଳର ବିଭିନ୍ନ ଅଞ୍ଚଳରେ ଶୁଟିଂ କରାଯିବ ବୋଲି ସିନେମାର ପ୍ରଯୋଜକ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ସିନେମାକୁ ୭ ଭାଷାରେ ନର୍ମାଣ କରାଯିବା ପାଇଁ ଯୋଜନା କରାଯାଇଛି। ପୋଷ୍ଟର ଉନ୍ମୋଚନ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ପ୍ରଯୋଜକ ସନଲିମା ପଟେଲ, ମଣ୍ଟୁ ମହାପାତ୍ର, ସୁଶାନ୍ତ ମହାପାତ୍ର, ଅଭିନେତା ଜିତେନ୍ଦ୍ର, ତପସ୍ୱିନୀ ଗୁରୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଆଦିତ୍ୟ ପ୍ରସାଦ ପାଢୀ, ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ହେମନ୍ତ ମହାପାତ୍ର, ଅରବିନ୍ଦ ମହାପାତ୍ର, ମୁରଲି ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଇକ ଦୁର୍ଘଟଣାରେ ଯୁବକ ମୃତ

ଦେଓଗାଁ,୧।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଧିନ ରାମଚନ୍ଦ୍ରପୁର ବାଗଯୋର ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଡୁମେରପିଟା ଗ୍ରାମର ଜୟରାମ ବରିହା (୩୭)। ସିଙ୍ଗାମୁଣ୍ଡା ପଟୁ ଫେରୁଥିବା ବେଳେ ରାମଚନ୍ଦ୍ରପୁର ନିକଟ ବାଗଯୋର ନିକଟରେ ତାଙ୍କ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବନ୍ଧପଡା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ବାଇକ ଜବତ ହୋଇଛି।

### ରେଙ୍ଗାଲି ୟୁପି ସ୍କୁଲର ବାର୍ଷିକ ଉତ୍ସବ

ବେଲପଡା,୧।୨(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ରେଙ୍ଗାଲି ୟୁପି ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅନୁଜ ସିଂ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଅବିନବ ମିଶ୍ର, ସମ୍ମାନୀତ ଅତିଥିଭାବେ ଏବିଇଓ ଚତୁର୍ଭୁଜ ମିର୍ଦ୍ଧା, ମୁଖ୍ୟବକ୍ତା ଭାବେ ଘନଶ୍ୟାମ ପଧାନ ଓ ସ୍ୱତନ୍ତ୍ର ଅତିଥି ଭାବେ ବିନୋଦ ଜାଭିଓର, ତାରାପଦ ପଧାନ, ସ୍କୁଲ ପରିଚାଳନା କମିଟି ସଭାପତି ପୂର୍ଣ୍ଣମୀ ଭୁଏ ଯୋଗଦେଇଥିଲେ। ଅତିଥିଗଣ ସମୟାନୁବର୍ତ୍ତିକା, ନିୟମାନୁବର୍ତ୍ତିକା ଓ ସହିଷ୍ଣୁତା ଛାତ୍ରୀଛାତ୍ରଙ୍କ ଗୁଣ ହେବା ଜରୁରୀ ବୋଲି ମତ ରଖିଥିଲେ। ବାର୍ଷିକ ଉତ୍ସବ ପାଇଁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କ୍ରୀଡା, ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ, କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ।

### ୫୨କେଜି ଗଞ୍ଜେଇ, ୧୪୦ ଲିଟର ଦେଶୀମଦ ଜବତ

ଗୁଡଭେଲା,୧।୨(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢାଉ କରି ୫୨ କେଜି ଗଞ୍ଜେଇ ଓ ୧୪୦ଲିଟର ଦେଶୀ ମଦ ସହ ଗୋଟିଏ କାର ଓ ନମ୍ବର ବିହୀନ ବାଇକ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ତୁଷୁରା ଅବକାରୀ ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ସୂଚନା ପ୍ରଦାନ କରିଛନ୍ତି। ତୁଷୁରା ଥାନା ଅନ୍ତର୍ଗତ ମହିପୁର ଛକରେ ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବା ବେଳେ ଏକ ମାରୁତି ସୁଜକି କାର (ନମ୍ବର ଓଡି ୨୭ ସି ୫୮୩୯)କୁ ସନ୍ଦେହରେ ଅଟକାଇଥିଲେ। ଯାଞ୍ଚ ପରେ ଗାଡିରୁ ୫୨କେଜି ଗଞ୍ଜେଇ ବାହାରିଥିଲା। ବୌଦ୍ଧ ଜିଲା ଅନ୍ତର୍ଗତ ଘଣ୍ଟାପଡା ଥାନା ଅଡେର ଗ୍ରାମର ଯଶୋବନ୍ତ ସାହୁଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ବରହାକୁନା ଛକଠାରେ ଏକ ବାଇକରେ ତରଭା ଥାନା ଅନ୍ତର୍ଗତ ବାଲିପଟା ଗ୍ରାମର ରାକେଶ ରଣା ଓ ରମେଶ ରଣା ଆସୁଥିବା ବେଳେ ସନ୍ଦେହରେ ଅବକାରୀ ବିଭାଗ ଅଧିକାରୀ ଅଟକାଇ ଥିଲେ। ଯାଞ୍ଚ ପରେ ୭୦ଲିଟର ଦେଶୀ ମଦ ବାହାରିଥିଲା। ଦେଓଗାଁ ଥାନା ଅନ୍ତର୍ଗତ ସାଲେପାଲି ଗ୍ରାମର ଦେବରାଜ ବାଗଙ୍କ ଘର ପଛପଟରୁ ୨୮ ଲିଟର ଓ ଜଳନ୍ଧର ବେହେରାଙ୍କଠାରୁ ୪୨ ଲିଟର ଦେଶୀ ମଦ ଜବତ କରାଯାଇଛି।

### ବିଜୁସେତୁ ବ୍ରିଜ ଉଦ୍‌ଘାଟିତ

ଦେଓଗାଁ, ୧।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ କୁଡାସିଂହା ଶିରିସଠାରେ ନାଇକେନଯୋର ଉପରେ ନିର୍ମାଣ ହୋଇଥିବା ସେତୁ ବ୍ରିଜ ଉଦ୍‌ଘାଟିତ ହୋଇଛି। ବ୍ଲକ ଅଧ୍ୟକ୍ଷା ସରିତା ବାଗଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ସମ୍ମାନୀତ ଅତିଥି ଜିଲା ପରିଷଦ ସଭାପତି ଦେବାକୀ ସାହୁ, ବ୍ଲକ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ହୋତା, ଜିଲା ପରିଷଦ ସଭ୍ୟା ସଙ୍ଗିତା ସୁନା, କୁଡାସିଂହା ସରପଞ୍ଚ ଜ୍ୟୋସ୍ନାରାଣୀ ସାହୁ ଯୋଗଦେଇ ସେତୁର ଉଦ୍‌ଘାଟନ କରିଥିଲେ। କୁଡାସିଂହା ଶିରିସଠାରୁ କୁଠୁର୍ଲା ନାଇକେନଯୋର ଉପରେ ବ୍ରିଜ ନିର୍ମାଣ ହେବା ଫଳରେ ଲୋକେ ଉପକୃତ ହେବେ ବୋଲି ଅଧ୍ୟକ୍ଷା ପ୍ରକାଶ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ପ୍ରଦ୍ୟୁମ୍ନ ହୋତା, ପ୍ରିୟବ୍ରତ ନାଥ, ନରେନ୍ଦ୍ର ପାତ୍ର, ବ୍ଲକ ବିଜେଡି ଯୁବ ସଭାପତି ଆଶୀର୍ବାଦ ସାହୁ, ଶିରିଶ ଗଉନ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ୍ କବ୍‌ଜାରେ ଟ୍ରାକ୍ଟର ଚୋରି ଗ୍ୟାଙ୍ଗର ୫ସଦସ୍ୟ

## ୪ ଟ୍ରାକ୍ଟର, ୧ ପିକ୍‌ଅପ, ୧ବାଇକ ଜବତ

ଖପ୍ରାଖୋଲ,୧।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ଗାଡ଼ି ଚୋରି ଗ୍ୟାଙ୍ଗର ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪ଟି ଚୋରି ଟ୍ରାକ୍ଟର, ଗୋଟିଏ ପିକ୍‌ଅପ ଭ୍ୟାନ୍, ଗୋଟିଏ ବାଇକ୍ ଏବଂ ୧୦ଟି ରନ୍ଧନ ଗ୍ୟାସ ସଲିଣ୍ଡର ଜବତ କରାଯାଇଛି। ୫ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ସଦର ଥାନା ଖୁଜେନପାଲି ଗାଁର ବ୍ରହ୍ମଚାରୀ ଶାନ୍ତନୁ(୩୧), ବଲାଙ୍ଗୀର ଟାଉନ ଥାନା କାମାକ୍ଷାନଗରର ଅମିୟ ବାଗ(୨୦), ଟାଉନ ଥାନା ସାଲେପାଲି ଗାଁର ପ୍ରୀତମ ଓରଫ ସୋନୁ ଶର୍ମା(୨୦), ଲୋଇସିଂହା ଥାନା ରାନିପାଲି ଗାଁର ଶ୍ରୀକାନ୍ତ ସିକା(୧୯) ଓ ଲାଠୋର ଥାନା ମସିଣା ଗାଁର ରାଜେନ୍ଦ୍ର ମେହେର(୨୮)। ଗୁରୁବାର ଖପ୍ରାଖୋଲ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ



ଗିରଫ ୫ଅଭିଯୁକ୍ତ ଓ ଜବତ ଚୋରି ଟ୍ରାକ୍ଟର, ରନ୍ଧନ ଗ୍ୟାସ ସିଲିଣ୍ଡର।

ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ସବିଶେଷ ସୂଚନା ଦେଇଥିଲେ।

ଏସ୍‌ଡିପିଓ ଭୁକ୍ତାଙ୍କ ସୂଚନା ଅନୁସାର ଗତ ୨୯ ତାରିଖ ଖପ୍ରାଖୋଲ ଥାନା ବଜଲସାଗର ଗାଁର ହୃଦାନନ୍ଦ ସାହୁ ନିଜ ଘର ନିକଟରେ ରଖିଥିବା ଟ୍ରାକ୍ଟର(ନଂ.ଓଡ଼ି୦୩ ଏକ୍ସ ୧୮୩୯)କୁ କେହି ଚୋରି କରି ନେଇଥିବା ଅଭିଯୋଗ କରିଥିଲେ। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୩୮/୨୪)ରୁଜୁ ହୋଇଥିଲା। ଘଟଣାର ରହସ୍ୟ ଉନ୍ମୋଚନ ପାଇଁ ପୋଲିସ ସକ୍ରିୟ ହୋଇଥିଲା। ଚୋରି ପରେ ଆଖପାଖରେ ଥିବା ସିସି ଟିଭିର ଛାନଭିନ, ସ୍ଥାନୀୟ ଲୋକଙ୍କ ସୂତ୍ର ଏବଂ ବୈଷୟିକ ଜ୍ଞାନ କୌଶଳ ଉପଯୋଗ କରି ପୋଲିସ ଟିମ୍ ଅଭିଯୁକ୍ତମାନଙ୍କ ପାଖରେ ପହଞ୍ଚିଥିଲା। ଚୋରି ଟ୍ରାକ୍ଟରକୁ ଅଭିଯୁକ୍ତମାନେ ଛତିଶଗଡ଼ ରାଜ୍ୟ ରାୟପୁର ନେଇ ଯାଇଥିବା ବେଳେ ପୋଲିସ ଜବତ କରିଥିଲା। ପୋଲିସ କହିବା ଅନୁସାରେ ଏହି ଗ୍ୟାଙ୍ଗର ସଦସ୍ୟମାନେ ଏକ ପିକ୍‌ଅପ ଭ୍ୟାନରେ ଚୋରି ଉଦ୍ଦେଶ୍ୟରେ ରଶି, ପେଟ୍ରୋଲ ଓ ଅନ୍ୟାନ୍ୟ ସରଞ୍ଜାମ ନେଇ ଯାଉଥିଲେ। ରାସ୍ତାକଡରେ ବିନା ସୁରକ୍ଷାରେ ଥିବା ଟ୍ରାକ୍ଟରକୁ ସାଧାରଣତଃ ସେମାନେ ଟାର୍ଗେଟ କରୁଥିଲେ। ଏହିକ୍ରମରେ ସେମାନେ ବଜଲସାଗର ଗାଁର ହୃଦାନନ୍ଦ ସାହୁଙ୍କ ଟ୍ରାକ୍ଟର ଚୋରି କରିଥିଲେ। ଅନ୍ୟ ୩ ଟ୍ରାକ୍ଟର, ପିକ୍‌ଅପ୍, ଗ୍ୟାସ ସିଲିଣ୍ଡର ମସିଣା ଗାଁରୁ ଉଦ୍ଧାର କରାଯାଇଥିଲା। ଥାନା ଅଧିକାରୀ ସାହୁଙ୍କ ସହିତ ଏଏସଆଇ ଗୋପାଳକୃଷ୍ଣ କୁମୁରା, ଏଏସଆଇ ନବୀନ କୁମାର ଭୋଇ ଓ ଟିମ୍ ତଦନ୍ତକାରୀ ଟିମ୍‌ରେ ସାମିଲ ଥିଲେ।

# ଉନ୍ନୟନ କାର୍ଯ୍ୟ, ନିର୍ବାଚନ ପରିଚାଳନାକୁ ପ୍ରାଥମିକତା

## ଦାୟିତ୍ୱ ଗ୍ରହଣ କଲେ ବଲାଙ୍ଗୀରର ନୂଆ ଜିଲାପାଳ

ବଲାଙ୍ଗୀର,୧।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ନୂଆ ଜିଲାପାଳ ଭାବେ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଗୌରବ ଶିଖାଜୀ ଇସଲୱାର। ୨୦୧୯ ଆଇଏଏସ୍ ବ୍ୟାଚର ଏହି ଅଧିକାରୀ ଏଥି ପୂର୍ବରୁ କୋରାପୁଟ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଭାବେ କାମ କରୁଥିଲେ। ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ଜିଲାପାଳ ଇସଲୱାର ଗଣମାଧ୍ୟମକୁ କହିଥିଲେ ଯେ, ଜିଲାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ସହ ଚଳିତବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ଯେଉଁ ପ୍ରସ୍ତୁତି କାର୍ଯ୍ୟ ଚାଲିଛି ତାକୁ ପ୍ରାଥମିକତା ଦିଆଯିବ। ଏହା ସହିତ ଜିଲାରେ ଯେଉଁସବୁ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି ତାକୁ ସମାନ୍ତରାଳଭାବେ ଚାଲୁ ରଖିବା ଦିଗରେ ପ୍ରାଥମିକତା ଦିଆଯିବ ବୋଲି ସେ କହିଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ଜିଲାପାଳ ଇସଲୱାର କହିଥିଲେ ଯେ, ଲୋୟର ସୁକ୍‌ତେଲ ପ୍ରକଳ୍ପର ବିସ୍ଥାପିତଙ୍କ ସମସ୍ୟା ସମାଧାନ ଦିଗରେ ମଧ୍ୟ ପଦକ୍ଷେପ ନେବେ। ଖୁବ୍‌ଶୀଘ୍ର ସେ ଏଦିଗରେ ଏକ ବୈଠକ ଡାକି ସମୀକ୍ଷା କରିବେ। ଏହା ସହିତ ବିସ୍ଥାପିତଙ୍କ ଥଇଥାନ ଏବଂ ଅନ୍ୟାନ୍ୟ ଦାବି ଗୁଡିକର ସମାଧାନ ପାଇଁ ସରକାରୀ ଗାଇଡଲାଇନ୍ ଏବଂ ନୀତି ନିୟମ ଜରିଆରେ କରାଯିବ। ସେମାନଙ୍କ ପ୍ରସଙ୍ଗକୁ ମାନବିକତାର ସହ ବିଚାର କରାଯିବ ବୋଲି ସେ କହିଥିଲେ। ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖାଯାଇ ଜିଲାର ବହୁ ବରିଷ୍ଠ ଅଧିକାରୀଙ୍କ ଅନ୍ୟ ଜିଲାକୁ ବଦଳି ହୋଇଛି। ଏଭଳି ସ୍ଥିତିରେ ଜିଲାପାଳଙ୍କ ପାଇଁ ନୂଆ ଅଧିକାରୀଙ୍କୁ ନେଇ କାମ କରିବା ଚ୍ୟାଲେଞ୍ଜପୂର୍ଣ୍ଣ ହେବ ବୋଲି ପ୍ରଶ୍ନ କରାଯିବାରୁ ଏହି ଜିଲାରୁ ଅଧିକାରୀ ବଦଳି ହୋଇଯାଇଥିଲେ ମଧ୍ୟ ଅନ୍ୟ ଜିଲାରେ କାମ କରିଥିବା ଦକ୍ଷ ଅଧିକାରୀ ଆସୁଥିବାରୁ କୌଣସି ଅସୁବିଧା ହେବ ନାହିଁ ବୋଲି ସେ କହିଥିଲେ। ନୂଆ ଜିଲାପାଳଙ୍କୁ ଅତିରିକ୍ତ ଜିଲାପାଳ ଧରୁଆ, ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ବଲାଙ୍ଗୀର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ପାଟଣାଗଡ ଉପଜିଲାପାଳ ବିଜୟ କୁମାର ସେଠୀ ଓ ଅନ୍ୟ ବରିଷ୍ଠ ଅଧିକାରୀ ସ୍ୱାଗତ ଜଣାଇଥିଲେ।



ନୂଆ ଜିଲାପାଳ ଗୌରବ ଶିଖାଜୀ ଇସଲୱାର।

# ସରପଞ୍ଚଙ୍କୁ ଅଣଦେଖା ଅଭିଯୋଗ

## ସମୂହ ଇସ୍ତଫା ଚେତାବନୀ ଦେଲା ସରପଞ୍ଚ ସଂଘ

ଲୋଇସିଂହା,୧।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଶୁଭାରମ୍ଭ ହୋଇଛି। ହେଲେ ବ୍ଲକ ପ୍ରଶାସନ ପକ୍ଷରୁ ସରପଞ୍ଚମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ ନ କରି ଅଣଦେଖା କରାଯାଇଛି। ସେହିପରି ଅର୍ପଣ ରଥ ପରିକ୍ରମା ବେଳେ ସରପଞ୍ଚଙ୍କୁ ଅଣଦେଖା କରି ସମିତି ସଭ୍ୟାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହାକୁ ନେଇ ସରପଞ୍ଚମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ସରପଞ୍ଚ ସଂଘ ବ୍ଲକ ସଭାପତି ସଞ୍ଜୟ ଗଡତ୍ୟାଙ୍କ ନେତୃତ୍ୱରେ ସମସ୍ତ ସରପଞ୍ଚ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଯୁଧିଷ୍ଠିର ମେହେରଙ୍କୁ ଭେଟି ସାମୂହିକ ଇସ୍ତଫା ଦେବାକୁ ଗୁରୁବାର ଚେତାବନୀ ଦେଇଥିଲେ । ବ୍ଲକରେ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରହିଥିବା ଜାଣିବାକୁ ପାଇଥିଲି। ଯଦି ମତଭେଦ ରହିଛି ତେବେ ବ୍ୟବସ୍ଥିତ ଭାବେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିବାକୁ ସରପଞ୍ଚମାନଙ୍କୁ ନିବେଦନ କରିଥିଲେ। ଏହାପରେ ସରପଞ୍ଚମାନେ ଶାନ୍ତ ପଡିଥିଲେ ।

ରାଜ୍ୟ ସରକାର ବ୍ଲକ ପ୍ରଶାସନ ମାଧ୍ୟମରେ ପଞ୍ଚାୟତସ୍ତରରେ ଏବେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଗତ



ବିଡିଓଙ୍କୁ ସରପଞ୍ଚ ସଂଘ ତରଫରୁ ଦାବିପତ୍ର ଦିଆଯାଉଛି।

ଜାନୁଆରୀ ମାସରେ ଜଗନ୍ନାଥ ଲୋକାର୍ପଣ ଉତ୍ସବ ପୂର୍ବରୁ ପଞ୍ଚାୟତମାନଙ୍କରେ ଅର୍ପଣ ରଥ ପରିକ୍ରମା କରାଇଥିଲେ। ଏଥିପାଇଁ ୨ ଲକ୍ଷ ଅନୁଦାନ ଯୋଗାଇ ଦେଇଥିଲେ। ସେତେବେଳେ ସରପଞ୍ଚମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଏବେ ପଞ୍ଚାୟତସ୍ତରରେ ଅମ ଓଡ଼ିଶା ନବୀନ ଓଡ଼ଶା ସଂକ୍ରାନ୍ତରେ ଲୋକଙ୍କୁ ସଚେତନତା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଗୁରୁବାର ବ୍ଲକର ବୁଢୀପଦର ପଞ୍ଚାୟତରୁ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହେବାକୁ ଥିଲା। ହେଲେ ଏନେଇ ମଧ୍ୟ ସରପଞ୍ଚମାନଙ୍କୁ ବ୍ଲକ ପ୍ରଶାସନ ଅଣଦେଖା କରିଛନ୍ତି। ଏହାର ପ୍ରତିବାଦରେ ସରପଞ୍ଚ ସଂଘ ସଭାପତି ଗଡତ୍ୟା, ଉପସଭାପତି ସୁଦୀପ କୁମାର ସା, ସମ୍ପାଦକ କସ୍ତୁବ ସାହୁ, ନବକିଶୋର ନାଏକ, ବିଜୁଳି ପଧାନ, ଲକ୍ଷ୍ମୀ ପଧାନ, ରମାକାନ୍ତ ବିଶ୍ୱାଳ, ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ବିଡିଓଙ୍କୁ ଭେଟି ଅସନ୍ତୋଷ ଜାହିର କରିଥିଲେ । ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ କହିଛନ୍ତି ସେମିତି କିଛି ହୋଇନାହିଁ। ଏମିତି ମନାନ୍ତର ମତାନ୍ତର ସବୁଠି ରହିଥାଏ । ବିଡିଓଙ୍କୁ ଫେରାଦ ହେଲା ପରେ ଉଭୟ ପକ୍ଷ ଆଲୋଚନା ପରେ ସମସ୍ତେ ମିଳିମିଶି କାର୍ଯ୍ୟକ୍ରମ କରିବାକୁ ସହମତି ପ୍ରକାଶ କରିଥିବା ସେ କହିଥିଲେ।

# ସମ୍ପୃକ୍ତ ଶିକ୍ଷକଙ୍କ ଦିନକର ଦରମା ବନ୍ଦ

## ମଧ୍ୟାହ୍ନଭୋଜନ ପରେ ବିଦ୍ୟାଳୟ ବନ୍ଦ ହେବା ଘଟଣା

■ କାରଣ ଦର୍ଶାଅ ନୋଟିସ ଜାରି କଲା ଶିକ୍ଷା ବିଭାଗ

ସିନାପାଲି,୧।୨(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ମଖାପଦର ପଞ୍ଚାୟତ ଚଉରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ମନମୁଖୀ କାର୍ଯ୍ୟ ଚାଲିଛି। ମଧ୍ୟାହ୍ନ ଭୋଜନ ପରେ ବିଦ୍ୟାଳୟ ଛୁଟି କରି ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ରର ଅନ୍ତେବାସୀଙ୍କୁ ଛାଡି ଶିକ୍ଷକମାନେ ଚାଲିଯାଉଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ। ଘଟଣାରେ ଶିକ୍ଷା ବିଭାଗ ସମ୍ପୃକ୍ତ ଶିକ୍ଷକଙ୍କ ଦିନକର ଦରମା ବନ୍ଦ କରିବା ସହିତ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଜଣାପଡ଼ିଛି। ହେଲେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଯାହାକି ସମାଜର ଗୁରୁଦାୟିତ୍ୱ ବହନ କରୁଥିବା ଶିକ୍ଷକମାନଙ୍କ କର୍ତ୍ତବ୍ୟରେ ଅବହେଳା ଏବଂ ଋତୁକାଳୀନ ପ୍ରଯତ୍ନ କେନ୍ଦ୍ରରେ ରହିଥିବା ଦାଦନ ମା'ବାପାଙ୍କ ନିରୀହ ଶିଶୁଙ୍କ ଭବିଷ୍ୟତରେ ଖେଳ ଖେଳୁଥିବା ଶିକ୍ଷକଙ୍କ ପ୍ରତି ଏଭଳି କୋହଳ କାର୍ଯ୍ୟାନୁଷ୍ଠାନ ନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଛି।

ଏ ନେଇ ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀ ଜତୀନ୍ଦ୍ର ସେଠଙ୍କୁ ପଚାରିବାରୁ ସମ୍ପୃକ୍ତ ଶିକ୍ଷକମାନଙ୍କ ଦିନକର ଦରମା ବନ୍ଦ କରିବା ସହିତ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସତ୍ୟାସତ୍ୟ ଘଟଣାର ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଜିଲା ଶିକ୍ଷାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ଦାବି ହେଉଛି।

# ଶିକ୍ଷା ମଣିଷର ପରିଚୟ ସୃଷ୍ଟି କରିଥାଏ



ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥିମାନେ ସ୍ମରଣିକାକୁ ଲୋକାର୍ପିତ କରୁଛନ୍ତି।

## ସରକାରୀ ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଶତବାର୍ଷିକ ଉତ୍ସବ

ମୁରିବାହାଲ,୧।୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସର୍ବ ପୁରାତନ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଉଛି। ଶତବାର୍ଷିକ ଉତ୍ସବ କମିଟି ସଭାପତି ଜିତେନ୍ଦ୍ରିୟ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମିଥିଲା ମାଝି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଡିଆରି, ଧରିତ୍ରୀ ଖବରଦାତା ତଥା ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ପୁରାତନ ଛାତ୍ର ଶ୍ରୀମୁଖ ବିହାରୀ ବାଘାର, ପରିଚାଳନା କମିଟି ସଭାପତି ମାନପତି ଷାଣ୍ଡ, ସିଆରସିସି ହୃଷୀକେଶ ଶିକା, ବିଦ୍ୟାଳୟ ପ୍ରଧାନଶିକ୍ଷକ ସ୍ୱେଚ୍ଛାଶିନୀ ମାଝି, ମହୋତ୍ସବ କମିଟି ଉପସଭାପତି ଯଦୁପତି ଅଗସ୍ତି ଉପସ୍ଥିତ ଥିଲେ। ମୁଖ୍ୟବକ୍ତାଭାବେ ଖଡ଼ିଆଳ କଲେଜ ଅଧାପକ ଫଣିନ୍ଦ୍ରମ ସିଂଦେଓ ଯୋଗଦେଇ ଶିକ୍ଷା ମଣିଷର ପରିଚୟ ସୃଷ୍ଟି କରିଥାଏ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ପୂର୍ବାହ୍ନ ୧୧ଟାରେ ଏକ ବିରାଟ ମଶାଲା ଯାତ୍ରା କରାଯାଇଥିଲା। ଏହି ଅବସରରେ ପୂର୍ବତନ ପ୍ରଧାନଶିକ୍ଷକ ଓ ସ୍କୁଲ ପାଇଁ ଜମିଦାନ କରିଥିବା ଜମିଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୩ ଦିନ ଧରି ପାଳିତ ହେବାକୁ ଥିବା ଶତବାର୍ଷିକ ମହୋତ୍ସବ ଆୟୋଜନରେ କମିଟି ସାଧାରଣ ସମ୍ପାଦକ ଅଶୋକ ତରିଆ, ସହ ସମ୍ପାଦକ ରୁପେଶ ଷାଣ୍ଡ, କୋଷାଧ୍ୟକ୍ଷ ଟୁନା ବଘାର, ଅଜିତ ତରିଆ, ଶ୍ରୀମୁଖ ଷଣ୍ଡ, ଲିଲୁମୋହନ ପ୍ରଧାନ ସହଯୋଗ କରୁଛନ୍ତି।

# ସ୍କାଉଟ୍ସ, ଗାଇଡ୍ସ କ୍ୟାମ୍ପୋରି ଉଦ୍‌ଯାପିତ

ଖପ୍ରାଖୋଲ, ୧।୨(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଲୁହାସିଂହା ସର୍ବୋଦୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲାସ୍ତରୀୟ ୩୧ତମ ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରି ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ କେଶବ ମେହେର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ ମେହେର, ସମ୍ମାନୀତ ଅତିଥି ଲୁହାସିଂହା ବିଦ୍ୟାଳୟ ଅଧ୍ୟକ୍ଷ ରାଧାକାନ୍ତ ସୁଆର, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ପୂର୍ବତନ ଶାରୀରିକ ଶିକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶାଳ, ସ୍କାଉଟ ଜିଲା ସାଙ୍ଗଠନିକ କମିଶନର ବିନୋଦ ମହାପାତ୍ର ତଥା ଗାଇଡ କମିଶନର ଜୟଶ୍ରୀ ପୋଢ଼, ଲୁହସିଂହା ସରପଞ୍ଚ ସୀମାଞ୍ଚଳ ପୁରୋହିତ, କ୍ୟାମ୍ପ ସୁପରଭାଇଜର ନୀଳମଣି ପଟେଲ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ସମସ୍ତ ସ୍କାଉଟ ଗାଇଟମାନେ ଲୁହାସିଂହା ବସ୍ତି ପରିକ୍ରମା କରିଥିଲେ। କଳିଙ୍ଗ ଅଗ୍ରଗାମୀ କଳା ପରିଷଦ ପ୍ରାଙ୍ଗଣରେ ସ୍କାଉଟ ଗାଇଟଙ୍କ ଦ୍ୱାରା ବିଭିନ୍ନ ନୃତ୍ୟଗୀତ ଆୟୋଜନ କରାଯାଇଥିଲା। ବିଭିନ୍ନ ବିଭାଗରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ସ୍କାଉଟ୍ସ ଗାଇଡ୍ସଙ୍କୁ ପୁରସ୍କୃତ କରାଯାଇଥିଲା। ଉପଦେଷ୍ଟା ନୀଳାଞ୍ଚଳ ଚିରଗୁନଙ୍କ ତତ୍ତ୍ୱାବଧାନରେ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା।

# ଜଗନ୍ନାଥ ମନ୍ଦିର ଉନ୍ନତୀକରଣ ଲାଗି ଶିଳାନ୍ୟାସ



ସିଆଳବାହାଲି ଜଗନ୍ନାଥ ମନ୍ଦିର ଉନ୍ନତୀକରଣ ଲାଗି ଶିଳାନ୍ୟାସ କରାଯାଉଛି।

ଦେଓଗାଁ, ୧।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଏକାଧିକ ମନ୍ଦିରର ଉନ୍ନତୀକରଣ ଲାଗି ଗୁରୁବାର ଶିଳାନ୍ୟାସ କରିଛନ୍ତି ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ହାଉସିଂ ବୋର୍ଡ ଅଧ୍ୟକ୍ଷ ସିଂଦେଓ, ସମ୍ମାନୀତ ଅତିଥି ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତୀ ସେଠ ଉପସ୍ଥିତ ଥିଲେ । ମହଲେଇ ପଞ୍ଚାୟତ ବଳାରପାଲିରେ ବୁଢାଦେଓ ମନ୍ଦିର, ଜରାସିଂହା କଲ୍ୟାଣ ମଣ୍ଡପ, କୁଟୁଲା ପଞ୍ଚାୟତର ସିଆଳବାହାଲି ଜଗନ୍ନାଥ ମନ୍ଦିର, ଗାଇବାହାଲ ପଞ୍ଚାୟତର ଗଡଦ୍ୱାରା ବୁଢାଦେଓ ମନ୍ଦିର, ବଗଡାର ହଳଦୀପାଲି ମହିମା ମନ୍ଦିର ପ୍ରକଳ୍ପଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପରେ ହାଉସିଂ ବୋର୍ଡ ଅଧ୍ୟକ୍ଷ ସାରସବାହାଲ ବଙ୍ଗଳାଠାରେ ଚାଲିଥିବା ନବାହ ପାରାୟଣରେ ଯୋଗଦେଇଥିଲେ। ଏହି ସବୁ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଶୁଶିଳ କୁମାର ଚାନ୍ଦ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ବିଜେଡି ଜିଲା ସମ୍ପାଦକ ଟିମା ମହାନ୍ତି, ପାକ୍ସ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଭୋଇ, ଗାଇବାହାଲ ସରପଞ୍ଚ ତ୍ରିଲୋଚନ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଶାସନ କଲାନି, ଲୋକେ ତିଆରିଲେ ରାସ୍ତା

## ବଲାଙ୍ଗୀର ମ୍ୟୁନିସିପାଲିଟିର ରାମେଶ୍ୱରନଗରପଡ଼ା

ବଲାଙ୍ଗୀର,୧।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମ୍ୟୁନିସିପାଲିଟିର ୭ନମ୍ବର ୱାର୍ଡ ରାମେଶ୍ୱରନଗର ପଡାବାସୀଙ୍କ ଦୀର୍ଘଦିନର ଦାବି ସତ୍ତ୍ୱେ ପ୍ରଶାସନ ରାସ୍ତା ତିଆରି ନ କରିବାରୁ ଗୁରୁବାର ପଡାବାସୀ ନିଜସ୍ୱ ଉଦ୍ୟମରେ ରାସ୍ତା ତିଆରି କରିଛନ୍ତି। ରାମେଶ୍ୱରନଗର ଘିକୁଣ୍ଡି ବନ୍ଧଠାରୁ ୨୬ ନମ୍ବର ଜାତୀୟ ରାଜପଥ ପ୍ରାୟ ୬ ଶହ ମିଟର ଲମ୍ବ ରାସ୍ତା ପାଇଁ ପଡାବାସୀ ବର୍ଷ ବର୍ଷ ହେଲା ମ୍ୟୁନିସିପାଲିଟିକୁ ଅନୁରୋଧ କରିଆସିଥିଲେ। ଏଇ ରାସ୍ତା ତିଆରି ନହେବାରୁ ପଡାବାସୀଙ୍କୁ ପ୍ରାୟ ୨ କିଲୋମିଟର ରାସ୍ତା ବୁଲି କରି ଯିବାକୁ ପଡୁଛି। ରାମେଶ୍ୱର ନଗରପଡାର ରାସ୍ତା ଅନେକ ସ୍ଥାନରେ ଅଣଓସାରିଆ ହୋଇଥିବାରୁ ପଡାର ବିଭିନ୍ନ ସ୍ଥାନରୁ ଲୋକେ ସହଜରେ ଯିବା ଆସିବା କରିପାରୁ ନାହାନ୍ତି। ସାମାନ୍ୟ ଭିଡ ପରିଲକ୍ଷିତ ହେଲେ ଯିବା ଆସିବା କରିବା କଷ୍ଟକର ହୋଇପଡୁଛି। ଛାତ୍ରୀଛାତ୍ର, ରୋଗୀଙ୍କୁ ନେବା ଆଣିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ରାମେଶ୍ୱର ନଗର ପଡାବାସୀ ନିଜସ୍ୱ ଉଦ୍ୟମରେ ଜେସିବିରେ ରାସ୍ତା କାମ କରୁଛନ୍ତି।

ପରିସ୍ଥିତି ହେଲେ ପଡାକୁ ଦମକଳ କି ଆମ୍ବୁଲାନ୍ସ ଆସିବା କଷ୍ଟକର ହେଉଛି। ଏଭଳି ସ୍ଥିତିରେ ମାତ୍ର ୬ ଶହ ମିଟର ଦୂର ଓ ୬୦ ଫୁଟ ଓସାର ରାସ୍ତା ତିଆରି ହେଲ ଅନେକ ଲୋକ ସୁବିଧାରେ ଯିବା ଆସିବା କରିପାରିବେ। ପଡାବାସୀ ମ୍ୟୁନିସିପାଲିଟି ଅଫିସକୁ ଯାଇ ବାରମ୍ବାର ଦାବି କରିବା ପରେ ପୌରାଧକ୍ଷା, ନିର୍ବାହୀ ଅଧିକାରୀ, ଯନ୍ତ୍ରୀ ଓ କାଉନସିଲଙ୍କ ଟିମ୍ ଏକାଧିକ ଥର ଏହି ଅଞ୍ଚଳ ପରିଦର୍ଶନ କରି ଫେରିଛନ୍ତି। ଘିକୁଣ୍ଡି ବନ୍ଧ ହିଡରେ ୪୨୦ ଫୁଟ୍‌ର ରାସ୍ତା ପାଇଁ ଗାର୍ଡୱାଲ ବି ତିଆରି କରିଛନ୍ତି। ମାତ୍ର ରାସ୍ତା ତିଆରି କରାଯାଇନାହିଁ। ବାରମ୍ବାର ଦାବି ପରେ ମଧ କେହି କିଛି ପଦକ୍ଷେପ ନ ନେବାରୁ ପଡାର ଜ୍ଞାନ ବିକାଶ କ୍ଲବ୍ ସଦସ୍ୟମାନେ ଗୁରୁବାର ବରିଷ୍ଠ ନେତା ତଥା ସମାଜସେବୀ ଡା. ବାସୁଦେବ ପତିଙ୍କ ନେତୃତ୍ୱରେ ନିଜେ ଜେସିବି ମେଶିନ୍ ଆଣି ରାସ୍ତା କାମ ଆରମ୍ଭ କରିଥିଲେ। ଏଥିପାଇଁ ଯେତିକି ଟଙ୍କା ଖର୍ଚ୍ଚ ହେବ କ୍ଲବ୍ ପକ୍ଷରୁ ଦିଆଯିବ ବୋଲି କୁହାଯାଇଛି। ୨୬ ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ୧୨/୧୫ ଘର ଅଧିବାସୀଙ୍କୁ ମଧ୍ୟ ଅନ୍ୟତ୍ର ସ୍ଥାନାନ୍ତରଣ କରାଯିବ ବୋଲି ରାଜି କରାଯାଇଛି। ସେମାନଙ୍କୁ ମ୍ୟୁନିସିପାଲିଟି ପକ୍ଷରୁ ଜାଗା ମିଶନରେ ଘରଡିହ ଓ ଘର ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ଏହା ହେଲେ ସବୁଦିନିଆ ରାସ୍ତା ସମସ୍ୟାର ସମାଧାନ ହେବ। ଏହାକୁ ନେଇ ପଡାବାସୀ ଶେଷରେ ନିଜେ ଆଗଭର ହୋଇଛନ୍ତି ଓ କାମରେ ଲାଗିଛନ୍ତି। କ୍ଲବ୍ ସମ୍ପାଦକ ଆନନ୍ଦ ସାହୁ, ବରିଷ୍ଠ ସଦସ୍ୟ ଜନ୍ମେଜୟ ହୋତା କାମ ତଦାରଖ କରିଥିଲେ।

## ସଂକ୍ଷେପରେ

### ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ବରଗଡ଼,୧।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଉତ୍ତମ ପଞ୍ଚାୟତ ଲେଲେହର ଗ୍ରାମରେ ଆସନ୍ତା ୧୬ରୁ ୨୨ ପର୍ଯ୍ୟନ୍ତ ଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଭୀଷ୍ମଦେବ ସାହୁ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ କୀର୍ତ୍ତିଚନ୍ଦ୍ର ଦାଶ, ପୂଜକ ଅଶୋକ ଦାଶ ମନ୍ତ୍ରପାଠ କରିଥିଲେ। ମନ୍ଦିର ପ୍ରତିଷ୍ଠା କମିଟି ସଭାପତି ହୀରାଧର ସାହୁ, ସମ୍ପାଦକ ଗୋକୁଳ ଭୁଏ, ସହସମ୍ପାଦକ ପୁରନ୍ଦର ସାହୁ, କୋଷାଧ୍ୟକ୍ଷ ତ୍ରିଲୋଚନ ଭୁଏ, ସହକୋଷାଧ୍ୟକ୍ଷ ଟିକେଶନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବଧିରେ ଲେଲେହର-ଚଣ୍ଡିପାଲି ଧନୁଯାତ୍ରା ମହୋତ୍ସବ ହେବ। ଫଳରେ ଧନୁଯାତ୍ରା ପାଇଁ ମଧ୍ୟ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଧନୁଯାତ୍ରା କମିଟି ଉପସଭାପତି ପ୍ରସନ୍ନ ଭୋଏ, ସମ୍ପାଦକ ଟକାରାମ ସା, ସହସମ୍ପାଦକ ଚନ୍ଦ୍ରଭାନୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

### ୫୨କେଜି ଗଞ୍ଜେଇ, ୧୪୦ ଲିଟର ଦେଶୀମଦ ଜବତ

**ଗୁଡଭେଲା,୧।୨(ମନୋଜ କୁମାର ଜୈନ):** ବଲାଙ୍ଗୀର ଜିଲା ତୁଷୁରା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢାଉ କରି ୫୨ କେଜି ଗଞ୍ଜେଇ ଓ ୧୪୦ଲିଟର ଦେଶୀ ମଦ ସହ ଗୋଟିଏ କାର ଓ ନମ୍ବର ବିହୀନ ବାଇକ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ତୁଷୁରା ଅବକାରୀ ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ସୂଚନା ପ୍ରଦାନ କରିଛନ୍ତି। ତୁଷୁରା ଥାନା ଅନ୍ତର୍ଗତ ମହିପୁର ଛକରେ ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବା ବେଳେ ଏକ ମାରୁତି ସୁଜକି କାର (ନମ୍ବର ଓଡି ୨୭ ସି ୫୮୩୯)କୁ ସନ୍ଦେହରେ ଅଟକାଇଥିଲେ। ଯାଞ୍ଚ ପରେ ଗାଡିରୁ ୫୨କେଜି ଗଞ୍ଜେଇ ବାହାରିଥିଲା। ବୌଦ୍ଧ ଜିଲା ଅନ୍ତର୍ଗତ ଘଣ୍ଟାପଡା ଥାନା ଅଡେର ଗ୍ରାମର ଯଶୋବନ୍ତ ସାହୁଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ବରହାକୁନା ଛକଠାରେ ଏକ ବାଇକରେ ତରଭା ଥାନା ଅନ୍ତର୍ଗତ ବାଲିପଟା ଗ୍ରାମର ରାକେଶ ରଣା ଓ ରମେଶ ରଣା ଆସୁଥିବା ବେଳେ ସନ୍ଦେହରେ ଅବକାରୀ ବିଭାଗ ଅଧିକାରୀ ଅଟକାଇ ଥିଲେ। ଯାଞ୍ଚ ପରେ ୭୦ଲିଟର ଦେଶୀ ମଦ ବାହାରିଥିଲା। ଦେଓଗାଁ ଥାନା ଅନ୍ତର୍ଗତ ସାଲେପାଲି ଗ୍ରାମର ଦେବରାଜ ବାଗଙ୍କ ଘର ପଛପଟରୁ ୨୮ ଲିଟର ଓ ଜଳନ୍ଧର ବେହେରାଙ୍କଠାରୁ ୪୨ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ପାଟ୍ରୋଲିଂରେ ବିଭାଗର ଡୁଲେଶ୍ୱର କୁମ୍ଭାର, ମଧୁସୂଦନ ସେଠ, ବିଭୂତି ଭୋଇ, ଭୋଜରାଜ ବଢାଇ ସାମିଲ ଥିଲେ ।

# ରାସ୍ତା ଉପରୁ ହଟିବ ଜବରଦଖଲ

**ଲେଙ୍ଗୁ ମିଶ୍ର ଛକ-ନୂଆ ଜିରା ବ୍ରିଜ୍ ରାସ୍ତା ପ୍ରସଙ୍ଗ**

- ଉଚ୍ଛେଦ ସପକ୍ଷରେ ଆସିଲା ରାୟ
- ନୋଟିସ ଦେଇ ଉଚ୍ଛେଦ ନିର୍ଦ୍ଦେଶ
- ମିଠା ଖୁଆଇ ଖୁସି ମନାଇଲେ ଲୋକେ


ଉଚ୍ଛେଦ ସପକ୍ଷରେ ରାୟ ଆସିବା ପରେ ସମଲେଶ୍ୱରୀ ସଂଘ ସଭାପତି ଜିଲା ଓକିଲ ସଂଘ ସଭାପତିଙ୍କୁ ମିଠା ଖୁଆଉଛନ୍ତି ।

**ବରଗଡ଼,୧।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରରେ ଲେଙ୍ଗୁ ମିଶ୍ର ଛକରୁ ନୂଆ ଜିରା ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦକୁ ନେଇ ଦୀର୍ଘ ୬ମାସ ହେଲା ସହର ଛକାପଞ୍ଝା ଲାଗିରହିଥିଲା। ଉଚ୍ଛେଦକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଉକ୍ତ ମାମଲା ଉଚ୍ଚ ନ୍ୟାୟାଳୟକୁ ଯାଇଥିବାରୁ ନ୍ୟାୟାଳୟର ରାୟ ଉପରେ ସମସ୍ତଙ୍କ ନଜର ରହିଥିଲା। ତେବେ ଗୁରୁବାର ମାମଲାର ଚୂଡ଼ାନ୍ତ ଶୁଣାଣି କରି ଉଚ୍ଛେଦ ସପକ୍ଷରେ ଉଚ୍ଚ ନ୍ୟାୟାଳୟ ରାୟ ଦେଇଥିବା ଯୋଗୁ ଉଚ୍ଛେଦ ଦାବି କରି ଆସୁଥିବା ସହରବାସୀ ଅଦିନିଆଁ ଦୀପାବଳି ପାଳନ କରିଥିଲେ। ସେମାନେ ବାଣ ଫୁଟାଇବା ସହିତ ପରସ୍ପର ମିଠା ଖୁଆଇ ଖୁସି ମନାଇଥିଲେ। ଅନ୍ୟପଟେ ଉଚ୍ଚ ନ୍ୟାୟାଳୟର ଏଭଳି ରାୟ ପରେ ଜବରଦଖଲ ଉଚ୍ଛେଦ ନେଇ ପ୍ରଶାସନ କିଭଳି ତତ୍ପରତା ପ୍ରକାଶ କରୁଛି ଏବଂ ଜବରଦଖଲକାରୀଙ୍କ ଆଭିମୁଖ୍ୟ କିଭଳି ରହୁଛି ତାକୁ ଲୋକେ ଚାହିଁ ବସିଛନ୍ତି। ରାୟ ଆସିବା ପରେ ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନେଇ ସହରବାସୀ ପୁଣି ଏକାଠି ହୋଇ ପ୍ରଶାସନକୁ ଭେଟିପାରନ୍ତି ବୋଲି ଚର୍ଚ୍ଚା ଚାଲିଥିବାବେଳେ ଉଚ୍ଛେଦରେ ପ୍ରଭାବିତ ହେଉଥିବା ଲୋକେ ଉଚ୍ଚତମ ନ୍ୟାୟାଳୟକୁ ଯାଇ ପୁଣି ରହିତାଦେଶ ଆଣି ପାରନ୍ତି ବୋଲି ମଧ୍ୟ ସାଧାରଣରେ ଆଲୋଚନା ହେଉଛି ।

ଲେଙ୍ଗୁ ମିଶ୍ର ଛକରୁ ନୂଆ ଜିରା ବ୍ରିଜ୍ ପର୍ଯ୍ୟନ୍ତ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ଦୀର୍ଘଦିନର ଦାବି ହୋଇଥିବାବେଳେ ଗତ ୬ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଏହା ବରଗଡ଼ ସହରର ମୁଖ୍ୟ ପ୍ରସଙ୍ଗ ପାଲଟିଛି। ନୂଆ ଜିରା ବ୍ରିଜ୍ ନିର୍ମାଣ ଶେଷ ହେବା ପରେ ଉଚ୍ଛେଦ ଦାବି ଜୋର୍ ଧରିଥିଲା। ସ୍ଥାନୀୟ ସମଲେଶ୍ୱରୀ ସଂଘ ଅଞ୍ଚଳବାସୀଙ୍କୁ ନେଇ ଉଚ୍ଛେଦ ଦାବି କରିବା ପରେ ଜିଲା ଓକିଲ ସଂଘକୁ ଏହାର ନେତୃତ୍ୱ ନେବାକୁ ଅନୁରୋଧ କରିଥିଲା। ଜିଲା ଓକିଲ ସଂଘ ଉଚ୍ଛେଦ ଦାବିର ନେତୃତ୍ୱ ନେଇଥିବାବେଳେ ବିଭିନ୍ନ ସଙ୍ଗଠନ ତଥା ସହରର ଜନତାଙ୍କ ସମର୍ଥନ ମିଳିଥିଲା। ତେବେ ଗତ ଜୁଲାଇ ଶେଷ ସପ୍ତାହରେ ପ୍ରଶାସନ ପକ୍ଷରୁ ସୀମା ଚିହ୍ନଟ କରିବା ସହିତ ଜବରଦଖଲ ସ୍ଥାନ ଖାଲି କରିବାକୁ ଡାକବାଜି ଯନ୍ତ୍ର ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲା। ସେତେବେଳେ ସୀମା ଚିହ୍ନଟ ଅନୁଯାୟୀ ବହୁ ବଡ଼ ବଡ଼ କୋଠାବାଡ଼ି, ଦୋକାନ ଗୃହ ଜବରଦଖଲରେ ରହିଥିବା ଯୋଗୁ ଉଚ୍ଛେଦକୁ ଏଡ଼ାଇବା ପାଇଁ ସମ୍ପୃକ୍ତ ଘର, ଦୋକାନ ମାଲିକମାନେ ଏକଜୁଟ୍ ହୋଇ ଉଚ୍ଛେଦ ପ୍ରକ୍ରିୟାର ପ୍ରତିବାଦ କରିଥିଲେ। ମାତ୍ର ସହରବାସୀ ଆହୁରି ସଙ୍ଗଠିତ ହେବା ପରେ ପୋଲିସ, ପ୍ରଶାସନ ବୁଲଡ଼ୋଜର ଲଗାଇ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ଉଚ୍ଛେଦ ପ୍ରକ୍ରିୟା ଚାଲିଥିବାବେଳେ ସେଥିରେ ପ୍ରଭାବିତ ଲୋକେ ଉଚ୍ଚ ନ୍ୟାୟାଳୟରୁ ରହିତାଦେଶ ଆଣିଥିଲେ ଏବଂ ମାମଲାଟି ଏତେଦିନ ଧରି ଗଡ଼ି ଚାଲିଥିଲା ।

ଅପରପକ୍ଷେ ଉଚ୍ଚ ନ୍ୟାୟାଳୟ ଉଚ୍ଛେଦ ସପକ୍ଷରେ ରାୟ ଦେବା ପରେ ସ୍ଥାନୀୟ ସମଲେଶ୍ୱରୀ ସଂଘର କର୍ମକର୍ତ୍ତା, ସଦସ୍ୟ ତଥା ସ୍ଥାନୀୟ ଲୋକେ ଏକ ବାଇକ ଶୋଭାଯାତ୍ରାରେ ଜିଲା ଓକିଲ ସଂଘରେ ପହଞ୍ଚିଥିଲେ। ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତା, ସଭ୍ୟଙ୍କୁ କୃତଜ୍ଞତା ଜଣାଇବା ସହିତ ମିଠା ଖୁଆଇଥିଲେ। ସେହିପରି ରାସ୍ତାରେ ବାଣ ଫୁଟାଇ ଖୁସି ମନାଇଥିଲେ। ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ଯୋଗୁ ବରଗଡ଼ବାସୀଙ୍କ ଜୟ ହୋଇଛି ଏବଂ ଏହା ଧର୍ମର ଜୟ ବୋଲି ଜିଲା ଓକିଲ ସଂଘ ସଭାପତି ସରାଫ କହିଛନ୍ତି । ସେହିପରି ଉଚ୍ଚ ନ୍ୟାୟାଳୟର ରାୟକୁ ପ୍ରଶାସନ ତୁରନ୍ତ କାର୍ଯ୍ୟକାରୀ କରୁ ବୋଲି ସରାଫ ଦାବି କରିଛନ୍ତି। ସେହିପରି ଏହି ବିଜୟ ସମଗ୍ର ବରଗଡ଼ବାସୀଙ୍କ ବୋଲି ସମଲେଶ୍ୱରୀ ସଂଘ ସଭାପତି ସମୀର ପ୍ରଧାନ କହିଛନ୍ତି। କେବଳ ସମଲେଶ୍ୱରୀ ସଂଘ ନୁହେଁ, ବରଗଡ଼ ଜିଲା ଓକିଲ ସଂଘ ସମେତ ଉଚ୍ଛେଦ ଦାବି କରିଆସିଥିବା ସବୁ ସଙ୍ଗଠନ ଏବଂ ବରଗଡ଼ର ନାଗରିକଙ୍କୁ ଏହାର ଶ୍ରେୟ ଯିବ ବୋଲି ପ୍ରଧାନ ପ୍ରକାଶ କରିଛନ୍ତି ।

## ୩ କୋଟି ଟଙ୍କାରେ ହେବ ଛାତ୍ରୀନିବାସ


ଛାତ୍ରୀନିବାସ ଶିଳାନ୍ୟାସ ସମାରୋହରେ ଅତିଥିବୃନ୍ଦ ।

**ବରଗଡ଼,୧।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ଟ୍ରଷ୍ଟଫଣ୍ଡ ଡିଗ୍ରୀ କଲେଜରେ ୩କୋଟି ଟଙ୍କା ବ୍ୟୟ ଅଟକଳରେ ଅତ୍ୟାଧୁନିକ ଛାତ୍ରୀନିବାସ ନିର୍ମାଣ ପାଇଁ ଗୁରୁବାର ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦେବେଶ ଆଚାର୍ଯ୍ୟା ମୁଖ୍ୟଅତିଥିଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଲେଜ ପରିଚାଳନା କମିଟିର ଅଧ୍ୟକ୍ଷା ଡା. ସୁସ୍ମିତା ଦାଶ, ଟ୍ରଷ୍ଟଫଣ୍ଡ ଡିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ ଦେବତା, ଯୁକ୍ତ ୨ ବିଭାଗର ଅଧ୍ୟକ୍ଷ ପ୍ରଫୁଲ ଚନ୍ଦ୍ର ତ୍ରିପାଠୀ, ଅଧ୍ୟାପିକା ନମିତା ବିଶି, ଅଧ୍ୟାପକ ଅଶୋକ ବେହେରା, ବିଭାଗୀୟ ଯନ୍ତ୍ରୀ ପବିତ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୨ମହଲା ବିଶିଷ୍ଟ ଛାତ୍ରୀନିବାସରେ ଅଫିସ ରୁମ୍, ୱାର୍ଡେନ ରୁମ୍, ପୁସ୍ତକାଳୟ, ଶୌଚାଳୟ, ରୋଷେଇ ଘର ସମେତ ଛାତ୍ରୀଙ୍କ ରହିବା ପାଇଁ ଅତ୍ୟାଧୁନିକ ଆନୁସଙ୍ଗିକ ବ୍ୟବସ୍ଥା ହେବ ବୋଲି ସୂଚନା ଦିଆଯାଇଛି ।

## ଘଣ୍ଟାପଡ଼ା ହାଇସ୍କୁଲକୁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଘଣ୍ଟାପଡ଼ା,୧।୨(ପ୍ରଭାତ ସାହୁ)**

ଶିକ୍ଷା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ସମଲେଶରୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ମିଳିଛି ୩ଟି ରାଜ୍ୟସ୍ତରୀୟ ଓ ୨ଟି ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର । ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମରେ ଗତ ୩୧ ତାରିଖ ଦିନ ଅନୁଷ୍ଠିତ ରାଜ୍ୟସ୍ତରୀୟ ବର୍ଣ୍ଣାଢ଼୍ୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମସ୍ତ ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୀତବାସ ପଣ୍ଡାଙ୍କୁ ରାଜ୍ୟସ୍ତରୀୟ ଉତ୍ତମ ପ୍ରଧାନଶିକ୍ଷକ ପୁରସ୍କାର, ହାଇସ୍କୁଲକୁ ରାଜ୍ୟସ୍ତରୀୟ ଉତ୍ତମ ମାଧ୍ୟମିକ ସ୍କୁଲ ପୁରସ୍କାର, ବିଦ୍ୟାଳୟ ପରିଚାଳନା କମିଟିକୁ ରାଜ୍ୟସ୍ତରୀୟ ଉତ୍ତମ ବିଦ୍ୟାଳୟ ପରିଚାଳନା କମିଟି ପୁରସ୍କାର, ବିଜ୍ଞାନ ଶିକ୍ଷକ ଆକାଶ ମେହେରଙ୍କୁ ଜିଲାସ୍ତରୀୟ ଶିକ୍ଷକ ପୁରସ୍କାର ଓ ଦଶମ ଶ୍ରେଣୀରେ ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ସାଗର ମଲିକଙ୍କୁ ଉତ୍ତମ ଛାତ୍ର ପୁରସ୍କାର ମିଳିଛି । ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସ୍ଥାନୀୟ ବିଧାୟକ ମହୀଧର ରଣା, ଜିଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁର , କଣ୍ଟାମାଳ ବିଡିଓ ସାମି ଜୟଶ୍ରୀ ରେଡି, ମୋ ସ୍କୁଲ ଅଭିଯାନ ଅଧ୍ୟକ୍ଷ ସୁଶାନ୍ତ ମାଝୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଣ୍ଡାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।


ଅତିଥିଙ୍କ ଗହଣରେ କବିତା ପାଠ କରିଥିବା ଏସଏଚଜି ମହିଳାମାନେ ।

## କବିତା ପାଠକଲେ ଏସ୍ଏଚ୍ଜି ମହିଳା

**ବରଗଡ଼,୧।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ମିଶନ ଶକ୍ତି ଆନୁକୂଲ୍ୟରେ ସ୍ଥାନୀୟ ମିଶନ ଶକ୍ତି ଭବନ ପରିସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠି(ଏସଏଚଜି) ସଦସ୍ୟାଙ୍କ ଅନ୍ତର୍ନିହିତ ଗୁଣାବଳୀକୁ ବିକଶିତ କରିବା ପାଇଁ ଗୁରୁବାର ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶନିବାରରୁ ସୋମବାର ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ହେବାକୁ ଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବ୍ୟବହିତ ପୂର୍ବରୁ ଅନୁଷ୍ଠିତ ଉକ୍ତ ଓଡ଼ିଆ କବି ସମ୍ମିଳନୀରେ ୩୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟାମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସାବିତ୍ରୀ କୁମରା ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ଅନିଲ ଡାହାଙ୍ଗା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡିପିଏମ ଶଙ୍କର ଚଲାନ, ମିଶନ ଶକ୍ତି ପି.ଓ ରୀନା ମହାନ୍ତି, ଶିକ୍ଷକ ଗୋପବନ୍ଧୁ ପୁରୋହିତ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ରହି କବୟିତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ସମ୍ମିଳନୀରେ ଉନ୍ନତି ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟା କବିତା ରଥଙ୍କ କବିତା ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେହିପରି ମା' ଦଶଭୁଜା ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା ଲକ୍ଷ୍ମୀ ମହାପାତ୍ରଙ୍କ କବିତା ଦ୍ୱିତୀୟ ଏବଂ ଶ୍ୟାମାକାଳୀ ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟା ସତ୍ୟଭାମା ଜେନାଙ୍କ କବିତା ତୃତୀୟ ସ୍ଥାନ ଅଧିକାର କରିଥିଲା। କାର୍ଯ୍ୟକ୍ରମରେ ଯୋଗଦେଇଥିବା ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟାଙ୍କୁ ଉପଢ୍ୌକନ ଏବଂ ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା ।

## ରେଙ୍ଗାଲି ୟୁପି ସ୍କୁଲର ବାର୍ଷିକ ଉତ୍ସବ

**ବେଲପଡା,୧।୨(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ରେଙ୍ଗାଲି ୟୁପି ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅନୁଜ ସିଂ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଅବିନବ ମିଶ୍ର, ସମ୍ମାନୀତ ଅତିଥିଭାବେ ଏବିଇଓ ଚତୁର୍ଭୁଜ ମିର୍ଦ୍ଧା, ମୁଖ୍ୟବକ୍ତା ଭାବେ ଘନଶ୍ୟାମ ପଧାନ ଓ ସ୍ୱତନ୍ତ୍ର ଅତିଥି ଭାବେ ବିନୋଦ ଜାଭିଓର, ତାରାପଦ ପଧାନ, ସ୍କୁଲ ପରିଚାଳନା କମିଟି ସଭାପତି ପୂର୍ଣ୍ଣମୀ ଭୁଏ ଯୋଗଦେଇଥିଲେ। ଅତିଥିଗଣ ସମୟାନୁବର୍ତ୍ତିକା, ନିୟମାନୁବର୍ତ୍ତିକା ଓ ସହିଷ୍ଣୁତା ଛାତ୍ରୀଛାତ୍ରଙ୍କ ଗୁଣ ହେବା ଜରୁରୀ ବୋଲି ମତ ରଖିଥିଲେ। ବାର୍ଷିକ ଉତ୍ସବ ପାଇଁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କ୍ରୀଡା, ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ, କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଡୁମ୍ବେରବାହାଲ ସରକାରୀ ୟୁ.ପି. ସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର


ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର।

**ପାଇକମାଲ,୧।୨(ବଡ ଶତପଥୀ)**

ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରଗଡ ଜିଲା ପାଇକମାଲ ବ୍ଲକ ଅନ୍ତର୍ଗତ ଡୁମ୍ବେରବାହାଲ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଏକକାଳୀନ ୩ଟି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଗତ ଜାନୁଆରୀ ୩୧ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବରେ ପ୍ରଧାନ ଶିକ୍ଷକ ହୃଷୀକେଶ ବାଗ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ବିଭାଗୀୟ ଶାସନ ସଚିବ ଅଶ୍ୱିନୀ ଏସ୍. ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡୁମ୍ବେରବାହାଲ ଗ୍ରାମରେ ଗୁରୁବାର ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମସ୍ତ ଗ୍ରାମବାସୀ ପ୍ରଧାନ ଶିକ୍ଷକ ବାଗ ଓ ସ୍କୁଲ ପରିଚାଳନା କମିଟି ସଭାପତି ବନବସ ସାହୁଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ସ୍ୱାଗତ କରିଥିଲେ। ସ୍କୁଲରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।


ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ଭେଡେନ,୧।୨(ସୂଦନ ମହାକୁର)**

ଭେଡେନର ପ୍ରସିଦ୍ଧ ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଆରମ୍ଭ ହୋଇଛି। ବରଗଡ ଜିରା ନଦୀ କୂଳ ରାଧାମାଧ ମଠର ମଠାଧୀଶ ବାବା ଭଗବାନ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ନାମଯଜ୍ଞରେ ପ୍ରଥମେ ବାବା ସିଦ୍ଧେଶ୍ୱରଙ୍କ ନିକଟରେ ମହାଜଳାଶାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋପୀକୃଷ୍ଣ ରଥ ଓ ଶାନ୍ତି ରଥ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ଜଳପୂର୍ଣ୍ଣ କଳସ ପୂଜା ମଣ୍ଡପରେ ସ୍ଥାପନ କରିବା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଶ୍ୱମ୍ଭର ପାଣିଗ୍ରାହୀ, ଉଦ୍ଧବ ପୂଜାରୀ, ବଷ୍ଟି ପାଣିଗ୍ରାହୀ ପୂଜକ ଏବଂ ଜଗତ ଭୂଷଣ ଶତପଥୀ, କମଳିନୀ ଶତପଥୀ, ଦିଲୀପ ରଥ, ମମତା ରଥ, ସୌମ୍ୟରଞ୍ଜନ ବେହେରା, ସ୍ନିଗ୍ଧାରାଣୀ ବେହେରା, ଅଶୋକ ସିଂ, ଜ୍ୟୋତ୍ସ୍ନାମୟୀ ସିଂ ପୂଜାକର୍ତ୍ତା ଦାୟିତ୍ୱରେ ଥିଲେ। କଳସ ଶୋଭାଯାତ୍ରାରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଲାମଣି ଖେତି, ଜିଲା ପରିଷଦ ସଭ୍ୟା ପିଙ୍କି ବଢେଇ, ସରପଞ୍ଚ ଅକ୍ଷୟ ନାଏକ, ଭରତ ବଢେଇ, କୃଷ୍ଣଚନ୍ଦ୍ର ବେହେରା, ପ୍ରଦୀପ ସୁନା, ପ୍ରେମରାଜ ମେହେର, ଲକ୍ଷ୍ମଣ ସାଥୁଆ, ମାନ ମାଡ଼ପାଚି, ବିଜୟ ଲହରିଆ, ଗଜରାଜ ମେହେର, ମୁନସି ମେହେର, କୈଳାସ ମେହେର, ନିତ୍ୟାନନ୍ଦ ମେହେର, ଦୀପକ ମେହେର ପ୍ରମୁଖ ସହଯୋଗ କରିଥିଲେ।

## ଜଗନ୍ନାଥ ମନ୍ଦିରକୁ ସାମାଜିକ କର୍ମୀଙ୍କ ସହଯୋଗ

**ସରଣ୍ଡା,୧।୨(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ପାହାଡଶ୍ରୀଗିଡାଠାରେ ନବନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଗୁରୁବାର ଉଦ୍ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟହ ପୂଜାପାଠ ହୋମ ଯଜ୍ଞ ସହିତ ସନ୍ଧ୍ୟାରେ ଭଜନ କୀର୍ତ୍ତନ ପରିବେଷଣ ହୋଇଥିଲା। ରାତ୍ରିରେ ଜଗନ୍ନାଥ ମହୋତ୍ସବରେ ଅତିଥି ଓ ବଦାନ୍ୟ ବ୍ୟକ୍ତି ବିଶେଷ ଅଂଶଗ୍ରହଣ କରିଥିଲେ। ଏହି କ୍ରମରେ ସୋମବାର ରାତିରେ କମିଟି ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜିତେନ୍ଦ୍ରୀୟ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତାବିରା ତହସିଲଦାର ରାଜକିଶୋର ସାହୁ, ସାମାଜିକ କର୍ମୀ ତଥା ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ଅଧ୍ୟକ୍ଷ ଫକୀର କର୍ଣ୍ଣ ଓ ନିର୍ଦ୍ଦେଶିକା ସନ୍ତୋଷିନୀ କର୍ଣ୍ଣ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ କର୍ଣ୍ଣ ପାହାଡ଼ଶ୍ରୀଗିଡା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସକାଶେ ୧ ଲକ୍ଷ ଟଙ୍କା ସହଯୋଗ ପ୍ରଦାନ କରିଥିଲେ। ଶେଷରେ କମିଟିର ଉପସଭାପତି ଅରବିନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମାକାନ୍ତ ପ୍ରଧାନ, ରାମକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ସାମାଜିକ କର୍ମୀ ଏବଂ ଅନ୍ୟମାନେ।

# ପ୍ରକଳ୍ପ ଅନୁମୋଦନରୁ ଅସନ୍ତୋଷ

**ବରଗଡ଼,୧।୨(ପ୍ରେମାନନ୍ଦ ଖମାରୀ)**

ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ବିଭିନ୍ନ ପ୍ରକଳ୍ପ ଅନୁମୋଦନକୁ ନେଇ ପଦ୍ମପୁର ଉପଖଣ୍ଡ ଆଦିବାସୀ ସଂଘ ଅସନ୍ତୋଷ ପ୍ରକାଶ କରିଛି। ସେମାନଙ୍କ ଅଜାଣତରେ ମନମୁଖୀଭାବେ ପ୍ରକଳ୍ପ ଗୁଡ଼ିକୁ ଅନୁମୋଦନ କରାଯାଇଥିବା ସଂଘ ଅଭିଯୋଗ କରିଛି। ଅନ୍ୟପଟେ ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ପଦ୍ମପୁର ଉପଖଣ୍ଡର ପଦ୍ମପୁର, ଝାରବନ୍ଧ ଏବଂ ପାଇକମାଳ ବ୍ଲକକୁ ଅନ୍ତର୍ଭୁକ୍ତ କରିଥିବା ଯୋଗୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ତେବେ ପ୍ରକଳ୍ପ ଅନୁମୋଦନବେଳେ ଅଣଦେଖା କରାଯାଇଥିବା ସଂଘ ଅଭିଯୋଗ କରିଛି। ଫଳରେ ଅନୁମୋଦିତ ପ୍ରକଳ୍ପ ଗୁଡ଼ିକୁ ଖାରଜ କରି ଆଦିବାସୀଙ୍କ ମତାମତ ନେଇ ପୁଣିଥରେ ନୂତନ ପ୍ରକଳ୍ପ ଗୁଡ଼ିକୁ ଅନୁମୋଦନ କରିବାକୁ ସଂଘ ଦାବି କରିଛି। ଏହି ଦାବ ନେଇ ଗୁରୁବାର ସଂଘ ପକ୍ଷରୁ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନବେଳେ ସଂଘ ସଭାପତି ରାଜେନ୍ଦ୍ର କୁମାର ରାଉତ, ଦେବରାଜ ବରିହା, ରାଧେଶ୍ୟାମ ସାହୁ, ନନ୍ଦଲାଲ ବରିହା, ଯୁଗଳ କିଶୋର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଆଦିବାସୀ ସଂଘର ସଦସ୍ୟବୃନ୍ଦ।

## ପାର୍କରେ ବଢୁଛି ଅସାମାଜିକ କାର୍ଯ୍ୟ

ରାଉରକେଲା,୧।୨(ଦିନେଶ ମିଶ୍ର)

ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଖାଲି ପଡିଥିବା ଜାଗାଗୁଡିକୁ ଆରଏମ୍‌ସି ପକ୍ଷରୁ ସ୍ଥାନୀୟ ଲୋକଙ୍କ ମନୋରଞ୍ଜନ ପାଇଁ ପାର୍କ ତିଆରି କରାଯାଇଛି। କିନ୍ତୁ ରାତି ପାହିଲେ ଏହି ପାର୍କ ଗୁଡିକରେ ଅସାମାଜିକ ଯୁବକ ଆଡ୍ଡା ଜମାଉଛନ୍ତି। ସେହିପରି ସେଡ୍‌ଗୁଡିକରେ ପ୍ରେମୀଯୁଗଳ ଅସଂଯତ ଅବସ୍ଥାରେ ରହୁଥିବାରୁ ଉକ୍ତ ପାର୍କକୁ ପରିବାର ସହ ଯିବା ସମ୍ଭବ ହେଉନାହିଁ।

ସୂଚନା ଅନୁସାରେ, ଉଦିତନଗରସ୍ଥିତ ନେତାଜୀ ସୁବାଷ ବୋଷ ପାର୍କ, ଜୁବୁଲି ପାର୍କ, ସିଭିଲଟାଉନଶିପ୍‌ସ୍ଥିତ ସଞ୍ଜିବନୀ ପାର୍କ, ନେହୁରୀ ପାର୍କ, ବିଭିନ୍ନ କଲୋନୀରେ ପାର୍କ ତିଆରି କରାଯାଇଛି। ଆରଏମ୍‌ସି ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ପାର୍କରେ ଜିମ୍ ଉପକରଣ, ଫୁଲ ବଗିଚା, ଦୋଳି ସମେତ ମନୋରଞ୍ଜନ ସରାଞ୍ଜମ ଲଗାଯାଇଛି। ତେବେ ମନୋରଞ୍ଜନ ଦେଉଥିବା ସବୁବେଳେ ପ୍ରେମୀଯୁଗଳ ଅସଂଯତ ଅବସ୍ଥାରେ ବସିରହୁଛନ୍ତି। ଉଦିତନଗର ଥାନାଠାରୁ ମାତ୍ର ୫୦ ମିଟର ଦୂର ନେତାଜୀ ସୁବାଷ ଚନ୍ଦ୍ର ବୋଷ ପାର୍କରେ ପ୍ରତିଦିନ କିଛି କଲେଜ ଛାତ୍ରୀଛାତ୍ର ଏଭଳି ଆଡ୍ଡା ଜମାଉଥିବା ଦେଖିବାକୁ ମିଳିଛି। ଏହି ଛାତ୍ରୀଛାତ୍ର ଗଛ ତଳ, ସେଡ୍ ହାଉସ୍‌ରେ ଦୀର୍ଘ ସମୟ ଧରି ବସିରହୁଛନ୍ତି। ଏହି ପାର୍କ ଭିତରକୁ ଯିବା ଆସିବାର କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ। ପାର୍କ ପଛପଟେ ପାଚେରି ଭାଙ୍ଗି ଯାଇଥିବାରୁ ଶୀତଳପଡା ବସ୍ତିର କିଛି ଅସାମାଜିକ ଯୁବକ ମଧ୍ୟ ଏଠାରେ ଆଡ୍ଡା ଜମାଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେହିପରି ସିଭିଲଟାଉନସିପ ସ୍ଥିତ ସଞ୍ଜିବନୀ ପାର୍କକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣରେ ପରିବାର ଲୋକଙ୍କ ସହ ଯାଉଥିବା ବେଳେ ସେଠାରେ ମଧ୍ୟ ଅନୁରୂପ ପରିସ୍ଥିତି ରହିଛି । ଏହି ପାର୍କରେ ଯୁବପିଢିଙ୍କ ଅପ୍ରୀତିକର କାର୍ଯ୍ୟ ଯୋଗୁ ଲୋକେ ଅତିଷ୍ଠ ହୋଇ ପଡିଲେଣି ।

ସେକ୍ଟର-୧୯ ସ୍ଥିତ ନେହେରୁ ପାର୍କର ନିଛାଟିଆ ସ୍ଥାନ, ଗଛମୂଳ, ଘାସବୁଦା ବାରିକେଟ୍‌ରେ ପ୍ରେମୀଯୁଗଳ ଅସଂଯତ ଅବସ୍ଥାରେ ବସୁଥିବା ବେଳେ ସନ୍ଧ୍ୟା ହେଲେ ଅନୈତିକ କାର୍ଯ୍ୟକଳାପ ଚାଲିଛି। କରୋନା ସମୟରେ ଉକ୍ତ ପାର୍କଗୁଡିକରେ ପୋଲିସ ଚଢ଼ାଉ କରାଯାଉଥିଲା। ବର୍ତ୍ତମାନ ସେଭଳି ହେଉ ନ ଥିବାରୁ ପାର୍କରେ ଅସାମାଜିକ କାର୍ଯ୍ୟକଳାପ ବଢିବାରେ ଲାଗିଛି ବୋଲି ସ୍ଥାନୀୟ ବାସିନ୍ଦା ଅନୀଲ ଅଗ୍ରୱାଲ କହିଛନ୍ତି। ଏ ନେଇ ରାଉରକେଲା ଡିଏସ୍‌ପି ଅନୀଲ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ, ସହରର ବିଭିନ୍ନ ପାର୍କରେ ପ୍ରେମୀଯୁଗଳ ଓ ଅସାମାଜିକ ଯୁବକଙ୍କୁ କାବୁ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଆଗାମୀ ଦିନରେ ବିଭିନ୍ନ କଲୋନୀ ଭିତରେ ଥିବା ଖୋଲା ସ୍ଥାନ ଓ ପାର୍କ ଗୁଡିକୁ ପାଟ୍ରୋଲିଂ ଗାଡି ପଠାଇ ଏହାକୁ ଆୟତ୍ତ କରାଯିବ ବୋଲି ପ୍ରଧାନ କହିଥିଲେ।

## ଆଜି କ'ଣ କେଉଁଠି

ରାଉରକେଲା

- ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପନୀ ଉତ୍ସବ, ସେକ୍ଟର-୨୦, ୟୁଜିଆଇ କଲେଜ, ମଧ୍ୟାହ୍ନ ସାଢେ ୧୨ଟା ।
- ରାଜ୍ୟସ୍ତରୀୟ ବାଳକ ହକି କ୍ରୀଡ଼ା ପ୍ରତିଯୋଗିତା, ପାନପୋଷ ସ୍ପୋର୍ଟସ ହଷ୍ଟେଲ, ସମୟ ସକାଳ ୮ଟା।
- ପ୍ରକାଶ ସ୍ମାରକୀ କ୍ରିକେଟ ମ୍ୟାଚ, ଡିଏଭି ପଡିଆ, ପୂର୍ବାହ୍ନ୧୧ଟା।
- ରାଉରକେଲା ମ୍ୟୁନିସିପାଲ କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର, ଉଦିତନଗର, ସକାଳ ୧୦ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ପାଇଁ ସାମୂହିକ ଦୀପ ପ୍ରଜ୍ୱଳନ, ବାସନ୍ତୀ ଡିଏଭି ଛକ, ଅପରାହ୍ନ ୪ଟା।
- ଭାରତୀୟ ଆଇନଜୀବୀ ସଂଘ ଅଲ ଓଡିଶା ଡିମାଣ୍ଡ ଡେ ପାଳନ, ଉଦିତନଗର, ସକାଳ ୧୦ଟା।
- ମାନବାଧିକାର ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ଏସ୍‌ଟିଆଇ ଛକ, ମଧ୍ୟାହ୍ନ ୧୨ଟା।

## ୪୦ ଜଙ୍ଗଲି ଶୁଆଶାବକ ଜବତ, ଅଭିଯୁକ୍ତ ଗିରଫ

ରାଉରକେଲା,୧।୨(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ବନାଞ୍ଚଳରୁ ଅବାଧରେ ଜଙ୍ଗଲି ଶୁଆ ଶାବକ ଚୋରା କାରବାର ବଢିବାରେ ଲାଗିଛି। ଏଭଳି କାରବାରରେ ୨ ଜଣ ଗିରଫ ହେବା ସହ ୮୨ ଜଙ୍ଗଲି ଶୁଆ ଶାବକ ଜବତ ହେବାର ସପ୍ତାହେ ନ ପୂରୁଣୁ ପୁଣି ୪୦ ଶୁଆ ଶାବକ ଜବତ କରାଯାଇଛି। ଏହି ଘଟଣାରେ ବନ ବିଭାଗ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୂଆଗାଁର ତାହିର ଅନସାରୀ(୫୦)। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଏକ ମାମଲା (ନଂ.୧୭୭/୨୪) ରୁଜୁ ହୋଇଛି। ଅନ୍ୟ ୨ ଅଭିଯୁକ୍ତ ଫେରାର ଅଛନ୍ତି। ଏ ସମ୍ପର୍କରେ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବନଖଣ୍ଡ ଅଧିକାରୀ ସେଠୀ କହିଛନ୍ତି, ଅନସାରୀ ୨ଜଣ ଫେରାର ଅଭିଯୁକ୍ତଙ୍କୁ ଜଙ୍ଗଲି ଶୁଆ ଯୋଗାଣ କରୁଥିଲେ। ଏଥିପାଇଁ ସେ ତାଙ୍କଠାରୁ ୧୦ ହଜାର ଟଙ୍କା ଅଗ୍ରିମ ନେଇଥିଲେ। ଅଭିଯୁକ୍ତ ଦ୍ୱୟ ଫେରାର ହୋଇଯିବାରୁ ଅନସାରୀ ଶୁଆ ଯୋଗାଣ କରିପାରି ନ ଥିଲେ। ଫେରାର ଅଭିଯୁକ୍ତ ଦ୍ୱୟଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ସେ କହିଥିଲେ। ରାଉରକେଲା ଏସିଏଫ୍ ସଲଭିନ୍ଦର ସିଂହ, ସୌମ୍ୟରଞ୍ଜନ ଗୋଛାୟତ, ରାଜ କୁମାର ସେଠୀ ଓ ରେଞ୍ଜର ଜ୍ଞାନେନ୍ଦ୍ର ଲିମା ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍ଧାର ଶୁଆ ଶାବକ।

## କ୍ରିକେଟ ଖେଳକୁ ନେଇ ଗୋଷ୍ଠୀ ସଂଘର୍ଷ



ବୋଲେରୋରେ ଗଣ୍ଡଗୋଳ ପାଇଁ ଅଣାଯାଇଥିବା ମାରଣାସ୍ତ୍ର।

ରାଉରକେଲା,୧।୨(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୧ ଦୁର୍ଗା ଛକରେ ଗୁରୁବାର କ୍ରିକେଟ୍ ଖେଳକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ୨ ଜଣ ଗୁରୁତର ହୋଇଛନ୍ତି। ତେବେ ଖବର ଲେଖାଯିବା ସୁଦ୍ଧା (ରାତି ୯ଟା) ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ସୂଚନା ଅନୁସାରେ, ଗୁରୁବାର ମଧ୍ୟାହ୍ନରେ ମଧୁସୂଦନପାଲି ଓ ଟିମ୍ବରକଲୋନୀର ୫/୬ଜଣ ଯୁବକ ଏକ ବୋଲେରୋ (ନଂ.ଜେଏଚ୍୧ଇଡ଼ି/୭୩୬୪)ରେ କ୍ରିକେଟ ବ୍ୟାଟ, ବେସ୍ ବ୍ୟାଟ୍, ଇଟା, ମଦ ବୋତଲ, ହକି ଷ୍ଟିକ୍ ଧରି ସେକ୍ଟର-୧ ଦୁର୍ଗା ଛକ ନିକଟକୁ ଆସି ଅନ୍ୟ ଜଣେ ଯୁବକଙ୍କୁ ଖୋଜି ଆକ୍ରମଣ କରିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଉକ୍ତ ଯୁବକମାନଙ୍କୁ ପାଲଟା ଆକ୍ରମଣ କରିବା ସହ ବୋଲେରୋକୁ ଭଙ୍ଗାରୁଜା କରିଥିଲେ। ଫଳରେ ଘଟଣାସ୍ଥଳରୁ ବୋଲେରୋରେ ଆସିଥିବା ଯୁବକଙ୍କ ମଧ୍ୟରୁ ୩/୪ ଜଣ ଫେରାର ହୋଇଯାଇଥିବା ବେଳେ ଆକ୍ରମଣରେ ଗାଡ଼ି ଚାଳକ ଓ ଅନ୍ୟ ଜଣେ ଯୁବକ ଗୁରୁତର ହୋଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ବୋଲେରୋକୁ ଜବତ କରିଥିଲା।



ରାଉରକେଲା କଲେଜରେ ଅତିଥି, ମାଷ୍ଟର ଟ୍ରେନର ଓ ଛାତ୍ରୀଗଣ।

## କ୍ରିକେଟ୍: ଫାଇନାଲରେ ଆରଏସ୍ଏ

ରାଉରକେଲା,୧।୨(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନିସ୍ଥିତ ଡିଏଭି ଖେଳ ପଡିଆରେ ବାସନ୍ତୀ ୟୁଥ୍ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ୧୭ତମ ପ୍ରକାଶ ସ୍ମାରକୀ ଅଲ୍ ଓଡ଼ିଶା କ୍ରିକେଟ୍ ଟୁର୍ନାମେଣ୍ଟରେ ରାଉରକେଲା ଆରଏସ୍ଏ ଦଳ ୱାଇସିସି ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ମ୍ୟାଚ୍‌ରେ ବାସନ୍ତୀ କଲୋନିସ୍ଥିତ ୱାଇସିସି ଦଳ ପ୍ରଥମେ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ରାଉରକେଲା ଆରଏସ୍ଏ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୨୧୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭଙ୍କର ବିଶ୍ୱାସ ମାତ୍ର ୮୮ ବଲ ଖେଳି ସର୍ବାଧିକ ୧୦୯ ରନ ସଂଗ୍ରହ କରିଥିଲେ। ୱାଇସିସି ଦଳ ପକ୍ଷରୁ ଶ୍ରୀକାନ୍ତ ବିଶ୍ୱାଳ ୫ ଓଭର ବୋଲିଂ କରି ୩୨ ରନ ଦେଇ ସର୍ବାଧିକ ୩ ଉଇକେଟ ନେଇଥିଲେ। ଜବାବରେ ୱାଇସିସି ଦଳ ୨୯ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୮୦ ରନ୍ କରି ପରାଜିତ ହୋଇଥିଲା। ୱାଇସିସି ଦଳ ପକ୍ଷରୁ ରାହୁଲ ଛତ୍ରୀ ୨୧ ବଲ ଖେଳି ସର୍ବାଧିକ ୩୪ ରନ କରିଥିଲେ। ରାଉରକେଲା ଆରଏସ୍ଏ ଦଳ ୩୩ ରନ୍‌ରେ ବିଜୟୀ ହୋଇଥିଲା। ଆରଏସ୍ଏର ଶୁଭଙ୍କର ବିଶ୍ୱାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ପ୍ରଭାତ ଶୁକ୍ଳା ଓ କ୍ରିଷ୍ଣା ପଲାଇ ମ୍ୟାଚ୍ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ରାଉରକେଲା ଜିମ୍‌ଖାନା ଓ ଆରୱାଇସିସି ମଧ୍ୟରେ ଶୁକ୍ରବାର ଖେଳାଯିବ ବୋଲି କ୍ଲବର ଟ୍ରଷ୍ଟି ସୁବେନ୍ଦୁ ଧଳ ସୂଚନା ଦେଇଛନ୍ତି।

## ବଜେଟ ନୈରାଶ୍ୟଜନକ: ସିପିଆଇଏମ୍

ରାଉରକେଲା,୧।୨(ବିପ୍ଳବ ରଞ୍ଜନ ଦାଶ)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ଯେଉଁ ସାଧାରଣ ବଜେଟ ଉପସ୍ଥାପନ କରିଛନ୍ତି ତାହା ନୈରାଶ୍ୟ ଜନକ। ବୃହତ ପୁଞ୍ଜିପତି ଓ କର୍ପୋରେଟ ହାଉସକୁ ସୁହାଇଲା ଭଳି ବଜେଟ ହୋଇଛି। ଏହି ବଜେଟ ଧନ ଶାଳୀଙ୍କୁ ଅଧିକ ଧନାଢ୍ୟ ଓ ଗରିବ ଲୋକଙ୍କୁ ଅଧିକ ଗରିବ କରିବ ବୋଲି ସିପିଆଇଏମ ସୁନ୍ଦରଗଡ ଜିଲା କମିଟି ଓ ରାଉରକେଲା ଆଞ୍ଚଳିକ କମିଟି ତରଫରୁ ଦର୍ଶାଯାଇଛି। ସିପିଆଇଏମର କହିବା ମୁତାବକ, ସରକାରୀ ଆମଦାନୀ ୧୩.୩ ପ୍ରତିଶତକୁ ବୃଦ୍ଧି ହୋଇଥିବା ବେଳେ ଖର୍ଚ୍ଚ ୭ପ୍ରତିଶତ ହୋଇଛି। ଖାଦ୍ୟ ସାମଗ୍ରୀ, ରାସାୟନିକ ସାର ଏବଂ ପିଏମଓ୍ୱାଇ ଯୋଜନା ଭଳି ବିକାଶ ମୂଳକ ଯୋଜନା ଗୁଡିକରୁ ପୂର୍ବାପେକ୍ଷା ଖର୍ଚ୍ଚ କାଟ କରାଯାଇଛି ଏବଂ ବିଭିନ୍ନ ଯୋଜନାଦିରୁ ସରକାରୀ ରିହାତିକୁ ମଧ ବାଦ୍ କରାଯାଇଛି। ଏହି ବଜେଟ ପରେ ଦରଦାମ ବୃଦ୍ଧି ସହିତ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ସାଧାରଣ ଲୋକଙ୍କ ଉପରେ ବୋଝ ସାଜିବାକୁ ଯାଉଛି। ତେଣୁ ଉପସ୍ଥାପିତ ବଜେଟ ଜନବିରୋଧି ବୋଲି ଦଳର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ, ସି.ଆଇ.ଟି.ୟୁ ର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ ସାମଳ,ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜାହାଙ୍ଗିର ଅଲ୍ଲୀ, ବିମାନ ମାଇତି ପ୍ରମୁଖ ଗୁରୁବାର ଉଲ୍ଲେଖ କରିଛନ୍ତି।

## ଆତ୍ମସୁରକ୍ଷା କୌଶଳରେ ମହିଳା ନିପୁଣ ହେବା ଆବଶ୍ୟକ

ରାଉରକେଲା,୧।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୪ ସ୍ଥିତ ରାଉରକେଲା କଲେଜରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ କଲେଜ ଅଧକ୍ଷା ପ୍ରଫେସର ସୁଜାତା ପ୍ରଧାନ ଅଧକ୍ଷତା କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ରବିନ୍ଦ୍ର କୁମାର ଜେନା, ଭାରପ୍ରାପ୍ତ କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ବୈଜୟନ୍ତୀ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ସୁନ୍ଦରଗଡ ଡିଏସ୍‌ପି ମାନ୍ଦା ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ବର୍ତ୍ତମାନ ମହିଳା ସମାଜ ପୁରୁଷଙ୍କଠାରୁ କମ୍ ନୁହଁନ୍ତି। ଏଣୁ ମହିଳା ସମାଜକୁ ଆଗକୁ ଆସିବା ଦରକାର। ମହିଳାମାନେ ଦୁର୍ଗା ରୂପ ନେବାକୁ ହେବ ଓ ମା' ଦୁର୍ଗାଙ୍କ ଭଳି ରଣଯୋଦ୍ଧା ହେବା ପାଇଁ ହେଲେ ମହିଳା ସମାଜ ଆତ୍ମସୁରକ୍ଷା କୌଶଳତାରେ ନିପୁଣତା ହାସଲ କରିବା ନିତାନ୍ତ ଆବଶ୍ୟକ ବୋଲି ଡିଏସ୍‌ପି ହାଁସଦା କହିଥିଲେ। ଡ. ରବିନ୍ଦ୍ର କୁମାର ଜେନା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ଜାନୁୟାରୀ ୧୬ରୁ ଆରମ୍ଭ ହୋଇଥିବା ଆତ୍ମସୁରକ୍ଷା ତାଲିମ ଶିବିରରେ କଲେଜର ୨୩୮ଜଣ ଛାତ୍ରୀ ୭ଟି ଗ୍ରୁପ୍‌ରେ ବିଭକ୍ତ ହୋଇ ତାଲିମ ନେଇଥିଲେ। ସେହିପରି ବେଦବ୍ୟାସ ଗୁରୁକୁଳ ସଂସ୍କୃତ ଉଚ୍ଚ ମାଧମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ୮ ଦିବସୀୟ ଆତ୍ମସୁରକ୍ଷା ତାଲିମ ଶିବିରରେ ୫୦ଜଣ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଗ୍ରହଣ କରିଥିଲେ। କଲେଜ ଅଧକ୍ଷା ଡକ୍ତର ଉମାକାନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଜୟକୁମାରୀ ସିଂ ଓ ତେଜସ୍ୱିନୀ ଷଡଙ୍ଗୀ ମାଷ୍ଟର ଟ୍ରେନର ଭାବେ ଛାତ୍ରୀଙ୍କୁ ଆତ୍ମସୁରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ।

## ରେଳ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ରେଳ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାଉରକେଲା,୧।୨(ଦିନେଶ ମିଶ୍ର)

ରାଉରକେଲାସ୍ଥିତ ଉତ୍ତର ଓଡିଶା ରେଳ ବିକାଶ ଓ ସମନ୍ୱୟ ସମିତି ପକ୍ଷରୁ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ରାଉରକେଲାରୁ-ବାଲେଶ୍ୱର ଭାୟା ଚକ୍ରଧରପୁର, କେନ୍ଦୁଝର, ଯାଜପୁର ରୋଡ, ଉଦ୍ରକ ଦେଇ ଏକ ଇଣ୍ଟରସିଟି ଟ୍ରେନ ଚଳାଚଳ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଆଗାମୀ ଦିନରେ ଉକ୍ତ ରାସ୍ତା ଦେଇ କିଭଳି ରେଳ ଚଳାଚଳ ହୋଇପାରିବ ସେ ନେଇ ପ୍ରତିନିଧି ଦଳକୁ ରେଳ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଚାନ୍ଦବାଲି ବିକାଶ ପରିଷଦ ଭୁବନେଶ୍ୱର ସଭାପତି ନିରୋଦ କୁମାର ରାଉତ, ଭାଜପାର ବରିଷ୍ଠ ନେତା କାହ୍ନୁଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବଣିକ ସଂଘର ବଜେଟ ସମୀକ୍ଷା

ରାଉରକେଲା,୧।୨(ଦିନେଶ ମିଶ୍ର)



ସମୀକ୍ଷା ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନ୍ ଗୁରୁବାର ସଂସଦରେ ଅନ୍ତରୀଣ ବଜେଟ୍ ଉପସ୍ଥାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଉରକେଲା ବଣିକ ସଂଘ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଘର କର୍ମକର୍ତ୍ତା ଉପସ୍ଥିତ ରହି ବଜେଟ୍ ସମୀକ୍ଷା କରିଥିଲେ। ଆଗକୁ ନିର୍ବାଚନ ଥିବାରୁ ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସାମୂହିକ ବିକାଶ ପାଇଁ ଏହି ବଜେଟ ଉପସ୍ଥାପନ କରିଥିବା ସଂଘର କର୍ମକର୍ତ୍ତାମାନେ ମତପ୍ରକାଶ କରିଥିଲେ। ବଜେଟ୍‌ରେ ବିଶେଷ କରି ଇଣ୍ଡଷ୍ଟ୍ରିଜ୍, ବ୍ୟବସାୟୀମାନଙ୍କ ପାଇଁ ଟ୍ୟାକ୍ସ ଓ ଜିଏସ୍‌ଟି କ୍ଷେତ୍ରରେ କୌଣସି ଲାଭ ପ୍ରଦାନ କରାଯାଇନାହିଁ। ସ୍ୱାସ୍ଥ୍ୟ, ପ୍ରତିରକ୍ଷା, ରେଲୱେ, ଗରିବ ମହିଳାଙ୍କ ବିକାଶ ପାଇଁ ଏହା ବେଶ୍ ସହାୟକ ହେବ ବୋଲି ସଂଘର ପୂର୍ବତନ ସଭାପତି ବିନୋଦ ଶର୍ମା କହିଥିଲେ। ଦେଶରେ ୧୪୯ଟି ନୂତନ ବିମାନ ବନ୍ଦର ନିର୍ମାଣ ସାଙ୍ଗକୁ ରେଲୱେ କରିଡରରେ ୪ ହଜାର ସାଧାରଣବଗିକୁ ପରିବର୍ତ୍ତନ କରାଯାଇ ବନ୍ଦେ ଭାରତରେ ପରିଣତ କରାଗଲେ ରେଲୱେ କ୍ଷେତ୍ରରେ ଲାଭ ହେବ ବୋଲି ସଂଘର ଉପସଭାପତି ନରେଶ ଆରିୟା ମତପ୍ରକାଶ କରିଥିଲେ। ତେବେ ଆସନ୍ତା ମେ ଓ ଜୁନ୍‌ରେ ହେବାକୁ ଥିବା ବଜେଟ୍‌ରେ ସାଧାରଣ ଲୋକଙ୍କ ପାଇଁ ସୁଲଭ ବଜେଟ୍ ଆସିବ ବୋଲି ବଣିକ ସଂଘର କର୍ମକର୍ତ୍ତା ଆଶା ପୋଷଣ କରିଛନ୍ତି। ବୈଠକରେ ସଂଘ ସଭାପତି ସୁନିଲ କୟାଲ, ଉପସଭାପତି ଗୁରମିତ ସିଂ, ଅର୍ଥ ବିଭାଗ ସମ୍ପାଦକ ସନ୍ତୋଷ ଅଗ୍ରୱାଲ, ପବନ ଅଗ୍ରୱାଲଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରାଉରକେଲା ଗଣମାଧ୍ୟମ ଚାମ୍ପିୟନ

### ଟି-୧୨ କ୍ରିକେଟ୍ ମ୍ୟାଚ୍ ଉଦ୍‌ଯାପିତ

ରାଉରକେଲା,୧।୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୨୦ସ୍ଥିତ ରାଇଜିଂ କ୍ଲବ୍ ପଡିଆରେ ହାର୍ଟ ଅଫ ଓଡ଼ିଶା ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଟି-୧୨ କ୍ରିକେଟ ମ୍ୟାଚ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଉରକେଲା ଗଣମାଧ୍ୟମ ଦଳ ରାଉରକେଲା ସମାଜସେବୀ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ନଟରାଜ ବେହେରା ମୁଖ୍ୟ ଅତିଥି, ସମାଜସେବୀ ଶ୍ରଦ୍ଧା ଷଡ଼ଙ୍ଗୀ, ଶିଶିର ସାହୁ, ଡେଭିଡ ଗ୍ରେସୀ, ନିଲମ ସାହୁ, ଲିନା ବିଶ୍ୱାଳ, ଦେବିକା ମିଶ୍ର, ତନୁଶ୍ରୀ ନାୟକ, ଗୌରୀ କୁମ୍ଭାର ଓ ମହନ୍ତ ପର୍ଶୁରାମ ଦାଶ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମାଜସେବୀ ଇଲେଭେନ ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୭୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ସାହୁ ସର୍ବାଧିକ ୨୯ ରନ କରିଥିଲେ। ଜବାବରେ ରାଉରକେଲା ଗଣମାଧ୍ୟମ ଦଳ ୧୧ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ନୀଳାଞ୍ଚଳ ଖଣ୍ଡୁଆଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଶିବ ବାରିକଙ୍କୁ ବେଷ୍ଟ ବୋଲର ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ପ୍ରଭାତ ସାହୁ ଓ ଚନ୍ଦନ କୁମାର ମ୍ୟାଚ୍ ପରିଚାଳନା କରିଥିଲେ। ହାର୍ଟ ଅଫ୍ ଓଡ଼ିଶା ଫାଉଣ୍ଡେଶନ କ୍ଲବର ସଭାପତି ହରେକୃଷ୍ଣ ନାୟକ, ଚିନ୍ମୟୀ କୁମ୍ଭାର, କାର୍ତ୍ତିକ ରାଉତ, ମାନସ ରଞ୍ଜନ ସାହୁ, ରଞ୍ଜିତ ମହାରଣା, ବେଣୁଧର କୁମ୍ଭାର, ଦୀପକ ପଣ୍ଡା, ସୁମତି ବଡାଇକ, ରୋନିତ ନନ୍ଦ, କବିତା ଦଳେଇ, ରତିଲାଲ କୁମ୍ଭାର, ସୁରେଶ ନନ୍ଦ, ରାହୁଲ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।



ଟ୍ରଫି ସହ ବିଜୟୀ ଦଳର ଖେଳାଳି।

## ଦକ୍ଷତାକୁ ଠିକ୍ ସ୍ଥାନରେ ବ୍ୟବହାର କରିବା ହିଁ ସଫଳତା

### ହାପି ମୁମେଣ୍ଟ୍‌ସ ଇଣ୍ଡିଆର ପ୍ରତିଷ୍ଠା ଦିବସ

ରାଉରକେଲା,୧।୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୫ ସ୍ଥିତ ଭଞ୍ଜଭବନ ପରିସରରେ ହାପି ମୁମେଣ୍ଟ୍‌ସ ଇଣ୍ଡିଆର ୧୦ତମ ପ୍ରତିଷ୍ଠା ଦିବସ ଗୁରୁବାର ଉଦ୍‌ଯାପିତ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଏହି ଧରାପୃଷ୍ଠରେ ଜନ୍ମ ନେଇଥିବା ପ୍ରତେକ ମଣିଷ ପାଖରେ କିଛି ନା କିଛି ପ୍ରତିଭା ରହିଛି। ସେହି ପ୍ରତିଭାକୁ ପରଖି ନିଷ୍ଠାର ସହ କଠୋର ପରିଶ୍ରମ କଲେ ଦକ୍ଷତା ଆସିଥାଏ। ସେହି ଦକ୍ଷତାକୁ ଠିକ୍ ସ୍ଥାନରେ ବ୍ୟବହାର କଲେ ଜୀବନରେ ସଫଳତା ସୁନିଶ୍ଚିତ ମିଳିଥାଏ ବୋଲି ଶ୍ରମ ମନ୍ତ୍ରୀ ନାୟକ କହିଥିଲେ। ଚକ୍ଷୁ ବିଶେଷଜ୍ଞ ଡାକ୍ତର ରାମଚନ୍ଦ୍ର ମେହେର, ଏନ୍‌ଆଇଟି ରେଜିଷ୍ଟ୍ରାର ରୋହନ ଧୀମାନ, ଏନ୍‌ଆଇଟି ଡିନ୍ ସିଦ୍ଧାର୍ଥ ଜେନା, ଫିଜିକ୍ସ ବିଭାଗର ଏଚ୍‌ଓଡି ପ୍ରଫେସର ଦିଲୀପ କୁମାର ବିଶୋଇ, ବିରଞ୍ଚି ନାରାୟଣ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଖବରଦାତା, ସାମାଜିକ କର୍ମୀ, ଡାକ୍ତର ଓ ଶିକ୍ଷାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅନୁଷ୍ଠାନ ପକ୍ଷରୁ ରାଉରକେଲା କିଡ୍ସ ମହୋତ୍ସବ ଓ ୱିଣ୍ଟର ଫେଷ୍ଟିଭାଲରେ ଆୟୋଜିତ ମଡେଲିଂ, ଚିତ୍ରାଙ୍କନ, ଡ୍ୟାନ୍ସ, ସଙ୍ଗୀତ, ଡିବେଟ୍, ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ୧୨ଜଣଙ୍କୁ ଶିଶୁ କଳାକାର ସମ୍ମାନ ପ୍ରଦାନ କରାଯାଇଥିଲା। ମୋହନ ପଟ୍ଟନାୟକ, ରାଧାକାନ୍ତ ଦେଓ, ଦିବାକର ଦାସ, ଜିତେନ୍ଦ୍ର ପ୍ରସାଦ ପଣ୍ଡା, କଲ୍ୟାଣୀ ଦାସ, ରୋବଟ ଆଇହିଲ୍, ତରୁଲତା ସାମଲ, ଗୌରୀ କୁମ୍ଭାର, ରୀତା ସାମଲ, ରଞ୍ଜନ ସାହୁ, ନିବେଦିତା ହଲଧର, ମଳୟ ପ୍ରମୁଖ ସହଯୋଗ କରିଥିଲେ। ଅନୀଲ କୁମାର ମଲ୍ଲିକ ଓ ମୋନାଲିସା ସାହୁ ମଞ୍ଚ ପରିଚାଳନା କରିଥିଲେ। ସହ ପ୍ରତିଷ୍ଠାତା ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।





ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଦେବଗଡ଼ରୁ ମୁଖିଗୁଡ଼ା, ରାୟପୁର, କୋଲକାତାକୁ ବସ୍ ଚଳାଚଳ ଦାବି

**ପରିବହନ ମନ୍ତ୍ରୀଙ୍କୁ ଦାବିପତ୍ର**

**ଦେବଗଡ଼,୧।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡରୁ ମୁଖିଗୁଡା, ରାୟପୁର, କୋଲକାତାକୁ ସରକାରୀ ବସ୍(ଓଡିଶା ରାଜ୍ୟ ସଡକ ପରିବହନ ନିଗମ)ଚଳାଚଳ ପାଇଁ ପରିବହନ ମନ୍ତ୍ରୀ ଟୁକୁନୀ ସାହୁଙ୍କ ନିକଟରେ ଦାବି କରାଯାଇଛି। ମନ୍ତ୍ରୀ ସାହୁଙ୍କ ଦେବଗଡ ଗସ୍ତ ସମୟରେ ବରିଷ୍ଠ ନାଗରିକ ତଥା ଓଡିଶା ରାଜ୍ୟ ସଡକ ପରିବହନ ନିଗମର ଅବସରପ୍ରାପ୍ତ କର୍ମଚାରୀ ମାର୍କଣ୍ଡେଶ୍ୱର ଶତପଥି ଓ ପ୍ରଫୁଲ୍ଲ କୁମାର ଦେବତା ପ୍ରମୁଖ ତାଙ୍କୁ ସାକ୍ଷାତ କରି ଏହି ମର୍ମରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୧୯୬୨ରେ ଦେବଗଡରେ ସ୍ଥାପିତ ଓଏସଆର୍‌ଟିସି (ଓଡିଶା ରାଜ୍ୟ ସଡକ ପରିବହନ ନିଗମ)ୟୁନିଟକୁ ଉଦ୍‌ଘାଟନ କରିଥିଲେ। ଏହି ୟୁନିଟ୍ ଅଧିନରେ ୧୯୬୨ରୁ ୨୦୦୧ ପର୍ଯ୍ୟନ୍ତ ପ୍ରାୟ ୧୦ରୁ ୧୫ଟି ସରକାରୀ ବସ୍ (ଓଡିଶା ରାଜ୍ୟ ସଡକ ପରିବହନ ନିଗମ) ଦେବଗଡରୁ ଭୁବନେଶ୍ୱର, ମୁଖିଗୁଡା, ସୁନ୍ଦରଗଡ, ରାଉରକେଲା ଓ ରାଜ୍ୟ ବାହାରର ରାୟପୁର ଓ କୋଲକାତାକୁ ମଧ୍ୟ ବସ୍ ଚଳାଚଳ କରିବାସହ ରାଜ୍ୟର ଏକ ସଫଳ ୟୁନିଟ ଭାବେ ବିଭିନ୍ନ ସମୟରେ ଗୌରବ ଅର୍ଜନ କରିଥିଲା। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଏହି ୟୁନିଟ ଅଚଳ ପ୍ରାୟ ହୋଇପଡିଛି। ଅନ୍ୟପକ୍ଷରେ ଜିଲାରେ ରେଳ ଚଳାଚଳର ବ୍ୟବସ୍ଥା ନ ଥିବା ଦର୍ଶାଇ ଦେବଗଡକୁ ଆବଶ୍ୟକ ସଂଖ୍ୟକ ସରକାରୀ ବସ୍ ଯୋଗାଇ ଦିଆଯିବା ସହ ଏଗୁଡିକୁ ମୁଖିଗୁଡା, ରାୟପୁର ଓ କୋଲକାତାକୁ ସରକାରୀ ବସ୍ ଚଳାଚଳର ବ୍ୟବସ୍ଥା କରିବାକୁ ଉକ୍ତ ସ୍ମାରକପତ୍ର ଜରିଆରେ ଦାବି କରାଯାଇଛି।


ପରିବହନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସ୍ୱାମୀଙ୍କୁ ଲୁହା ନଳାରେ ପିଟି ହତ୍ୟା, ସ୍ତ୍ରୀ ଗିରଫ

**ଦେବଗଡ଼,୧।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା ବାରକୋଟ ଥାନା ପଦ୍ମପୁର ଗ୍ରାମରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ସ୍ୱାମୀଙ୍କୁ ଲୁହା ନଳାରେ ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ମହେଶ୍ୱର ମୁଣ୍ଡା। ଏହି ଘଟଣାରେ ପୋଲିସ ମୃତକଙ୍କ ସ୍ତ୍ରୀ ଲିଲି(୩୭)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏଥିସହ ହତ୍ୟାକାଣ୍ଡରେ ସହଯାଗ କରିଥିବା ତାଙ୍କର ୧୫ ବର୍ଷର ନାବାଳକ ପୁଅକୁ ମଧ୍ୟ କିଶୋର ନ୍ୟାୟ ପରିଷଦ ସମ୍ମୁଖରେ ଉପସ୍ଥାପନ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ମହେଶ୍ୱର ଅତ୍ୟଧିକ ମଦ୍ୟପାନ କରିବାସହ ବିଭିନ୍ନ ସମୟରେ ନିଶାଶକ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀ ଓ ପୁଅକୁ ଗାଳି ଗୁଲଜ କରୁଥିଲେ। ଏପରିକି ଉଭୟଙ୍କୁ ମାଡ ମଧ୍ୟ ମାରୁଥିଲେ। ଏହି କ୍ରମରେ ଗତ ୩୦ ତାରିଖ ରାତିରେ ମଧ୍ୟ ମହେଶ୍ୱର ନିଶାଶକ୍ତ ଅବସ୍ଥାରେ ଘରକୁ ଫେରି ସ୍ତ୍ରୀ ଲିଲିଙ୍କୁ ମାଡ ମାରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଲିଲି ଘରେ ଥିବା ଏକ ଲୁହା ନଳାରେ ମହେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ମହେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ସୂଚନା ପାଇ ସମ୍ପୃକ୍ତ ଅଞ୍ଚଳର ଗ୍ରାମରକ୍ଷୀ ସେଠାରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ମହେଶ୍ୱରଙ୍କୁ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ମୃତ ମହେଶ୍ୱରଙ୍କ ଜଣେ ସମ୍ପର୍କୀୟ ବାରକୋଟ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ହତ୍ୟା ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିଥିଲା। ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ସାଜିଛି।

# ସଂକ୍ଷେପରେ

## ମହାବିଦ୍ୟାଳୟରେ ନୂତନ ଅଧକ୍ଷାଙ୍କ ଦାୟିତ୍ୱ ଗ୍ରହଣ

**ସମ୍ବଲପୁର,୧।୨(ଭବାନୀ ଶଙ୍କର ଭୋଇ):** ପରମାଣପୁରସ୍ଥିତ ଡ. ଝସକେତନ ସାହୁ ମହାବିଦ୍ୟାଳୟରେ ବରିଷ୍ଠ ପ୍ରାଧ୍ୟାପିକା ପ୍ରଜ୍ଞା ପଣ୍ଡା ଅଧକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସେଠ ଅଧକ୍ଷ ପଦରୁ ଅବସର ଗ୍ରହଣ କରିବା ପରେ ତାଙ୍କ ସ୍ଥାନରେ ସେ ଯୋଗ ଦେଇଛନ୍ତି। ଏହି ଅବସରରେ ମହାବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପୂର୍ବତନ ଅଧକ୍ଷା ସନ୍ଧ୍ୟା ମିଶ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ, ସୁନୀଲ ସେନ, ଲଇଡା ମହାବିଦ୍ୟାଳୟର ପ୍ରାଧ୍ୟାପକ ଶେଖ ସିରାଜୁଲ ହକ, କୁଚିଣ୍ଡା ମହାବିଦ୍ୟାଳୟର ଅଧ୍ୟାପକ ଦିଲିପ ନନ୍ଦ, ପ୍ରାଧ୍ୟାପକ ଅମର ମିଶ୍ର, ପରେଶ ଭୋଇ, ତସଲିମ ବେଗମ, ପ୍ରଭାମୟୀ ସେନାପତି ପ୍ରମୁଖ ଯୋଗଦେଇ ତାଙ୍କୁ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟକୁ ଜିଲାର ଏକ ପ୍ରମୁଖ ଶିକ୍ଷାକେନ୍ଦ୍ର ଭାବେ ଗଢିତୋଳିବାକୁ ନୂତନ ଅଧକ୍ଷା ପ୍ରଜ୍ଞା ପଣ୍ଡା ସମସ୍ତଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## କଲେଜରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

**କୁଚିଣ୍ଡା,୧।୨(ବିରଞ୍ଚି ଦର୍ବା):** କୁଚିଣ୍ଡା ବ୍ଲକ କୁଟୁରାଟୁଆଁ ଯୁକ୍ତ୨ କଲେଜରେ ବୁଧବାର ନୂଆ-ଓ କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଏବଂ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସୁବାସ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, ବ୍ଲକ ଅତିରିକ୍ତ ଶିକ୍ଷାଅଧିକାରୀ ପ୍ରମୋଦ କୁମାର ନାଏକ ମୁଖ୍ୟବକ୍ତା, ପୂର୍ବତନ ସମ୍ପାଦକ ହିମାଂଶୁ କୁମାର ମହାପାତ୍ର, ପରିଚାଳନା ସମିତି ପୂର୍ବତନ ସଭ୍ୟା ଲଲାଟେନ୍ଦୁ ପଟେଲ, ମାଷ୍ଟର ଟ୍ରେନର ସୁଜାତା ବଗର୍ତ୍ତୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆତ୍ମସୁରକ୍ଷା ତାଲିମ ଶିବିର ସଂଯୋଜିକା ଅଧ୍ୟାପିକା ଭାବନା ପାଣ୍ଡେ, ଅଧ୍ୟାପକ ସୁଧୀର କୁମାର ନାୟକ, କୃଷ୍ଣଚନ୍ଦ୍ର ପୂଜାରୀ, ସତ୍ୟନାରାରଣ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ କଲେଜର ଗ୍ରନ୍ଥାଗାରିକ ଦେବାନନ୍ଦ ମହାପାତ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ସଚେତନତା ଶିବିର

**ସମ୍ବଲପୁର,୧।୨ (ଭବାନୀ ଶଙ୍କର ଭୋଇ):** ମାନେଶ୍ୱର ବ୍ଲକ ଡକରା ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବ୍ଲକସ୍ତରୀୟ ଅଧିକାରୀମାନେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଲଗାଇ ଜନସାଧାରଣଙ୍କୁ ଯୋଜନା ସମ୍ବନ୍ଧରେ ଅବଗତ କରିଥିଲେ। ଡକରା ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟ ଅତିଥି ଓ ମାନେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ଡକରା ସରପଞ୍ଚ ସଞ୍ଜିବ ପୂଜାରୀ, ସମିତି ସଭ୍ୟା ସୁମନ ରାଏ, ସାହାସପୁର ସମିତିସଭ୍ୟା ଲିନା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## 'ଉତ୍କଳୀୟ ସଂସ୍କୃତି, ଶ୍ରୀଜଗନ୍ନାଥ' ଆଲୋଚନାଚକ୍ର

**କୁଚିଣ୍ଡା,୩୧।୧(ବିରଞ୍ଚି ଦର୍ବା):** କୁଚିଣ୍ଡା ବ୍ଲକ କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ଚାଲିଥିବା ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ 'ଉତ୍କଳୀୟ ସଂସ୍କୃତି ଓ ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ଦୁର୍ଯ୍ୟୋଧନ ମେହେରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଋଷିକୂଳ ଆଶ୍ରମ ପ୍ରତିଷ୍ଠାତା ଜୀବନଚୈତନ୍ୟ ମୁକ୍ତାନନ୍ଦ ପୁରୀଜୀ ମହାରାଜ ମୁଖ୍ୟଅତିଥି, ଋଷିକୂଳ ସଂସ୍କୃତ ବିଦ୍ୟାଳୟ ଅଧକ୍ଷ ଶ୍ୟାମସୁନ୍ଦର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଅର୍ଥରାଶି ସହ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।



ବିଦ୍ୟାଳୟ ପରିସରରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ।

# ଦେବଗଡ଼ ଜିଲାକୁ ମିଳିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଦେବଗଡ଼,୧।୨(ଶଶାଙ୍କ ଶେଖର ଝାଙ୍କର)**

ଓଡିଶା ସରକାରଙ୍କ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଦେବଗଡ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ, ପ୍ରଧାନ ଶିକ୍ଷକ, ଗ୍ରାମ ପଞ୍ଚାୟତ, ପୁରାତନ ଛାତ୍ର ସଂସଦ, ମେଧାବୀ ଛାତ୍ରୀଛାତ୍ର, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଓ ସିଆର୍‌ସିସିଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ବାରକୋଟ ବ୍ଲକ ବଳମ ପଞ୍ଚାୟତ ଶିକ୍ଷାନୁଷ୍ଠାନ, ଉଚ୍ଚ ବିଦ୍ୟାଳୟ ଭାବେ ସୁଗୁଡା ସ୍ଥିତ ଅପୂର୍ବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବର୍ଗରେ ରାଜ୍ୟ ସ୍ତରରେ ବାରକୋଟ ବ୍ଲକ ବସାଲଇ ପଞ୍ଚାୟତର କୁଣ୍ଡାପିଠା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ଭାବେ ଜିଲା ସ୍ତରରେ ବଳମ ପଞ୍ଚାୟତ, ପୁରାତନ ଛାତ୍ର ସଂସଦ ଭାବେ ବସାଲଇ ଉଚ୍ଚ ବିଦ୍ୟାଳୟ, ଶ୍ରେଷ୍ଠ ପରିଚାଳନା ସମିତି ଭାବେ ସୁଗୁଡା ସ୍ଥିତ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରସ୍କୃତ ହୋଇଥିଲା। ରାଜ୍ୟ ସ୍ତରରେ ଶ୍ରେଷ୍ଠ କ୍ରୀଡା ଶିକ୍ଷୟିତ୍ରୀ ଭାବେ ରଞ୍ଜିତା ମିଶ୍ର, ଜିଲା ସ୍ତରରେ (ଉଚ୍ଚ ବିଦ୍ୟାଳୟ)ଶ୍ରେଷ୍ଠ ପ୍ରଧାନ ଶିକ୍ଷକଭାବେ ରାମେଶ୍ୱର ନାଏକ, ଶ୍ରେଷ୍ଠ ସିଆର୍‌ସିସି ଭାବେ ସୁଗୁଡା କ୍ଲଷ୍ଟରର ସିଆର୍‌ସିସ ପ୍ରାଣବନ୍ଧୁ ଘଡେଇ, ଶ୍ରେଷ୍ଠ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ(ଉଚ୍ଚ ପ୍ରାଥମିକ ସ୍ତର)ଭାବେ କ୍ଷୀରୋଦ ବିହାରୀ ସାହୁ, ପ୍ରତିଭା କିଷାନ, ପରମାନନ୍ଦ ବସନ୍ତରା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଭାବେ ଭୋଳେଶ୍ୱର ସାହୁ, ତ୍ରିନାଥ ସାହୁ, ରଶ୍ମୀରେଖା ନାଏକ, ପ୍ରଦୀପ ବିଶ୍ୱାଳ, ସଞ୍ଜୟ ପ୍ରଧାନ, ରୋହିତ ପ୍ରଦାନ ଓ ଚକ୍ରଧର ମାଝି ପୁରସ୍କୃତ ହୋଇଛନ୍ତି। ଶ୍ରେଷ୍ଠ ମେଧାବୀ ଛାତ୍ରୀଛାତ୍ର ଭାବେ ରୌପ୍ୟ ଶ୍ରୀ ଦିବ୍ୟଦର୍ଶିନି ସାହୁ, ଶୁଭ୍ରାଂଶୁ ଶେଖର ସାହୁ, ଜିତ ଜୟ ପ୍ରକାଶ ସାହୁ, ସୌମ୍ୟରଞ୍ଜନ ସାମଲ, ଦିଶାଧୀର କୁନମୁନ ସାହୁ, ରାହୁଳ ଦେହୁରୀ, ସମୀର ପ୍ରଧାନ, ସଚ୍ଚିନ ଗଡନାୟକ, ଦେବଯାନୀ ପ୍ରଧାନ, ସୋନାଲି ଆଚାର୍ଯ୍ୟ, ରାହୁଲ ସାହୁ ଓ ସୁମିତ କାରିଗର ଶିକ୍ଷା ପୁରସ୍କାର ହାସଲ କରିଛନ୍ତି। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଣି ଶକୁନ୍ତଳା ଟେଟେ, ଜିଲା ବିଜ୍ଞାନ ନିରୀକ୍ଷିକା ଇପସିତା ପଟ୍ଟନାୟକ ଓ କନିଷ୍ଠ ସହାୟକ ଗୌରହରି ସାହୁଙ୍କ ତତ୍ତ୍ୱାବଧାନରେ ଉପରୋକ୍ତ ବ୍ୟକ୍ତି ବିଶେଷ ଓ ଛାତ୍ରୀଛାତ୍ର ଭୁବନେଶ୍ୱର ଗସ୍ତ କରି ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ।

# ସୂଚନା ଅଧିକାର ସଚେତନତା ଉପରେ କର୍ମଶାଳା

**ଦେବଗଡ଼,୧।୨(ଶଶାଙ୍କ ଶେଖର ଝାଙ୍କର)**

ସୂଚନା ଅଧିକାର, ପ୍ରଚାର ଅଭିଯାନ ପରିପ୍ରେକ୍ଷୀରେ ସରକାରଙ୍କ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଦେବଗଡ଼ ଜିଲାପରିଷଦ ସମ୍ମିଳନୀ କକ୍ଷଠାରେ ଭିଡିଓ କନଫରେନ୍ସ ଦ୍ୱାରା ଏକ ତାଲିମ୍ ଶିବିର ଗୁରୁବାର ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାକୁ ମୁଖ୍ୟ ଅତିଥିଭାବେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲାପରିଷଦ ଧର୍ମାନନ୍ଦ ବେହେରା ଉଦ୍‌ଘାଟନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଭିଡିଓ କନଫରେନ୍ସ ଦ୍ୱାରା କର୍ମଶାଳାରେ ଜିଲାରେ ବିଭିନ୍ନ ବିଭାଗରୁ ଯୋଗଦେଇଥିବା ସୂଚନା ଅଧିକାର ଆଇନ ଓ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଜିଲାର ସମସ୍ତ କାର୍ଯ୍ୟରତ ଜନ ସୂଚନା ଅଧିକାରୀ ଏବଂ ପ୍ରଥମ ଅପିଲ ପ୍ରାଧିକରଣ ସମେତ ଜିଲା କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝି, ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ଜେନେରାଲ ମ୍ୟାନେଜର ଡିଆଇସି ରମେଶ କୁମାର ପଟେଲ ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଯୋଗଦେଇଥିଲେ।

# ଓଲଟିଲା ଯାତ୍ରୀବାହୀ ବସ୍, ୨୫ ଆହତ

**ଚୌଦ୍ୱାର/କଟକ,୧।୨**
**(ଆଶୁତୋଷ ଦାସ/ ଶିଲ୍ପା ପ୍ରିୟଦର୍ଶିନୀ)**

କଟକ ଜିଲା ଚୌଦ୍ୱାର ଥାନା ଅନ୍ତର୍ଗତ ନୂଆପାଟଣା ରାସ୍ତାରେ ଗୁରୁବାର ଭୋର ସମୟରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟିପଡ଼ିଛି। ଫଳରେ ବସ୍‌ରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ ୨୫ ଜଣ ଆହତ ହୋଇଛନ୍ତି। ଚୌଦ୍ୱାର ପୋଲିସ ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ଆହତମାନଙ୍କ ମଧ୍ୟରେ ମହିଳା ଓ ଛୋଟ ପିଲା ରହିଛନ୍ତି। ଆହତମାନେ ସମସ୍ତେ ଦେବଗଡ଼ ଅଞ୍ଚଳର ବୋଲି ପୋଲିସ୍ କହିଛି। ଘନ କୁହୁଡ଼ି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି।

ସୂଚନା ଅନୁଯାୟୀ, ଓଡ଼ି ୦୫ ବିକେ-୫୪୭୫ ନମ୍ବର ବିଶିଷ୍ଟ ଶ୍ରୀଲକ୍ଷ୍ମୀ ନାମକ ଉକ୍ତ ବସ୍‌ଟି ୪୦ଜଣ ଯାତ୍ରୀଙ୍କୁ ନେଇ ଦେବଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ରାତି ପ୍ରାୟ ୩ଟାରେ ବସ୍‌ଟି ୫୫ନମ୍ବର ଜାତୀୟ ରାଜପଥର ନୂଆପାଟଣା ଗଡ଼ା ନିକଟରେ ରାଜପଥରୁ ବୁଲି ନୂଆପାଟଣା ରାସ୍ତାଦେଇ ମଧୁସେତୁ ଅଭିମୁଖେ ଯାଉଥିଲା। ଏହି ସମୟରେ ନୂଆପାଟଣା ଛକ ଉପରେ ରାସ୍ତାମଝିରେ ଥିବା ଡିଭାଇଡ଼ରରେ ପିଟିହୋଇ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଖବରପାଇ ଚୌଦ୍ୱାର ଥାନା ପୋଲିସ୍ ଓ ଚୌଦ୍ୱାର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇବା ସହିତ ବସ୍‌କୁ କ୍ରେନ୍ ସାହାଯ୍ୟରେ ରାସ୍ତାରୁ ହଟାଇଥିଲା। ପୋଲିସ ଏହି ଦୁର୍ଘଟଣାର ପ୍ରକୃତ କାରଣ ସମ୍ପର୍କରେ ଅଧିକ ତଦନ୍ତ ଜାରି ରଖିଛି। ୨୧ଜଣ ଆହତଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ରହିଛନ୍ତି। ଏସ୍‌ସିବି ଟ୍ରମା କାଜୁଆଲଟିରେ ଆହତଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଛି। ୨୦ ଜଣ ସାମାନ୍ୟ ଆହତ ହୋଇଥିବାବେଳେ ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

# ଜିଲା କଂଗ୍ରେସ କମିଟି ପକ୍ଷରୁ ମିଶ୍ରଣ ପର୍ବ


କଂଗ୍ରେସରେ ସାମିଲ ହେବା ଅବସରରେ ଅନ୍ୟ ଦଳର କର୍ମୀ।

**ଦେବଗଡ଼,୧।୨(ଶଶାଙ୍କ ଶେଖର ଝାଙ୍କର)**

ରିଆମାଳ ବ୍ଲକ ପରା ପଞ୍ଚାୟତ ସଦର ମହକୁମାରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ଉପସ୍ଥିତିରେ ଉକ୍ତ ପଞ୍ଚାୟତର ବହୁ ଯୁବକ କଂଗ୍ରେସରେ ସାମିଲ ହୋଇଥିଲେ। ସେମାନଙ୍କୁ ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ନବାଗତଙ୍କ ଯୋଗଦାନ ଫଳରେ ଦଳର ସଂଗଠନ ଅଧିକ ସୁଦୃଢ ହେବ ବୋଲି ସଭାପତି ହେମ୍ବ୍ରମ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର, ପୂର୍ବତନ ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ସାହୁ, ରିଆମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ ସ୍ୱାଇଁ, ବରିଷ୍ଠ କଂଗ୍ରେସ ନେତା କୃଷ୍ଣଚନ୍ଦ୍ର ଦେହୁରୀ ଓ ଦେବଗଡ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ଦେବଗଡ଼,୧।୨(ଶଶାଙ୍କ ଶେଖର ଝାଙ୍କର)**

ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ତିଲେଇବଣି ବ୍ଲକ କଂସର ସ୍ଥିତ ଏକଲବ୍ୟ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷା ଡ. ବିନତୀ ମହାପାତ୍ରଙ୍କ ଅଧକ୍ଷତା ଓ ନୋଡାଲ ଅଫିସର ବଳରାମ ପରିଡାଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଶୋକ କୁମାର ମିଶ୍ର, ମୁଖ୍ୟ ବକ୍ତାଭାବେ ରାଧାକୃଷ୍ଣ ସାହିତ୍ୟ ସଂସଦର ସମ୍ପାଦକ ବିପିନ ବିହାରୀ ପୃଷ୍ଟି ଓ ସମ୍ମାନିତ ଅତିଥିଭାବେ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଟିକେଶ୍ୱର ସାହୁ ଯୋଗଦେଇ ଓଡିଆ ସାହିତ୍ୟରେ ଜଗନ୍ନାଥ ସଂସ୍କୃତି ଓ ଓଡିଆ ଭାଷାର ଉତ୍କର୍ଷତା ସମ୍ବନ୍ଧରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଓଡିଆ ଭାଷା ଓ ସଂସ୍କୃତି ଉପରେ ଅଧାରିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

# କୁଚିଣ୍ଡା କଲେଜ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**କୁଚିଣ୍ଡା,୧।୨(ବିରଞ୍ଚି ଦର୍ବା)**

କୁଚିଣ୍ଡା କଲେଜରେ ଚାଲିଥିବା ୫୭ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷା ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟ ଅତିଥି, କୁଚିଣ୍ଡା ଉପଖଣ୍ଡ ପୋଲିସ ଅଧିକାରୀ ଅମିତାଭ ପଣ୍ଡା, ସହକାରୀ ଜିଲାପାଳ ଭାସ୍କର ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଦ୍ୱାରା ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶ ହୋଇଥାଏ ବୋଲି କହିଥିଲେ। ଉତ୍ସବକୁ କଲେଜ ପରିଚାଳନା କମିଟି ସଭାପତି ହୃଦାନନ୍ଦ ଶର୍ମା, ଆଲୁମ୍ନି ସଭାପତି ପ୍ରଫୁଲ୍ଲ ସାହୁ, ପ୍ରାଧ୍ୟାପକ ଡ. ଅମିୟ ପାତ୍ର ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ଯୁକ୍ତ୨ ଓ ଯୁକ୍ତ୩ ବର୍ଗରେ ଶ୍ରେଷ୍ଠସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। କ୍ରୀଡ଼ା ସଂସଦ ଉପସଭାପତି ତଥା ପ୍ରାଧ୍ୟାପକ ପ୍ରମୋଦ କୁମାର ସ୍ୱାଇଁ ସ୍ୱାଗତ ଭାଷଣ, ଉପସଭାପତି ଅଧ୍ୟାପକ ରୋଶନ କୁଲୁ କ୍ରୀଡା ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ।


କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ଆଗାମୀ ନିର୍ବାଚନ ପାଇଁ କର୍ମୀଙ୍କୁ ଗୁରୁମନ୍ତ୍ର

**ବିଜେଡି ସାଙ୍ଗଠନିକ ସମ୍ପାଦକଙ୍କ ମାରାଥନ ବୈଠକ**

**ଦେବଗଡ଼,୧।୨(ଶଶାଙ୍କ ଶେଖର ଝାଙ୍କର)**

ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଗୁରୁବାର ଦିନିକିଆ ଦେବଗଡ଼ ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସି ଜୋନସ୍ତରୀୟ ନେତୃବୃନ୍ଦ ଓ ଦଳୀୟ କର୍ମୀଙ୍କ ସହିତ ମାରାଥନ ବୈଠକ କରିଥିଲେ। ଏଥିସହ ଆଗାମୀ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଦାସ ଜିଲା ବିଜେଡି କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହାପରେ ଜିଲାର ସମସ୍ତ ୭ଟି ଜୋନ ଏବଂ ପୌରାଞ୍ଚଳର ଦଳୀୟ କର୍ମୀଙ୍କୁ ନେଇ କ୍ରମାଗତ ଭାବେ ୮ଟି ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଥିଲା। ଆଗାମୀ ନିର୍ବାଚନରେ ଦେବଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କୁ ଅକୁଣ୍ଠ ସମର୍ଥନ ସହ ଘରେ ଘରେ ଶଙ୍ଖ ଅଭିଯାନ ମାଧ୍ୟମରେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଓ ଏହାର ସୁଫଳ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଦାସ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ସାଙ୍ଗଠନିକ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ଗୌତମ ବୁଦ୍ଧ ଦାସ, ଯୁବ ନେତା ପ୍ରକାଶ ମହାନ୍ତି, ବିଜେଡି ମହିଳା ଜିଲା ପର୍ଯ୍ୟବେକ୍ଷିକା ମିନତୀ ଦେବତା, ଜିଲା ବିଜେଡି ସଭାପତି ଇଂ. ଚିତ୍ତରଞ୍ଜନ ପ୍ରଧାନ, ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ବିଧାୟକ ସଞ୍ଜୀବ କୁମାର ପ୍ରଧାନ, ଜିଲାପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ, ଦେବଗଡ଼ ପୌରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ପଞ୍ଜିଆ ଭୋଇ, ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟନାରାୟଣ ପାଣି, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ, ବାରକୋଟ ବ୍ଲକର ପୂର୍ବତନ ଅଧକ୍ଷ ଦେବେନ୍ଦ୍ର କୁମାର ବେହେରା, ଜିଲା ପରିଷଦ ଉପାଧକ୍ଷ ବର୍ଷାରାଣୀ ମୁଣ୍ଡା, ସଦସ୍ୟା ଗୀତାଞ୍ଜଳି ପାଣି, ଜିଲା ପରିଷଦ ସଦସ୍ୟା ବାସନ୍ତୀ ବେହେରା,ପୁଷ୍ପାଞ୍ଜଳି ସାମଲ, ସଦସ୍ୟ ରାଜେଶ ମହାନାୟକ, ସମରେନ୍ଦ୍ର କୁମାର ଜିଟ, ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣି ପ୍ରଧାନ, ଜିଲା ଯୁବ ବିଜେଡି ପ୍ରତାପ ଦେବ, ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ରିଆମାଳ ବ୍ଲକ ସଭାପତି ବୈକୁଣ୍ଠ ପାଇକରାୟ , ତିଳେଇବଣି ବ୍ଲକ ସଭାପତି ବାବୁଲାଲ ପୃଷେଠ, ଦେବଗଡ଼ ନଗର ସଭାପତି ଶୁକଦେବ ଭଞ୍ଜ, ବରିଷ୍ଠ ନେତା ବିଭୂତି ଗଙ୍ଗଦେବ, ଅମରେନ୍ଦ୍ର ଗଙ୍ଗଦେବ, ବିକାଶ ପ୍ରଧାନ, ଭୂପେନ୍ଦ୍ର ନାୟକ, ଶୋଭେନ ସାମଲ, ରାଜକିଶୋର ପ୍ରଧାନ, ଚନ୍ଦ୍ରଶେଖର ଭୁକ୍ତା ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ କର୍ମୀମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଲ ଗଲେ ସୋରେନ

ନୂଆଦିଲ୍ଲୀ, ୧।୨

### ଅଧିକ ପଚରାଉଚରା ପାଇଁ ସୋରେନଙ୍କୁ ୧୦ ଦିନିଆ ରିମାଣ୍ଡରେ ନେବା ପାଇଁ ଇଡିର ଆବେଦନ



ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଜମି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଦିନିକିଆ ନ୍ୟାୟିକ ହେପାଜତରେ ରଖିବା ପାଇଁ ଆଦେଶ ଦେଇଛନ୍ତି ରାଞ୍ଚିର ସ୍ୱତନ୍ତ୍ର କୋର୍ଟ। ବୁଧବାର ରାତିରେ ଇଡି ସୋରେନଙ୍କୁ ଗିରଫ କରି ଗୁରୁବାର ରାଞ୍ଚିର ସ୍ୱତନ୍ତ୍ର କୋର୍ଟରେ ହାଜର କରିଥିଲା। ଇଡି ତରଫରୁ ଅଧିକ ପଚରାଉଚରା ପାଇଁ ସୋରେନଙ୍କୁ ୧୦ ଦିନିଆ ରିମାଣ୍ଡରେ ନେବା ପାଇଁ ଆବେଦନ କରାଯାଇଥିଲା। ଉଭୟ ଇଡି ଓ ସୋରେନଙ୍କ ପକ୍ଷକୁ ଶୁଣିବା ପରେ ପରବର୍ତ୍ତୀ ଶୁଣାଣି ପାଇଁ ଫେବୃଆରୀ ୨ ତାରିଖକୁ ଧାର୍ଯ୍ୟ କରିଛନ୍ତି ସ୍ୱତନ୍ତ୍ର କୋର୍ଟ। ସେପର୍ଯ୍ୟନ୍ତ ନ୍ୟାୟିକ ହେପାଜତରେ ରହିବେ ସୋରେନ। ତେବେ ନିଜ ଗିରଫଦାରି ବିରୋଧରେ ସୁପ୍ରିମକୋର୍ଟରେ ମଧ୍ୟ ସୋରେନ ଆବେଦନ କରିଛନ୍ତି। କ୍ଷମତାକୁ ଅପବ୍ୟବହାର କରି ରାଜ୍ୟରେ ଚାଲିଥିବା ଏକ ସ୍ଥିର ସରକାରଙ୍କୁ ଭାଙ୍ଗିବା ଉଦ୍ଦେଶ୍ୟରେ କେନ୍ଦ୍ର ପ୍ରରୋଚନାରେ ଇଡି ତାଙ୍କୁ ଗିରଫ କରିଥିବା ଅଭିଯୋଗ କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ସୋରେନ। ମୁଖ୍ୟ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ ସୋରେନଙ୍କ ଆବେଦନକୁ ଗ୍ରହଣ କରିଛନ୍ତି। ଶୁକ୍ରବାର ଅପରାହ୍ନ ୨ଟାରେ ସୁପ୍ରିମକୋର୍ଟରେ ସୋରେନଙ୍କ ଆବେଦନର ଶୁଣାଣି ହେବ।

# ଜ୍ଞାନବାପି ପରିସରରେ ହିନ୍ଦୁ ପକ୍ଷଙ୍କ ପୂଜାର୍ଚ୍ଚନା

ବାରାଣାସୀ, ୧।୨

ଦୀର୍ଘ ୩୦ ବର୍ଷ ପରେ ଜ୍ଞାନବାପି ମସ୍‌ଜିଦ୍‌ର ବନ୍ଦ ଥିବା ବେସମେଣ୍ଟରେ ପୂଜାର୍ଚ୍ଚନା ଓ ଆରତି କରିଛି ହିନ୍ଦୁ ପକ୍ଷ। ଗତ ୩୦ ବର୍ଷ ହେଲା ଏଠାରେ ପୂଜାର୍ଚ୍ଚନା ଉପରେ ରୋକ ଲାଗିଥିବା ବେଳେ ବୁଧବାର ବାରାଣାସୀ ଜିଲା କୋର୍ଟ ଏହି ଐତିହାସିକ ରାୟ ଦେଇଥିଲେ। ଜ୍ଞାନବାପି ମସ୍‌ଜିଦ୍‌ର ବେସମେଣ୍ଟରେ ଥିବା "ବ୍ୟାସ କା ତେହଖାନା" ଠାରେ ହିନ୍ଦୁ ପକ୍ଷଙ୍କୁ ପୂଜାର୍ଚ୍ଚନା ପାଇଁ କୋର୍ଟ ଅନୁମତି ଦେଇଥିଲେ। କୋର୍ଟଙ୍କ ଆଦେଶ ମୁତାବକ ବୁଧବାର ରାତିରୁ ଜିଲାପାଳ ଓ ଡିଆଇଜିଙ୍କ ଉପସ୍ଥିତିରେ ଏଠାରେ ରହିଥିବା ବ୍ୟାରିକେଡ୍ ଗୁଡ଼ିକୁ ହଟାଯାଇଥିଲା। ରାତି ପ୍ରାୟ ୩ଟାରେ ଏହି ମାମଲାରେ ଆବେଦନକାରୀ ଥିବା ବ୍ୟାସ ପରିବାରର ମୁଖ୍ୟ ପୂଜକଙ୍କ ଦ୍ୱାରା ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳନ କରାଯାଇଥିଲା। ସେହିପରି ସୂର୍ଯ୍ୟୋଦୟ ପୂର୍ବରୁ ମଙ୍ଗଳ ଆଳତୀ ସମ୍ପନ୍ନ ହୋଇଥିଲା। କୋର୍ଟଙ୍କ ଆଦେଶ ଅନୁଯାୟୀ ପ୍ରତିଦିନ ଏଠାରେ ପୂଜକଙ୍କ ଦ୍ୱାରା ମଙ୍ଗଳ ଆଳତି, ସନ୍ଧ୍ୟା ଆଳତି ଏବଂ ଶୟନ ଆଳତି କରାଯିବ ବୋଲି ହିନ୍ଦୁ ପକ୍ଷ ପକ୍ଷରୁ କୁହାଯାଇଛି। ସେପଟେ ବାରାଣାସୀ କୋର୍ଟଙ୍କ ରାୟକୁ ବିରୋଧ କରି ଅଞ୍ଜୁମନ୍ ଇନ୍ତଜାମିଆ ମସ୍‌ଜିଦ୍ କମିଟି ଗୁରୁବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ସମ୍ବନ୍ଧିତ ବିଭିନ୍ନ ଦସ୍ତାବିଜ ମଧ୍ୟ ସୁପ୍ରିମକୋର୍ଟ ରେଜିଷ୍ଟ୍ରାର୍‌ଙ୍କୁ ପ୍ରଦାନ କରାଯାଇଥିଲା। ତେବେ ଏହି ମାମଲାରେ ନ୍ୟାୟିକ ଆଶ୍ୱସ୍ତି ନିମନ୍ତେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିବାକୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।


ଜ୍ଞାନବାପି ମସ୍‌ଜିଦ ପରିସରରେ ଜଣେ ହିନ୍ଦୁ ପୂଜକ ପୂଜାର୍ଚ୍ଚନା କରୁଛନ୍ତି।

# ରାଜସ୍ଥାନରେ ଖୁବ୍‌ଶୀଘ୍ର ସମାନ ଡ୍ରେସ୍ କୋଡ୍

ଜୟପୁର, ୧।୨

ରାଜସ୍ଥାନରେ ଚାଲିଥିବା ହିଜାବ ବିବାଦ ମଧ୍ୟରେ ବଡ଼ ବୟାନ ଦେଇଛନ୍ତି ରାଜ୍ୟ ଶିକ୍ଷାମନ୍ତ୍ରୀ ମଦନ ଦିଲାୱାର। ସବୁ ଧର୍ମର ଛାତ୍ରୀଛାତ୍ରଙ୍କ ପାଇଁ ଖୁବଶୀଘ୍ର ରାଜ୍ୟରେ ସମାନ ଡ୍ରେସ୍ କୋଡ୍ ଲାଗୁ ହେବ। ସେହିପରି ରାଜ୍ୟର ସମସ୍ତ ବିଦ୍ୟାଳୟରେ ଦେବୀ ସରସ୍ୱତୀଙ୍କର ମୂର୍ତ୍ତି ରଖିବାକୁ ବାଧ୍ୟତାମୂଳକ କରାଯିବ ବୋଲି ସେ କହିଛନ୍ତି। ସେପଟେ ଖୁବଶୀଘ୍ର ରାଜ୍ୟର ବିଦ୍ୟାଳୟଗୁଡ଼ିକର ମାହୋଲ କିପରି ରହିଛି ସେନେଇ ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ଯାଞ୍ଚ କରାଯିବା ନେଇ ଶିକ୍ଷା ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଚଳିତ ଗଣତନ୍ତ୍ର ଦିବସ ଅବସରରେ ରାଜ୍ୟର ଏକ ବିଦ୍ୟାଳୟରେ ଚାଲିଥିବା କାର୍ଯ୍ୟକ୍ରମରେ ଜଣେ ଛାତ୍ରୀ ହିଜାବ ପିନ୍ଧି ଆସିବାକୁ ନେଇ ଭାଜପା ବିଧାୟକ ବାଲମୁକୁନ୍ଦ ଆଚାର୍ଯ୍ୟ ଆପତ୍ତି ଜଣାଇଥିଲେ। ଏହାକୁ ରାଜ୍ୟର ମୁସଲମାନ୍ ଛାତ୍ରୀମାନେ ବିରୋଧକରି ସୁଭାଷଚୌକ ଥାନା ସମ୍ମୁଖରେ ପ୍ରତିବାଦ କରିଥିଲେ। ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଥିଲେ। ଯଦି ଗୋଟିଏ ଶ୍ରେଣୀରେ କେତେଜଣ ଛାତ୍ରୀ ହିଜାବ ପିନ୍ଧି ଆସିବେ ବିଦ୍ୟାଳୟ ମଧ୍ୟରେ ଦୁଇ ପ୍ରକାରର ବାତାବରଣ ଦେଖିବାକୁ ମିଳିବ ବୋଲି ବାଲମୁକୁନ୍ଦ କହିଥିଲେ।









## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରବୀନ୍ଦ୍ରନାଥ ରଥ**

ଭୁବନେଶ୍ୱର

ଆବିର୍ଭାବ- ୨୭।୦୩।୧୯୪୨
ତିରୋଧାନ- ୧୩।୦୧।୧୯୯୬

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ- ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।

ଧ-୨୪୦୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ପ୍ରକାଶ କୁମାର ପରିଜା**

ଆବିର୍ଭାବ: ୩୦।୧୧।୧୯୬୩
ତିରୋଧାନ: ୧୪।୦୧।୨୦୨୩

ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ପରୋପକାରିତା ସର୍ବଦା ସ୍ମରଣୀୟ। ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦତଳେ ବିନମ୍ର ପ୍ରାର୍ଥନା ଜଣାଉଛୁ।

ଶୋକସନ୍ତପ୍ତ ପରିବାରବର୍ଗ: ଭ୍ରାତା: ପ୍ରଦୀପ୍ତ କୁମାର ପରିଜା, ପୁଅ: ଅଭିନବ ପରିଜା ଓ ପରିବାରବର୍ଗ।

Plot No.–1270, Sarala Nagar, Padma Hospital lane, Bhubaneswar

Mob– 8018548344

ଧ-୨୪୦୮

### ସୋସାଇଟି ଛାଡ଼ିବାକୁ ମଣିଶଙ୍କର ଝିଅଙ୍କୁ ନୋଟିସ

ନୂଆଦିଲ୍ଲୀ, ୧।୨

ଅଯୋଧାରେ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ସାମାଜିକ ଗଣମାଧମରେ ବିରୋଧ କରିଥିବାରୁ ବରିଷ୍ଠ କଂଗ୍ରେସ ନେତା ମଣିଶଙ୍କର ଆୟାରଙ୍କର ଝିଅ ସୁରନ୍ୟା ଆୟାରଙ୍କୁ ସୋସାଇଟି ଛାଡ଼ିବା ପାଇଁ ନିର୍ଦ୍ଦେଶ ମିଳିଛି। ଦିଲ୍ଲୀର ଜଙ୍ଗପୁରା ଅଞ୍ଚଳରେ ସୁରନ୍ୟା ରହୁଥିବା ସୋସାଇଟିର ରେସିଡେଣ୍ଟସ୍ ୱେଲଫେୟାର ଅ।ସୋସିଏଶନ (ଆରଡବ୍ଲ୍ୟୁଏ) ପକ୍ଷରୁ ଏକ ନୋଟିସ ଜାରି ହୋଇଛି।





## CLASSIFIED DISPLAY

| TARIFF | MORE SPACE • SAME PRICE | | | | | | | | GST 5% |
|---|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30 days | | |
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**TO-LET FOR OFFICE**
(1000 sqft to 4000 sqft) Wide parking area, Lift facility & Security facility
At Jharapada Ganesh Mandap Chhack, Bhubaneswar
7978450312
8908183997

**OAS HUB**
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ADMISSION OPEN**
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday 0674-2580101, 2549949



**REAL ESTATE**

**SALE**

Gharabari plot 2700sft. yellowzone, 10 meters from Malipada Main Road, 30 feet road Bhubaneswar @ 2600 per sqft., Contact ROJA 7991080014. D-2406

Ready to move 5 Bed-room New Construction duplex house sale at Gita Engineering College, Bhubaneswar (only 500Mtrs distance from NH-5 Goharia Chhak) cost @ 90Lakh (only genuine buyer plz contact) 9938867397. D-2405

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298

ଭୁବନେଶ୍ୱର ପଟିଆ ରେଲୱେ ଷ୍ଟେଶନ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

**Semifurnished 3BHK flat at Jharpada 80' road side near Ganesh Mandap Chhak. Contact No.- 9437307086, 7978209277.** D-2362

Duplex sale at Bhubaneswar @ 57 lakhs only. Contact: 9777433701. D-75300

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ **30'** ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-75292




Newly open SPA positively health benefits (Expert therapist). Contact: 9124527170. D-75197

Spa Kerala body Massage best Therapist @699/- Bhubaneswar. kajal-9337672475. D-2397

Refreshments Body massage Therapy with experienced Therapists, Ashirvad Panchakarma Spa, Keshari Mall, Bhubaneswar, 8926173473. D-67128

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

Newly health benefited Spa Expert Therapist at Mastercanteen. Contact: 7749034655. D-75193

Newly open health benefits SPA special offer @ 999 Bapujinagar. 8018429809. D-75195

**AFFIDAVIT**

By virtue of an affidavit before Notary Public, Bhubaneswar vide No. 00AA 025186, I, Dr. Sonia Nayak, P-131, Srikshetravihar, Aiginia, Bhubaneswar after my marriage to Dr. Amit Das have changed my surname from Nayak to Das. Henceforth, I shall be known as Dr. Sonia Das for all purposes. D-71700

ମୁଁ, ସୁନ୍ଦରୀ କଣ୍ଟା, ସ୍ୱାମୀ: ସ୍ୱର୍ଗତ ଯୋଗେଶ୍ୱର କଣ୍ଟା, ଗ୍ରାମ: ଭେଜିପୁଟ, ଥାନା: ଖଲ୍ଲିକୋଟ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା। ମୋର ଆଧାର ଏବଂ ପ୍ୟାନ୍ କାର୍ଡରେ ମୁଁ ମୋର ନାମ ସୁନ୍ଦରୀ କଣ୍ଟା (ପୂର୍ବରୁ ସୁନ୍ଦରୀ ପ୍ରଧାନ) ଭାବରେ ପରିବର୍ତ୍ତନ କରିଛି। କିନ୍ତୁ ଭେଜିପୁଟ ମୌଜାର ପ୍ଲଟ୍ ନଂ.-୧୧୨୨/୨୪୩୩ରେ ମୋର ନାମ ସୁନ୍ଦରୀ ପ୍ରଧାନ ଭାବରେ ଉଲ୍ଲେଖ କରାଯାଇଛି। ଏହା ପରଠାରୁ ଉଭୟ ସୁନ୍ଦରୀ କଣ୍ଟା ଏବଂ ସୁନ୍ଦରୀ ପ୍ରଧାନ ସମାନ ଅଟନ୍ତି ଏବଂ ୨୬।୦୭।୨୩ତାରିଖ ଦିନ ନୋଟାରୀ ଖଲ୍ଲିକୋଟ୍‌ରୁ ଶପଥ ଗ୍ରହଣ କରିଥିବା ଜଣେ ବ୍ୟକ୍ତି ଯାହା ମୁଁ ନିଜେ। ଧ-୨୪୦୩

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit sworn before the Executive Magistrate, Bhubaneswar dated 30.01.2024, I Pradip Parida, S/o- Bishuni Parida, Village- Harichandanpur, P.O.- Khalisahi, P.S.- Khandapada, Dist.- Nayagarh, Odisha declare that I have changed my name from Pradip Kumar Parida to Pradip Parida. Henceforth I shall be known as Pradip Parida for all purposes.
Sd./- Pradip Parida
D-2402

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

ଆମ୍ଭେ ବିନୋଦିନୀ ପ୍ରଧାନ, ସ୍ୱା- ସଚ୍ଚିଦାନନ୍ଦ ପ୍ରଧାନ, ସା- ଜାମୁଡିହି, ପୋ- ଢଁସର, ଥାନା- ବାଙ୍କୀ, ଜିଲା- କଟକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛୁ କି, ଗତ ତା ୨୫।୧। ୨୦୨୪ ରିଖରେ ବାଙ୍କୀ ବଜାରରେ ଆମ୍ଭର ଏକ କନା ବ୍ୟାଗରେ ଥିବା କିଛି କାଗଜାତ ସହ ଏକ ରେଜିଷ୍ଟ୍ରି ବିକ୍ରୟ ଦଲିଲ ନଂ. ୧୦୪୧୧୯୦୧୦୫୮/ ତା. ୧୭।୯।୨୦୧୯ ଓ ଜମିପଟ୍ଟା ମୌଜା ତାରାପୁର, ଖାତା ନଂ. ୯୦୭/୫୮୪ (ଉଭୟ ଅସଲ କାଗଜାତ) କେଉଁଠାରେ ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ଏହା ପାଇବେ ତେବେ ମୋବାଇଲ ନଂ. ୭୮୫୪୯୯୧୨୩୧ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୨୪୦୭

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

# ବାରବାଟୀରେ ଆଜିଠୁ ଓଡ଼ିଶା-ପୁଡୁଚେରୀ

## ରଣଜୀ ଟ୍ରଫି

ଭୁବନେଶ୍ୱର, ୧।୨
(ତପନ ସ୍ୱାଇଁ)

ଓଡ଼ିଶା ଓ ପୁଡୁଚେରୀ ମଧ୍ୟରେ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଶୁକ୍ରବାରଠାରୁ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ବାହାର ପରିବେଶରେ ସିଜନର ପ୍ରଥମ ୨ଟି ମ୍ୟାଚ ଖେଳିଥିବା ଓଡ଼ିଶା ଘରୋଇ ପରିବେଶରେ ତୃତୀୟ ମ୍ୟାଚ ଖେଳିବ। ତେବେ ଚଳିତ ସିଜନରେ ବାରବାଟୀରେ ଏହା ହେବ ଓଡ଼ିଶାର ପ୍ରଥମ ମ୍ୟାଚ। ପୂର୍ବ ୨ଟି ମ୍ୟାଚ ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳିଥିଲା। ଓଡ଼ିଶା ଏପର୍ଯ୍ୟନ୍ତ ୪ଟି ମ୍ୟାଚ ଖେଳିଥିବାବେଳେ ଗୋଟିଏ ଜିତିଛି, ୨ଟି ହାରିଛି ଏବଂ ଗୋଟିଏ ଡ୍ର ରଖିଛି। ଭଦୋଦରାରେ ବରୋଦାଠାରୁ ୧୪୭ ରନରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଇନ୍ଦୋରରେ ଅନୁଷ୍ଠିତ ପରବର୍ତ୍ତୀ ମ୍ୟାଚକୁ ମଧ୍ୟ ପ୍ରଦେଶ ସହ ଡ୍ର ରଖିଥିଲା। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଡ୍ରିମ୍ସରେ ଅନୁଷ୍ଠିତ ତୃତୀୟ ମ୍ୟାଚରେ ଜମ୍ମୁ-କଶ୍ମୀରଠାରୁ ଦଳ ୨ ଉଇକେଟରେ ପରାଜିତ ହୋଇ ଶକ୍ତ ଝଟ୍‌କା ଖାଇଥିଲା। ମାତ୍ର ସେହି ଗ୍ରାଉଣ୍ଡରେ ଖେଳିଥିବା ୪ର୍ଥ ମ୍ୟାଚରେ ଓଡ଼ିଶା ପ୍ରତିପକ୍ଷ ହିମାଚଳ ପ୍ରଦେଶକୁ ୨୩୮ ରନରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ୪ ମ୍ୟାଚରୁ ୯ ପଏଣ୍ଟ ସହ ଓଡ଼ିଶା ଗ୍ରୁପ୍ 'ଡି' ଟେବୁଲର ୫ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ପୁଡୁଚେରୀ ଏପର୍ଯ୍ୟନ୍ତ ଖେଳିଥିବା ୪ ମ୍ୟାଚରୁ ୨ଟି ଜିତିଛି ଏବଂ ୨ଟିରେ ପରାଜିତ ହୋଇଛି। ୧୨ ପଏଣ୍ଟ ସହିତ ଦଳ ଗ୍ରୁପ୍ 'ଡି' ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଛି। ଏହି ଦଳ ଦିଲ୍ଲୀକୁ ୯ ଉଇକେଟରେ ହରାଇବାପରେ ବରୋଦାଠାରୁ ୯୮ ରନରେ ପରାଜିତ ହୋଇଛି। ପରବର୍ତ୍ତୀ ମ୍ୟାଚରେ ଉତ୍ତରାଖଣ୍ଡକୁ ୫୫ ରନରେ ହରାଇଥିଲେ ହେଁ ମଧ୍ୟ ପ୍ରଦେଶଠାରୁ ୩୧୯ ରନରେ ବୃହତ୍ ପରାଜୟ ବରଣ କରିଛି।





ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଆରମ୍ଭ ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଆମେରିକା ଓ ଚାଇନା ମହିଳା ହକି ଖେଳାଳିଙ୍କ ଅଭ୍ୟାସ।

# ହରମନପ୍ରୀତ ଅଧିନାୟକ

## ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ପାଇଁ ଭାରତୀୟ ହକି ଦଳ ଘୋଷିତ

ଭୁବନେଶ୍ୱର, ୧।୨
(ତପନ ସ୍ୱାଇଁ)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ହେବାକୁଥିବା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ପାଇଁ ୨୪ ଜଣିଆ ଭାରତୀୟ ପୁରୁଷ ହକି ଦଳ ଗୁରୁବାର ଘୋଷିତ ହୋଇଛି। ଡ୍ରାଗ୍-ଫ୍ଲିକର ହରମନପ୍ରୀତ ସିଂ ଅଧିନାୟକ ପଦ ବଜାୟ ରଖିଥିବାବେଳେ ଓଡ଼ିଶାରୁ ଏକମାତ୍ର ତାରକା ଡିଫେଣ୍ଡର ଅମିତ ରୋହିଦାସଙ୍କୁ ସୁଯୋଗ ମିଳିଛି। ହାର୍ଦ୍ଦିକ ସିଂଙ୍କୁ ଉପଅଧିନାୟକ ମନୋନୀତ କରାଯାଇଛି। ଲିଗ୍‌ର ଭୁବନେଶ୍ୱର ଚରଣ ଚଳିତ ମାସ ୧୦ରୁ ଆରମ୍ଭ ହୋଇ ୧୬ରେ ଶେଷ ହେବ। ସେହିପରି ରାଉରକେଲା ଚରଣ ୧୯ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତୀୟ ଦଳ ଏହି ଗୁରୁତ୍ୱପୂର୍ଣ୍ଣ ଲିଗ୍‌ରେ ନେଦରଲାଣ୍ଡ୍ସ, ସ୍ପେନ୍ ଓ ଅଷ୍ଟ୍ରେଲିଆ ସହିତ ୨ ଥର ଲେଖାଏ ଖେଳିବ। ୧୦ ତାରିଖରେ ଭାରତ ଏହାର ପ୍ରଥମ ମ୍ୟାଚରେ ସ୍ପେନ୍‌କୁ ଭେଟିବ।

ଦଳ ଚୟନ ସମ୍ପର୍କରେ ମତଦେଇ ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ କହିଛନ୍ତି ଯେ, ''ସନ୍ତୁଳନ ରକ୍ଷା କରିବା ଲକ୍ଷ୍ୟରେ ଦଳ ଚୟନ ସମୟରେ ସତର୍କତା ଅବଲମ୍ବନ କରାଯାଇଛି। ଫଳରେ ଅଭିଜ୍ଞ ଖେଳାଳିଙ୍କ ସହ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ସାମିଲ କରାଯାଇଛି। ଉଚ୍ଚସ୍ତରରେ ପ୍ରଦର୍ଶନ ପାଇଁ ଭଲ ଖେଳାଳିଙ୍କ ଏକ ଗ୍ରୁପ୍ ପ୍ରସ୍ତୁତ କରିବା ଆମର ଉଦ୍ଦେଶ୍ୟ। ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଶକ୍ତିଶାଳୀ ଦଳଗୁଡ଼ିକ ଅଂଶଗ୍ରହଣ କରୁଛନ୍ତି। ତେଣୁ ସେଗୁଡ଼ିକ ବିପକ୍ଷରେ ରଣନୀତି ପ୍ରସ୍ତୁତ କରିବା ଏବଂ ନିଜ ଦକ୍ଷତା ଜାଣିବା ପାଇଁ ଏହି ଲିଗ୍ ସୁଯୋଗ ଦେଇଛି। ପ୍ରୋ-ଲିଗ୍‌ର ଚାମ୍ପିୟନ ଦଳ ୨୦୨୬ ଏଫ୍‌ଆଇଏଚ୍ ହକି ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବ। ଏହାବ୍ୟତୀତ ଆଗକୁ ପ୍ୟାରିସ ଅଲିମ୍ପିକ୍ସ ଆସୁଥିବାରୁ ଆମର କେଉଁ ବିଭାଗ ଶକ୍ତିଶାଳୀ ଏବଂ ଦୁର୍ବଳ ଅଛି ତା' ଉପରେ ମଧ୍ୟ ଜାଣିବା ସହଜ ହେବ''। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୩-୨୪ର ସମସ୍ତ ମ୍ୟାଚ ସ୍ପୋର୍ଟ୍ସ୧୮-ଖେଲ୍‌ରେ ପ୍ରସାରିତ ହେବ। ଏହା ବ୍ୟତୀତ ଜିଓସିନେମାରେ ଷ୍ଟ୍ରିମିଂ ହେବ।



ହରମନପ୍ରୀତ ସିଂ

**ଭାରତୀୟ ଦଳ**

ଗୋଲକିପର୍ସ: ଶ୍ରୀଜେଶ ପରଟ୍ଟୁ ରବୀନ୍ଦ୍ରନ, କ୍ରିଶନ ବାହାଦୁର ପାଠକ। ଡିଫେଣ୍ଡର୍ସ: ଜରମନପ୍ରୀତ ସିଂ, ସୁମିତ, ଯୁଗରାଜ ସିଂ, ଅମିତ ରୋହିଦାସ, ହରମନପ୍ରୀତ ସିଂ (ଅଧିନାୟକ), ବରୁଣ କୁମାର, ସଞ୍ଜୟ, ବିଷ୍ଣୁକାନ୍ତ ସିଂ। ମିଡ୍‌ଫିଲ୍ଡର୍ସ: ହାର୍ଦ୍ଦିକ ସିଂ(ଉପ-ଅଧିନାୟକ), ବିବେକ ସାଗର ପ୍ରସାଦ, ମନପ୍ରୀତ ସିଂ, ନୀଳକାନ୍ତ ଶର୍ମା, ଶମଶେର ସିଂ, ରାଜକୁମାର ପାଲ୍, ରବିଚନ୍ଦ୍ର ସିଂ ମୋଇରାଙ୍ଗଥେମ୍। ଫରୱାର୍ଡ୍ସ: ଲଳିତ କୁମାର ଉପାଧ୍ୟାୟ, ମନଦୀପ ସିଂ, ଗୁଜରାନ୍ତ ସିଂ, ସୁଖଜିତ ସିଂ, ଅଭିଷେକ, ଆକାଶଦୀପ ସିଂ, ଅରାଇଜିତ ସିଂ ହୁଣ୍ଡାଲ।

# କ୍ରୀଡ଼ା ବଜେଟରେ ୪୫ କୋଟି ଟଙ୍କା ବୃଦ୍ଧି

ନୂଆଦିଲ୍ଲୀ,୧।୨(ପି.ଟି.)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପାର୍ଲାମେଣ୍ଟରେ ଗୁରୁବାର ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି। ଏଥିରେ ଗତବର୍ଷ ତୁଳନାରେ ୪୫.୩୬ କୋଟି ଟଙ୍କା ବୃଦ୍ଧି ସହ କ୍ରୀଡ଼ା ମନ୍ତ୍ରଣାଳୟକୁ ୩,୪୪୨.୩୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ପୂର୍ବ ବଜେଟରେ କ୍ରୀଡ଼ା ମନ୍ତ୍ରଣାଳୟକୁ ୩,୩୯୬.୯୬ କୋଟି ଟଙ୍କା ମିଳିଥିଲା। ଏଥିରେ ଗତବର୍ଷ ତୁଳନାରେ କ୍ରୀଡ଼ା ମନ୍ତ୍ରଣାଳୟକୁ ଅତିରିକ୍ତ ୪୫.୩୬ କୋଟି ଟଙ୍କା ମିଳିଛି। ପ୍ୟାରିସରେ ଅଲିମ୍ପିକ ଗେମ୍ସ ଜୁଲାଇ ୨୬ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ହେବ। ତେଣୁ ୨୦୨୪-୨୫ ଆର୍ଥିକ ବର୍ଷରେ ଦେଶର ବିଶେଷ ଧ୍ୟାନ ରହିବ। ମନ୍ତ୍ରଣାଳୟର ଫ୍ଲାଗ୍‌ଶିପ୍ ପ୍ରୋଗ୍ରାମ୍‌ରେ ଖେଲୋ ଇଣ୍ଡିଆ ପାଇଁ ୯୦୦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ପୂର୍ବ ବଜେଟ ତୁଳନାରେ ଏଥିରେ ୨୦ କୋଟି ଟଙ୍କା ବୃଦ୍ଧି କରାଯାଇଛି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ଜାତୀୟ କ୍ୟାମ୍ପମାନ ଆୟୋଜନ କରିଥାଏ। ଆଥ୍‌ଲେଟମାନଙ୍କୁ ଭିତ୍ତିଭୂମି ଓ ଖେଳ ସରଞ୍ଜାମ ଯୋଗାଇଦେବା ସହ କୋଚ ନିଯୁକ୍ତି ଦେଇଥାଏ। ପୂର୍ବ ବର୍ଷର ବ୍ୟୟ ଅଟକଳ ୭୯୫.୭୭ କୋଟି ଟଙ୍କା ତୁଳନାରେ ସାଇ ବଜେଟରେ ୨୬.୮୩ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେହିପରି ନ୍ୟାଶନାଲ ସ୍ପୋର୍ଟ୍ସ ଫେଡେରେଶନ (ଏନ୍‌ଏସ୍‌ଏଫ୍)କୁ ଏଥର ଅତିରିକ୍ତ ୧୫କୋଟି ଟଙ୍କା ମିଳିବ। ୨୦୨୩-୨୪ ବଜେଟରେ ଏଥିପାଇଁ ୩୨୫ କୋଟି ଟଙ୍କା ବ୍ୟବସ୍ଥା ରହିଥିଲା। ଅନ୍ତରୀଣ ବଜେଟରେ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା)କୁ ୨୦୨୩-୨୪ ସଂଶୋଧିତ ବଜେଟ ୨୧.୭୩ କୋଟି ଟଙ୍କା ଉପରେ ଏଥର ଅତିରିକ୍ତ ୨୨.୩୦ କୋଟି ଟଙ୍କା ମିଳିଛି। ଡୋପ୍ ସାମ୍ପଲ ଟେଷ୍ଟ କରୁଥିବା ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବୋରେଟୋରି (ଏନ୍‌ଡିଟିଏଲ୍)କୁ ୨୨ କୋଟି ଟଙ୍କା ମିଳିବ। ଗତ ବଜେଟ ତୁଳନାରେ ଏହା ୨.୫ କୋଟି ଟଙ୍କା ଅଧିକ। ଅନ୍ୟପକ୍ଷରେ ନ୍ୟାଶନାଲ ସେଣ୍ଟର ଅଫ୍ ସ୍ପୋର୍ଟ୍ସ ସାଇନ୍ସ ଆଣ୍ଡ ରିସର୍ଚ୍ଚ ପାଇଁ ଉଦ୍ଦିଷ୍ଟ ବଜେଟକୁ ୧୦ କୋଟିରୁ ୮କୋଟି ଟଙ୍କାକୁ ହ୍ରାସ କରିଦିଆଯାଇଥିବା ବେଳେ ନ୍ୟାଶନାଲ ସ୍ପୋର୍ଟ୍ସ ୟୁନିଭର୍ସିଟି ୮୩. ୨୧ କୋଟି (୨୦୨୩-୨୪ ବଜେଟ) ପରିବର୍ତ୍ତେ ୯୧.୯୦ କୋଟି ଟଙ୍କା ପାଇବ। ବଜେଟରେ କ୍ରୀଡ଼ାବିତ୍‌ଙ୍କ ପ୍ରୋତ୍ସାହନ ରାଶିକୁ ୮୪କୋଟି ଟଙ୍କାରୁ ୩୯ କୋଟି ଟଙ୍କାକୁ ହ୍ରାସ କରାଯାଇଛି। ସେହିପରି ନ୍ୟାଶନାଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ପାଣ୍ଠିର ପରିମାଣକୁ ୪୬କୋଟି ଟଙ୍କାରୁ ୧୮ କୋଟି ଟଙ୍କାକୁ ହ୍ରାସ କରାଯାଇଛି। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ନ୍ୟାଶନାଲ ୱେଲଫେୟାର ଫର ସ୍ପୋର୍ଟ୍ସପର୍ସନ ସ୍କିମ୍‌କୁ ୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଜମ୍ମୁ-କଶ୍ମୀରରେ କ୍ରୀଡ଼ା ସୁବିଧା ବୃଦ୍ଧି ପାଇଁ ପୂର୍ବ ବଜେଟରେ ୨୦ କୋଟି ଟଙ୍କା ବ୍ୟବସ୍ଥା ରହିଥିବା ବେଳେ ଏହା ୮ କୋଟି ଟଙ୍କାକୁ ଖସାଇ ଦିଆଯାଇଛି। ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ବ୍ୟୟ ବରାଦ ୧୫ କୋଟି ଟଙ୍କା ରଖାଯାଇଥିବା ବେଳେ ଏହା ୦.୦୧ କୋଟି ଟଙ୍କାକୁ ହ୍ରାସ କରାଯାଇଛି। ଭାରତୀୟ ଅଲିମ୍ପିକ ଆସୋସିଏଶନ(ଆଇଓଏ) ମୁଖ୍ୟ ପି.ଟି. ଉଷା ବଜେଟ ଉପରେ ତାଙ୍କର ପ୍ରତିକ୍ରିୟା ରଖି କହିଛନ୍ତି, ସରକାର ପାଣ୍ଠି କରିବା ଦ୍ୱାରା ଆଥ୍‌ଲେଟମାନଙ୍କ ଲାଗି ବିଶେଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହାୟକ ହେବ।

# ଶୀର୍ଷସ୍ଥାନ ହାସଲ ମୁଖ୍ୟ ଲକ୍ଷ୍ୟ

## ଇଣ୍ଡିଆନ ସୁପର ଲିଗ୍

### ଆଜି ଓଏଫ୍‌ସି ବନାମ କେରଳ ବ୍ଲାଷ୍ଟର୍ସ

ଭୁବନେଶ୍ୱର, ୧।୨ (ତପନ ସ୍ୱାଇଁ)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ୨୦୨୩-୨୪ ସିଜନ ଦ୍ୱିତୀୟ ଚରଣରେ ପହଞ୍ଚିଛି। ଏହି ପର୍ଯ୍ୟାୟରେ ଓଡ଼ିଶା ଏଫ୍‌ସି ଘରୋଇ ପରିବେଶରେ ଶୁକ୍ରବାର କେରଳ ବ୍ଲାଷ୍ଟର୍ସ ବିପକ୍ଷରେ ମ୍ୟାଚ ଖେଳିବ। କଳିଙ୍ଗ ଷ୍ଟାଡିୟମରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ପ୍ରଥମ ଚରଣରେ ଦୁଇ ଦଳ ମଧ୍ୟରେ ମ୍ୟାଚ କେରଳ ବ୍ଲାଷ୍ଟର୍ସ ଏକଦା ପଛୁଆ ରହିଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ ଦେଇ ୨-୧ ଗୋଲରେ ବିଜୟୀ ହୋଇଥିଲା। କୋଚିର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଏହି ମ୍ୟାଚ ଖେଳା ଯାଇଥିଲା। ତେଣୁ ଆଗାମୀ ମ୍ୟାଚରେ ବିଜୟୀ ହୋଇ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେବାପାଇଁ ଓଡ଼ିଶା ଏଫ୍‌ସି ନିକଟରେ ସୁଯୋଗ ରହିଛି।

ଓଡ଼ିଶା ଏଫ୍‌ସି ୧୨ ମ୍ୟାଚରୁ ୨୪ ପଏଣ୍ଟ ପାଇ ସାରିଛି। ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଥିବା ଓଏଫ୍‌ସି ଆଗାମୀ ମ୍ୟାଚରେ ଘରୋଇ ପରିବେଶକୁ ଫାଇଦା ନେବାକୁ ନିଶ୍ଚିତ ଚେଷ୍ଟା କରିବ। ସର୍ଗିଓ ଲୋବେରାଙ୍କ ଦଳ ଆଇଏସଏଲ୍ ଷ୍ଟାଣ୍ଡିଂର ଶୀର୍ଷସ୍ଥାନ ଉପରେ ନଜର ରଖିଥିବାରୁ ଆଗାମୀ ମ୍ୟାଚ ବହୁ ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷରେ କେରଳ ବ୍ଲାଷ୍ଟର୍ସ ୧୨ ମ୍ୟାଚରୁ ୮ ବିଜୟ ସହ ୨୬ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ଓଡ଼ିଶା ଏଫ୍‌ସିଠାରୁ ୨ ପଏଣ୍ଟ ଆଗରେ ଥିବାରୁ ଏହି ଦଳ ମଧ୍ୟ ଆସନ୍ତା ମ୍ୟାଚ ଜିତି ଶୀର୍ଷରେ ନିଜର ସ୍ଥାନ ସୁଦୃଢ଼ କରିବା ଲକ୍ଷ୍ୟରେ ରହିଛି। କେରଳ ବିପକ୍ଷରେ ଦଳର ଭଲ ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଓଡ଼ିଶା ଏଫ୍‌ସି କୋଚ୍ ସର୍ଗିଓ ଲୋବେରା। ପ୍ରତିଯୋଗିତାର ପ୍ରଥମ ଚରଣରେ ଇଞ୍ଜୁରି ଏବଂ ଅନ୍ୟ କେତେକ ସମସ୍ୟା ଥିଲେ ମଧ୍ୟ ଖେଳାଳିଙ୍କ ପ୍ରତିଶ୍ରୁତିବଦ୍ଧତାକୁ ସେ ପ୍ରଶଂସା କରିଛନ୍ତି। ଖେଳାଳିମାନେ ପେସାଦାର ମନୋଭାବ ପ୍ରଦର୍ଶନ କରିଛନ୍ତି। ଘରୋଇ ପରିବେଶରେ ଖେଳୁଥିବାରୁ ଓଡ଼ିଶା ଏଫ୍‌ସି ଆଗାମୀ ମ୍ୟାଚରୁ ୩ ପଏଣ୍ଟ ପାଇବା ଆଶା ରହିଛି ବୋଲି ଗୁରୁବାର ଅନୁଷ୍ଠିତ ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ଲୋବେରା କହିଛନ୍ତି। ଖେଳାଳି ଲାଲଥଙ୍ଗା ଖଲରିଙ୍ଗ୍ (ପୁଏଟା) ମଧ୍ୟ କୋଚ୍‌ଙ୍କ ସହ ଏକମତ ହୋଇଛନ୍ତି।



ସର୍ଗିଓ ଲୋବେରା ଓ ଲାଲଥଙ୍ଗା ଖଲରିଙ୍ଗ୍।

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଭାରତ

## ଦ୍ୱିତୀୟ କ୍ରିକେଟ ଟେଷ୍ଟ

**ମ୍ୟାଚ ଆରମ୍ଭ: ସକାଳ ୯ଟା ୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

ବିଶାଖାପାଟଣା,୧।୨(ପି.ଟି.)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ ଏଠାରେ ଶୁକ୍ରବାରଠାରୁ ଖେଳାଯିବ। ପ୍ରଥମ ମ୍ୟାଚରେ ନାଟକୀୟ ପରାଜୟ ପରେ ଚାପରେ ଥିବା ଭାରତକୁ ଏହାର ଖେଳ ଷ୍ଟାଇଲରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଇଞ୍ଜୁରୀ ଯୋଗୁ ରବୀନ୍ଦ୍ର ଜାଡେଜା ଓ କେ.ଏଲ୍. ରାହୁଲଙ୍କ ଅନୁପସ୍ଥିତି ଦଳ ପାଇଁ ସମସ୍ୟା ହୋଇଛି। ୩ବର୍ଷ ପୂର୍ବେ ଆୟୋଜକ ଦଳ ପାଇଁ ସମାନ ପରିସ୍ଥିତି ଦେଖାଦେଇଥିଲା। ଚେନ୍ନାଇରେ ଇଂଲଣ୍ଡ ବିପକ୍ଷ ଓପନିଂ ଟେଷ୍ଟରେ ପରାଜିତ ହେବା ପରେ ଦୃଢ ପ୍ରତ୍ୟାବର୍ତ୍ତନ ସହ ସିରିଜ ଜିତିପାରିଥିଲା। ତେବେ ଜୋ ରୁଟ୍‌ଙ୍କ ନେତୃତ୍ୱାଧୀନ ଦଳର ଖେଳାଳିମାନଙ୍କର ତରିକା ସମ୍ପୂର୍ଣ୍ଣ ଭିନ୍ନ। ଏକ ଟର୍ନିଂ ଟ୍ରାକ୍‌ରେ ପ୍ରଥମେ ୧୯୦ରନରେ ପଛୁଆ ଥାଇ ସୁଦ୍ଧା ଭ୍ରମଣକାରୀ ଦଳ ସିଜନ ଓପନର ଜିତି ନେଇଥିଲା। ପାଖରେ ୩ ଜଣ ବିଶ୍ୱ ଶ୍ରେଣୀୟ ସ୍ପିନର ଥାଇ ସୁଦ୍ଧା ତାହାକୁ ବେଖାତିର କରି ଓଲି ପୋପ୍‌ଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ବ୍ୟାଟରମାନେ ଚମତ୍କାର ସୁଇପ ଏବଂ ରିଭର୍ସ ସୁଇପ୍ ଶଟ ଖେଳି ଯେପରି ଅନାୟାସରେ ରନ ସଂଗ୍ରହ କରିପାରିଲେ ତାହା ଅଧିନାୟକ ରୋହିତ ଶର୍ମାଙ୍କୁ ଚକିତ କରିପକାଇଛି। ଭାରତ ଜାଡେଜାଙ୍କ ଭଳି ଦକ୍ଷ ସ୍ପିନରଙ୍କ ଅନୁପସ୍ଥିତି ଅନୁଭବ କରିବ। ତେବେ ୫୦୦ ଉଇକେଟ ମାଇଲଖୁଣ୍ଟଠାରୁ ଆଉ ମାତ୍ର ୪ ଉଇକେଟ ପଛରେ ରହିଥିବା ଅଶ୍ୱିନଙ୍କଠାରୁ ଉନ୍ନତ ବୋଲିଂ ଆଶା କରାଯାଉଛି। ଇଂଲଣ୍ଡର ଆକ୍ରମଣାତ୍ମକ ବ୍ୟାଟରମାନଙ୍କ ଉପରେ କିପରି ଅଙ୍କୁଶ ଲଗାଇଯାଇପାରିବ ଅକ୍ଷର ସେ ନେଇ ଯୋଜନା ପ୍ରସ୍ତୁତି କରିବା ଆବଶ୍ୟକ। ଜାଡେଜାଙ୍କ ସ୍ଥାନରେ ସମ୍ଭବତଃ ବାମହାତୀ ରିଷ୍ଟ ସ୍ପିନର କୁଳଦୀପ ଯାଦବ ଖେଳିପାରନ୍ତି। ବର୍ତ୍ତମାନ ପରିସ୍ଥିତିରେ ଭାରତ ଅନ୍ୟ ଜଣେ ସ୍ପିନର ସମ୍ଭବତଃ ୱାଶିଂଟନ ସୁନ୍ଦରଙ୍କୁ ନେଇ କିମ୍ବା ଜଣେ ପେସ୍ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ନେଇ ଖେଳୁଛି ତାହା ଲକ୍ଷ୍ୟ କରିବାର କଥା। ଭାରତୀୟ ଟେଷ୍ଟ ଦଳରେ ହାମହାତୀ ସ୍ପିନର ସୌରଭ କୁମାରଙ୍କୁ ପ୍ରଥମ ଥର ସୁଯୋଗ ମିଳିଛି। ଦ୍ୱିତୀୟ ଟେଷ୍ଟରେ 'ବାଜ୍‌ବଲ' ବିପକ୍ଷରେ କେବଳ ଭାରତର ଘାତକ ସ୍ପିନ ବୋଲରମାନଙ୍କର ନୁହେଁ, ଟର୍ନିଂ ଟ୍ରାକ୍‌ରେ ସଂଘର୍ଷ କରୁଥିବା ବ୍ୟାଟରମାନେ ବିପକ୍ଷ ଦଳର ନୂଆ ବାମହାତୀ ସ୍ପିନ ସେନ୍‌ସେଶନ ଟମ୍ ହାର୍ଟଲିଙ୍କୁ କିପରି ସାମ୍ନା କରୁଛନ୍ତି ତାହା ଉପରେ ସମସ୍ତଙ୍କ ଲକ୍ଷ୍ୟ ରହିବ।



କୋଚ୍ ରାହୁଲ ଦ୍ରାବିଡ଼ଙ୍କ ତତ୍ତ୍ୱାବଧାନରେ କୁଳଦୀପ ଯାଦବଙ୍କ ଅଭ୍ୟାସ।

**ଭାରତ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ଶ୍ରେୟସ ଆୟର, କେ.ଏସ୍. ଭରତ (ଉଇକେଟକିପର), ଧ୍ରୁବ ଜୁରେଲ (ଉଇକେଟକିପର), ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ, କୁଲଦୀପ ଯାଦବ, ମହମ୍ମଦ ସିରାଜ, ମୁକେଶ କୁମାର, ଯଶପ୍ରୀତ ବୁମ୍‌ରା (ଉପ-ଅଧିନାୟକ), ଆଭେଶ ଖାନ୍, ରଜତ ପଟିଦାର, ସର୍ଫରାଜ ଖାନ୍, ୱାଶିଂଟନ ସୁନ୍ଦର ଓ ସୌରଭ କୁମାର। **ଇଂଲଣ୍ଡ ଟେଷ୍ଟ ଦଳ:** ବେନ୍ ଷ୍ଟୋକ୍ସ (ଅଧିନାୟକ), ବେନ୍ ଡକେଟ, ଜ୍ୟାକ୍ କ୍ରଲି, ଜୋ ରୁଟ୍, ଓଲି ପୋପ୍, ଜନି ବେୟାରଷ୍ଟୋ, ବେନ୍ ଫୋକ୍ସ (ଉଇକେଟକିପର), ରେହାନ ଅହମଦ ଓ ଜେମ୍ସ ଆଣ୍ଡରସନ।

# ସମ୍ବିତଙ୍କ ପ୍ରଭାବୀ ପ୍ରଦର୍ଶନ

## ସୋଆ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍



ସମ୍ବିତ ପଣ୍ଡା

ଭୁବନେଶ୍ୱର, ୧।୨ (ତପନ ସ୍ୱାଇଁ)

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍‌ର ୭ମ ରାଉଣ୍ଡ ଖେଳ ଗୁରୁବାର ଶେଷ ହୋଇଛି। ସପ୍ତମ ରାଉଣ୍ଡ ଶେଷରେ ତେଲେଙ୍ଗାନାର ବିଗ୍ନେଶ ଭେମୁଲା ୬ ପଏଣ୍ଟ ପାଇ ଏକକ ଅଗ୍ରଣୀ ଲାଭ କରିଛନ୍ତି। ଓଡ଼ିଶା ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ସମ୍ବିତ ପଣ୍ଡାଙ୍କ ସହ ଇରାନ ଆଇଏମ୍ ତହବାଜ ଅରଶ, ଜମ୍ମୁ-କଶ୍ମୀର କ୍ୟାଣ୍ଡିଡେଟ ମାଷ୍ଟର ସୋହମ କୋମତ୍ରା ଓ ପଶ୍ଚିମବଙ୍ଗ ଗ୍ରାଣ୍ଡମାଷ୍ଟର ସାୟନ୍ତନ ଦାସ ୫.୫ ପଏଣ୍ଟ ଲେଖାଏ ପାଇ ମିଳିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସମ୍ବିତ ପ୍ରଭାବୀ ପ୍ରଦର୍ଶନ କରି ଉଭୟ ୬ଷ୍ଠ ଓ ୭ମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ୬ଷ୍ଠ ରାଉଣ୍ଡରେ ସେ ପଶ୍ଚିମବଙ୍ଗ ଗ୍ରାଣ୍ଡମାଷ୍ଟର ସପ୍ତଶ୍ରୀ ରୟ ଚୌଧୁରୀଙ୍କୁ ଧଳା ଗୋଟିରେ ଏବଂ ୭ମ ରାଉଣ୍ଡରେ ମହାରାଷ୍ଟ୍ର ଆଇଏମ୍ ସମିଦ ଜୟକୁମାର ଶେଟେଙ୍କୁ କଳା ଦାନରେ ପରାସ୍ତ କରିଛନ୍ତି। ୯ ଜଣ ଖେଳାଳି ୫ ପଏଣ୍ଟ ଲେଖାଏ ପାଇଛନ୍ତି। ପ୍ରତିଯୋଗିତାର ୧୬୦୦ ରେଟିଂରୁ କମ୍ ବର୍ଗ ଚେସ୍ ଗୁରୁବାର ଆରମ୍ଭ ହୋଇଛି। ଏଥିରେ ୨୦ ରାଜ୍ୟରୁ ୩୬୬ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୧୬୯ ଅନ୍ତର୍ଜାତୀୟ ରେଟେଡ ଖେଳାଳି ରହିଛନ୍ତି। ଏଥିରେ ମୋଟ ୯ ରାଉଣ୍ଡ ଖେଳ ହେବ।




# ଓଡ଼ିଆ ଭାଷାର ସମନ୍ୱିତ ବିକାଶରେ ଆଦିବାସୀ ଭାଷାର ଭୂମିକା



ବିଜୟ ଉପାଧ୍ୟାୟ

ଯେକୌଣସି ସଭ୍ୟତାର ବାହ୍ୟିକ ପରିପ୍ରକାଶ ହେଉଛି ତାର ସଂସ୍କୃତି। ଗୋଟିଏ ସଭ୍ୟତା ନିର୍ମାଣ ପଛରେ ଥାଏ ଏକାଧିକ ଲୋକ ସଂସ୍କୃତି। ଆଉ ମଧ୍ୟ ଗୋଟିଏ ସଂସ୍କୃତିର ଆବିର୍ଭାବ ହଠାତ ହୁଏ ନାହିଁ ବା ବାହାରୁ ଆଣି କେହି କେବେ ଥୋପି ଦେଇପାରେ ନାହିଁ। ମଣିଷର ସମସ୍ତ ପ୍ରବୃତ୍ତିଗତ ଓ ସ୍ୱାଭାବିକ ଆଚରଣକୁ ସୁନ୍ଦର ଓ ଉନ୍ନତତର କରିବା ଦିଗରେ ସମାଜର ତାଗିଦା ଓ ନିୟନ୍ତ୍ରଣ ହିଁ ଶହ ଶହ ବର୍ଷ ଧରି ଏହି ସଂସ୍କୃତିର ନିର୍ମାଣ କରୁଥାଏ। ବ୍ୟକ୍ତି ଓ ସମାଜ ଭିତରେ ଥିବା ଆନ୍ତଃ ସମ୍ପର୍କର ତାହା ହିଁ ପାଲଟିଯାଏ ନିୟାମକ। ଏହିଭଳି ବିଭିନ୍ନ ଜାତି, ଗୋଷ୍ଠୀ ଓ ସମ୍ପ୍ରଦାୟର ଚଳଣି ଓ ସଂସ୍କୃତିର ସାମୂହିକ ମିଶ୍ରଣ ହିଁ ଏକ ସଭ୍ୟତା। ଏହି ସଭ୍ୟତାର ସମୃଦ୍ଧ ଭାବନା, ଚିନ୍ତା ଓ ଧାରଣା ସମାଜ ଆଗରେ ଥୁଅନ୍ତି ଏକ ଦିଗ୍‌ଦର୍ଶନ। ଯେଉଁ ସମସ୍ତ ସଂସ୍କୃତି ଏହାର ମୂଳ ଭିତ୍ତିରୂପେ କାମ କରନ୍ତି, ସେମାନେ ପ୍ରତ୍ୟେକ ଗୋଟିଏ ଲେଖାଏ ଭାଷାର ଧାରକ। ଏଭଳି ଭାବେ ଦେଖିଲେ ଆମ ରାଜ୍ୟ ଓଡ଼ିଶା ଏକ ବହୁଭାଷୀ ରାଜ୍ୟ, ଯାହାର ମୁଖ୍ୟ ଭାଷା ଓଡ଼ିଆ। ଓଡ଼ିଆ ଭାଷା ଖାଲି ଗୋଟିଏ ବିପୁଳ ସମୁଦାୟ କଥିତ ଭାଷା ନୁହେଁ, ଏହା ମଧ୍ୟ ବହନ କରେ ଏକ ସମୃଦ୍ଧ ସାହିତ୍ୟିକ ପରମ୍ପରା ଓ ଐତିହ୍ୟ।

ଜାତୀୟ ଶିକ୍ଷା ନୀତିର ଧାରା ୪.୧୫ ଅନୁଯାୟୀ 'ଭାରତର ଭାଷାଗୁଡ଼ିକ ପୃଥିବୀର ସବୁଠାରୁ ସମୃଦ୍ଧ, ବିଜ୍ଞାନ ସମ୍ମତ, ସୁନ୍ଦର ଏବଂ ଅତ୍ୟନ୍ତ ପ୍ରାଞ୍ଜଳ ଭାଷା ମଧ୍ୟରେ ଅନ୍ୟତମ, ଯାହା ପ୍ରାଚୀନ ଓ ଆଧୁନିକ ସାହିତ୍ୟ(ଉଭୟ ଗଦ୍ୟ ଓ କବିତା) ର ଏକ ବିଶାଳ ଭଣ୍ଡାର'। ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ପାଇବାର ଅର୍ଥ ହେଉଛି ଏହାର ଐତିହ୍ୟ, ସୌନ୍ଦର୍ଯ୍ୟ ଓ ସମୃଦ୍ଧି ପ୍ରତି ସ୍ୱୀକୃତି ଦେବା। ଏହି ଐତିହ୍ୟକୁ ଉଜ୍ଜ୍ୱଳ କରିବା ଦିଗରେ ସଂସ୍କୃତ ଭାଷା ପ୍ରତି ପାଣିନିଙ୍କ ଯାହା ଅବଦାନ, ଓଡ଼ିଆ ଭାଷା ପ୍ରତି ସେହିଭଳି ଅବଦାନ ରହିଛି ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ। ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ଏକ ସମନ୍ୱିତ ଓଡ଼ିଆ ଭାଷାର ବିକାଶ ପାଇଁ ବିଭିନ୍ନ ଆଞ୍ଚଳିକ ଭାଷା ଓ ଆଦିବାସୀ ଭାଷାର ଶବ୍ଦ ସଂଗ୍ରହ କରିବାରେ ସେ ଥିଲେ ଆଦି ଉଦ୍ୟୋକ୍ତା। ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ପାଇବା ପରେ ଏ ଦିଗରେ ପୁଣିଥରେ ବିପୁଳ ଉଦ୍ୟମ କରିବାର ଆବଶ୍ୟକତା ଦେଖାଯାଇଛି। କାରଣ ବିଭିନ୍ନ ଆଞ୍ଚଳିକ ଭାଷା ଓ ବୋଲି (ଯଥା – ବାଲେଶ୍ୱରୀ, ପୁରୀ, କୋଶଳୀ, ସମ୍ବଲପୁରୀ ଓ ବରହମପୁରୀ) କୁ ଛାଡ଼ି ଏଠାରେ ରହିଛି ୬୨ଟି ଜନଜାତିର ଭାଷା ଓ ଦଳିତମାନଙ୍କ ଡମ ଭାଷା। ଏହି ୬୨ଟି ଭାଷା ମଧ୍ୟରୁ ୨୧ଟିକୁ ଶ୍ରେଣୀଗୃହର ଭାଷା ରୂପେ ବ୍ୟବହାର କରିବା ଲାଗି ଓଡ଼ିଶା ସରକାର ସମ୍ମତି ଓ ସ୍ୱୀକୃତି ଦେଇସାରିଛନ୍ତି। ଜାତୀୟ ଶିକ୍ଷାନୀତିରେ ଏହିସବୁ ଭାରତୀୟ ଭାଷାର ଉଲ୍ଲେଖନୀୟ ଏକତା ସାଧାରଣ ଧ୍ୱନି ଏବଂ ବିଜ୍ଞାନସମ୍ମତ ଭାବେ ବ୍ୟବହୃତ ବର୍ଣ୍ଣମାଳା ଓ ଲିପି ତଥା ବ୍ୟାକରଣଗତ ସଂରଚନା ପ୍ରତି ସଜାଗ ରହିବା ନିମନ୍ତେ କୁହାଯାଇଛି। ପୁଣି କୁହାଯାଇଛି ଯେ, କେଉଁ ଭୌଗୋଳିକ କ୍ଷେତ୍ରର ଆଦିବାସୀମାନେ କି କି ଭାଷା କହୁଛନ୍ତି, ସେଥିପ୍ରତି ଏବଂ ସେସବୁର ଗଠନ, ପ୍ରକୃତି ସାଧାରଣଭାବେ କଥିତ ବାକ୍ୟ ଓ ବାକ୍ୟାଂଶ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ତା'ର ସମୃଦ୍ଧି ଲୋକସାହିତ୍ୟ, ଲୋକଗୀତି ଏବଂ ବେଶ୍ କିଛି ପୂର୍ବ ଭାରତୀୟ ଆଦିବାସୀ ଭାଷାର ଲିଖିତ ସାହିତ୍ୟ ମଧ୍ୟ ଆମ୍ଭମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ।

ଓଡ଼ିଶାର ବିଭିନ୍ନ ଆଞ୍ଚଳିକ ଭାଷା ବିଶେଷକରି ସମ୍ବଲପୁରୀ (ଡ.ପ୍ରଫୁଲ୍ଲ ତ୍ରିପାଠୀ) ଓ ସୁନ୍ଦରଗଡ଼ୀ ଭାଷାର ଅଭିଧାନ ଉପଲବ୍ଧ। ଅବିଭକ୍ତ କୋରାପୁଟର ଆନ୍ତଃ ଆଦିବାସୀ କଥିତ ଭାଷାରୂପେ ବ୍ୟବହୃତ ଦେଶିଆ ଭାଷା ସମ୍ପର୍କରେ ମଧ୍ୟ ଅତୀତରେ ଖଗେଶ୍ୱର ମହାପାତ୍ରଙ୍କ ଭଳି ଭାଷାବିତ୍ ଗବେଷଣା କରିଛନ୍ତି ଓ ତା'ର ଶବ୍ଦ ସମ୍ପଦର ଉଲ୍ଲେଖନୀୟ ସଂଗ୍ରହ ମଧ୍ୟ କରିଛନ୍ତି। ପରବର୍ତ୍ତୀ ସମୟରେ ଆଦିବାସୀ ଭାଷା ସଂସ୍କୃତି ଏକାଡେମୀ ତରଫରୁ ରାଜେନ୍ଦ୍ର ପାଢୀ ଓ ବିଜୟ ଉପାଧ୍ୟାୟଙ୍କ ଦ୍ୱାରା ସଂକଳିତ ଦେଶିଆ ଜ୍ଞାନକୋଷ, ଦେଶିଆ ସାଂସ୍କୃତିକ ଶବ୍ଦକୋଷ ରୂପେ ଆଦୃତ। ଖୁବ୍‌ଶୀଘ୍ର ଏହି ଦୁଇ ଜଣଙ୍କ ଦ୍ୱାରା ସଂକଳିତ ଓଡ଼ିଆ–ଇଂରାଜୀ– ଦେଶିଆ ଶବ୍ଦକୋଷ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହେବାକୁ ଯାଉଛି। ଆଦିବାସୀ ଭାଷା ସଂସ୍କୃତି ଏକାଡେମୀ ଦ୍ୱାରା ପିଲାମାନଙ୍କ ଉପଯୋଗୀ ହେଲାଭଳି ୨୧ଟି ଆଦିବାସୀ ଭାଷାର ବ୍ୟାକରଣ ଓ ଶବ୍ଦ ସମ୍ଭାରକୁ ନେଇ ପୁସ୍ତକମାନ ପ୍ରକାଶ କରାଯାଇଛି।

ଏସବୁ ସତ୍ତ୍ୱେ ବେଶ୍ କିଛି ଭାଷାର ମୃତ୍ୟୁକୁ ଆମେ ରୋକିପାରି ନାହୁଁ। ପୂର୍ବୋକ୍ତ ଏକାଡେମୀ ଦ୍ୱାରା ଯେଉଁ କେତୋଟି ବଞ୍ଚି ରହିଥିବ ଏବଂ ସମୃଦ୍ଧ ହେବାର ସମ୍ଭାବନା ଥିବା ଆଦିବାସୀ ଭାଷାକଥା ଉଲ୍ଲେଖ କରାଯାଇଛି, ସେସବୁ ହେଉଛି ସାନ୍ତାଳୀ, କୁଇ, କୁଭୀ, ସଉରା, ଦେଶିଆ, ଗଣ୍ଡ, ଜୁଆଙ୍ଗ, ପରଜା, ଗଦବା, କୋୟା, ବଣ୍ଡା, ଡିଡାୟୀ, ହୋ, ସାଦ୍ରୀ, ଖଡ଼ିଆ, ଭୂୟାଁ, ବିଞ୍ଝାଲ, ଭୁଞ୍ଜିଆ, ଭୂମିଜ ଓ ମୁଣ୍ଡାରୀ। ଯେହେତୁ ମାତୃଭାଷାରେ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବାପାଇଁ ଜାତୀୟ ଶିକ୍ଷା ନୀତିରେ କୁହାଯାଇଛି, ଏସବୁରେ ପାଠ୍ୟ ପୁସ୍ତକ ମଧ୍ୟ ସରକାରୀସ୍ତରରେ ପ୍ରସ୍ତୁତ କରାସରିଛି। କିନ୍ତୁ ଉପଯୁକ୍ତ ଭାଷା ଶିକ୍ଷକଙ୍କ ଅଭାବରୁ ସେସବୁ ଶ୍ରେଣୀଗୃହରେ ପଢ଼ାଯାଇ ପାରୁନାହିଁ । ତେବେ ୨୦୦୭ ରୁ ୨୦୧୦ ମଧ୍ୟରେ ସାନ୍ତାଳୀ, କୋୟା, ବଣ୍ଡା, ସୌରା, କୁଇ, କୁଭୀ ଓ ଜୁଆଙ୍ଗ ଆଦି ସାତୋଟି ଆଦିବାସୀ ଭାଷା ପାଇଁ ୩,୪୦୦ ଭାଷା ଶିକ୍ଷକ ନିଯୁକ୍ତ ହୋଇଥିଲେ। ଦୁଃଖର କଥା ଗତ ଦଶବର୍ଷ ଭିତରେ ଏହି ଶିକ୍ଷକମାନେ ସାଧାରଣ ଶିକ୍ଷକରେ ପରିଣତ ହୋଇଛନ୍ତି। ଏହାଫଳରେ ସେହି ଭାଷାଭାଷୀ ଛାତ୍ରୀଛାତ୍ର ଥିବା ସ୍କୁଲରୁ ସହରାଞ୍ଚଳର ବିଦ୍ୟାଳୟଗୁଡ଼ିକୁ ବଦଳି ହୋଇ ସେମାନେ ପୁରୁଣା ମାତୃଭାଷା ଶିକ୍ଷାଦାନ କାର୍ଯ୍ୟରୁ ନିବୃତ୍ତ ହୋଇସାରିଛନ୍ତି। ଅର୍ଥାତ୍ ଆଜିର ସମସ୍ୟା କେବଳ ବାକି ରହିଯାଇଥିବା ୧୪ଟି ଭାଷା ନୁହେଁ, ସମୁଦାୟ ୨୧ଟି ଯାକ ଭାଷାର ଭାଷା ଶିକ୍ଷକ ନିଯୁକ୍ତି କରିବା ଜରୁରୀ। ଫଳରେ ବିଭିନ୍ନ ଆଦିବାସୀ ଗୋଷ୍ଠୀର ପ୍ରାଥମିକ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମାତୃଭାଷାରେ ଶିକ୍ଷିତ ହେବାର ସୁଯୋଗ ମିଳିପାରିବ।

ଫୋନ୍ ନଂ : ୯୬୬୮୨୨୨୭୬୨

# ପ୍ରବହମାନତା ହିଁ ଭାଷାକୁ ଜୀବନ୍ତ କରି ରଖେ



ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା

ସମୟର ଆହ୍ୱାନକୁ ଠିକ୍ ଭାବରେ ମୁକାବିଲା ନ କରିପାରିଲେ ଭାଷା ବିଲୁପ୍ତି ଅବଶ୍ୟମ୍ଭାବୀ। ପୃଥିବୀ ପୃଷ୍ଠରୁ ବହୁ ଭାଷା ବିଲୁପ୍ତ ହେବା ପଛରେ ଏହା ଏକମାତ୍ର କାରଣ। ଭାଷାର ପ୍ରବହମାନତା ହିଁ ଭାଷାକୁ ଜୀବନ୍ତ କରି ରଖେ। ଯଦି ଭାଷାର ପ୍ରବହମାନତା ନଷ୍ଟ ହୋଇଯାଏ, ସମୟ ସହ ପରିବର୍ତ୍ତିତ ନ ହୁଏ, ସେହି କ୍ଷେତ୍ରରେ ଭାଷା ଅଚଳ ହୋଇ ମୃତ୍ୟୁର ସମ୍ମୁଖୀନ ହୁଏ। ଭାଷା ଅଚଳ ହେବାର ପ୍ରମୁଖ କାରଣ ହେଉଛି ନୂତନ ଶବ୍ଦାବଳୀ ଆହରଣ ଓ ନୂତନ ଚିନ୍ତନ ସମୀକରଣର ଅସଫଳତା। ଲୋକଜୀବନର ବ୍ୟବହୃତ ଭାଷାର ମାନ୍ୟତା ପ୍ରଦାନ। ଲୋକଜୀବନରେ ବ୍ୟବହୃତ ଭାଷା ଯଦି ଲିଖନ ପରମ୍ପରାକୁ ପ୍ରବେଶ ନ କରେ, ତେବେ ଭାଷା ତାହାର ପ୍ରାସଙ୍ଗିକତା ହରାଇ ବସେ ଓ କ୍ରମେ ଅଚଳ ହୋଇଯାଏ।

ତେବେ ଭାଷାର ପ୍ରୟୋଗ ଓ ବ୍ୟବହାର ଦ୍ୱାରା ଲୌକିକ ଭାଷା ଏକ ଚଳଚଞ୍ଚଳ ଭାଷାରେ ରୂପାନ୍ତରିତ ହୋଇ ସୁଦୂରପ୍ରସାରୀ ହୋଇପାରିଥାଏ। ଭାଷା ସବୁବେଳେ ସମୃଦ୍ଧି ପଥରେ ଯାଏ, ବିଲୁପ୍ତି ପଥରେ ନୁହେଁ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷାର ବର୍ତ୍ତମାନ ସ୍ଥିତିକୁ ଆକଳନ କରିବାକୁ ପଡ଼ିବ। ବାସ୍ତବର ପ୍ରଗତି ସହ ଓଡ଼ିଆ ଭାଷା କେତେ ପରିମାଣରେ ସଂଯୋଜିତ, ତାହା ଅନୁଶୀଳନ କରିବାର ଆବଶ୍ୟକତା ରହିଛି। ଓଡ଼ିଶାର ରାଜନୈତିକ ପରିଚାଳନା ଏବଂ ବିଚାରଧାରା, ଅର୍ଥନୈତିକ ପ୍ରଗତି ଓ ଯୋଜନା, କାରିଗରି କୌଶଳ, ଜ୍ଞାନଚର୍ଚ୍ଚା ଏବଂ ସାଂସ୍କୃତିକ ନବୀକରଣରେ ଓଡ଼ିଆ ଭାଷାର କେତେ ପରିମାଣରେ ଯୋଗଦାନ ରହିଛି, ତାହା ଅନୁଶୀଳନ କରିବାର ସମୟ ଆସିଛି। ଦେଖିବାକୁ ଗଲେ, ରାଜନୀତି ପରିଚାଳନା ଏବଂ ବିଚାରଧାରା ଏବଂ ସାଂସ୍କୃତିକ ନବୀକରଣରେ ଓଡ଼ିଆ ଭାଷା ପ୍ରଭୂତ ଭାବରେ ବ୍ୟବହାର ହେଉଥିବା ସମୟରେ ଅର୍ଥନୈତିକ, କାରିଗରି କୌଶଳ ଏବଂ ଜ୍ଞାନ ଚର୍ଚ୍ଚାରେ ଇଂଲିଶ ଭାଷାର ପ୍ରାଧାନ୍ୟ ରହିଛି। ଓଡ଼ିଆ ଶବ୍ଦର ବିକାଶକ୍ରମରେ ରାଜନୈତିକ ବକ୍ତବ୍ୟ ଓ ସାଂସ୍କୃତିକ ଶବ୍ଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଓଡ଼ିଆ ଭାଷାକୁ ଚଳଚଞ୍ଚଳ କରିବା ସହ ଜୀବନଜୀବିକା ପ୍ରଦାନ କରିଛି। ଖାଦ୍ୟ, ପୋଷାକ, ଜୀବନଯାପନ ଶୈଳୀ ସମ୍ପର୍କିତ ବହୁ ନୂତନ ଶବ୍ଦ ଓଡ଼ିଆ ଶବ୍ଦ ଭଣ୍ଡାରକୁ ପ୍ରବେଶ କରିଛି। ଅର୍ଥନୈତିକ, କାରିଗରି କୌଶଳ ଓ ଜ୍ଞାନଚର୍ଚ୍ଚା ପରମ୍ପରାରେ ଏହା ଦେଖିବାକୁ ମିଳୁ ନାହିଁ। ଏହା ଏବେ ବି ଓଡ଼ିଶାରେ ଶୈଶବସ୍ତରରେ ଏବଂ କେବଳ ମୁଷ୍ଟିମେୟଙ୍କ ମଧ୍ୟରେ ସୀମାବଦ୍ଧ ହୋଇ ରହିଛି। ଯେଉଁଦିନ ଏହା ଲୋକଙ୍କ ଭାଷାରେ ପରିଣତ ହେବ, ସେଦିନ ଓଡ଼ିଆ ଭାଷା ଶୀର୍ଷସ୍ତରରେ ଉପନୀତ ହେବ। ଏହା ଯେପରି ସମ୍ଭବ ହେବ ଏଥିନିମନ୍ତେ ଏଠାରେ ପାଞ୍ଚୋଟି ମାର୍ଗ ଉପସ୍ଥାପନ କରାଯାଉଛି।

**ଡିଜିଟାଲ ମାଧ୍ୟମ:** ସମାଜର ପ୍ରତ୍ୟେକସ୍ତରରେ କମ୍ପ୍ୟୁଟର ଏବଂ ଡିଜିଟାଲ ପ୍ଲାଟଫର୍ମର ବ୍ୟବହାର ହେଉଛି। ମାତ୍ର ଅଧିକାଂଶସ୍ତରରେ ଏହା ଇଂଲିଶ ଭାଷା ମାଧ୍ୟମରେ ହେଉଛି। ପ୍ରତ୍ୟେକସ୍ତରରେ କମ୍ପ୍ୟୁଟର ଓ ମୋବାଇଲର ଭାଷା ଓଡ଼ିଆ ହେବା ଆବଶ୍ୟକ। ଏଥିନିମନ୍ତେ ଏକ ସହଜ ଭାଷା ପ୍ରୋଗ୍ରାମ ପ୍ରତ୍ୟେକ କମ୍ପ୍ୟୁଟର ଓ ମୋବାଇଲରେ ଉପଲବ୍ଧ, ତାହାର ନାମ ୟୁନିକୋଡ୍। ସମସ୍ତ ଭାରତୀୟ ଭାଷା ଏହି 'ୟୁନିକୋଡ୍' ପ୍ରୋଗ୍ରାମମାଧ୍ୟମରେ ଅତିସହଜରେ ଲେଖାଯାଇପାରିବ। ଏଣୁ ୟୁନିକୋଡର ବହୁ ବ୍ୟବହାର ଦ୍ୱାରା ଓଡ଼ିଆ ଭାଷା ଡିଜିଟାଲ ପ୍ଲାଟଫର୍ମରେ ଏକ ସମ୍ଭାବନା ସୃଷ୍ଟି କରିପାରିଛି।

**ଜ୍ଞାନ ଚର୍ଚ୍ଚା ଓ କାରିଗରି କୌଶଳ:** ଜ୍ଞାନ ଚର୍ଚ୍ଚା, ଗବେଷଣା ଏବଂ କାରିଗରୀ କୌଶଳର ଭାଷା ମୁଖ୍ୟତଃ ଇଂଲିଶ। ସମ୍ପ୍ରତି ଓଡ଼ିଆ ଭାଷାକୁ ଜ୍ଞାନ ଚର୍ଚ୍ଚାର ଭାଷା, କାରିଗରୀ କୌଶଳକୁ ଓଡ଼ିଆ ଭାଷା ମାଧ୍ୟମରେ ପ୍ରକାଶ କରିବାକୁ ଉଦ୍ୟମ କରାଯାଇଛି। ଏଣୁ ଗବେଷଣା ଓ ଉଚ୍ଚଶିକ୍ଷା ନିମନ୍ତେ ବିଭିନ୍ନ ଭାଷାର ଉପାଦେୟ ଗ୍ରନ୍ଥକୁ ଓଡ଼ିଆ ଭାଷାକୁ ଅନୁବାଦ କରାଯାଇଛି। ଅନୁବାଦ ମାଧ୍ୟମରେ ଏହି ସମ୍ପର୍କର ସଫଳ ମୁକାବିଲା ଅସମ୍ଭବ। ମୂଳ ଗ୍ରନ୍ଥର ଉପାଦେୟ ଅନୁବାଦ ହୁଏତ ସର୍ବଦା ସମ୍ଭବ ହୋଇପାରିବ ନାହିଁ। ଏହା ଏକ ଜଟିଳ ପ୍ରକ୍ରିୟା। ଏଣୁ ଓଡ଼ିଆ ଭାଷାରେ ମୌଳିକ ଭାବରେ ଜ୍ଞାନଗ୍ରନ୍ଥ ପ୍ରଣୟନ କରାଯିବା ଆବଶ୍ୟକ।

**ସାମାଜିକ ନ୍ୟାୟ ଓ ସାମୂହିକ ପ୍ରଗତି :** ପ୍ରଶାସନର ବାର୍ତ୍ତା ସର୍ବଦା ସରଳ ଓ ବୋଧଗମ୍ୟ ଓଡ଼ିଆ ଭାଷାରେ ହେବାର ଆବଶ୍ୟକ ରହିଛି। ଇଂଲିଶ ଭାଷାର ବ୍ୟବହାର ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଲିଙ୍ଗୁଆ ଫାଙ୍କା ସୃଷ୍ଟି କରିଛି। ଯଦି ସର୍ବସାଧାରଣଙ୍କ ଭାଷା ପ୍ରଶାସନର ଓ ନ୍ୟାୟାଳୟର ଭାଷା ହୁଏ, ତେବେ ଭାଷା ପ୍ରଗତିର ଅଫୁରନ୍ତ ଉତ୍ସ ସୃଷ୍ଟି ହେବା ସହ ସାମାଜିକ ନ୍ୟାୟ ଓ ସାମୁହିକ ପ୍ରଗତିକୁ ଅଧିକ ଜନାଭିମୁଖୀ କରିବାରେ ସହାୟକ ହୋଇପାରିବ।

**କୃତ୍ରିମ ବୁଦ୍ଧିମତ୍ତା ଓ ପ୍ରାଦେଶିକ ଭାଷା ସମସ୍ୟା:** ଜାତୀୟ ଓ ପ୍ରାଦେଶିକସ୍ତରରେ ହେଉଥିବା ଅଧିକାଂଶ ପ୍ରତିଯୋଗିତାମୂଳକ ପରୀକ୍ଷା ଇଂଲିଶ ଭାଷାରେ ଅନୁଷ୍ଠିତ ହେଉଛି। ଏହି ସମସ୍ତ ପରୀକ୍ଷା ପ୍ରାଦେଶିକ ଭାଷାରେ ହେବା ଉଚିତ। ଏହାଦ୍ୱାରା ହିଁ ସାମାଜିକ ନ୍ୟାୟ ସମ୍ଭବ। ବିଭିନ୍ନ ପ୍ରାଦେଶିକ ଭାରତୀୟ ଭାଷା ସମୂହ ମଧ୍ୟରେ ରହିଥିବା ଜଟିଳ ସମ୍ପର୍କକୁ କୃତ୍ରିମ ବୁଦ୍ଧିମତ୍ତାର ସହଯୋଗରେ ସମାଧାନ କରିବାକୁ ହେବ। ନୂତନ ଜାତୀୟ ଶିକ୍ଷାନୀତିରେ ପ୍ରାଦେଶିକ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏଣୁ ଜାତୀୟସ୍ତରରେ ହେଉଥିବା ସମସ୍ତ ପରୀକ୍ଷା, ସଂପାନ ଓ ପ୍ରତିଯୋଗିତା ଡିଜିଟାଲ ପ୍ଲାଟଫର୍ମରେ ପ୍ରାଦେଶିକ ଭାଷା ମାଧ୍ୟମରେ ହୋଇ ଜାତୀୟ ସଂହତି ସୃଷ୍ଟି କରିବାରେ ସହାୟକ ହେବା ଉଚିତ।

**ଭାଷା ଅସ୍ମିତାର ପରିଚୟ ହେଉ:** ଏକ ଓଡ଼ିଆ ଭାଷା ଡିଜିଟାଲ ପ୍ଲାଟଫର୍ମକୁ ପ୍ରବେଶ କରି ନିଜକୁ ନବୀକରଣ କରିବା ଉଚିତ। ଜଗତୀକରଣ ସମୟରେ ବିଶ୍ୱ–ହାଟରେ ଆଞ୍ଚଳିକ ପରଂପରା, ସାଂସ୍କୃତିକ ଉପାଦାନ, ସାହିତ୍ୟ ଓ ଦର୍ଶନ ସମ୍ବଳିତ ଗ୍ରନ୍ଥ ଏବଂ କଳା–ଉପାଦାନଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏହାଦ୍ୱାରା ଗୋଟିଏ ଆଞ୍ଚଳିକ ସଂସ୍କୃତିକୁ ଅନୁଶୀଳନ କରିବା ସମ୍ଭବ ହେଉଛି।

ଭାଷା ସର୍ବଦା ପରିବର୍ତ୍ତନଶୀଳ ଓ ବ୍ୟାକରଣାନୁବଦ୍ଧ ନୁହେଁ। ଭାଷାର ପରିବର୍ତ୍ତନ ଓ ବିବର୍ତ୍ତନକୁ ସ୍ୱୀକାର ତଥା ସ୍ୱାଗତ କରିବାକୁ ହେବ। ରଢ଼ିବାଦିତାରୁ ମୁକ୍ତ ହୋଇ ନୂତନ ଶବ୍ଦାବଳୀକୁ ସ୍ୱାଗତ କରିବାକୁ ହେବ। ଏହା ହିଁ ଭାଷାକୁ ପ୍ରବହମାନତା ପ୍ରଦାନ କରିବ। ଯୁଗାଦର୍ଶ ଯଦି ଭାଷା ମାଧ୍ୟମରେ ପ୍ରକାଶିତ ନ ହୁଏ, ତାହାହେଲେ ସେ ଭାଷା ନିଶ୍ଚିତ ଭାବରେ ମୃତ୍ୟୁର ସମ୍ମୁଖୀନ ହେବ। ଯୁଗାଦର୍ଶ ଯେପରି ପରିବର୍ତ୍ତନ ହୁଏ, ସେହିପରି ତାହାର ପାଦ ମିଳାଇ ଭାଷା ମଧ୍ୟ ନବୀକରଣ ହେବା ଉଚିତ୍। ଏହାକୁ ସମ୍ମାନ ଜଣାଇ ନୂତନ ବ୍ୟାକରଣ ସୃଷ୍ଟି ହେବା ବିଧେୟ। ଏହାଦ୍ୱାରା ଭାଷା ଚିରଞ୍ଜୀବି ହେବ, ଅନ୍ୟଥା ସଙ୍କୁଚିତ ହୋଇ ବିଲୁପ୍ତି ଆଡ଼କୁ ଆଗେଇଯିବ।

–ପ୍ରାକ୍ତନ ଉପନିର୍ଦ୍ଦେଶକ,
ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର, ମୋ: ୯୪୩୯୨୦୩୯୨୪

# ଓଡ଼ିଶାର ଜନଜାତି ଭାଷା ଏକ ବିହଙ୍ଗମ ଦୃଷ୍ଟି

ପରମାନନ୍ଦ ପଟେଲ

ଓଡ଼ିଶା ଖୁବ୍ ଚର୍ଚ୍ଚିତ ଦୁଇଟି କ୍ଷେତ୍ରକୁ ନେଇ। ପ୍ରଥମଟି ହେଉଛି ଜଗନ୍ନାଥ କ୍ଷେତ୍ର ଏବଂ ଅନ୍ୟଟି ଜନଜାତି କ୍ଷେତ୍ର। ଜଗନ୍ନାଥ ଓଡ଼ିଶାର ଭାବନା ସହ ଜଡ଼ିତ। ଦ୍ୱିତୀୟଟି ସଂସ୍କୃତି ସହ ପ୍ରକୃତିକୁ ନେଇ ଗତିଶୀଳ। ଜନଜାତିମାନେ ଓଡ଼ିଶାର ଉପକୂଳ ଅଞ୍ଚଳକୁ ଛାଡ଼ିଦେଲେ ଅନ୍ୟତ୍ର ଏମାନଙ୍କ ବସତି ଓ ଅବସ୍ଥିତି ଅଧିକ। ଓଡ଼ିଶା ପୁନଶ୍ଚ ଆଉ ଏକ ଦିଗରୁ ଚର୍ଚ୍ଚିତ ହୁଏ ଯାହାକି ଭାଷା କ୍ଷେତ୍ର ହିସାବରେ ପରିଚିତ। ଏଠି ଜନଜାତିଙ୍କ ଭାଷା ଓ ସଂସ୍କୃତିକୁ ଅଧ୍ୟୟନ ପାଇଁ ଦେଶ ବିଦେଶରୁ ଗବେଷକ ଆକୃଷ୍ଟ ହୁଅନ୍ତି। ଗାଁ ଗାଁରେ ଅନେକ ଭାଷାଭାଷୀ ଗୋଷ୍ଠୀଙ୍କ ସମାହାର। ଅର୍ନ୍ତଗୋଷ୍ଠୀୟସ୍ତରରେ ନିଜ ଭାଷାରେ ଏମାନେ ଭାଗବତ ଆଦାନ ପ୍ରଦାନ କରୁଥିଲେ ମଧ୍ୟ ଅର୍ନ୍ତଗୋଷ୍ଠୀୟସ୍ତରରେ ଏକ ତୃତୀୟ ଭାଷାକୁ ମାଧ୍ୟମ କରିଥାନ୍ତି। ନିଜ ଭାଷା, ସଂସ୍କୃତି ସହ ଅନ୍ୟ ସଂସ୍କୃତି, ଭାଷାକୁ ସମାନ ସମ୍ମାନ ଦେଇ ତଦନୁରୂପ ନିଜ ପରିଚିତି ବଜାୟରଖିବା ଆମ ଓଡ଼ିଶାର ଜନଜାତିଙ୍କ ମଧ୍ୟରେ ହିଁ ସମ୍ଭବ ହୋଇଥାଏ। ତେଣୁ ଦେଶବିଦେଶରୁ ଭାଷା, ସମାଜ, ନୃତତ୍ତ୍ୱ, ସଂସ୍କୃତି ଶାସ୍ତ୍ରୀମାନେ ଓଡ଼ିଶାକୁ ସେମାନଙ୍କ ଗବେଷଣାର କ୍ଷେତ୍ର ହିସାବରେ ଗ୍ରହଣ କରି ନିଅନ୍ତି।

ଆମ ଓଡ଼ିଶାରେ ୬୨ ଗୋଷ୍ଠୀର ଜନଜାତି ବାସ କରନ୍ତି। ଏ ମଧ୍ୟରେ ୧୩ ପ୍ରକାର ନିର୍ଦ୍ଦିଷ୍ଟରୂପେ ଅନୁନ୍ନତ ଜନଜାତି ସମୁଦାୟ ମଧ୍ୟ ଅନ୍ତର୍ଭୁକ୍ତ। ଭାଷାଦୃଷ୍ଟିରୁ ଏମାନଙ୍କୁ ମୁଖ୍ୟତଃ ତିନୋଟି ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରାଯାଇଛି। ଏଗୁଡ଼ିକ ହେଲା ଅଷ୍ଟ୍ରିକ ବା ଅଷ୍ଟ୍ରୋଏସିଆଟିକ, ଦ୍ରାବିଡ଼ ଏବଂ ଭାରତୀୟ ଆର୍ଯ୍ୟ। ମୁଣ୍ଡା ବା ଅଷ୍ଟ୍ରିକ ଗୋଷ୍ଠୀ ଓଡ଼ିଶା କ୍ଷେତ୍ରକୁ ଦୁଇଟି ମାର୍ଗରେ ଆସିଛନ୍ତି। ପ୍ରଥମଟି ହେଲା ଛୋଟନାଗପୁର ମାଳ ଅଞ୍ଚଳ ଦେଇ ଉତ୍ତର–ପଶ୍ଚିମ ବାଟରୁ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସମ୍ବଲପୁର, ଢେଙ୍କାନାଳ, ଅନୁଗୋଳ, ଝାରସୁଗୁଡା ଅଞ୍ଚଳରେ ବସତିସ୍ଥାପନ କରିଛନ୍ତି। ଆଉ ଗୋଟିଏ ଦଳ ଗୋଦାବରୀ ଉପତ୍ୟକା ଦେଇ ଓଡ଼ିଶାର ଦକ୍ଷିଣ–କେନ୍ଦ୍ରାଞ୍ଚଳରେ ଅବିଭକ୍ତ କୋରାପୁଟ ଅଞ୍ଚଳକୁ ଏବଂ ପରପର ଏମାନଙ୍କ ଏକ ଶାଖା କେନ୍ଦ୍ର ପଶ୍ଚିମ ଅଞ୍ଚଳ ତଥା କେନ୍ଦୁଝର, ସୁନ୍ଦରଗଡ଼ ଇଲାକାରେ ବସତିସ୍ଥାପନ କରିଥିବାର ବିଭିନ୍ନ ସୂତ୍ରରୁ ଜଣାଯାଏ। ଦ୍ରାବିଡ଼ମାନେ ଦକ୍ଷିଣାଞ୍ଚଳରୁ କ୍ରମଶଃ ଉତ୍ତର ପଶ୍ଚିମକୁ ବିସ୍ତାରିତ ହୋଇଥିବା ଜଣାଯାଏ। ଦ୍ରାବିଡ଼ମାନେ ସମନ୍ୱୟ ସଂସ୍କୃତିର ସଂଗଠକ। ସମାଜ, ପଲ୍ଲୀ, ହାଟ, ନୃତ୍ୟ ସଂଗୀତ ତଥା ଶକ୍ତି ଓ ଶିବର ପ୍ରସାରକ। କୃଷି ସହ ଏମାନଙ୍କ ସଂସ୍କୃତି ଓତଃପ୍ରୋତଃ ଭାବରେ ଜଡ଼ିତ। ପରପର ଆର୍ଯ୍ୟମାନଙ୍କର ସହାବସ୍ଥାନରେ ଦ୍ରାବିଡ ଓ ମୁଣ୍ଡା ସଂସ୍କୃତିର ସୁସମନ୍ୱୟ ସାଧିତ ହୋଇଛି। ଭାଷା ହେଉଛି ସଂସ୍କୃତିର ବାହକ। ଗୋଟିଏ ଜାତିର ଅଧ୍ୟୟନ କଲେ ତାର ଭାଷା ସହିତ ପରିଚିତ ହେବାକୁ ପଡ଼େ। ଆମେ ଆଜିର ଯେଉଁ ଓଡ଼ିଆ ଭାଷା ସଂସ୍କୃତିର କଥା କହୁଛନ୍ତି, ତାହା ଦ୍ରାବିଡ଼–ମୁଣ୍ଡା–ଆର୍ଯ୍ୟର ଏକ ସଫଳ ସଂସ୍କରଣ କହିଲେ ଅତ୍ୟୁକ୍ତି ହେବନାହିଁ। ଜଗନ୍ନାଥ ସାଂସ୍କୃତିକ ଚେତନାରେ ଆଜିବି ଅନେକ ଶବର ଶବ୍ଦର ପ୍ରଚଳନ ଦେଖିବାକୁ ମିଳିଥାଏ। ଶବର ଓ ବ୍ରାହ୍ମଣର ମହାମିଳନରେ ଜଗନ୍ନାଥ ସଂସ୍କୃତିର ବିକାଶ ହୋଇଥିବାର ଅନେକ ଚର୍ଚ୍ଚା ବିଭିନ୍ନ କିମ୍ବଦନ୍ତୀ ଓ କର୍ମକାଣ୍ଡରେ ଶୁଣାଯାଏ। ଭାଷା ଆଲୋଚନା ଦୃଷ୍ଟିରୁ ଓଡ଼ିଶାକୁ ଭାଷା କ୍ଷେତ୍ର ହିସାବରେ ଭାଷାବିଦ୍‌ମାନେ ପ୍ରତିଷ୍ଠା କରିସାରିଥିଲା ବେଳେ ଜନଜାତି ଭାଷାକୁ ଗବେଷଣା ପାଇଁ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଓଡ଼ିଶାରେ ଭାଷା ଚିନ୍ତନର ପରମ୍ପରା ଖୁବ୍ ପ୍ରାଚୀନ। ଓଡ଼ିଶାକୁ ଆର୍ଯ୍ୟମାନଙ୍କ ଆଗମନ କାଳରୁ ଏ ଚିନ୍ତନର ଅୟମାରମ୍ଭ। ଆର୍ଯ୍ୟମାନଙ୍କ ଓଡ଼ିଶାକୁ ଆଗମନ କୋଶଳ ଏବଂ ବଙ୍ଗ ଉଭୟ ଦିଗରୁ ହୋଇଛି। ଭୌଗୋଳିକ ଅବସ୍ଥିତି ତଥା ଦ୍ରାବିଡ଼ ଓ ମୁଣ୍ଡା ଗୋଷ୍ଠୀଙ୍କ ସହ ସମନ୍ୱୟରୁ ଅନେକ ଭାଷିକ ବିନିମୟ ସାଧିତ ହୋଇଛି। ଓଡ଼ିଶାର ସାମଗ୍ରିକ ଜନସମୁଦାୟର ୨୨.୮୫ ଶତାଂଶ ଜନଜାତି। ଏମାନେ ୧୩ ଗୋଟି ନିର୍ଦ୍ଦିଷ୍ଟ ଭାବେ ଅନୁନ୍ନତ ଜନଜାତି ସମୁଦାୟ ସମେତ ୬୨ ଟି ଗୋଷ୍ଠୀରେ ବିଭକ୍ତ। ପୁନଶ୍ଚ ଭାଷା ଦୃଷ୍ଟିରୁ ଏମାନଙ୍କ ମଧ୍ୟରେ ୨୧ଟି ଭାଷା ଓ ୭୪ଟି ଉପଭାଷାର ପ୍ରଚଳନ ଦେଖିବାକୁ ମିଳିଥାଏ।




ଓଡ଼ିଶାରେ ପ୍ରଚଳିତ ଆର୍ଯ୍ୟାନୁଗ ଉପଭାଷା ସମୂହର କେଉଁ ମୁଖ୍ୟ ଭାଷା ସହିତ ସଂପର୍କ ତାହା ଅଦ୍ୟାବଧି ନିରୂପିତ ହୋଇପାରିନାହିଁ। ତେବେ ଦକ୍ଷିଣାଞ୍ଚଳୀୟ ଶାଖାରେ ଦେଶିଆ–ଭତରୀ–ହାଲବି–ଝରିଆ ପରସ୍ପର ସମ୍ବନ୍ଧିତ ଉପ–ଶାଖା ହିସାବରେ ନଜରକୁ ଆସୁଥିବାବେଳେ, ପଶ୍ଚିମାଞ୍ଚଳୀୟ ଶାଖାରେ ସାଦରୀ–ଲରିଆ–ଛତିଶଗଡ଼ି–ଭୁଞ୍ଜିଆ–ସମ୍ବଲପୁରୀ–କନ୍ଧାନ–ବିନ୍‌ଝାଲ ବନ୍‌ଜାରା ଏବଂ ଉତରାଞ୍ଚଳୀୟ ଉପଶାଖାରେ ସମ୍ବଲପୁରୀ–ଭୂୟାଁ–ବାଥୁଡ଼ି–କୁରମାଳି–ସାଉଁତି ପରସ୍ପର ସମ୍ପର୍କିତ ଉପଭାଷା ହିସାବରେ ଗ୍ରହଣୀୟ ହୋଇଥାନ୍ତି। ଦକ୍ଷିଣାଞ୍ଚଳୀୟ ଶାଖାର ଭାଷା ସମୂହ ମୁଖ୍ୟତଃ ଅବିଭକ୍ତ କୋରାପୁଟ, କଳାହାଣ୍ଡି ଜିଲାରେ କଥିତ ହେଉଥିଲାବେଳେ ପଶ୍ଚିମାଞ୍ଚଳୀୟ ଶାଖାର ଭାଷା ସମୂହ ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ତଥା ସୁନ୍ଦରଗଡ଼ ଜିଲାରେ ଏବଂ ଉତ୍ତରାଞ୍ଚଳୀୟ ଶାଖାର ଭାଷା ସମୂହ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲା ସମୂହରେ ପ୍ରଚଳିତ। ଏଶାଖାତ୍ରୟୀର ରୂପଗତ ସୌସାଦୃଶ୍ୟ ମଧ୍ୟ ଉତରାଞ୍ଚଳୀୟ–ପଶ୍ଚିମାଞ୍ଚଳୀୟ–ଦକ୍ଷିଣାଞ୍ଚଳୀୟ କ୍ରମରେ ରହିଛି। ସାଂସ୍କୃତିକ କ୍ଷେତ୍ର ତଥା ଭାଷିକ କ୍ଷେତ୍ର ଭିତିକ ଅଧ୍ୟୟନ ନିମନ୍ତେ ଏହି ଅଞ୍ଚଳଭିତ୍ତିକ ସର୍ବେକ୍ଷଣରେ ଶାଖା ତ୍ରୟୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ମନେହୁଏ। ପୁନଶ୍ଚ ଏ ସମସ୍ତ ଭାଷା ଓଡ଼ିଶାର ସମଗ୍ର ମାଳ ଅଞ୍ଚଳକୁ ନେଇ ପରିବ୍ୟାପ୍ତ। ଏ ଅଞ୍ଚଳ ବିଭିନ୍ନ ସମୟରେ ବିଭିନ୍ନ ପ୍ରଶାସନିକ କେନ୍ଦ୍ର ଦ୍ୱାରା ଶାସିତ ହେବା ସହ ସାଂସ୍କୃତିକ ସମନ୍ୱୟ ଏହି ଶାସନ ସମୟରେ ସାଧିତ ହୋଇଥିବାରୁ ଭାଷା ଭାଷା ମଧ୍ୟରେ ପାରସ୍ପରିକ ସମ୍ପର୍କ ପରିଲକ୍ଷିତ। ଆଦିବାସୀମାନଙ୍କ ମଧ୍ୟରେ ଅଧୁନା ପ୍ରଚଳିତ ସ୍ୱବର୍ଗୀୟ ଭାଷା ଉପ–ଭାଷାର ପ୍ରଚଳନ ଖୁବ୍ ସୀମିତ। ଅର୍ନ୍ତଗୋଷ୍ଠୀୟସ୍ତରରେ ଏମାନେ ସମ୍ପର୍କ ଭାଷାର ସାହାଯ୍ୟ ନିଅନ୍ତି। ଏପରିକି ଘରର ମୁରବୀ ସ୍ଥାନୀୟ ଲୋକେ ତାଙ୍କ ସନ୍ତାନବର୍ଗଙ୍କ ନିକଟରେ ସ୍ଥାନୀୟ ସମ୍ପର୍କ ଭାଷାରେ କଥାବାର୍ତ୍ତା କରିଥାନ୍ତି। ପୂର୍ବେ ଏ ସମସ୍ତଙ୍କ ହୁଏତ ନିଜସ୍ୱ ଭାଷା ଥିଲା। ପ୍ରାଦେଶିକ ଭାଷାର ପ୍ରାଧାନ୍ୟ ବଢ଼ିବା ତଥା ସ୍ୱ ମାତୃଭାଷା ପାଇଁ ପ୍ରୋତ୍ସାହନର ଅଭାବ ବୋଧହୁଏ ସେମାନଙ୍କର ଭାଷା ପରିବର୍ତ୍ତନର କାରଣ। ଆଜି ମଧ୍ୟ ଏହି ଧାରା ଜାରି ରହିଛି। ଦିନ ଆସିବ ଅନେକ ଭାଷା–ଉପଭାଷା ପରିବର୍ତ୍ତିତ ହୋଇ ନୂତନ ରୂପ ଗ୍ରହଣ କରିସାରିଥିବ। ଭାଷା ବିଶେଷ କରି ଜନଜାତି ଭାଷାକୁ ବିଭିନ୍ନ ଆଞ୍ଚଳିକ ଗୋଷ୍ଠୀର ଭାଷାଙ୍କ ସହ ତୁଳନାତ୍ମକ ତଥା ଉତ୍ପତ୍ତି ସୂତ୍ର ଭିତ୍ତିରେ ଗବେଷଣା କରାଯାଇ ପାରିଲେ ଓଡ଼ିଶାର ଜନଜାତିଙ୍କ ଭାଷା–ଉପଭାଷା–ବୋଲିର ସମ୍ପର୍କ ଓ ସୂତ୍ର ଜାଣିବାରେ ସହାୟକ ହୋଇପାରନ୍ତା।



DSPL-603



# ଶ୍ରୀଜଗନ୍ନାଥ ଏକ୍ସପ୍ରେସ



୫-ଟି ଉପକ୍ରମ ଅନ୍ତର୍ଗତ ଲକ୍ଷ୍ମୀବସ୍ ସେବା ଯୋଜନା ଅଧୀନରେ ୨୦୨୪ ଜାନୁଆରୀ ୧୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବାର ଶୁଭାରମ୍ଭ କରିଛନ୍ତି। ଏହି ବସଗୁଡ଼ିକ ଜିଲା ସଦରମହକୁମାରୁ ଭୁବନେଶ୍ୱର ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଚାଲୁଛି। ରାଜ୍ୟର ୩୦ ଜିଲାରୁ ୮୦ଟି ସୁପର ପ୍ରିମିୟମ୍ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଚଳାଚଳ କରିବ। ପ୍ରଥମ ପର୍ଯ୍ୟାୟରେ ୧୨ଜିଲାରୁ ଏହି ସେବା ଆରମ୍ଭ ହୋଇଛି। ସେହି ଜିଲାଗୁଡ଼ିକ ହେଲା ବଲାଙ୍ଗୀର, ବରଗଡ଼, ଗଞ୍ଜାମ, ଝାରସୁଗୁଡ଼ା, କୋରାପୁଟ, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼।

ରାଜ୍ୟବାସୀ ପୁରୀଧାମ ଆସି ମହାପ୍ରଭୁଙ୍କ ଦିବ୍ୟଦର୍ଶନ ଲାଭ କରିବା ପାଇଁ ଏହି ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ସେବା ଆରମ୍ଭ ହୋଇଛି। ବିଶେଷକରି ମା'ମାନଙ୍କ ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ରେ ଟିକେଟ ମୂଲ୍ୟର ୫୦ ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ଇଚ୍ଛାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବାର ଦିନକ ପରେ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ସେବାର ଶୁଭାରମ୍ଭ କରାଯାଇଛି। ପରିକ୍ରମା ପ୍ରକଳ୍ପ ଦ୍ୱାରା ମନ୍ଦିରର ଆହୁରି ଶୋଭାବର୍ଦ୍ଧନ ହେବା ସହିତ ପରିବେଶକୁ ଭକ୍ତିମୟ କରିଛି। ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ସୁବିଧା ଦର୍ଶନର ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆରାମଦାୟକ ବସ୍‌ସେବା ଆରମ୍ଭ ହୋଇଛି । ଜନସାଧାରଣ ସୁବିଧାରେ ପୁରୀ ଆସି ମହାପ୍ରଭୁଙ୍କ କୃପାଲାଭ କରିପାରିବେ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଏବେ ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ପ୍ରସାର ପାଇଁ ପଦକ୍ଷେପ ନିଆଯାଉଛି। ଲୋକପ୍ରିୟ ଲକ୍ଷ୍ମୀବସ୍ ଯୋଜନାରେ ପଞ୍ଚାୟତକୁ ବ୍ଲକ ସଦର ମହକୁମା ସହିତ ଯୋଡ଼ା ଯାଇଛି। ଯୋଗାଯୋଗ କ୍ଷେତ୍ରରେ ଲକ୍ଷ୍ମୀବସ୍ ଏବେ ରୂପାନ୍ତର ଆଣିଛି। ଜିଲା ସଦର ମହକୁମାରୁ ଶ୍ରୀକ୍ଷେତ୍ରକୁ ସିଧାସଳଖ ବସ୍ ବ୍ୟବସ୍ଥା ଦ୍ୱାରା ରାଜ୍ୟର ଗମନାଗମନ ଓ ଯୋଗାଯୋଗ ବ୍ୟବସ୍ଥା ଦୃଢ଼ ହେବ।



## ସମୃଦ୍ଧ ଐତିହ୍ୟ ଏବଂ ଭକ୍ତିର ପ୍ରତୀକ

ପୁରୀ ହେଉଛି ଏକ ସ୍ୱତନ୍ତ୍ର ସ୍ଥାନ, ଯାହାକି ଓଡ଼ିଶାର ଆଧ୍ୟାତ୍ମିକ ହୃଦୟ ଅଟେ। ପ୍ରାଚୀନ ମନ୍ଦିର, ମଠ ସଂସ୍କୃତି ବିଶେଷକରି ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ଏହି ସହର ବେଶ୍ ଜଣାଶୁଣା। ଏହି ସହର ଓଡ଼ିଶାର ସମୃଦ୍ଧ ଐତିହ୍ୟ ଏବଂ ଭକ୍ତିର ପ୍ରତୀକ। ଏଥିସହ ଏଠାକାର ସ୍ୱର୍ଣ୍ଣିମ ବେଳାଭୂମି, ବଜାର ଏବଂ ପାରମ୍ପରିକ କଳାରୂପ ପାଇଁ ଏହା ଏକ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ ପାଲଟିଛି।



## ପ୍ରମୁଖ ବୈଶିଷ୍ଟ୍ୟ

- ଅଲ୍‌ଟ୍ରା ଆରାମ୍ ସହିତ ହାଇ ଏଣ୍ଡ ସୁରକ୍ଷା ବ୍ୟବସ୍ଥା
- ଜରୁରିକାଳୀନ ପରିସ୍ଥିତି ପାଇଁ ଲାଇଭ୍ ଭେଇକିଲ ଟ୍ରାକିଂ ସିଷ୍ଟମ, ପାନିକ ଏବଂ ଏସ୍‌ଓଏସ୍ ବଟନ୍
- ଫାୟାର ଆଲାରାମ୍ ଏବଂ ପ୍ରୋଟେକ୍ସନ ସିଷ୍ଟମ(ଓଡ଼ିଶାରେ ବସ୍ ସେବାରେ ପ୍ରଥମ)
- ଲମ୍ବା ଯାତ୍ରାରେ ଅଧିକ ଆରାମ ପାଇଁ ଲଙ୍ଗ୍ ହୁଇଲ ବେସ୍
- ମହିଳାମାନଙ୍କ ପାଇଁ ୫୦% ବସ୍ ଭଡ଼ା ରିହାତି





ଶ୍ରୀକ୍ଷେତ୍ରକୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆବର୍ଷରେ ମହିଳାମାନଙ୍କୁ ଏକ ଉପହାର ପ୍ରଦାନ କରିଛନ୍ତି। ଏହା ଆମମାନଙ୍କର ଆଶାଠାରୁ ଅଧିକ।



ପୁରୀକୁ ଆସିବା ଏତେ ସହଜ ଏବଂ ସୁନ୍ଦର ହୋଇପାରିବ ବୋଲି ମନରେ କେବେବି ଭାବିପାରି ନ ଥିଲି। ଏବେ ଜଗା ଦର୍ଶନ ଏବଂ ମହାପ୍ରଭୁଙ୍କ ଆଶୀର୍ବାଦ ପାଇବା ସହଜ ହୋଇଯାଇଛି।

## ପ୍ରତିବଦ୍ଧତାର ପ୍ରତିଫଳନ

ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ସାରା ରାଜ୍ୟରେ ବସ୍ ଯାତ୍ରାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ବିକାଶର ଅଂଶସ୍ୱରୂପ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍‌ଆର୍‌ଟିସି) ଦ୍ୱାରା ଏହି ବସ୍ ସେବା ଆରମ୍ଭ କରାଯାଇଛି। ଲକ୍ଷ୍ମୀ ଯୋଜନାର ଏହା ଏକ ଅଂଶ। ୧୫ମିଟର ଲମ୍ବର ଏହି ବିଳାସପୂର୍ଣ୍ଣ ସୁପର ପ୍ରିମିୟମ ବସ୍ ରାଜ୍ୟର ପ୍ରତ୍ୟେକ ଜିଲା ମୁଖ୍ୟାଳୟରୁ ପୁରୀକୁ ଚଳାଚଳ କରୁଛି। ଜଗନ୍ନାଥଙ୍କ ଦର୍ଶନ ପାଇଁ ଏକ ନିରବଚ୍ଛିନ୍ନ ତୀର୍ଥ ଅଭିଜ୍ଞତା ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖି ଜଗନ୍ନାଥ ଏକ୍ସପ୍ରେସର ଶୁଭାରମ୍ଭ କରାଯାଇପାରିଛି। ପର୍ଯ୍ୟଟକ ଏବଂ ଯାତ୍ରୀଙ୍କୁ ବିଳାସପୂର୍ଣ୍ଣ ଭ୍ରମଣର ବିକଳ୍ପ ଯୋଗାଇବା ପାଇଁ ଓଏସ୍‌ଆର୍‌ଟିସିର ଏହା ପ୍ରତିବଦ୍ଧତାର ପ୍ରତିଫଳନ।

## ସୁନ୍ଦର ସୁରକ୍ଷା ବ୍ୟବସ୍ଥା

ଏକାଧିକ ସ୍ଥାନାନ୍ତର ଆବଶ୍ୟକତାକୁ ଦୂର କରି ଶ୍ରୀଜଗନ୍ନାଥ ଏକ୍ସପ୍ରେସ ଯାତ୍ରୀ ସୁରକ୍ଷାକୁ ବିଶେଷ ଧ୍ୟାନ ଦେଇଛି। ବିଶେଷକରି ମହିଳାମାନଙ୍କ ପାଇଁ ପ୍ରାଥମିକତା ରହିଛି। ମହିଳାମାନେ କିପରି ସୁରକ୍ଷିତଭାବେ ଯାତ୍ରା କରିବା ସହ ସେମାନଙ୍କ ଯାତ୍ରା ବାଧାବିହୀନ ହୋଇପାରିବ ସେଥିପାଇଁ ସବୁ ପ୍ରକାର ବ୍ୟବସ୍ଥା ରହିଛି।

## ଆର୍ଥିକ ବିକାଶ

ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍‌ର ଶୁଭାରମ୍ଭ ବିଶେଷ ଭାବରେ ପର୍ଯ୍ୟଟନ କ୍ଷେତ୍ରରେ ଆର୍ଥିକ ବିକାଶ ସୃଷ୍ଟି କରିବ। ଏହା ପରିବହନର ଏକ ସୁବିଧାଜନକତଥାଆରାମଦାୟକସେବାପ୍ରଦାନକରିପାରିଛି।ପୁରୀଏବଂ ଏହାର ଆଖପାଖର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଅନୁସନ୍ଧାନ କରିବାକୁ ଅଧିକ ପର୍ଯ୍ୟଟକଙ୍କୁ ଏହା ବିଶେଷଭାବେ ଆକର୍ଷିତ କରିବ। ପର୍ଯ୍ୟଟନ ସ୍ଥଳର ବିକାଶ ହେଲେ ବ୍ୟବସାୟ, ଆତିଥ୍ୟ ସେବା ଏବଂ ସ୍ଥାନୀୟ କାରିଗରମାନଙ୍କ ପାଇଁ ଅର୍ଥନୈତିକ ସୁଯୋଗ ସୃଷ୍ଟି କରିବା ସହ ସ୍ଥାନୀୟ ଅର୍ଥନୀତିରେ ସହାୟକ ହୋଇଥାଏ। ତେଣୁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ବ୍ୟବସ୍ଥାର ସମ୍ପ୍ରସାରଣ ଅର୍ଥନୈତିକ ଅଭିବୃଦ୍ଧିର ଏକ ପ୍ରମାଣ ସ୍ୱରୂପ।



## ମହିଳାଙ୍କ ପାଇଁ ୫୦% ରିହାତି

ମହିଳା ସଶକ୍ତୀକରଣ ଏବଂ ଏକ ଅନ୍ତର୍ଭୁକ୍ତି ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ଏକ୍ସପ୍ରେସରେ ଯାତ୍ରା କରୁଥିବା ସମସ୍ତ ମହିଳା ଯାତ୍ରୀଙ୍କ ପାଇଁ ୫୦% ରିହାତି ଘୋଷଣା କରିଛନ୍ତି।





## ବିଳାସପୂର୍ଣ୍ଣ ଯାତ୍ରା

ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଏହାର ୧୫ ମିଟର ମଲ୍ଟି ଆକ୍ସିଲ ସୁପର ପ୍ରିମିୟମ ବସ୍ ସହିତ ଯାତ୍ରାକୁ ସୁନିଶ୍ଚିତ କରେ। ଏହା ଯାତ୍ରୀମାନଙ୍କୁ ସେମାନଙ୍କ ଯାତ୍ରା ସମୟରେ ବିଳାସପୂର୍ଣ୍ଣତା ଏବଂ ଆରାମ ପ୍ରଦାନ କରିଥାଏ। ଏକ ଆରାମଦାୟକ ଭ୍ରମଣ ଅଭିଜ୍ଞତା ସୁନିଶ୍ଚିତ କରିବା ସହ ଏଥିରେ ବସିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିଛି। ବିଶେଷ କରି ଏହାର ଏର୍ଗୋନୋମିକ ଡିଜାଇନ ଏବଂ ଆଧୁନିକ ଆଭ୍ୟନ୍ତରୀଣ କାର୍ଯ୍ୟ ଯାତ୍ରୀମାନଙ୍କୁ ବେଶ୍ ଆନନ୍ଦ ପ୍ରଦାନ କରିପାରୁଛି।

## ଉନ୍ନତ ବୈଷୟିକ ବ୍ୟବସ୍ଥା

ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ କେବଳ ପରିବହନର ଏକ ମାଧ୍ୟମ ନୁହେଁ, ବରଂ ଏହା ସର୍ବସାଧାରଣ ଯାତ୍ରା(ପବ୍ଲିକ ଟ୍ରାଭେଲ)ରେ ବୈଷୟିକ ପ୍ରଗତିକୁ ସୂଚିତ କରୁଛି। ଏହି ବସ୍‌ଗୁଡ଼ିକରେ ଆଧୁନିକ ସୁବିଧା ସହିତ ବୈଷୟିକ ଜ୍ଞାନ କୌଶଳରେ ସଜ୍ଜିତ ହୋଇପାରିଛି। ତେଣୁ ଏହା ଯାତ୍ରୀମାନଙ୍କ ମଧ୍ୟରେ ଏକ ନୂତନ ଭ୍ରମଣ ଅଭିଜ୍ଞତା ସୃଷ୍ଟି କରିବାରେ ସହାୟକ ହୋଇପାରିଛି। ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ଜନସାଧାରଣ ପରିବହନ ବ୍ୟବସ୍ଥାରେ ବୈଷୟିକ ଅତ୍ୟାଧୁନିକତାର ଏକ ନୂତନ ଯୁଗର ପରିଚୟ ସୃଷ୍ଟି କରି ପାରି ଛି ।



OIPR-38002/13/0033/2324




**ଭୁବନେଶ୍ୱର, ୧।୨ (ତପନ ସ୍ୱାଇଁ)**

# ଅନୁରାଧା ଲେଭଲ-୨ କୋଚ୍



ଓଡ଼ିଶାର ଅଲିମ୍ପିଆନ ଆଥଲେଟ୍ ଅନୁରାଧା ବିଶ୍ୱାଳ ଲେଭଲ-୧ କୋଚିଂ କୋର୍ସକୁ ସଫଳତାର ସହ ସମ୍ପନ୍ନ କରିଛନ୍ତି। ସେ ଏବେ ଲେଭଲ-୨ କୋଚ୍ ହୋଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱ ଆଥଲେଟିକ୍ସ କୋଚ୍ ମାନଙ୍କର ଏଜୁକେଶନ ପ୍ରୋଗ୍ରାମ ଆୟୋଜନ କରିଥିବାରୁ ଅନୁରାଧା ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ)କୁ ଧନ୍ୟବାଦ ଜଣାଇଛନ୍ତି। ଏଥିରୁ ସେ ଅନେକ କିଛି ଶିଖିଲେ ଏବଂ ଅଭିଜ୍ଞତା ଆହରଣ କଲେ ବୋଲି ଅନୁରାଧା ପ୍ରକାଶ କରିଛନ୍ତି। ଏହି ଅବସରରେ ସେ କିଟ୍ ବିଶ୍ୱବିଦ୍ୟାଳୟ, ରାଜ୍ୟ ସରକାର ଓ ତାଙ୍କ ନିଯୁକ୍ତି ସଂସ୍ଥା ନାଲ୍‌କୋକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ